# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୨୭/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, February 27/2023 | Page 14 | ₹ 7.00

୪୯ଶ ଭାଗ ୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 95 | ମୂଲ୍ୟ ₹୭/-




**ବେଥ୍ ମୁନିଙ୍କ ପ୍ରଭାବୀ ବ୍ୟାଟିଂ**

ଦକ୍ଷିଣ ଆଫ୍ରିକା ବିପକ୍ଷ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆର ବେଥ୍ ମୁନି ଅପରାଜିତ ୭୪ରନ କରିଛନ୍ତି।

୧୪

୧୧

**ହେରାଫେରି-୪ରେ ସଞ୍ଜୟଙ୍କ ଏଣ୍ଟ୍ରି**

ହେରାଫେରି-୪ରେ ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତଙ୍କୁ ଭିଲେନ୍ ଭୂମିକାରେ ଦେଖିବାକୁ ମିଳିବ।






ମେଘାଳୟ ବିଧାନସଭା ନିର୍ବାଚନ ପାଇଁ ସୋମବାରଠାରୁ ମତଦାନ ଆରମ୍ଭ ହେବାକୁ ଥିବାବେଳେ ଇଷ୍ଟ ଖାସି ହିଲ୍ସ ଭୋଟ କେନ୍ଦ୍ର ପାଇଁ ନିଯୁକ୍ତ ସୁରକ୍ଷା କର୍ମୀଙ୍କ ସହ ବାହାରିଥିବା ପୋଲିଂ ଅଧିକାରୀମାନେ।

# ସିସୋଡିଆଙ୍କୁ ଗିରଫ କଲା ସିବିଆଇ

## ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୨୬।୨**

ଯାହା ଆଶଙ୍କା କରାଯାଉଥିଲା ତାହା ସତ ହେଲା। ଦିଲ୍ଲୀର ଅବକାରୀ ନୀତି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରବିବାର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ପ୍ରାୟ ୮ ଘଣ୍ଟା ଧରି ପ୍ରଶ୍ନ କରିବା ପରେ ଗିରଫ କରିଛି। ଆମ୍ ଆଦ୍ମୀ ପାର୍ଟି (ଏଏପି) ଏହାକୁ ଏକଛତ୍ରବାଦର ଚରମସୀମା ଭାବେ ସମାଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଷମା କରାଯିବ ନାହିଁ ବୋଲି କହିଛି।

୨୦୨୧-୨୨ ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଏଏପି ସରକାର ଏକ ଅବକାରୀ ନୀତି ପ୍ରଣୟନ କରିଥିଲେ। ଏହାକୁ କାର୍ଯ୍ୟକାରୀ କରାଯିବାବେଳେ ବଡ଼ ଧରଣର ଦୁର୍ନୀତି ହୋଇଥିବା ଦର୍ଶାଇ ଉପରାଜ୍ୟପାଳ ଭି.କେ. ସାକ୍ସେନା ଗତବର୍ଷ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ସିବିଆଇ ଏକାଧିକ ଥର ସିସୋଡିଆଙ୍କ ଘରେ ଯାଞ୍ଚ କରିବା ସହ ତାଙ୍କୁ ପଚରାଉଚରା ମଧ୍ୟ କରିଥିଲା। ସପ୍ତାହେ ତଳେ ପୁନର୍ବାର ଜେରା ପାଇଁ ସିବିଆଇ ମୁଖ୍ୟାଳୟରେ ହାଜର ହେବାକୁ ନୋଟିସ୍ କରାଯାଇଥିଲା। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ସିସୋଡିଆ ମାର୍ଚ୍ଚ ୧ରେ ବିଧାନସଭାରେ ବଜେଟ ଉପସ୍ଥାପନ କରିବାକୁ ଥିବାରୁ ସିବିଆଇକୁ ସମୟ ମାଗିଥିଲେ। ନୂଆ ସମନ ଜାରି ପରେ ରବିବାର ପୂର୍ବାହ୍ନ ୧୧ଟା ୧୨ରେ ସିସୋଡିଆ ସିବିଆଇ ମୁଖ୍ୟାଳୟରେ ହାଜର ହୋଇଥିଲେ। ଗୋଆ ବିଧାନସଭା ନିର୍ବାଚନ ପ୍ରଚାରରେ ଖର୍ଚ୍ଚ ହୋଇଥିବା ଟଙ୍କା ସେ କାହାଠାରୁ ଲାଞ୍ଚ ଭାବେ ଗ୍ରହଣ କରିଥିଲେ। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କ ପୂର୍ବତନ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବୁଚ୍‌ଚିବାବୁ ଗୋରନ୍ତଲାଙ୍କ ସହ କ'ଣ ସମ୍ପର୍କ ରହିଛି ବୋଲି ତଦନ୍ତକାରୀ ଅଧିକାରୀମାନେ ସିସୋଡିଆଙ୍କୁ ପ୍ରଶ୍ନ କରିଥିଲେ। ଏଥିସହ ଏହି ମାମଲାରେ ରାଜସାକ୍ଷୀ ସାଜିଥିବା ଅଭିଯୁକ୍ତ ଦୀନେଶ ଆରୋରାଙ୍କ ସହ ସିସୋଡିଆଙ୍କୁ ସାମ୍ନାସାମ୍ନି ବସାଇ ପ୍ରଶ୍ନ କରାଯାଇଥିଲା। ସିବିଆଇ ତଦନ୍ତରେ ☞ପୃଷ୍ଠା-୪



ସିବିଆଇ ନିକଟରେ ହାଜର ହେବାକୁ ଯାଉଛନ୍ତି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ।

# ୩ରୁ ୩୦କୁ ଖସିଲେ ଆଦାନୀ

**ମୁମ୍ବାଇ/ନୂଆଦିଲ୍ଲୀ,୨୬।୨**

ମାସକ ପୂର୍ବରୁ ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀ ଏସିଆର ସବୁଠୁ ବିତ୍ତଶାଳୀ ଏବଂ ବିଶ୍ୱର ୩ ନମ୍ବର ଧନୀ ଥିଲେ। ୨୦୨୩ ଜାନୁୟାରୀ ୨୪ରେ ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀ ସମୂହ ବିରୋଧରେ ଷ୍ଟକ୍ସ ଓ ଆକାଉଣ୍ଟରେ ଅନିୟମିତତା ଅଭିଯୋଗ ଆଣିବା ପରେ ଆଦାନୀଙ୍କ ସାମ୍ରାଜ୍ୟ ଦୋହଲିଯାଇଛି। ସେବେଠୁ ଏହି କଙ୍ଗ୍ଲୋମେରେଟ୍‌ର ଷ୍ଟକ୍ସ ମୂଲ୍ୟ ଲଗାତର ହ୍ରାସ ପାଇବାରେ ଲାଗିଛି। ଅଦ୍ୟାବଧି ଆଦାନୀ ଟ୍ରାନ୍ସମିଶନ୍ ୭୪.୨୧% ମାର୍କେଟ ଭାଲ୍ୟୁ ହରାଇଥିବାବେଳେ ଆଦାନୀ ଏଣ୍ଟରପ୍ରାଇଜେସ୍ ୬୨% ତଳକୁ ଖସିଛି। ଆଦାନୀ ଟୋଟାଲ ଗ୍ୟାସ୍ ଲିଃ ୮୦.୬୮% ତଳକୁ ଖସିଥିବାବେଳେ ଆଦାନୀ ପାୱାର, ଆଦାନୀ ୱିଲମାର୍ ସମେତ ଏହାର ସିମେଣ୍ଟ ୟୁନିଟ୍, ମିଡିଆ କମ୍ପାନୀ ଏନ୍‌ଡିଟିଭି ଏବଂ ଆଦାନୀ ପୋର୍ଟ୍ସ ଆଣ୍ଡ୍ ଏସ୍‌ଇଜେଡ୍ ମଧ୍ୟ ବିପୁଳ ମାର୍କେଟ ଭାଲ୍ୟୁ ହରାଇଛି। ଏଭଳି ଭାବେ ଆଦାନୀ ଗ୍ରୁପ୍‌ର ମୋଟ କ୍ଷତି ୧୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲାଣି। ଫଳରେ ୬୦ ବର୍ଷୀୟ ଆଦାନୀ ମାସକ ମଧ୍ୟରେ ବିଶ୍ୱର ଧନୀ ବ୍ୟକ୍ତିଙ୍କ ତାଲିକାରେ ☞ପୃଷ୍ଠା-୪



ଗୌତମ ଆଦାନୀ

## ସତ ପ୍ରଘଟ ହେବାଯାଏ ପ୍ରଶ୍ନ କରୁଥିବୁ: ରାହୁଲ

ଆଦାନୀ ଗ୍ରୁପ୍ ଉପରେ ଭାରତୀୟ ନିବେଶକମାନଙ୍କ ଆସ୍ଥା ତୁଟିସାରିଥିବାବେଳେ ବିଦେଶୀ ଇନ୍‌ଭେଷ୍ଟର୍ସ ମଧ୍ୟ ମୁହଁ ଫେରାଇବାରେ ଲାଗିଛନ୍ତି। ଏସବୁ ଭିତରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଆଦାନୀ ଗ୍ରୁପ୍ ବିରୋଧରେ ଆସିଥିବା ଅଭିଯୋଗର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ଅଡ଼ିବସିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର କହିଛନ୍ତି, ସତ ପଦାକୁ ନ ଆସିବା ଯାଏ ଆଦାନୀ ଗ୍ରୁପ୍ ଉପରେ ସରକାରଙ୍କୁ ପ୍ରଶ୍ନ କରିବା ଛାଡ଼ିବୁ ନାହିଁ। କାରଣ ଭାଜପା ନେତାମାନେ ପାର୍ଲାମେଣ୍ଟ ଭିତରେ ମଧ୍ୟ ଶିଳ୍ପପତି ଗୌତମ ଆଦାନୀଙ୍କୁ ☞ପୃଷ୍ଠା-୪

# ପ୍ରଦୀପ ଜେନା ନୂଆ ମୁଖ୍ୟ ଶାସନ ସଚିବ

- **ଆସନ୍ତା ୧ରେ ଦାୟିତ୍ୱ ଗ୍ରହଣ କରିବେ**
- **ଓଇଆର୍‌ସି ଅଧ୍ୟକ୍ଷ ହେବେ ସୁରେଶ ଚନ୍ଦ୍ର ମହାପାତ୍ର**
- **ଅନୁ ଗର୍ଗ ହେଲେ ଉନ୍ନୟନ କମିଶନର**

**ଭୁବନେଶ୍ୱର, ୨୬।୨(ବ୍ୟୁରୋ)**

ରାଜ୍ୟ ସରକାର ୧୯୮୯ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦେଇଛନ୍ତି। ଏହାସାଙ୍ଗକୁ ସେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ଭାବେ କାର୍ଯ୍ୟ ତୁଲାଇବେ। ଆସନ୍ତା ମାର୍ଚ୍ଚ ୧ରୁ ସେ ଏହିସବୁ ଦାୟିତ୍ୱ ଗ୍ରହଣ କରିବେ। ଏବେ ସେ ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏମ୍‌ଡି ଭାବେ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ମଧ୍ୟ ସେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆସନ୍ତା ୨୮ ତାରିଖରେ ଅବସର ନେବେ। ମହାପାତ୍ର ୨୦୨୨ ଫେବୃୟାରୀରେ ଅବସର ଗ୍ରହଣ କରିବାର ଥିଲା। ହେଲେ ରାଜ୍ୟ ସରକାର ତାଙ୍କ କାର୍ଯ୍ୟକାଳ ୨ଥର ବୃଦ୍ଧି କରିଥିଲେ। ଏହାକୁ ନେଇ ବିଭିନ୍ନ ଆଲୋଚନା ଲାଗି ରହିଥିଲା। ତାଙ୍କ କାର୍ଯ୍ୟକାଳ ତୃତୀୟ ଥର ପାଇଁ ବୃଦ୍ଧି ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ ରାଜ୍ୟ ସରକାର ପ୍ରଦୀପ କୁମାର ଜେନାଙ୍କୁ ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ରବିବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥିତିରେ ଜେନାଙ୍କ ଉପରେ ରାଜ୍ୟ ସରକାର ଭରସା କରିଛନ୍ତି।

ଜେନା ଏସ୍‌ଆର୍‌ସି ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଛନ୍ତି। ୨୦୧୯ରୁ ସେ ଏସ୍‌ଆରସି ଭାବେ କାର୍ଯ୍ୟ କରୁଥିବାବେଳେ ରାଜ୍ୟ ସମ୍ମୁଖୀନ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକୁ ସଫଳତାର ସହ ମୁକାବିଲା କରିଛନ୍ତି। ଜେନା ୧୯୬୪ ଜାନୁୟାରୀ ୧ରେ ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିଲେ। ପ୍ରଥମେ ସେ ଧର୍ମଗଡ଼ ଉପଜିଲାପାଳ ଭାବେ ନିଜ ପ୍ରଶାସନିକ ସେବା ଜୀବନ ଆରମ୍ଭ କରିଥିଲେ। ☞ପୃଷ୍ଠା-୪



ପ୍ରଦୀପ ଜେନା

**ଆଜିର ସମ୍ପାଦକୀୟ**

**ଦ୍ୱିତୀୟ ସାମ୍ମୁଖ୍ୟ**

# ଚର୍ଚ୍ଚିଲ ପ୍ରଧାନମନ୍ତ୍ରୀ ଥିଲେ ବୋଲି ୩୨% ଅଜ୍ଞ

**ଲଣ୍ଡନ, ୨୬।୨**

ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତାକୁ ସାରା ବିଶ୍ୱ ଅତି ନିକଟରୁ ଦେଖିଛି। ଏହା ଯୋଗୁ ବୈଶ୍ୱିକ ସଙ୍କଟ ମୁଣ୍ଡ ଟେକିଥିଲା। ଯୁଦ୍ଧ ପରେ ରାଷ୍ଟ୍ରଗୁଡ଼ିକ ନିଜ ପୂର୍ବ ସ୍ଥିତିକୁ ଫେରିବା ପାଇଁ ବହୁ ସମୟ ମଧ୍ୟ ଲାଗିଥିଲା। ନିକଟରେ ପ୍ରକାଶ ପାଇଥିବା ଏକ ସର୍ଭେ ରିପୋର୍ଟ ଅନୁସାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ କେବେ ହୋଇଥିଲା ସେ ସମ୍ପର୍କରେ ବ୍ରିଟେନ୍‌ର ୩୭% ଯୁବପିଢ଼ି ଅବଗତ ନୁହନ୍ତି। ଗେମିଂ କମ୍ପାନୀ ସେଗା ୟୁରୋପ ଲିମିଟେଡ୍ ପକ୍ଷରୁ ଏହି ସର୍ଭେ କରାଯାଇଛି। ସେହିପରି ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ସାର୍ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ ପ୍ରଧାନମନ୍ତ୍ରୀ ଥିଲେ ବୋଲି ୩୨% ଯୁବଗୋଷ୍ଠୀ ଜାଣିନାହାନ୍ତି।

ଚର୍ଚ୍ଚିଲ ଦୁଇଥର ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୪୦ରୁ ୧୯୪୫ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ପ୍ରଧାନମନ୍ତ୍ରୀ ଥିଲେ। ପରେ ୧୯୫୧ରୁ ୧୯୫୫ ପର୍ଯ୍ୟନ୍ତ ମଧ୍ୟ ସେ ଏହି ଦାୟିତ୍ୱ ନିର୍ବାହ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ରିଟେନର ବିଜୟ ପଛରେ ଚର୍ଚ୍ଚିଲଙ୍କ ବଡ଼ ଭୂମିକା ଥିବା କୁହାଯାଏ। ୧୮୭୪ ନଭେମ୍ବର ୩୦ରେ ବ୍ଲେନହେମ ରାଜପ୍ରାସାଦରେ ଚର୍ଚ୍ଚିଲଙ୍କ ଜନ୍ମ। ଜଣେ ସେନା ଅଧିକାରୀ ଓ ପେସାରେ ଖବରଦାତା ହେବା ଯୋଗୁ ସେ ବହୁ ଦେଶ ଭ୍ରମଣ କରିଥିଲେ। ୧୯୦୦ ମସିହାରେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ ହୋଇଥିଲା। ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିବାବେଳେ ୧୯୪୫ରେ ଶେଷ ହୋଇଥିଲା। ୩୦ ଦେଶର ପାଖାପାଖି ୧୦୦ ନିୟୁତ ଲୋକ ଉକ୍ତ ଯୁଦ୍ଧରେ ସାମିଲ ହୋଇଥିଲେ। ୧୯୩୯ ସେପ୍ଟେମ୍ବର ୩ରେ ହିଟ୍‌ଲରଙ୍କ ନିର୍ଦ୍ଦେଶରେ ସେନା ପୋଲାଣ୍ଡ ଉପରେ ଆକ୍ରମଣ କରିଥିଲେ। ମିତ୍ର ଶକ୍ତି ଓ କେନ୍ଦ୍ର ଶକ୍ତି ମଧ୍ୟରେ ଏହି ଯୁଦ୍ଧ ୬ ବର୍ଷ ଧରି ଚାଲିଥିବାବେଳେ ମିତ୍ର ଶକ୍ତିର ବିଜୟ ହୋଇଥିଲା।

ଅନ୍ୟପକ୍ଷେ ଯୁଦ୍ଧରେ କାହାର ବିଜୟ ହୋଇଥିଲା ସେ ବିଷୟରେ ୩୮% ଲୋକ ଅବଗତ ନ ଥିବା ସର୍ଭେରୁ ଜଣାପଡ଼ିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପିସି ଗେମ୍ ପାଇଁ ଏହି ସର୍ଭେ କରାଯାଇଥିବାବେଳେ ୪୪% ଯୁବପିଢ଼ି ବିଶ୍ୱ ଯୁଦ୍ଧ-୨ ସମ୍ପର୍କରେ ଜାଣିଥିବା କୁହାଯାଇଛି। ଅନ୍ୟପକ୍ଷେ ୯%ଙ୍କ କ୍ଷେତ୍ରରେ ଯୁଦ୍ଧକୁ ନେଇ ଆଦୌ କୌଣସି ସୂଚନା ନାହିଁ। ଯୁଦ୍ଧ ସମୟରେ ଜାପାନର ☞ପୃଷ୍ଠା-୪



ସାର୍ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ

# ସଞ୍ଜ ହେଲେ ଗାଁରେ ଭାଲୁ

**ଆନନ୍ଦପୁର,୨୬।୨(ସ୍ୱ.ପ୍ର.)**

 କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ଅଳତୀ ଓ ବେଲସୁନ୍ଦରୀ ଅଞ୍ଚଳରେ ଭାଲୁ ଆତଙ୍କ ଦେଖାଯାଇଛି। ସଞ୍ଜ ହେଲେ ପଲ ପଲ ହୋଇ ଭାଲୁ ଗାଁକୁ ପଶି ଆସୁଛନ୍ତି। ଫଳରେ ଲୋକେ ଘରୁ ବାହାରି ପାରୁ ନ ଥିବା ବେଳେ ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି। ରାତି ୮ ଟା ପରେ ଘରୁ ପଦାକୁ ବାହାରିବା ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଭାଲୁ ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ବରାଙ୍ଗ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ଅଞ୍ଚଳରୁ ନିୟମିତ ଭାବେ ଭାଲୁ ଯିବା ଆସିବା କରୁଛନ୍ତି। ସୂର୍ଯ୍ୟାସ୍ତ ହେବା ମାତ୍ରେ ଭାଲୁ ଗାଁ ଭିତରକୁ ପଶିଆସୁଛନ୍ତି। ଖରା ଦିନରେ ଲୋକଙ୍କ ବାଡ଼ି ବଗିଚାରେ ବରକୋଳି, ବେଲ, କାଜୁ ଆଦି ଖାଇବା ଲକ୍ଷ୍ୟରେ ଭାଲୁ ପଲ ହୋଇ ପଶିଆସୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଶନିବାର ସନ୍ଧ୍ୟା ସମୟରେ ଅଳତୀ ଗ୍ରାମର ମଦନ ମୋହନ ବରାଳଙ୍କ ଅଗଣାରେ ପାଚି ପଡ଼ିଥିବା ବେଲ ୩ ଭାଲୁ ଖାଉଥିବା ଦେଖିବାକୁ ମିଳିଥିଲା। ପରେ ଗାଁ ଭିତରକୁ ପଶି ପ୍ରମୋଦ ବରାଳଙ୍କ ସମେତ ଅନେକ ଲୋକଙ୍କ ବାଡ଼ିରେ ପଶି କୋଳି ଖାଇବା ସହ ତୋରାଣୀ ପିଇ ଗାଁ ଦାଣ୍ଡରେ ବୁଲାବୁଲି କରିଥିଲେ। ଗାଁ ଲୋକେ ପାଟି କରିବାରୁ ଭାଲୁ ଜଙ୍ଗଲମୁହାଁ ହୋଇଥିଲେ। ଏପରିକି କିଛି ଦିନ ଧରି ଗାଁମୁଣ୍ଡରେ ଭାଲୁଙ୍କ ସହ ଲୋକଙ୍କର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ନଜିର ରହିଛି। ତେବେ ଅଦ୍ୟାବଧି ଭାଲୁ କାହାର କୌଣସି କ୍ଷତି କରିନାହାନ୍ତି। ☞ପୃଷ୍ଠା-୪



ଗାଁରେ ଜଣଙ୍କ ବାଡ଼ିରୁ ଭାଲୁ ବେଲ ଖାଉଛନ୍ତି।

- **ଅଳତୀ, ବେଲସୁନ୍ଦରୀବାସୀ ଭୟଭୀତ**
- **ବାଡ଼ିରେ ପଶି ବେଲ, ବରକୋଳି ଖାଉଛନ୍ତି**



ଉତ୍ତରପ୍ରଦେଶ ବାଚସ୍ପତି ସତୀଶ ମାହାନାଙ୍କ ଦ୍ୱାରା ଲକ୍ଷ୍ନୌସ୍ଥିତ ତାଙ୍କ ବାସଭବନରେ ରବିବାର ଆୟୋଜିତ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ, ଶିବପାଲ ଯାଦବ ଓ ଅନ୍ୟମାନେ।

# ସିସୋଡିଆ ନିର୍ଦ୍ଦୋଷ, ଲୋକେ ଜବାବ ଦେବେ

■ କେନ୍ଦ୍ର ଉପରେ ବର୍ଷିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ, ୨୬।୨

ଦିଲ୍ଲୀର ଅବକାରୀ ନୀତି ମାମଲାରେ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଜରିଆରେ ଗିରଫ କରାଇବା କେନ୍ଦ୍ରର କଳୁଷିତ ରାଜନୀତି। ସିସୋଡିଆ ନିର୍ଦ୍ଦୋଷ। ଦେଶବାସୀ କେନ୍ଦ୍ରକୁ ଏହାର ଜବାବ ଦେବେ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ସମାଲୋଚନା କରିଛନ୍ତି। ଦିଲ୍ଲୀର ଅର୍ଥ ଓ ଶିକ୍ଷା ବିଭାଗ ଦାୟିତ୍ୱରେ ଥିବା ସିସୋଡିଆଙ୍କୁ ବଜେଟ୍ ପୂର୍ବରୁ ଗିରଫ କରାଯିବା ପରେ କେଜ୍‌ରିୱାଲ କହିଛନ୍ତି, ଏହାକୁ ନେଇ ଲୋକଙ୍କ ମନରେ ଅନେକ ଆକ୍ରୋଶ ରହିଛି। ସମସ୍ତେ ସବୁ ଦେଖୁଛନ୍ତି ଓ ବୁଝୁଛନ୍ତି। ଆମ ସଂଗ୍ରାମ ଆଗକୁ ଅଧିକ ମଜଭୁତ ହେବ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବତ ମାନ୍ କହିଛନ୍ତି, ସ୍କୁଲ ନିର୍ମାଣ କରୁଥିବା ଜଣେ ବ୍ୟକ୍ତିଙ୍କୁ ଭାଜପା ହିଁ ଜେଲକୁ ପଠାଇପାରେ। ଇତିମଧ୍ୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସିସୋଡିଆଙ୍କ ଗିରଫଦାରିକୁ ନେଇ ଭାଜପାକୁ ଉପହାସ କରିଛି। ସିସୋଡିଆ ଯଦି ନିଜ ପାଇଁ ଭାଜପା ବ୍ରାଣ୍ଡର ଏକ ୱାଶିଂମେଶିନ୍ କିଣିପାରିଥାନ୍ତେ, ସେ କେବେହେଲେ ଗିରଫ ହୋଇ ନ ଥାନ୍ତେ ବୋଲି ଟିଏମ୍‌ସି ଏମ୍‌ପି ଡେରେକ୍ ଓ'ବ୍ରାଏନ୍ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷେ ଆଇନ ତା' ବାଟରେ ଯାଉଥିବାରୁ ସିସୋଡିଆ ଗିରଫ ହୋଇଥିବା ଭାଜପା ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି।

# ତଦନ୍ତ ନବଙ୍କ ପରିବାର ସପକ୍ଷରେ ନା ଗୋପାଳଙ୍କୁ ପାଗଳ ସଜାଇବାକୁ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ନବ ଦାସଙ୍କ ହତ୍ୟାକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଶାସକ ଦଳ ପକ୍ଷରୁ ବିରୋଧୀ ଦଳ ପ୍ରତି ଆକ୍ଷେପ କରାଯାଉଥିବା ଦେଖାଯାଉଛି। ବିଜେଡି ନେତା, ବିଧାୟକ ଓ କାର୍ଯ୍ୟକର୍ତ୍ତାମାନେ ବିରୋଧୀଙ୍କ ବିପକ୍ଷରେ ଯେଉଁ ପ୍ରତିକ୍ରିୟା ରଖୁଛନ୍ତି ତାହାକୁ ଅନୁଶୀଳନ କଲେ ଶାସକ ବିଜେଡି ନବ ଦାସଙ୍କ ପରିବାର ସପକ୍ଷରେ ତଦନ୍ତ କରୁଛନ୍ତି ନା ହତ୍ୟା ଅଭିଯୁକ୍ତ ଗୋପାଳ ଦାସଙ୍କୁ ପାଗଳ ସଜାଇ ଖସାଇ ଦେବାକୁ ଚାହୁଁଛନ୍ତି, ସେନେଇ ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ପ୍ରଶ୍ନ କରିଛନ୍ତି। ସେହିପରି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ନବ ଦାସ ହତ୍ୟାକାଣ୍ଡ ଘଟଣାରେ ଲଢେଇ ଜାରି ରହିବ।

ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି, ଅଭିଯୁକ୍ତ ଗୋପାଳ ଦାସ ମାନସିକ ରୋଗରେ ପୀଡିତ ଥିବା କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି। ତାହାଲେ ମାନସିକ ରୋଗରେ ପୀଡିତ ଥିବା ପୋଲିସ ଅଧିକାରୀ ଭଲ ତଦନ୍ତ କିପରି କରିବା ସହ ପୁରସ୍କୃତ ହୋଇଥିଲେ। ଅଭିଯୁକ୍ତର

## ରହସ୍ୟ ନ ଖୋଲିବା ପର୍ଯ୍ୟନ୍ତ ପ୍ରତିବାଦ ଚାଲିବ: ଜୟନାରାୟଣ

୨୮ ବର୍ଷର ଚାକିରି କାଳରେ ସେ ଏଏସଆଇ ପଦୋନ୍ନତି ପାଇ ଝାରସୁଗୁଡା ବଦଳି ହୋଇଥିଲେ। ସେଠାରେ ଦୀର୍ଘ ୧୨ରୁ ୧୪ ବର୍ଷ ରହିଥିବା ସତ୍ୟ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଝାରସୁଗୁଡାରେ ଥିବାବେଳେ ଏସ୍‌ଆଇ ପଦୋନ୍ନତିକୁ ଅଗ୍ରାହ୍ୟ କରିଥିବା କଥାରେ କେତେଦୂର ସତ୍ୟତା ଅଛି । ଝାରସୁଗୁଡା ଜିଲାର ବହୁ କୋଇଲା ବ୍ୟବସାୟୀ ଓ କମ୍ପାନୀର ଏଜେଣ୍ଟ ଭାବେ କ୍ଷମତାରେ ଥିବା ରାଜନେତା ଓ ଅଫିସରଙ୍କୁ ଅର୍ଥ ଆଣି ଗୋପାଳ ଦେଉଥିଲେ କି? ଏସବୁ ଦିଗରେ କ୍ରାଇମବ୍ରାଞ୍ଚ କାହିଁକି ତଦନ୍ତ କରୁନାହିଁ ବୋଲି ମନୋଜ ପ୍ରଶ୍ନ କରିଛନ୍ତି। ଜୟନାରାଣ କହିଛନ୍ତି, ନବ ଦାସଙ୍କ ହତ୍ୟାର ରହସ୍ୟ ଖୋଲା ନ ହେବା ପର୍ଯ୍ୟନ୍ତ ଭାଜପା ଚୁପ୍ ବସିବନାହିଁ। ବିଧାନସଭାରୁ ରାସ୍ତାକୁ ଯିବ। ଚାଷୀଙ୍କ ସମସ୍ୟାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟା ନେଇ ମଧ୍ୟ ସରକାରଙ୍କୁ ଘେରିବ ଦଳ। ସଂଖ୍ୟାଗରିଷ୍ଠତା ବଳରେ ବିଧାନସଭାରେ ସରକାର ବିରୋଧୀଙ୍କୁ ଚପାଇ ଦେଉଛନ୍ତି। ଏହି ପ୍ରସଙ୍ଗ ନେଇ ଲୋକଙ୍କ ପାଖକୁ ଯିବେ ବୋଲି ସେ କହିଛନ୍ତି।

# ଅଳିଆ ଗୋଟାଳିଙ୍କୁ ପ୍ରଶଂସାର ସୁଅ

କେନ୍ଦ୍ରାପଡ଼ା ଅଫିସ, ୨୬।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯୮ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବର୍ଜ୍ୟବସ୍ତୁରୁ ସମ୍ପଦ ସହ ସ୍ୱଚ୍ଛତା ଅଭିଯାନ ସମ୍ପର୍କରେ ଆଲୋଚନା ସମୟରେ କେନ୍ଦ୍ରାପଡ଼ା ବ୍ଲକ ଗୁଲନଗର ପଞ୍ଚାୟତ ଖଇରାବାଦ ଗ୍ରାମର କମଳା ମହାରଣାଙ୍କୁ ମୋଦି ଉଦାହରଣ ଭାବେ ଦେଖାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା ପରେ ସ୍ଥାନୀୟ ଅଞ୍ଚଳରେ ଅଳିଆ ଗୋଟାଳି କମଳାଙ୍କ ନିକଟକୁ ଭାଜପାର ବରିଷ୍ଠ ନେତା ଭୁବନମୋହନ ଜେନା, ଦିଲୀପ ଦାଶ, ଦୁର୍ଯ୍ୟୋଧନ ସାହୁ ଓ ଅନ୍ୟ ବହୁ ସାମାଜିକ କର୍ମୀଙ୍କ ଶୁଭେଚ୍ଛାର ସୁଅ ଛୁଟିଛି। ବର୍ଜ୍ୟବସ୍ତୁରୁ ସାମଗ୍ରୀ ପ୍ରସ୍ତୁତ କରି କମଳାଙ୍କ ସଭାପତିତ୍ୱରେ ଥିବା ମା' ଥାନପତି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ମାସିକ ଅନ୍ୟୂନ ୬ ହଜାର ଟଙ୍କା ରୋଜଗାର କରୁଛନ୍ତି। ଏହି ଏସ୍‌ଏଚ୍‌ଜି ଗ୍ରୁପ୍‌ରେ ୨୮ରୁ ୬୩ ବର୍ଷୀୟା ୪୦ ଜଣ ମହିଳା ଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ସଦସ୍ୟା ସୁମିତ୍ରା ମହାରଣା କହିଛନ୍ତି, ଏସ୍‌ଏସ୍‌ଜି ଗୋଷ୍ଠୀର ସଭାପତି କମଳାଙ୍କ ଆଦର୍ଶ ଆମକୁ ରୋଜଗାର ଦେଇଛି। ଏବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପରେ ଆମକୁ ଶୁଭେଚ୍ଛା ସହ ସମ୍ମାନ ମିଳୁଛି। ତାଳପତ୍ର, କାଗଜ, ପ୍ଲାଷ୍ଟିକ ରଶି ଆଦି ସହଜ ଓ ସରଳ ଉପଲବ୍ଧ ସାମଗ୍ରୀର ଉପଯୋଗରେ ଘରୋଇ ସାମଗ୍ରୀ ପ୍ରସ୍ତୁତ କରିବା କମଳାଙ୍କ ଅଭ୍ୟାସ। ଏହି ଅଭ୍ୟାସ ଏବେ ରୋଜଗାର ଓ ମାନସମ୍ମାନ ଦେଉଛି। ପୂର୍ବରୁ ବର୍ଜ୍ୟ ସାମଗ୍ରୀ ସଂଗ୍ରହ ସମୟରେ କମଳାଙ୍କୁ ଅଳିଆ ଗୋଟେଇ ବୋଲି ସ୍ଥାନୀୟ ଅଞ୍ଚଳରେ ସମାଲୋଚନା ହେଉଥିଲା। ତେବେ ସେହି ସାମଗ୍ରୀକୁ ବିନିଯୋଗ କରି ରୋଜଗାର ପରେ ଗ୍ରାମଲୋକଙ୍କ ନଜର ବଦଳି ଯାଇଛି। ୨୦୧୬ରେ ଏସ୍‌ଏଚ୍‌ଜି ନିର୍ମାଣ କରି ତାଙ୍କର ଏହି ଅଭିଯାନକୁ ଆଗକୁ ନିଆଯାଇଛି। କମଳା କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ଆମକୁ ଅଧିକ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇଛି। ତାଙ୍କର ୫ ଝିଅ ଓ ଗୋଟିଏ ପୁଅ। ପୁଅ କାଠ ମିସ୍ତ୍ରି କାମ କରନ୍ତି। ଅବସର ସମୟରେ ଘରୋଇ ସାମଗ୍ରୀ ପ୍ରସ୍ତୁତ ପାଇଁ ଆଖପାଖରୁ ପ୍ଲାଷ୍ଟିକ କ୍ଷୀର ପ୍ୟାକେଟ, ଗୁଟ୍‌ଖା ଜରି, ସିଗାରେଟ ପ୍ୟାକେଟ ଖୋଳ ଆଦି ବର୍ଜ୍ୟବସ୍ତୁ ସଂଗ୍ରହ କରୁଛନ୍ତି। ଏଥିରେ ହାତପଙ୍ଖା, ମୋବାଇଲ ଷ୍ଟାଣ୍ଡ, କଲମ ଷ୍ଟାଣ୍ଡ, ପେଡି, ଫୁଲଦାନୀ ଆଦି ପ୍ରସ୍ତୁତ କରାଯାଇ ବଜାରରେ ବିକ୍ରି ଆରମ୍ଭ ହେଲା। ଏହାର ଚାହିଦା ବଢ଼ିବା ପରେ ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କ ସହଯୋଗରେ ଏହାକୁ ବ୍ୟାପକ କରାଯାଇଛି। କମଳାଙ୍କ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ତାଙ୍କର ଉଦ୍ୟମ ଯୋଗୁ ଆମ ଜିଲା ପାଇଁ ଗର୍ବ କରିବା ସମୟ ଆସିଛି। ପ୍ରତିଦିନ ଆମେ ବହୁ ସାମଗ୍ରୀକୁ ବ୍ୟବହାର ପରେ ପ୍ଲାଷ୍ଟିକ ପରି ପଦାର୍ଥକୁ ବର୍ଜ୍ୟ କରୁଛୁ। ଏହାକୁ ରୋଜଗାରର ମାଧ୍ୟମ କରିବା ଏକ ବଡ଼ କଥା। ଏହାଦ୍ୱାରା ସ୍ୱଚ୍ଛତା ଅଭିଯାନ ସହ ରୋଜଗାର ମିଳୁଛି। ବର୍ଜ୍ୟବସ୍ତୁରୁ ଖତ ପ୍ରସ୍ତୁତ କରାଯାଇ ଏବେ ପୌରସଂସ୍ଥା ପକ୍ଷରୁ ବିକ୍ରି କରାଯାଉଛି। କମଳାଙ୍କ ପରି ମହିଳାମାନେ ଏ ଦିଗରେ ଆଗକୁ ଆସିଲେ ସ୍ୱଚ୍ଛ ଭାରତ ଅଭିଯାନ ଅଗ୍ରଗତି କରିବ। ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ସମସ୍ତ ସାମଗ୍ରୀର ବିକ୍ରି ପାଇଁ ଜିଲା ପ୍ରଶାସନ ସର୍ବଦା ଉଦ୍ୟମ କରିଆସୁଛି। ମେଳାରେ ଏହାର ବହୁଳ ବିକ୍ରି ହେଉଥିବା ବେଳେ ଜିଲାର ବିଭିନ୍ନ ସାମଗ୍ରୀକୁ ଅନ୍‌ଲାଇନ ମାଧ୍ୟମରେ ବିକ୍ରି ପାଇଁ ସୁଯୋଗ ଦିଆଯାଉଛି। ଏ ଦିଗରେ ମିଶନ ଶକ୍ତି, ଓରମାସ ଆଦି କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି।

## ବର୍ଜ୍ୟବସ୍ତୁରୁ ସମ୍ପଦ

■ ମନ୍ କି ବାତ୍‌ରେ କେନ୍ଦ୍ରାପଡ଼ାର କମଳା ମହାରଣା
■ ସ୍ୱଚ୍ଛତା ଅଭିଯାନ ସହ ମାସିକ ୬ ହଜାର ରୋଜଗାର



କମଳା ମହାରଣା



ଅଳିଆ ଜରିରୁ ପ୍ରସ୍ତୁତ ସାମଗ୍ରୀ।

# ବିଜେଡି ଆଇନ ସାମ୍ମୁଖ୍ୟ ତାଲିକାରେ ମୃତବ୍ୟକ୍ତି

ପାରଳାଖେମୁଣ୍ଡି, ୨୬।୨(ଡି.ଏନ୍.ଏ)

ବିଜେଡି ଆଇନ ସାମ୍ମୁଖ୍ୟ ତାଲିକାରେ ସ୍ଥାନ ପାଇଛନ୍ତି ଜଣେ ମୃତବ୍ୟକ୍ତି। ସେ ହେଲେ ଗଜପତି ଜିଲା ପାରଳାଖେମୁଣ୍ଡିର ସ୍ୱର୍ଗତ ରାମନାଥ ମିଶ୍ର। ୨୦୧୯ ସାଧାରଣ ନିର୍ବାଚନ ପରଠାରୁ ସ୍ଥାଣୁଥିବା ବିଜେଡି ଆଇନ ସାମ୍ମୁଖ୍ୟର ପୁନର୍ଗଠନ କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ଶନିବାର ୫୧ଜଣିଆ ଆଇନ ସାମ୍ମୁଖ୍ୟ ଗଠନ କରାଯାଇଛି। ମିଳନ କାନୁନ୍‌ଗୋଙ୍କୁ ସାମ୍ମୁଖ୍ୟର ରାଜ୍ୟ ସଭାପତି କରାଯାଇଥିବା ବେଳେ ତାଙ୍କ ସହିତ ୪ଜଣ ଉପଦେଷ୍ଟା, ୭ ଜଣ ଉପସଭାପତି, ଜଣେ ସମ୍ପାଦକ, ଜଣେ ରାଜ୍ୟ ସଂଯୋଜକ ଓ ୪ ଜଣ ଜୋନାଲ ସଂଯୋଜକଙ୍କୁ ନିଯୁକ୍ତି ମିଳିଛି। ଏଥିସହିତ ୩୩ଟି ସାଂଗଠନିକ ଜିଲାର ସଭାପତିଙ୍କ ନାଁ ଘୋଷଣା କରାଯାଇଛି। ତେବେ ଏହି ତାଲିକାରେ ସ୍ୱର୍ଗତ ରାମନାଥ ମିଶ୍ରଙ୍କୁ ଗଜପତି ଜିଲା ଆଇନ ସାମ୍ମୁଖ୍ୟର ସଭାପତି କରାଯାଇଛି। ସ୍ୱର୍ଗତ ମିଶ୍ର ବିଜେଡିର ଜଣେ ବରିଷ୍ଠ ନେତା ଥିଲେ। ସେ ପାରଳାଖେମୁଣ୍ଡି ଓକିଲ ସଂଘର ସଭାପତି ଭାବେ ୨୫ ଥର ନିର୍ବାଚିତ ହୋଇଥିଲେ। ତେବେ ୨୦୨୨ ଅକ୍ଟୋବର ମାସରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ରାମନାଥଙ୍କ ଦେହାନ୍ତ ହେବାର ୪ମାସ ପରେ ବିଜେଡି ଆଇନ ସାମ୍ମୁଖ୍ୟ ପାଇଁ ପ୍ରସ୍ତୁତ ତାଲିକାରେ ତାଙ୍କ ନାମ ପ୍ରକାଶ କରାଯିବାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ବିଜେଡି ମୃତ ଲୋକଙ୍କୁ ନେଇ ସାମ୍ମୁଖ୍ୟ ଗଠନ କରୁଛି। କିଏ ଜୀବିତ କିମ୍ବା ମୃତ ଦଳ ପାଖରେ ସୂଚନା ରହୁନାହିଁ ବୋଲି ବିରୋଧୀ ଦଳ ପକ୍ଷରୁ କୁହାଯାଇଛି।



ସ୍ୱର୍ଗତ ରାମନାଥ ମିଶ୍ରଙ୍କ ଫାଇଲ ଫଟୋ।




# ଆରମ୍ଭ ହେଲାଣି ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନୀ ଉଷ୍ମତା

■ ନିର୍ଣ୍ଣାୟକ ଭୂମିକା ନେବେ ଯୁବ ଆଇନଜୀବୀ
■ ମାର୍ଚ୍ଚ ୧ରୁ ପ୍ରାର୍ଥୀପତ୍ର ଦାଖଲ
■ ଏପ୍ରିଲ ୧୫ରେ ନିର୍ବାଚନ, ୨୧ରେ ଭୋଟ ଗଣତି

କଟକ ଅଫିସ, ୨୬।୨

ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ ନିର୍ବାଚନ ଆସନ୍ତା ଏପ୍ରିଲ ୧୫ରେ ଅନୁଷ୍ଠିତ ହେବ। କାଉନ୍‌ସିଲ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଇନଜୀବୀମାନଙ୍କ ମଧ୍ୟରେ ଉତ୍ସୁକତା ଦେଖିବାକୁ ମିଳିଛି। ବିଭିନ୍ନ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ ରଣକୌଶଳ ଆରମ୍ଭ ହୋଇଗଲାଣି। ଯୁବ ଆଇନଜୀବୀମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

କାଉନ୍‌ସିଲ ପକ୍ଷରୁ ରବିବାର ମିଳିଥିବା ପ୍ରେସ୍ ଇସ୍ତାହାର ଅନୁସାରେ, ହାଇକୋର୍ଟର ପୂର୍ବତନ ବିଚାରପତି ପ୍ରମଥ ପଟ୍ଟନାୟକ ରିଟର୍ନିଂ ଅଫିସର ଭାବେ କାର୍ଯ୍ୟ ତୁଲାଇବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏଥିସହ ଆଇନଜୀବୀ ବାସୁଦେବ ପୂଜାରୀ ଓ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ସହକାରୀ ରିଟର୍ନିଂ ଅଫିସର ଭାବେ କାର୍ଯ୍ୟ ତୁଲାଇବେ। ବିଜ୍ଞପ୍ତି ଅନୁସାରେ, ଆସନ୍ତା ମାର୍ଚ୍ଚ ୧ରୁ ୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ସମୟସୀମା ଧାର୍ଯ୍ୟ କରାଯାଇଛି। ମାର୍ଚ୍ଚ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। କୌଣସି ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ ଚାହିଁଲେ ମାର୍ଚ୍ଚ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ମଧ୍ୟରେ କରିପାରିବେ। ମାର୍ଚ୍ଚ ୧୭ ତାରିଖ ସନ୍ଧ୍ୟା ୫ଟାରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ସେହିପରି ଏପ୍ରିଲ ୧୫ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ନିମନ୍ତେ ସମୟ ଧାର୍ଯ୍ୟ ହୋଇଛି। ଏପ୍ରିଲ ୨୧ରେ ଭୋଟ ଗଣତି ହେବ। ଭୋଟ ଗଣତି ନିମନ୍ତେ ତାରିଖରେ କୌଣସି ପରିବର୍ତ୍ତନ କରାଗଲେ ତାହା ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ ୱେବ୍‌ସାଇଟ୍‌ରେ ସୂଚାଇ ଦିଆଯିବ ବୋଲି ଜଣାଯାଇଛି।

ମୁଦ୍ରିତ ପ୍ରାର୍ଥୀପତ୍ର କାଗଜ ୧୦୦ ଟଙ୍କା ବିନିମୟରେ ବାର୍ କାଉନ୍‌ସିଲ କାର୍ଯ୍ୟାଳୟରେ ଉପଲବ୍ଧ ରହିଛି। ମୋଟ ୨୫ଟି ପଦବୀ ନିମନ୍ତେ ନିର୍ବାଚନ ହେବ। ସେଥିମଧ୍ୟରୁ ୧୩ଟି ଆସନ ପାଇଁ ଅନ୍ୟୂନ ୧୦ ବର୍ଷ ଆଇନଜୀବୀ ଭାବେ ରାଜ୍ୟ ରୋଲ୍‌ରେ ପଞ୍ଜୀକରଣ ହୋଇଥିବା ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ନୋମିନେଶନ ଦେୟ ୩୦ ହଜାର ଟଙ୍କା ରଖାଯାଇଛି, ଯାହାକି ଫେରସ୍ତ ନୁହେଁ। ପ୍ରାର୍ଥୀପତ୍ର ଦାଖଲ ସମୟରେ ପ୍ରାର୍ଥୀଙ୍କ ସହ ସମର୍ଥକ ଓ ପ୍ରସ୍ତାବକ ନିଜେ ବାର୍ କାଉନ୍‌ସିଲ ଅଥବା ବାର୍ ଆସୋସିଏଶନ ପ୍ରଦତ୍ତ ପରିଚୟପତ୍ର ସହ ଉପସ୍ଥିତ ରହିବାକୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍‌ର ବିଭିନ୍ନ ପଦବୀ ଲାଗି ଶେଷଥର ପାଇଁ ୨୦୧୩ରେ ନିର୍ବାଚନ ହୋଇଥିଲା। ଏଥିପାଇଁ ରାଜ୍ୟବ୍ୟାପୀ ମତଦାନ କରାଯାଇଥିଲା। ନିର୍ବାଚିତ ପ୍ରାର୍ଥୀମାନେ ୨୦୧୪ରେ ଶପଥ ଗ୍ରହଣ କରିଥିଲେ। ୨୦୧୯ରେ ସେମାନଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ପୁନର୍ବାର ଆଉ ୬ ମାସ ଲାଗି ବୃଦ୍ଧି କରାଯାଇଥିଲା। ଏହାପରେ ଆଉ ନିର୍ବାଚନ ହୋଇ ନ ଥିଲା। ଏକ ଅନ୍ତରୀଣ କମିଟି ଦ୍ୱାରା କାଉନ୍‌ସିଲ ପରିଚାଳିତ ହେଉଥିଲା। ଏଥିସହ କାଉନ୍‌ସିଲ ନିର୍ବାଚନ ପାଇଁ ହାଇକୋର୍ଟରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା।

## ନିଖୋଜ ୪ ଛାତ୍ର ଘରକୁ ଫେରିଲେ

କେନ୍ଦୁଝର,୨୬।୨(ସ୍ୱ.ପ୍ର.): କେନ୍ଦୁଝର ଜିଲାର ଏକ ଘରୋଇ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହଷ୍ଟେଲରୁ ଶୁକ୍ରବାର ରାତିରେ ଯୁକ୍ତ ୨ ପଢୁଥିବା ୪ ଛାତ୍ର ନିଖୋଜ ହୋଇଯାଇଥିଲେ। ସମସ୍ତେ ଶନିବାର ବିଳମ୍ବିତ ରାତିରେ ଘରକୁ ଫେରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ସେମାନଙ୍କ ନିଖୋଜ ଘଟଣାକୁ ନେଇ ପରିବାର ଲୋକେ, ସ୍କୁଲ କର୍ତ୍ତୃପକ୍ଷ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ଅପହରଣ ମାମଲା (ନଂ. ୭୬/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ ବିଳମ୍ବିତ ରାତିରେ ଘରକୁ ଫେରିଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ଜଂଘିରା ବଜାରରୁ ଉଦ୍ଧାର କରି ଘରକୁ ପଠାଇଥିବା ପୋଲିସ ସୂଚନା ଦେଇଛି।

# ବାୟୋଟେକ୍ନୋଲୋଜିରେ ପୁଞ୍ଜିନିବେଶ ପାଇଁ ଓଡ଼ିଶାର ଆମନ୍ତ୍ରଣ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)




## ଆନ୍ତର୍ଜାତିକ 'ବାୟୋ-ଏସିଆ' ସମ୍ମିଳନୀ

ହାଇଦ୍ରାବାଦରେ ଚାଲିଥିବା ଆନ୍ତର୍ଜାତିକ 'ବାୟୋ-ଏସିଆ' ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏଥିରେ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାୟୋଟେକ୍ନୋଲୋଜି ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ସୂଚନା ଦେଇଥିଲେ। ଏଥିସହ ସେ ରାଜ୍ୟରେ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ନିମନ୍ତେ ପୁଞ୍ଜି ନିବେଶ ପାଇଁ ନିବେଶକ ତଥା ଶିଳ୍ପୋଦ୍ୟୋଗୀଙ୍କୁ ଆମନ୍ତ୍ରଣ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ଶିଳ୍ପ ନୀତିରେ ବାୟୋଟେକ୍ନୋଲୋଜିକୁ ଅଗ୍ରାଧିକାର ଦିଆଯାଇଥିବାବେଳେ ସରକାର ସମ୍ପୃକ୍ତ କ୍ଷେତ୍ରର ଉଦ୍ୟୋଗୀମାନଙ୍କୁ ସବୁମତେ ସହଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ। ଭୁବନେଶ୍ୱର ନିକଟବର୍ତ୍ତୀ ଅନ୍ଧାରୁଆସ୍ଥିତ ବାୟୋଟେକ୍ ପାର୍କରେ ଭାରତ ବାୟୋଟେକ୍ ଟିକା ଉତ୍ପାଦନ କରିବାକୁ ଯାଉଛି। ଏଥିପାଇଁ ୫୦୦ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରାଯାଇଥିବାବେଳେ ଏହାର ସମ୍ପ୍ରସାରଣ ପାଇଁ ଆହୁରି ୭୦୦ କୋଟି ଟଙ୍କା ନିବେଶ ନିମନ୍ତେ ପ୍ରତିଶ୍ରୁତି ମିଳିଛି। ସେହିଭଳି ରାଜ୍ୟରେ ଥିବା ବାୟୋ-ଇନ୍‌କ୍ୟୁବେଟରଙ୍କ ଦ୍ୱାରା ଏକ ବର୍ଦ୍ଧିଷ୍ଣୁ ଷ୍ଟାର୍ଟଅପ୍ ପରିବେଶ ସୃଷ୍ଟି ହୋଇଛି। ଓଡ଼ିଶାରେ ଆନୁଷ୍ଠାନିକ ବ୍ୟବସ୍ଥା, ଦକ୍ଷ ମାନବସମ୍ବଳ, ଉନ୍ନତ ପ୍ରାକୃତିକ ଜୈବବିବିଧତା ଓ ସ୍ୱଳ୍ପ ବ୍ୟୟରେ ଉତ୍ପାଦନ କ୍ଷମତା ବୃଦ୍ଧି ପରି ସୁବିଧାଗୁଡ଼ିକ ଉପଲବ୍ଧ ହେଉଛି। ଆନ୍ତର୍ଜାତିକ ସଂସ୍ଥା ସହ ଓଡ଼ିଶାରେ ବାୟୋଟେକ୍ ଅଭିବୃଦ୍ଧି ନିମନ୍ତେ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହାସହିତ ଓଡ଼ିଶା ସରକାର ବାୟୋଟେକ୍ ପୁଞ୍ଜିନିବେଶକଙ୍କୁ ରିହାତି ସମେତ ଟିକସ ଛାଡ଼, ମୂଳଧନ ବିନିଯୋଗରେ ପ୍ରୋତ୍ସାହନ ଇତ୍ୟାଦି ଯୋଗାଇ ଦେଉଛନ୍ତି। ରାଜ୍ୟରେ ଉପଲବ୍ଧ ଜୈବସମ୍ବଳରୁ ବାୟୋଟେକ୍ନୋଲୋଜି ସହାୟତାରେ ନୂତନ ସାମଗ୍ରୀ ଉତ୍ପାଦନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ରାଜ୍ୟ ସରକାର ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତି ନିମନ୍ତେ ଯୋଜନା କରୁଥିବା କଥା ମନ୍ତ୍ରୀ ପଣ୍ଡା ଉଲ୍ଲେଖ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପଣ୍ଡା ତେଲଙ୍ଗାନାର ଶିଳ୍ପ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ କେ.ଟି. ରାମାରାଓଙ୍କୁ ସାକ୍ଷାତ କରି ରାଜ୍ୟରେ ବାୟୋଟେକ୍ନୋଲୋଜି ଶିକ୍ଷା ଓ ଗବେଷଣା ବିକାଶ ଉପରେ ଆଲୋଚନା କରିଥିଲେ। ଏଥିସହ ଡ. ରେଡ୍ଡି ଲାବରେଟୋରୀର ଡ. ସତୀଶ ରେଡ୍ଡି ଓ ଫେଡେରେଶନ୍ ଅଫ୍ ଏସିଆନ୍ ବାୟୋଟେକ୍ ଆସୋସିଏଶନ୍‌ର ପ୍ରତିନିଧିଙ୍କ ସହିତ ମଧ୍ୟ ମନ୍ତ୍ରୀ ପଣ୍ଡା ମତବିନିମୟ କରିଥିଲେ।

# ଆର୍ଥିକ କାରବାର, ଗୁପ୍ତ ତଥ୍ୟ ନେଇ ଖୋଳତାଡ଼

## ଚାନ୍ଦିପୁର ଆଇଟିଆର୍‌ରୁ ତଥ୍ୟ ଲିକ୍ ମାମଲା

### ରିମାଣ୍ଡର ପ୍ରଥମ ଦିନରେ ବାବୁରାମଙ୍କୁ ଜେରା କଲେ ଆଇଜି

ବାଲେଶ୍ୱର ଅଫିସ,୨୬।୨

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ରୁ ପ୍ରତିରକ୍ଷା ତଥ୍ୟ ଲିକ୍ ଘଟଣାରେ ଗିରଫ ହୋଇଥିବା ଆଇଟିଆର୍‌ର ବରିଷ୍ଠ ବୈଷୟିକ ଅଧିକାରୀ ବାବୁରାମ ଦେଙ୍କୁ ପୋଲିସ ଶନିବାର ୪ ଦିନିଆ ରିମାଣ୍ଡରେ ନେଇଛି। ରବିବାର ପ୍ରଥମ ଦିନରେ ତାଙ୍କୁ ଜେରା କରି ଆର୍ଥିକ କାରବାର ଓ ଗୁପ୍ତ ତଥ୍ୟ ନେଇ ଖୋଳତାଡ଼ କରିଛନ୍ତି ଆଇଜି ହିମାଂଶୁ ଲାଲ। ଆର୍ଥିକ କାରବାର ସମ୍ପର୍କରେ ବିଭିନ୍ନ ଅଧିକାରୀଙ୍କ ସହାୟତା ନିଆଯିବ ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ କହିଛନ୍ତି।

ଗିରଫ ବାବୁରାମ ଆଇଟିଆର୍ ଟେଲିମେଟ୍ରି ବିଭାଗର ଟେକ୍ନିକାଲ ଅଫିସର ଥିଲେ। ଅଧିକାଂଶ ମିଶାଇଲ ଟେଷ୍ଟ ବେଳେ ତାଙ୍କୁ କାର୍ଯ୍ୟପାଇଁ ଆଇଟିଆର୍ ପକ୍ଷରୁ ନିୟୋଜିତ କରାଯାଉଥିଲା। ପୃଥ୍ୱୀ, ବ୍ରହ୍ମୋସ୍, ବଂଶୀ, କ୍ୟୁଆର୍‌ସାମ୍ ଆଦି ମିଶାଇଲ ପରୀକ୍ଷା ସମୟରେ ବାବୁରାମ ନିୟୋଜିତ ହେଉଥିଲେ। କ୍ଲଷ୍ଟର ବମ୍ ଟେଷ୍ଟରେ ମଧ୍ୟ ବାବୁରାମଙ୍କର ଭୂମିକା ଥିଲା। ଡିଆର୍‌ଡିଓର ବୈଜ୍ଞାନିକମାନଙ୍କ ସହିତ ବାବୁରାମଙ୍କର ସମ୍ପର୍କ ଥିଲା। ମିଶାଇଲ୍ ଟେଷ୍ଟ ସମ୍ପର୍କରେ ବାବୁରାମଙ୍କ ପାଖରେ ଟିକିନିଖି ତଥ୍ୟ ରହୁଥିଲା। ପ୍ରାୟ ୧ ବର୍ଷ ପୂର୍ବରୁ ହନିଟ୍ରାପ୍‌ର ଶିକାର ହୋଇ ଆଇଟିଆର୍‌ର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସହ ମିଶାଇଲ ପରୀକ୍ଷଣ ସମ୍ପର୍କିତ ଭିଡିଓ ପାକିସ୍ତାନ ସୁନ୍ଦରୀଙ୍କୁ ଦେଉଥିଲେ। ତାଙ୍କ ମୋବାଇଲରୁ ପୋଲିସ ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଗୁପ୍ତ ତଥ୍ୟ ଲିକ୍‌ର କିଛି ଭିଡିଓ ମଧ୍ୟ ପୋଲିସ ହାତରେ ଲାଗିଛି।

ସୂଚନାଯୋଗ୍ୟ, ହନିଟ୍ରାପ୍‌ରେ ଫସି ପାକିସ୍ତାନକୁ ଗୁପ୍ତ ତଥ୍ୟ ଦେଉଥିବା ଅଭିଯୋଗରେ ବାବୁରାମ ଗିରଫ ହୋଇଥିଲେ। ତାଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ବାଗପୁଞ୍ଜି ଗ୍ରାମରେ। ପାକିସ୍ତାନୀ ମହିଳାଙ୍କ ମାୟାଜାଲରେ ପଡ଼ି ଭିଡିଓ କଲ୍ ମାଧ୍ୟମରେ ସେ ଆଇଟିଆର୍‌ର ଗୋପନୀୟ ତଥ୍ୟ ପ୍ରଦାନ କରିଥିଲେ। ପୋଲିସ ଅଧିକ ତଦନ୍ତ କରିବା ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାକିସ୍ତାନୀ ଏଜେଣ୍ଟଙ୍କୁ ଦିଆଯାଇଥିବା ଜାଣିବାକୁ ପାଇଥିଲା। ଦେଶର ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ପ୍ରଘଟ କରିଥିବା ଜଣାପଡ଼ିବା ପରେ ବାଲେଶ୍ୱର ପୋଲିସ ଏବଂ ସେଣ୍ଟ୍ରାଲ ଏଜେନ୍ସି ମିଳିତ ଭାବେ ତଦନ୍ତ କରି ବାବୁରାମଙ୍କୁ ଶୁକ୍ରବାର ଗିରଫ କରିଥିଲା।






# ସାମ୍ବାଦିକ ଅଜିତ ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)


ଅଜିତ କୁମାର ମହାନ୍ତି

ବରିଷ୍ଠ ସାମ୍ବାଦିକ ତଥା ଦୈନିକ ଖବରକାଗଜ 'ଧରିତ୍ରୀ'ର ପୂର୍ବତନ ଖବରଦାତା ଅଜିତ କୁମାର ମହାନ୍ତିଙ୍କ ରବିବାର ଅପରାହ୍ନ ୧୨ଟା ୪୩ରେ ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ପୀଡିତ ହୋଇ ଏମ୍ସରେ ଚିକିତ୍ସାଧୀନ ଥିଲେ। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ପୈତୃକ ଘର କଟକ କେଶରପୁରରେ। ସେ ଏକାଧାରାରେ ଜଣେ ନିରପେକ୍ଷ ସାମ୍ବାଦିକ, ଭଲ ଲେଖକ ତଥା କବି ଥିଲେ। 'ସମୟ', 'ଅନୁପମ ଭାରତ' ଓ 'ଓଡ଼ିଶା ଭାସ୍କର'ରେ ମଧ୍ୟ ସେ ଦୀର୍ଘବର୍ଷ ଧରି ସାମ୍ବାଦିକତା କରିଥିଲେ। ମୃତ୍ୟୁ ପୂର୍ବରୁ ସେ ଅମୃତ ଦୁନିଆ ଖବରକାଗଜରେ କାର୍ଯ୍ୟ କରୁଥିଲେ। ସାହିତ୍ୟ ପ୍ରତି ତାଙ୍କର ସ୍ୱତନ୍ତ୍ର ରୁଚି ଥିବାରୁ ସେ ଏକାଧିକ ପୁସ୍ତକ ରଚନା କରିଛନ୍ତି। ତାଙ୍କ କବିତା ପୁସ୍ତକ 'ଆ'-ଆଜି ନଈକୁ ଯିବା' ଖୁବ୍ ପାଠକୀୟ ଆଦୃତି ଲାଭ କରିଥିଲା। ଏଥିସହ ତାଙ୍କର ପ୍ରବନ୍ଧଭିତ୍ତିକ ପୁସ୍ତକ ମଧ୍ୟ ପାଠକଙ୍କ ପ୍ରଶଂସା ସାଉଣ୍ଟିବାରେ ସଫଳ ହୋଇଥିଲା। ଏଥିସହ ସ୍ୱର୍ଗତ ମହାନ୍ତିଙ୍କ ଆଧ୍ୟାତ୍ମିକ ପୁସ୍ତକ ପ୍ରତି ଅଧିକ ଦୁର୍ବଳତା ଥିଲା। ଶ୍ରୀମା, ଅରବିନ୍ଦଙ୍କ ପାଇଁ ତାଙ୍କର ଗଭୀର ଶ୍ରଦ୍ଧା ଥିଲା। ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲ ଶଯ୍ୟାରେ ବି ସେ ପଢ଼ିବାକୁ ଚେଷ୍ଟା କରୁଥିଲେ। ସେହିଭଳି ସ୍ୱର୍ଗତ ମହାନ୍ତି 'ସାର୍ବଜନୀନ ଭାଇ' ଭାବେ ପରିଚିତ ଥିଲେ। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ 'ଅଜିତ ଭାଇ' ବୋଲି ସମ୍ବୋଧନ କରୁଥିଲେ। ଜଣେ ସରଳ, ଅମାୟିକ, ମିଷ୍ଟଭାଷୀ ଏବଂ ବନ୍ଧୁବତ୍ସଳ ମଣିଷ ଥିଲେ। ନିଷ୍ଠାପର ତଥା ନିର୍ଭୀକ ସାମ୍ବାଦିକତା ପାଇଁ ସେ ରାଜ୍ୟ ସରକାର ଓ ବିଭିନ୍ନ ସଂସ୍ଥା ଦ୍ୱାରା ପୁରସ୍କୃତ ହୋଇଥିଲେ। ଭୁବନେଶ୍ୱରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଜଣେ ଟ୍ରଷ୍ଟି ଥିଲେ। ଏମ୍ସରୁ ତାଙ୍କର ପାର୍ଥିବ ଶରୀର ୟୁନିଟ୍-୨ସ୍ଥିତ ସରକାରୀ ବାସଭବନକୁ ଅଣାଯିବା ପରେ ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଆନନ୍ଦ ମହାନ୍ତ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଶାନ୍ତି ମହାନ୍ତି, ପୁଅ ଆନନ୍ଦ, ଦୁଇ ଝିଅ ଆରୋଶ୍ରୀ ଓ ବାସବଦତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ବହୁ ଗଣମାଧ୍ୟମ ପ୍ରତିନିଧି, ଶୁଭେଚ୍ଛୁ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭୁବନେଶ୍ୱରର ପଠାଣୀ ରାଉତ ପ୍ରମୁଖ ତାଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଆଜିଠୁ ଦୁଇ ଦିନିଆ ବମ୍ବେ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

## ଇନଭେଷ୍ଟର୍ସ ମିଟ୍, ସ୍ପୋର୍ଟସ୍ ଷ୍ଟାର୍ ଆୱାର୍ଡ ଗ୍ରହଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୨ ଦିନିଆ ବମ୍ବେ ଗସ୍ତରେ ଯିବେ। ଏହି ଅବସରରେ ବମ୍ବେଠାରେ ସେ ୨ଟି କାର୍ଯ୍ୟକ୍ରମରେ ଯୋଗଦେବେ। ସ୍ପୋର୍ଟ୍ସ ଷ୍ଟାର ମାଗାଜିନ ପକ୍ଷରୁ ଓଡ଼ିଶାକୁ ଦିଆଯିବାକୁ ଥିବା ଆୱାର୍ଡକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିବେ। ସେହିପରି ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମ ମଧ୍ୟ ଯୋଗଦେବେ।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ବିମାନ ଯୋଗେ ବମ୍ବେ ଗସ୍ତ କରିବେ। ସେଠାରେ ଅପରାହ୍ନ ୧ଟାରେ ପହଞ୍ଚିବା ପରେ ପ୍ରଥମେ ତାଜମହଲ ପ୍ୟାଲେସ୍ ହୋଟେଲକୁ ଯିବେ। ଅପରାହ୍ନ ୩ଟା ୩୦ରେ ଉକ୍ତ ହୋଟେଲରେ ହେବାକୁ ଥିବା ଓଡ଼ିଶା ଇନଭେଷ୍ଟର୍ସ ମିଟ୍ (ଏମ୍‌ଆଇଓ)ରେ ଯୋଗଦେବେ। ପରେ ସନ୍ଧ୍ୟା ୭ଟାରେ ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ ସ୍ପୋର୍ଟ୍ସ ଷ୍ଟାର ମାଗାଜିନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଆୱାର୍ଡ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

# ୫ଦିନ ପରେ ତାପମାତ୍ରା ଆହୁରି ବଢ଼ିବ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ରାଜ୍ୟରେ ବଢୁଛି ତାତି। କିଛି ସ୍ଥାନରେ ପାରଦ ୩୮ ଡିଗ୍ରୀ ପାର୍ କଲାଣି। ଆଗାମୀ ୪ରୁ ୫ଦିନ ଯାଏ ଏଭଳି ସ୍ଥିତି ଲାଗି ରହିବ। ତେବେ ୫ ଦିନ ପରେ ରାଜ୍ୟରେ ତାପମାତ୍ରା ଆହୁରି ବଢ଼ିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ସକାଳେ ରାଜ୍ୟର କିଛି ସ୍ଥାନରେ କୁହୁଡ଼ି ଦେଖିବାକୁ ମିଳିଥିଲା। ବିଶେଷକରି କଟକ, ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଓ ଗଞ୍ଜାମର କିଛି ସ୍ଥାନରେ ଘନ କୁହୁଡ଼ି ହୋଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ। ଏବେ ରାଜ୍ୟର ଅଧିକାଂଶ ସ୍ଥାନରେ ସ୍ୱାଭାବିକ ତାପମାତ୍ରାଠାରୁ ୨ରୁ ୪ ଡିଗ୍ରୀ ଅଧିକ ରହୁଛି। ରବିବାର ବୌଦ୍ଧ ଓ ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୩୭.୫ ଡିଗ୍ରୀ ରହିଥିଲା। ସେହିପରି ଝାରସୁଗୁଡ଼ାରେ ୩୬.୬, ସମ୍ବଲପୁରର ୩୬.୨, ସୁନ୍ଦରଗଡ଼ ୩୬, ନୟାଗଡ଼ ୩୬.୫, ବରଗଡ଼ ୩୫.୨, ଫୁଲବାଣୀ ୩୫.୭, ଟିଟିଲାଗଡ଼ ୩୫, ଭବାନୀପାଟଣା ୩୫.୪, ତାଳଚେର ୩୫.୮, ହୀରାକୁଦ ୩୫.୭ ଓ ଭୁବନେଶ୍ୱରରେ ୩୪.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଆଗକୁ ତାତି ଆହୁରି ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ଷ୍ଟୁଡିଓ ମାଲିକଙ୍କ ଝୁଲନ୍ତା ମୃତଦେହ ଜବତ

## କରଜ ଟଙ୍କା ପାଇଁ ଚିନ୍ତାଗ୍ରସ୍ତ ଥିଲେ

ଢେଙ୍କାନାଳ ଅଫିସ, ୨୬।୨

ଢେଙ୍କାନାଳ ପୌରାଞ୍ଚଳର ୭ନଂ. ୱାର୍ଡରେ ରହୁଥିବା ଫଟୋଲାଇନ୍ ଷ୍ଟୁଡିଓ ମାଲିକ ତଥା ବିଶିଷ୍ଟ ଫଟୋଗ୍ରାଫର ସଚ୍ଚିଦାନନ୍ଦ ନାୟକ ଓରଫ ବାବୁଲି (୫୦)ଙ୍କ ଝୁଲନ୍ତା ମୃତଦେହ ଶନିବାର ସନ୍ଧ୍ୟାରେ ଗୋହିରାଖାଲସ୍ଥିତ ତାଙ୍କର ଜଣେ ସମ୍ପର୍କୀୟଙ୍କ ଫାର୍ମ ହାଉସ ପରିସରରେ ଥିବା ପରିତ୍ୟକ୍ତ ଘରୁ ସଦର ଥାନା ପୋଲିସ ଜବତ କରିଛି। ଋଣଭାର ଯୋଗୁ ମାନସିକ ଚିନ୍ତାରେ ଥିବା ବାବୁଲି ଅପମାନ ସହି ନ ପାରି ଆତ୍ମହତ୍ୟା କରିଥିବା ତାଙ୍କ ପୁତ୍ର ନିଶାନ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୧୫୫/୨୩ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଅନ୍ୟପଟେ ସହରର ଜଣେ ଖ୍ୟାତନାମା ଫଟୋଗ୍ରାଫରଙ୍କ ଏଭଳି ମୃତ୍ୟୁକୁ ନେଇ ସହରରେ ଶୋକର ଛାୟା ଖେଳିଯାଇଛି।

ପୋଲିସ ନିକଟରେ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି ଯେ, ବାବୁଲି ବ୍ୟବସାୟ ପାଇଁ ସହରର କେତେଜଣ ବ୍ୟକ୍ତିଙ୍କଠାରୁ କରଜ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ଟଙ୍କା ଫେରାଇ ଦେବା ପାଇଁ ଚାପ ପକାଉଥିଲେ। ଏପରି କି ଧମକଚମକ ମଧ୍ୟ ଦେଉଥିଲେ। ଏହାକୁ ନେଇ ସେ କିଛିଦିନ ହେଲା ଚିନ୍ତାଗ୍ରସ୍ତ ରହୁଥିଲେ। ତେବେ ମାନସିକ ଚାପ ସହି ନ ପାରି ସେ ଜୀବନ ହାରିଥିବା ଏଥିରେ ଦର୍ଶାଯାଇଛି। ଏ ନେଇ ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ କୁହନ୍ତି, ଅଭିଯୋଗ ଆଧାରରେ ଏହାର ତଦନ୍ତ କରାଯାଉଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଢେଙ୍କାନାଳ ବସଷ୍ଟାଣ୍ଡରେ ବାବୁଲିଙ୍କ 'ଫଟୋ ଲାଇନ୍ ଷ୍ଟୁଡିଓ' ରହିଛି। ଏହା ତାଙ୍କ ଉପାର୍ଜନର ଏକମାତ୍ର ମାଧ୍ୟମ ଥିଲା। ତାଙ୍କ ପରଲୋକରେ ପରିବାର ସଦସ୍ୟ, ବନ୍ଧୁ, ସହପାଠୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ପ୍ରିୟଙ୍କାଙ୍କ ହାତ ଧରିଲେ ଦିବ୍ୟଶଙ୍କର

ପିପିଲି/ଭବାନୀପାଟଣା, ୨୬।୨(ଡି.ଏନ୍.ଏ./ସ୍ୱ.ପ୍ର.)



- ଦ୍ୱିତୀୟ ବିବାହ ବନ୍ଧନରେ ଜୁନାଗଡ଼ ବିଧାୟକ
- ନିରାଡ଼ମ୍ବର ଭାବେ ଦିନକରେ ନିର୍ବନ୍ଧ, ବିବାହ ଉତ୍ସବ

କଳାହାଣ୍ଡି ଜିଲା ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ରବିବାର ଦ୍ୱିତୀୟ ବିବାହ କରିଛନ୍ତି। ସେ ନିଜ ନିର୍ବାଚନମଣ୍ଡଳୀର ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଦେକୋଟ ଗ୍ରାମର ଭବାନୀ ଅଗସ୍ତିଙ୍କ ଝିଅ ପ୍ରିୟଙ୍କାଙ୍କ ହାତ ଧରିଛନ୍ତି। ପୁରୀ ଜିଲା ପିପିଲି ଶିଉଳା ନିକଟ ଦି ଆଡଭେଞ୍ଚର କନଭେନସନ ରିସର୍ଟରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ନିର୍ବନ୍ଧ ସରିଥିବା ବେଳେ ପରେ ଉଭୟଙ୍କ ବିବାହ ନିରାଡ଼ମ୍ବର ଭାବେ ବୈଦିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ବିବାହ ଉତ୍ସବରେ ଉଭୟଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ କନ୍ୟା ଘରର ୨୮ ଏବଂ ବରପକ୍ଷର ୩୨ ଜଣ ସାମିଲ ଥିଲେ। ପିପିଲି ନୂଆଶାସନ ଅଞ୍ଚଳର ଜଣେ ପୁରୋହିତ ଏହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ବିବାହ ଭୋଜି ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ମନ୍ତ୍ରୀ, ନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିବା ଜଣାପଡ଼ିଛି। ସାଜସଜ୍ଜା ବିହୀନ ଉକ୍ତ ରିସର୍ଟକୁ ସର୍ବସାଧାରଣଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ ରହିଥିବା ବେଳେ ଗେଟ୍‌ରେ ତାଲା ପଡିଥିଲା। ଉଭୟଙ୍କ ବିବାହ ସମୟର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ସୂଚନା ମୁତାବକ, ଗତ କିଛିଦିନ ତଳେ କ୍ୟାପେଟନ ମିଶ୍ର ଦ୍ୱିତୀୟ ବିବାହ କରୁଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଥିଲା, ଯାହା ଏବେ ସତ ହୋଇଛି। ଏହା ପୂର୍ବରୁ ଦିବ୍ୟଶଙ୍କର ଜୟପାଟଣା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ତେବେ କୌଣସି କାରଣରୁ ସେ ତାଙ୍କୁ ଛାଡ଼ପତ୍ର ଦେଇଥିଲେ। ସେମାନଙ୍କର ଗୋଟିଏ ୨୦ବର୍ଷର ପୁଅ ଅଛନ୍ତି। ସେ ଲଣ୍ଡନରେ ପାଠ ପଢୁଥିବା ଜଣାପଡିଛି। ସେହିପରି ବେଙ୍ଗାଲୁରୁର ଏକ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ପ୍ରିୟଙ୍କା ପୂର୍ବରୁ ଧର୍ମଗଡ଼ରେ ବିବାହ କରିଥିଲେ। ତେବେ କୌଣସି କାରଣରୁ ତାଙ୍କର ମଧ୍ୟ ଛାଡ଼ପତ୍ର ହୋଇଥିଲା।




**ଆଜିର ମନ୍ତବ୍ୟ**

"କୋଭିଡ୍ ଲକ୍‌ଡାଉନ୍ ଆରମ୍ଭରେ ହୋଇଥିବା ସଂଘର୍ଷର ସମାଧାନ ନ ହେବା ପର୍ଯ୍ୟନ୍ତ ଚାଇନା ସହ ଭାରତର ସମ୍ପର୍କରେ ସ୍ୱାଭାବିକତା ଫେରିବ ନାହିଁ।
-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଳିକି, ଗୋସେଇଁ ଓଳିକି**
**ନା, ଭାତ ନାହିଁ ଆର ଓଳିକି।**

ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ଅତି ଦୁଃଖେ କଷ୍ଟେ ଜୀବନଯାପନ କରିଥାନ୍ତି। ଗରିବ ବ୍ୟକ୍ତି ଦିନକୁ ଦି' ଓଳି ଦି' ମୁଠେ ଖାଇବାକୁ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଳି ପାଣି ପଡେ ପିଣ୍ଡା ତଳକୁ,**
**ଝିଅ ଜନମ ପର ଘରକୁ।**

ଅଳିଅଳରେ ବଢି ଆସିଥିବା ଝିଅଟି ଯେତେବେଳେ ଘରଯୋଗ୍ୟା ହୁଏ ସେତେବେଳେ ତା'ର ପିତାମାତା ଭଲ ଘର ଭଲ ବର ଦେଖି ଝିଅଟିର ବିବାହ କରାଇ ଦେଇଥାନ୍ତି। ବିବାହ ପରେ ଝିଅଟି ପରଗୋତ୍ରୀ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଦେଓମାଳୀ, କୋଟିଆରେ ମୁଖ୍ୟ ଶାସନ ସଚିବ

■ **ଇକୋ ଟୁରିଜମ୍ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କଲେ**
■ **ଷ୍ଟ୍ରବେରୀ, ମହୁ ଚାଷ ବୁଲି ଦେଖିଲେ**

ଭୁବନେଶ୍ୱର, (ବ୍ୟୁରୋ)/ ପଟାଙ୍ଗୀ (ଡି.ଏନ୍.ଏ.), ୨୬।୨

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କୋରାପୁଟ ଜିଲାର ଦେଓମାଳୀ ଓ କୋଟିଆ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଦେଓମାଳୀ ଠାରେ ଇକୋ ଟୁରିଜିମ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ଚାରା ରୋପଣ କରିଛନ୍ତି। ସେହିଭଳି କୋଟିଆରେ ସରକାରଙ୍କ ପକ୍ଷରୁ ଜାରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ମଧ୍ୟ ଅନୁଧ୍ୟାନ କରିଛନ୍ତି।

ମୁଖ୍ୟ ଶାସନ ସଚିବ ମହାପାତ୍ର ପ୍ରଥମେ କୋଟିଆ ପଞ୍ଚାୟତର ଦେଓମାଳି ପର୍ଯ୍ୟଟନସ୍ଥଳରେ ପହଞ୍ଚି ନିର୍ମାଣାଧୀନ କାର୍ଯ୍ୟ ତଦାରଖ କରିଥିଲେ। ଦେଓମାଳି କିପରି ପର୍ଯ୍ୟଟକଙ୍କ ପାଇଁ ଉତ୍କୃଷ୍ଟ ସ୍ଥାନ ହୋଇପାରିବ ସେନେଇ ଜିଲାର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଜନୈକ ବାସନା ଗେମେଲଙ୍କ ଦ୍ୱାରା ଷ୍ଟ୍ରବେରୀ ଚାଷ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମହୁ ମାଛି ଚାଷ ବୁଲି ଦେଖିବା ସହ ଆବଶ୍ୟକ ପ୍ରୋତ୍ସାହନ ଦେବା ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ସେଠାରେ ଏକ ଫରେଷ୍ଟ ଗେଷ୍ଟ ହାଉସ ଓ ଶୀତଳ ଭଣ୍ଡାରର ଉଦଘାଟନ ମଧ୍ୟ କରିଛନ୍ତି। ରଣାସିଂ ଅଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ର ଶୁଭ ଉଦଘାଟନ କରିବା ସହ ପିଲାମାନଙ୍କୁ ପୋଷାକ ଓ ପାଠ୍ୟ ଉପକରଣ ବଣ୍ଟନ କରିଛନ୍ତି।

ସେହିଭଳି ସେମିଳିଗୁଡା ବ୍ଲକର ରାଜପୁଟ ଠାରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ ଏକ ମିଲେଟ ପ୍ରୋସେସିଂ ୟୁନିଟର ମଧ୍ୟ ତାଙ୍କ ଦ୍ୱାରା ଉଦଘାଟନ କରାଯାଇଛି। ଗାଲିଗାବଦର ଠାରେ ୱାଟରଫୁଲ ବୁଲି ଦେଖିବା ସହ ଏହାକୁ ସଠିକ ଭାବେ ପରିଚାଳନା କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ସେଠାରେ ଏକ ଇକୋ ରିସୋର୍ଟ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏତଦବ୍ୟତୀତ ସରକାରଙ୍କ ପକ୍ଷରୁ ଜିଲାରେ ଜାରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଏହି ଗସ୍ତ ସମୟରେ ଜିଲାପାଳ ଅବଦ୍ଦଲ ଏମ୍ ଅକତାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଗୌରବ ଶିବାଜୀ ଇସଲୱାର, ଆଇ.ଟି.ଡି.ଏର କାରୁ ସୋରେନ, ଉପ ଜିଲାପାଳ ବେଣୁଧର ଶବର, ଡିଏଫଓ ଅମିତାରାଣୀ ରୟ, ପଟ୍ଟାଙ୍ଗି ବିଡିଓ ସୌମ୍ୟ ସାର୍ଥକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବୁଲାକୁକୁରଙ୍କୁ ହଟାଇବା ନିର୍ଦ୍ଦେଶକୁ ବିରୋଧ

■ **ଅସନ୍ତୋଷ ବ୍ୟକ୍ତକଲେ କୁକୁରପ୍ରେମୀ**
■ **ପୁଣି ଟୁଇଟ୍ କରି ବୁଝାଇଲେ ମନ୍ତ୍ରୀ**

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ହାଇଦ୍ରାବାଦରେ ୪ ବର୍ଷର ଶିଶୁପୁତ୍ରକୁ ବୁଲାକୁକୁର ଝୁଣି ମାରିଦେବା ଘଟଣା ପରେ ଓଡ଼ିଶାରେ ରାସ୍ତାକଡ଼ରୁ ବୁଲା କୁକୁରଙ୍କୁ ହଟାଇବାକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ମନ୍ତ୍ରୀ ଗତ ୨୨ ତାରିଖରେ ଟୁଇଟ୍ କରି ଓଡ଼ିଶାର ସମସ୍ତ ଜିଲାର ଚିଫ୍ ଡିଷ୍ଟ୍ରିକ୍ଟ ଭେଟେରିନାରି ଅଫିସର(ସିଡିଭିଓ)ଙ୍କୁ ସତର୍କ କରାଇବା ସହ ରାସ୍ତାରୁ ବୁଲାକୁକୁରଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିବା କହିଥିଲେ। ତେବେ ମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିବାବେଳେ କୁକୁରପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ସେମାନେ ବିରୋଧ କରିଛନ୍ତି।

ଏ ସମ୍ପର୍କରେ କୁକୁରପ୍ରେମୀ ସ୍ୱାଗତିକା ଆଚାର୍ଯ୍ୟ କହିଛନ୍ତି, ଆମ ସମାଜରେ ବୁଲା କୁକୁରଙ୍କର ରହିବାର ଅଧିକାର ଅଛି। ଗୋଟିଏ ଘଟଣାକୁ କେନ୍ଦ୍ର କରି ରାସ୍ତାରୁ ବୁଲାକୁକୁର ହଟାଇବା ନିଷ୍ପତ୍ତି ଠିକ୍ ନୁହେଁ। ସବୁ କୁକୁର ପ୍ରତି ଏଭଳି ଅତ୍ୟାଚାର ଗ୍ରହଣୀୟ ନୁହେଁ। ଅନ୍ୟପକ୍ଷରେ ଜଣେ ସାଧାରଣ ଲୋକ ରାକେଶ ରଞ୍ଜନ ପ୍ରଧାନ କହିଛନ୍ତି, କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବୁଲା କୁକୁର କାମୁଡ଼ାରେ ଅନେକ ଆହତ ହେଉଛନ୍ତି। କୁକୁର ପାଇଁ ରାତି ଓ ସକାଳେ ରାସ୍ତାରେ ଯିବା ଆସିବା କରିବାକୁ ଭୟ ଲାଗୁଛି। ରାସ୍ତାରେ ଆକ୍ରମଣ କରୁଥିବା କୁକୁରଙ୍କୁ ହଟାଇବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। କିନ୍ତୁ ସେମାନଙ୍କୁ ଠିକ୍ ଭାବରେ ପୁନଃଥଇଥାନ କରାଯିବା ଉଚିତ। ପିପୁଲ ଫର୍ ଏଥିକାଲ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ(ପେଟା) ଇଣ୍ଡିଆ କ୍ୟାମ୍ପେନର ମ୍ୟାନେଜର ରାଧିକା ସୂର୍ଯ୍ୟବଂଶୀ କହିଛନ୍ତି, ବନ୍ଧ୍ୟାକରଣ ହେଉଛି ଏହାର ଏକମାତ୍ର ସମାଧାନ। ତେବେ କୁକୁରପ୍ରେମୀଙ୍କ ମଧ୍ୟରେ ଏଭଳି ପ୍ରତିବାଦ ହେବା ପରେ ମନ୍ତ୍ରୀ ପୁଣି ଟୁଇଟ୍ କରି ତାଙ୍କ ପୂର୍ବ ଟୁଇଟ୍‌କୁ ଭୁଲ୍ ବୁଝିବା ଉଚିତ ନୁହେଁ ବୋଲି କହିଛନ୍ତି। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ପଡ଼ୋଶୀ ରାଜ୍ୟରେ ବୁଲାକୁକୁରର ଆକ୍ରମଣାତ୍ମକ ଆଚରଣ ଘଟଣା ପରେ ଓଡ଼ିଶା ସରକାର ଏହି ଘଟଣାକୁ ନଜର ରଖିଛନ୍ତି। ଏବିସି କାର୍ଯ୍ୟକ୍ରମ ମାଧ୍ୟମରେ ବନ୍ଧ୍ୟାକରଣକୁ ବୃଦ୍ଧି କରି ସମ୍ପୃକ୍ତ ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ବୁଲା କୁକୁରଙ୍କ ସଂଖ୍ୟା ୧୭ଲକ୍ଷରୁ ଅଧିକ ରହିଛି। ଏହା ଦେଶରେ ଦ୍ୱିତୀୟ। ୨୦୧୯ ପଶୁପାଳନ ଗଣନା ବା ଲାଇଭ୍‌ଷ୍ଟକ ସେନ୍‌ସେସ୍ ଅନୁସାରେ ଓଡ଼ିଶାରେ ୧୭,୩୪,୩୯୯ ବୁଲାକୁକୁର ଥିବାବେଳେ ଉତ୍ତରପ୍ରଦେଶରେ ସର୍ବାଧିକ ୨୦,୫୯,୨୬୧ ରହିଛନ୍ତି। ଓଡ଼ିଶାରେ ୨୦୧୨ ଗଣନା ତୁଳନାରେ ୨୦୧୯ରେ ଏହି ସଂଖ୍ୟା ବହୁଗୁଣ ବୃଦ୍ଧି ପାଇଥିଲା। ୨୦୧୨ରେ ଓଡ଼ିଶାରେ ୮,୬୨,୫୨୦ ବୁଲା କୁକୁର ଥିଲେ। ରାଜ୍ୟରେ ଆନିମଲ ବାର୍ଥ କଣ୍ଟ୍ରୋଲ(ଏବିସି) କାର୍ଯ୍ୟକ୍ରମ ବିଫଳ ହୋଇଥିବା ଏହି ସଂଖ୍ୟାରୁ ପ୍ରମାଣିତ କରୁଛି। ପୁଣି ଶେଷ ୩ବର୍ଷରେ ରାଜ୍ୟରେ କୁକୁର ସଂଖ୍ୟା ଆହୁରି ବୃଦ୍ଧି ପାଇଥିବାରୁ ବୁଲା କୁକୁରଙ୍କୁ ନିୟନ୍ତ୍ରଣ କରିବା ରାଜ୍ୟ ପାଇଁ ଆହ୍ୱାନ ହୋଇଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ନବନିଯୁକ୍ତ ମୁଖ୍ୟ ଶାସନ ସଚିବ



## 'ଶ୍ରୀମନ୍ଦିର ସମସ୍ୟା ଦୂର, ପୁରୀର ବିକାଶ ପାଇଁ ପଦକ୍ଷେପ ନେବି'

ପୁରୀ ଅଫିସ, ୨୬।୨

ଆସନ୍ତା ମାର୍ଚ୍ଚ ୧ତାରିଖରେ ବରିଷ୍ଠ ଆଇଏଏସ୍ ଅଫିସର ପ୍ରଦୀପ କୁମାର ଜେନା ରାଜ୍ୟର ନୂତନ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ ଜେନା ତାଙ୍କ ସହଧର୍ମିଣୀଙ୍କ ସହ ରବିବାର ରାତି ପ୍ରାୟ ୧୦.୩୦ରେ ପୁରୀରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଜେନା ସସ୍ତ୍ରୀକ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ ଓ ପରିଚାଳନା କମିଟି ସଦସ୍ୟମାନେ ତାଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ। ଜେନା ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତରବେଢ଼ାରେ ଥିବା ଦେବଦେବୀଙ୍କୁ ଦର୍ଶନ କରିସାରି ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତମାନଙ୍କ ପକ୍ଷରୁ ଜେନାଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପାଟ, ପତିତପାବନ ବାନା, ଶୁଖିଲା ମହାପ୍ରସାଦ ଆଦି ପ୍ରଦାନ କରାଯାଇଥିଲା।

ଏହି ଅବସରରେ ନବନିଯୁକ୍ତ ମୁଖ୍ୟ ଶାସନ ସଚିବ ଜେନା କହିଥିଲେ, 'ମହାପ୍ରଭୁଙ୍କ ଇଚ୍ଛା ବିନା କିଛି ହୁଏନାହିଁ। ମୋର ନୂତନ ନିଯୁକ୍ତି ପଛରେ ମହାପ୍ରଭୁଙ୍କର ଆଶୀର୍ବାଦ ରହିଛି। କିଛି ଆରମ୍ଭ କରିବା ପୂର୍ବରୁ ମୁଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥାଏ। ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମଣୁଛି। ଓଡ଼ିଶାର ଉନ୍ନତି ଏବଂ ସମସ୍ତଙ୍କୁ ଆଗେଇ ନେବା ପାଇଁ ପ୍ରାର୍ଥନା କରିଛି। ପୁରୀ ସହର ପାଇଁ ରାଜ୍ୟ ସରକାରଙ୍କର ବଡ଼ ଯୋଜନା ରହିଛି। ପୁରୀର ବିକାଶ ପାଇଁ ଯାହା ମୋ' ଦ୍ୱାରା ସମ୍ଭବ ସବୁ କରିବି। ଶ୍ରୀମନ୍ଦିର ନୀତିକାନ୍ତି ଓ ଅନ୍ୟାନ୍ୟ ବିଷୟରେ ମୋର ଅଭିଜ୍ଞତା ରହିଛି। ତେଣୁ ଶ୍ରୀମନ୍ଦିର ଓ ପୁରୀର ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରିବି ବୋଲି ସେ ପ୍ରକାଶ କରିଥିଲେ। ସେହିପରି ସ୍ଥାୟୀ ଶ୍ରୀମନ୍ଦିର ପ୍ରଶାସକ ନିଯୁକ୍ତି ସମ୍ପର୍କରେ ସରକାର ପଦକ୍ଷେପ ନେବେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

# ପାକିସ୍ତାନ ହସ୍ପିଟାଲରେ ଜରୁରୀ ଔଷଧ, ଉପକରଣ ଅଭାବ

■ **ଅସ୍ତ୍ରୋପଚାର କରିପାରୁନାହାନ୍ତି ଡାକ୍ତର**

ଇସଲାମାବାଦ, ୨୬।୨

ପାକିସ୍ତାନରେ ଆର୍ଥିକ ସଙ୍କଟ ଗମ୍ଭୀର ସ୍ଥିତିରେ ପହଞ୍ଚିଥିବାବେଳେ ଏହାଦ୍ୱାରା ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଗୁରୁତର ପ୍ରଭାବିତ ହୋଇଛି। ଅତ୍ୟାବଶ୍ୟକ ଔଷଧ ନ ପାଇ ରୋଗୀ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ବିଦେଶୀ ବିନିମୟ ରିଜର୍ଭ(ଫରେକ୍ସ) ଅଭାବରୁ ଅତ୍ୟାବଶ୍ୟକ ଔଷଧ, ଔଷଧ ପ୍ରସ୍ତୁତିରେ ବ୍ୟବହୃତ କଞ୍ଚାମାଲ ଏବଂ ଡାକ୍ତରୀ ସାମଗ୍ରୀ ଆମଦାନି କରିବାରେ ପାକିସ୍ତାନ ବିଫଳ ହୋଇଛି, ଯାହା ଫଳରେ ସ୍ଥାନୀୟ ଔଷଧ ନିର୍ମାତା କମ୍ପାନୀଗୁଡ଼ିକ ଉତ୍ପାଦନ ହ୍ରାସ କରିବାକୁ ବାଧ୍ୟ ହୋଇଛନ୍ତି। ଔଷଧ ଏବଂ ଡାକ୍ତରୀ ଉପକରଣ ଅଭାବ କାରଣରୁ ଡାକ୍ତରମାନେ ଅସ୍ତ୍ରୋପଚାର କରିପାରୁ ନାହାନ୍ତି। ପାକିସ୍ତାନୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅସ୍ତ୍ରୋପଚାର ପାଇଁ ଆନାସ୍ଥେସିଆ ଅତି ଜରୁରୀ ହୋଇଥିବାବେଳେ ଏହା ମାତ୍ର ୨ ସପ୍ତାହ ପାଇଁ ଷ୍ଟକ୍ ରହିଛି। ଏଥିସହିତ ପାକିସ୍ତାନ ହସ୍ପିଟାଲଗୁଡ଼ିକରେ କର୍ମଚାରୀ ଛଟେଇ ମଧ୍ୟ ରୋଗୀଙ୍କୁ ଆହୁରି ଦୟନୀୟ ସ୍ଥିତିକୁ ନେଇଯାଇଛି। ଉପରୋକ୍ତ ସମସ୍ୟା ପାଇଁ ଔଷଧ କମ୍ପାନୀଗୁଡ଼ିକ ଦେଶର ଆର୍ଥିକ ବ୍ୟବସ୍ଥାକୁ ଦାୟୀ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପ୍ରଦୀପ ଜେନା ନୂଆ ...


ସୁରେଶ ଚନ୍ଦ୍ର ମହାପାତ୍ର


ଅନୁ ଗର୍ଗ

ଏହାପରେ ସେ କଳାହାଣ୍ଡି ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ୧୯୯୯ ମହାବାତ୍ୟା ସମୟରେ ସେ କଟକ ଜିଲାପାଳ ଭାବେ କାର୍ଯ୍ୟ କରିଥିଲେ। ସେ ରାଜ୍ୟ ସରକାରଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିସାରିଛନ୍ତି।

ଜେନାଙ୍କୁ ଓଡ଼ିଶା ପ୍ରଶାସନିକ ସେବା ମୁଖିଆ ପଦରେ ନିଯୁକ୍ତ କରାଯିବା ପରେ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ଅନୁ ଗର୍ଗଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ସେ ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଦାୟିତ୍ୱ ସହ ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରିବେ। ଅନ୍ୟପକ୍ଷରେ ବିଦାୟୀ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ରାଜ୍ୟ ସରକାର ଥଇଥାନ କରିଛନ୍ତି। ତାଙ୍କୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିବା ନେଇ ଶକ୍ତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତାଙ୍କୁ ଏହି ଦାୟିତ୍ୱ ମିଳିପାରେ ବୋଲି ପୂର୍ବରୁ ଆଲୋଚନା ହେଉଥିଲା। ଗର୍ଗ ଏବଂ ମହାପାତ୍ର ଆସନ୍ତା ୧ ତାରିଖରୁ ନୂଆ ଦାୟିତ୍ୱ ଗ୍ରହଣ କରିବେ।

### ୩ରୁ ୩୦କୁ ଖସିଲେ ...

୩ରୁ ୩୦ ନମ୍ବରକୁ ଓହ୍ଲାଇଆସିଛନ୍ତି।

ବନ୍ଦରରୁ ବିମାନବନ୍ଦର, ଖାଇବା ତେଲରୁ ନେଇ କମୋଡିଟିଜ୍, ବିଦ୍ୟୁତ୍, ସିମେଣ୍ଟ ଏବଂ ଡାଟା ସେଣ୍ଟର ପର୍ଯ୍ୟନ୍ତ ବ୍ୟବସାୟ ପରିଚାଳନା କରୁଥିବା ଏହି ବିଜ୍‌ନେସ୍ ଗ୍ରୁପ୍‌ର ଶେୟାର ମାର୍କେଟରେ ତାଲିକାଭୁକ୍ତ ୧୦ କମ୍ପାନୀ ମାସକରେ ୧୨.୦୬ ଲକ୍ଷ କୋଟି ଟଙ୍କା କ୍ଷତି ସହିଲାଣି। ଏହି କ୍ଷତିର ପରିମାଣ ଭାରତର ଦ୍ୱିତୀୟ ମୂଲ୍ୟବାନ୍ କମ୍ପାନୀ ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍)ର ମାର୍କେଟ କ୍ୟାପିଟାଲାଇଜେଶନ୍ ସହ ସମାନ। ହିଣ୍ଡେନ୍‌ବର୍ଗ ରିପୋର୍ଟ ପ୍ରକାଶ ପାଇବା ପୂର୍ବରୁ ଆଦାନୀଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୧୨୦ ବିଲିୟନ ଡଲାର ଥିବାବେଳେ ୮୦.୬ ବିଲିୟନ ଡଲାର କ୍ଷତି ସହ ବର୍ତ୍ତମାନ ପ୍ରାୟ ୪୦ ବିଲିୟନ ଡଲାରରେ ସୀମିତ ରହିଛି। ଆଦାନୀଙ୍କ ବ୍ୟବସାୟିକ ପ୍ରତିଦ୍ୱନ୍ଦୀ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ ମୁଖ୍ୟ ମୁକେଶ ଅମ୍ବାନୀ ୮୧.୭ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ସହ ବର୍ତ୍ତମାନ ବିଶ୍ୱର ଧନୀ ବ୍ୟକ୍ତିଙ୍କ ତାଲିକାରେ ଦଶମ ସ୍ଥାନ ଅଧିକାର କରିଛନ୍ତି। ଆମେରିକାର ପୂର୍ବତନ ଟ୍ରେଜେରି ସେକ୍ରେଟାରି ତଥା ହାର୍ଭାର୍ଡ ୟୁନିଭର୍ସିଟିର ପ୍ରାକ୍ତନ ଅଧ୍ୟକ୍ଷ ଲାରି ସମର୍ସ ଆଦାନୀ ଗ୍ରୁପ୍‌ର ସଙ୍କଟକୁ ଏନ୍‌ରନ୍ କ୍ରାଇସିସ୍ ସହ ତୁଳନା କରିଛନ୍ତି। ୨୦୦୧ ଅକ୍ଟୋବରରେ ଆମେରିକୀୟ ଏନର୍ଜି ମେଜର ଏନ୍‌ରନ୍ କର୍ପୋରେଶନ୍‌ର ସ୍କାଣ୍ଡାଲ ପଦାକୁ ଆସିଥିଲା। ହ୍ୟୁଷ୍ଟନ୍‌ରେ ମୁଖ୍ୟାଳୟ ଥିବା ଏହି ବିଦ୍ୟୁତ୍ କମ୍ପାନୀର ଦୁର୍ନୀତି ପ୍ରଘଟ ହେବା ପରେ ଏହାକୁ ଦେବାଳିଆ ଘୋଷଣା କରାଯାଇଥିଲା। ତେଣୁ ଆଦାନୀ ଗ୍ରୁପ୍‌ର ଅଧଃପତନ ଭାରତରେ 'ଏନ୍‌ରନ୍ ମୁମେଣ୍ଟ' ଭଳି ସ୍ଥିତି ଉପୁଯାଇପାରେ ବୋଲି ବ୍ଲୁମ୍‌ବର୍ଗର ୱାଲ୍ ଷ୍ଟ୍ରିଟ୍ ୱିକ୍‌କୁ ସାକ୍ଷାତ୍କାର ବେଳେ ଲାରି ଆଶଙ୍କା ବ୍ୟକ୍ତ କରିଛନ୍ତି। ଲାରି ଆହୁରି କହିଛନ୍ତି, ଭାରତ ବିଶ୍ୱର ସବୁଠୁ ଦ୍ରୁତତମ ଅର୍ଥନୀତି ଭାବେ ଉଭା ହେବାରେ ଲାଗିଛି। ଜି୨୦ ସମ୍ମିଳନୀର ଅଧ୍ୟକ୍ଷତା କରୁଥିବା ଭାରତ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିବାବେଳେ ଆଦାନୀ ସଙ୍କଟ ସବୁକିଛିକୁ ପାଣିରେ ପକାଇଦେଇପାରେ।

ପ୍ରକାଶ ଯେ, ଆଦାନୀ ଏଣ୍ଟରପ୍ରାଇଜେସ୍‌ର ବହୁପ୍ରତୀକ୍ଷିତ (୨୦,୦୦୦ କୋଟି ଟଙ୍କାର) ଫଲୋ-ଅନ୍ ପବ୍ଲିକ ଅଫର୍ (ଏଫ୍‌ପିଓ) ଆସିବା ପୂର୍ବରୁ ଗତ ଜାନୁୟାରୀ ୨୪ରେ ନ୍ୟୁୟର୍କଭିତ୍ତିକ ଆକ୍ଟିଭିଷ୍ଟ ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ୪୧୩ ପୃଷ୍ଠା ସମ୍ବଳିତ ଏକ ରିପୋର୍ଟ ପ୍ରକାଶ କରିଥିଲା। ଆଦାନୀ ଗ୍ରୁପ୍‌ର ଷ୍ଟକ୍‌ଗୁଡ଼ିକରେ ଏବଂ ଆକାଉଣ୍ଟରେ ବ୍ୟାପକ ହେରଫେର ହୋଇଥିବା ଦର୍ଶାଇ ନାଥନ୍ ଆଣ୍ଡର୍ସନଙ୍କ ଏହି ସଂସ୍ଥା ଶର୍ଟ ସେଲିଂ କରିଥିଲା। ଏପରି କି ଆଦାନୀ ଗ୍ରୁପ୍‌ର ୧୦ କମ୍ପାନୀର ଶେୟାର ମୂଲ୍ୟ ୮୫% ପର୍ଯ୍ୟନ୍ତ ଖସିବ ବୋଲି ଭବିଷ୍ୟବାଣୀ କରିଥିଲା, ଯାହାକି ଏବେ ସତ ହେବାକୁ ଯାଉଛି।

### ସତ ପ୍ରଘଟ ହେବାଯାଏ ...

ସୁରକ୍ଷା ଦେବା ପାଇଁ ଆଗେଇ ଆସିଛନ୍ତି। ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କ କ'ଣ ବୋଲି ସଂସଦରେ ଆମେ ପ୍ରଶ୍ନ କରିଥିଲୁ। ଏହାର ଉତ୍ତର ମିଳିଲା ନାହିଁ। ଓଲଟା ଆମ ସମ୍ପୂର୍ଣ୍ଣ ଭାଷଣକୁ ସଂସଦୀୟ ରେକର୍ଡରୁ ବାଦ୍ ଦିଆଗଲା। ତେଣୁ ସତ ପ୍ରଘଟ ନ ହେବା ଯାଏ ଆମେ ନୀରବ ରହିବୁ ନାହିଁ ବୋଲି କଂଗ୍ରେସର ୮୫ତମ ମହାଅଧିବେଶନକୁ ସମ୍ବୋଧିତ କରି ରାହୁଲ କହିଛନ୍ତି। ୱାୟନାଡ୍ ଏମ୍‌ପି ରାହୁଲ ଆହୁରି କହିଛନ୍ତି, ଏହି କମ୍ପାନୀ ଦେଶକୁ ନଷ୍ଟ କରିବାକୁ ବସିଲାଣି। ଆଦାନୀ ଗ୍ରୁପ୍ ଭାରତର ସମସ୍ତ ଭିତ୍ତିଭୂମିକୁ ଛଡ଼ାଇନେଇଛି। ସ୍ୱାଧୀନତା ସଂଗ୍ରାମ ସବୁ ସମ୍ପତ୍ତି ଓ ବନ୍ଦରକୁ ଦଖଲ କରିନେଇଥିବା ଇଷ୍ଟ ଇଣ୍ଡିଆ କମ୍ପାନୀ ବିରୋଧରେ ଲଢ଼ାଯାଇଥିଲା। ଏବେ ଇତିହାସର ପୁନରାବୃତ୍ତି ଘଟୁଛି। ଦେଶ ଭିତରର ଏକ କମ୍ପାନୀ ସବୁ ଲୁଟିନେଉଥିବାବେଳେ ଆମେ ଏହାକୁ ବିରୋଧ ଜାରି ରଖିବୁ। ମୋଦି-ଆଦାନୀଙ୍କ ସମ୍ପର୍କ ଉପରେ ପ୍ରଶ୍ନ କରୁଥିବୁ ବୋଲି ରାହୁଲ କହିଛନ୍ତି।

### ସିସୋଡିଆଙ୍କୁ ଗିରଫ ...

ସିସୋଡିଆ ସହଯୋଗ କରିବା ପରିବର୍ତ୍ତେ ତଦନ୍ତକାରୀ ଅଧିକାରୀମାନଙ୍କ ପ୍ରଶ୍ନଗୁଡ଼ିକୁ ଏଡ଼ାଇଦେଇଥିଲେ। କୌଣସି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ରାତିରେ ତାଙ୍କୁ ଗିରଫ କରାଯାଇଥିବା ଏଜେନ୍ସି ପକ୍ଷରୁ ସୂଚନା ଦିଆଯାଇଛି। ସିବିଆଇ ଅଧିକାରୀମାନେ ଆହୁରି କହିଛନ୍ତି, ସିସୋଡିଆଙ୍କୁ ହାଜତରେ ରଖି ପ୍ରଶ୍ନ କରାଯିବ। ଏହି ପ୍ରସଙ୍ଗରେ ଖୁବ୍‌ଶୀଘ୍ର ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରାଯିବ। ସିବିଆଇ ଅଫିସକୁ ଯିବା ପୂର୍ବରୁ ସିସୋଡିଆ ତାଙ୍କୁ ଗିରଫ କରାଯାଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଥିଲେ। ନିଜ ସମର୍ଥକମାନଙ୍କ ସହ ସେ ରାଜଘାଟକୁ ଯାଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ଦିଲ୍ଲୀ ପୋଲିସ ଜେଏଲ୍‌ଏନ୍ ଷ୍ଟାଡିୟମ୍ ରୋଡ୍‌ରେ ୪ ସ୍ତରୀୟ ସୁରକ୍ଷା ବନ୍ଦୋବସ୍ତ କରିଥିଲା। ସିବିଆଇ ମୁଖ୍ୟାଳୟରୁ ୫୦୦ ମିଟର ଦୂରରେ ଥିବା ସ୍କୋପ୍ କମ୍ପ୍ଲେକ୍ସରେ ବିକ୍ଷୋଭ ଏଡ଼ାଇବା ଲାଗି ଲୋକଙ୍କ ଯାତାୟାତକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ନିଜ ସରକାରୀ ଗାଡ଼ି (ଧଳା ରଙ୍ଗର ଇଭି)ରେ ଥାଇ ସମର୍ଥକ ଓ ଗଣମାଧ୍ୟମକୁ ସମ୍ବୋଧନ କରି ସିସୋଡିଆ କହିଥିଲେ, ମୋତେ ସେମାନେ ଗିରଫ କରିପାରନ୍ତି। ସାମ୍ବାଦିକତା ଛାଡ଼ିବା ପରେ ମୋ ସ୍ତ୍ରୀ ମୋତେ ସମର୍ଥନ କରିଥିଲେ। ଆଜି ମଧ୍ୟ ପରିବାର ମୋ ସହ ଛିଡ଼ା ହୋଇଛି। ମୁଁ ଗିରଫ ହେଲେ ମୋ କାର୍ଯ୍ୟ ପରିବାରର କାମରେ ଆସିବ। ୭-୮ ମାସ ଜେଲରେ ରହିବାକୁ ପ୍ରସ୍ତୁତ ବୋଲି ସିସୋଡିଆ କହିଛନ୍ତି।

ପ୍ରକାଶ ଯେ, ସିବିଆଇ ଏଫ୍‌ଆଇଆର୍‌ରେ ୧ ନମ୍ବର ଅଭିଯୁକ୍ତ ଥିବା ସିସୋଡିଆଙ୍କୁ ପ୍ରଥମେ ୨୦୨୨ ଅକ୍ଟୋବର ୧୭ରେ ପ୍ରଶ୍ନ କରାଯାଇଥିଲା। ଏହାର ମାସକ ପରେ ଅର୍ଥାତ୍ ନଭେମ୍ବର ୨୫ରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ସିବିଆଇ ସିସୋଡିଆଙ୍କ ସମେତ ଅର୍ବ ଗୋପୀ କ୍ରିଷ୍ଣା (ପୂର୍ବତନ ଅବକାରୀ କମିଶନର), ଆନନ୍ଦ ତିୱାରୀ (ତତ୍କାଳୀନ ଡେପୁଟି କମିଶନର), ପଙ୍କଜ ଭଟ୍ଟନାଗର (ଆସିଷ୍ଟାଣ୍ଟ କମିଶନର), ବିଜୟ ନାୟାର (ଏଣ୍ଟରଟେନ୍‌ମେଣ୍ଟ ଆଣ୍ଡ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ କମ୍ପାନୀ 'ଓନ୍‌ଲି ମଚ୍ ଲାଉଡର୍' ପୂର୍ବତନ ସିଇଓ), ମନୋଜ ରାୟ (ପେର୍ନୋଡ୍ ରିଚାର୍ଡର ପୂର୍ବତନ କର୍ମଚାରୀ), ଅମନଦୀପ ଧଳ(ବ୍ରିଣ୍ଡକୋ ସେଲ୍ସ ନିର୍ଦ୍ଦେଶକ), ସମୀର ମହେନ୍ଦ୍ରୁ (ଇଣ୍ଡୋସ୍ପିରିଟ୍ ଗ୍ରୁପ୍ ଏମ୍‌ଡି)ଙ୍କୁ ଚାର୍ଜଶିଟ୍‌ରେ ଅଭିଯୁକ୍ତ ଭାବେ ଦର୍ଶାଯାଇଛି।

### ଚର୍ଚ୍ଚିଲ ପ୍ରଧାନମନ୍ତ୍ରୀ ...

ହିରୋସିମା ଓ ନାଗାସାକିରେ ପରମାଣୁ ବୋମା ଫିଙ୍ଗାଯାଇଥିବା ୩୦% ଲୋକ ଜାଣନ୍ତି। ତେବେ ଯୁଦ୍ଧ ସମ୍ପର୍କିତ ଅନେକ ତଥ୍ୟ ବିଷୟରେ ଯୁବପିଢ଼ି ଜାଣି ନ ଥିବା ସର୍ଭେରୁ ଜଣାପଡ଼ିଛି। ବ୍ରିଟେନ୍ ଯୁବପିଢ଼ିଙ୍କୁ ଯୁଦ୍ଧ ସମ୍ପର୍କରେ ଅବଗତ କରାଇବା ଏବେ ଜରୁରୀ ହୋଇପଡ଼ିଥିବା ରେଲିକ ଏଣ୍ଟରଟେନ୍‌ମେଣ୍ଟ ଆଇଏନ୍‌ସିର ଉପସଭାପତି ଡେଭିଡ୍ ଲିଟମାନ୍ କହିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ବିଶେଷଜ୍ଞ ତଥା କମେଡିଆନ୍ ଅଲ ମୁରେ ମଧ୍ୟ ଏହି ସର୍ଭେରେ ସାମିଲ ହୋଇଥିଲେ। ତେବେ ଭିଡିଓ ଗେମ୍ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମ୍ପର୍କରେ ଜାଣିବାକୁ ଆଗ୍ରହ ଥିବା କାରଣରୁ ସେ ଏଥିରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି।

### ସଞ୍ଜ ହେଲେ ...

ମାତ୍ର ଭାଲୁ ଏକ ହିଂସ୍ର ଜନ୍ତୁ ହୋଇଥିବାରୁ ତାକୁ ଦେଖିଲେ ତା'ଠାରୁ ଦୂରେଇ ଯିବା ସହ ତାକୁ ତା' ବାଟରେ ଯିବା ପାଇଁ ବନ ବିଭାଗ ପକ୍ଷରୁ କୁହାଯାଇଛି। ଭାଲୁଙ୍କୁ ଘଉଡ଼ାଇବା ଆବଶ୍ୟକ ପଡ଼ିଲେ ବନ କର୍ମଚାରୀଙ୍କୁ ସୂଚନା ଦେବାକୁ କୁହାଯାଇଛି। ଅନ୍ୟପଟେ ଭାଲୁ ହିଂସ୍ର ସ୍ୱଭାବର ହୋଇଥିବାରୁ ଜଙ୍ଗଲ ବିଭାଗ ପକ୍ଷରୁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇ କହିଛନ୍ତି, ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି। ଏକୁଟିଆ ଘରୁ ବାହାରିବେନି, ଯଥାସମ୍ଭବ ସାଙ୍ଗରେ ୨ରୁ ୩ ଜଣ ଆବଶ୍ୟକ ପଡ଼ିଲେ ବାହାରକୁ ବାହାରିବାକୁ କୁହାଯାଉଛି। ଏଥିସହ ବିଭାଗ ପକ୍ଷରୁ ନିୟମିତ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇ ପରିସ୍ଥିତି ଉପରେ ନଜର ରଖାଯାଉଛି ବୋଲି ସେ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ଶୁଭକାର୍ଯ୍ୟ ପରିପ୍ରେକ୍ଷୀରେ ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ କାମରେ ଶିଥିଳତା ପରିଲକ୍ଷିତ ହେବ। ଅତ୍ୟାବଶ୍ୟକ ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** ରାଶିରେ ଚନ୍ଦ୍ର ଓ ମଙ୍ଗଳ ରହିଥିବାରୁ ସମ୍ପର୍କୀୟଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। କଠୋର ଶ୍ରମ ଶେଷରେ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବିବାଦୀୟ ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ।

**ମିଥୁନ** ସମସ୍ୟା ଲାଗି ରହୁଥିବାରୁ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ଅର୍ଥପ୍ରାପ୍ତିର ଲାଳସା ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ପାଖ ପଡ଼ୋଶୀଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**କର୍କଟ** ସାମାନ୍ୟ ଖର୍ଚ୍ଚାନ୍ତ ହେବା ଦ୍ୱାରା ଦୀର୍ଘଦିନର ଆଶା ଫଳବତୀ ହୋଇପାରିବ। କର୍ମସ୍ଥ ରାହୁଙ୍କ ପ୍ରଭାବରୁ ଅଫିସ୍ ସମ୍ବନ୍ଧୀୟ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହାଯ୍ୟର ଗନ୍ଧ ନ ଥାଇ ସାଙ୍ଗମାନଙ୍କ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ସିଂହ** ଆଗାମୀ କାର୍ଯ୍ୟ ସକାଶେ ସମ୍ପର୍କୀୟଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ କଲେ ଉପକୃତ ହେବେ। ଶୁକ୍ରଙ୍କ ପ୍ରଭାବରେ କଳା, ସାହିତ୍ୟ, ସାମ୍ବାଦିକତାକୁ ନେଇ ସମ୍ମାନ ଲଭିବେ। କେତେକ ଘରୋଇ କାମ ସକାଶେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା** ମନ କଥା ଗୋପନ ରଖି, ଉପର ମନରେ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ। ରାଶିପ୍ରତି ଶୁଭଗ୍ରହର ଦୃଷ୍ଟିଜନିତ ପାରିବାରିକ ସ୍ତରରେ ସହମତିରେ କାମ କଲେ ଉପକୃତ ହେବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ଶୁଭ କାର୍ଯ୍ୟରେ ବନ୍ଧୁମିଳନ ସାଙ୍ଗକୁ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ। ସରକାରୀ ଦପ୍ତରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ମଙ୍ଗଳଙ୍କ ଦୃଷ୍ଟି ପ୍ରଭାବରୁ ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା** ବନ୍ଧୁଙ୍କ ସହ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେଇପାରେ। ରାସ୍ତାରେ ଗମନାଗମନ କ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଅନୁରାଧାର ଜମିଜମା କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ** ପାରିବାରିକ ଅସ୍ଥିରତା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମୂଳା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପରିବହନ କ୍ଷେତ୍ରରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ବନ୍ଧୁମେଳରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଅର୍ଥାଭାବ ଯୋଗୁ ବିଚଳିତ ହେବେ।

**ମକର** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ସହକର୍ମୀମାନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ। ପାରିବାରିକ କ୍ଷେତ୍ରରେ ଆଳାପ ଆଲୋଚନାରେ ଅଧିକାଂଶ ସମୟ କଟାଇବେ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବାକୁ ମନ ବଳାଇ ପାରନ୍ତି। ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉଦ୍‌ବେଗଜନକ ରହିବ।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟା ବିଜଡିତ ହୋଇ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ। କିନ୍ତୁ ଶତଭିଷା ନକ୍ଷତ୍ର ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପାରିବାରିକ ଖର୍ଚ୍ଚର ଭରଣା କରିବାକୁ ଧାର ଉଧାର କରିବାକୁ ପଡ଼ିପାରେ। ବ୍ୟକ୍ତିଗତ କ୍ଷେତ୍ରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ରେବତୀ ନକ୍ଷତ୍ର ହାତପାହାନ୍ତାରେ ସୁଯୋଗ ପାଇବେ। ଈର୍ଷା ପରାୟଣ ବ୍ୟକ୍ତିମାନେ ହଠାତ୍ ବିରୋଧୀ ମନୋବୃତ୍ତି ନେଇ ସକ୍ରିୟ ହୋଇ ଉଠିବେ। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ।

ଆଜି ଫାଲଗୁନ ଶୁକ୍ଳ ଅଷ୍ଟମୀ ସୋମବାର, ଫେବୃୟାରୀ ୨୭ ତାରିଖ, ରାଶି ନକ୍ଷତ୍ର-ରୋହିଣୀ / ବୃଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ ପାଇଁ ଶୁଭ ଦିନ। ଦିବା ଘ.୦୬/୧୧ ମଧ୍ୟେ ଘ.୦୭/୩୮ ଗତେ, ଘ.୧୦/୫୦ ଗତେ, ଘ.୦୧/୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭/୩୮ ଗତେ, ଘ.୦୯/୦୫ ମଧ୍ୟେ ରାହୁକାଳ।

**ସମ୍ପତ୍ତି ପାଇଁ ସ୍ତ୍ରୀ ଓ ୨ ପୁଅଙ୍କୁ ହତ୍ୟା**

ନୂଆଦିଲ୍ଲୀ, ୨୬।୨: ଦିଲ୍ଲୀର ମୋହନ ଗାର୍ଡେନ ଅଞ୍ଚଳରେ ରବିବାର ଜଣେ ବ୍ୟକ୍ତି ସମ୍ପତ୍ତି ପାଇଁ ସ୍ତ୍ରୀ ଓ ଦୁଇ ପୁଅଙ୍କୁ ହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ରବିବାର ଭୋର ସମୟରେ ସ୍ତ୍ରୀ ଓ ପିଲାମାନେ ଶୋଇଥିବାବେଳେ ରାଜେଶ (୩୮) ସେମାନଙ୍କୁ ଛୁରି ଭୁସି ହତ୍ୟା କରିଥିବା ପୋଲିସ କହିଛି। ହତ୍ୟା ପରେ ରାଜେଶ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଚେତ ଅବସ୍ଥାରେ ଥିବା ରାଜେଶଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ୩ ମୃତଦେହକୁ ଜବତ କରି ପୋଲିସ ପୋଷ୍ଟମର୍ଟମ୍ ପାଇଁ ପଠାଇଥିଲା। ରାଜେଶ ସମ୍ପତ୍ତି ପାଇଁ ଏହି ଜଘନ୍ୟ ହତ୍ୟାକାଣ୍ଡ ଭିଆଇଥିବା ସ୍ତ୍ରୀ ସୁନୀତାଙ୍କ ଘର ଲୋକେ ଅଭିଯୋଗ କରିଛନ୍ତି।

# ସୁଯୋଗର ସଦୁପଯୋଗ କରି ସଫଳ

**ଗ୍ରାହକ ସେବାରେ ଢେଙ୍କାନାଳ ଜିଲାର ହିରୋ ବାଇକ୍ ଓ ସ୍କୁଟର ଶୋ'ରୁମ୍ 'ସୋମ୍ ଅଟୋ' ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ଏହାର ଅଧିକୃତ ବିକ୍ରେତା ତଥା ସ୍ୱତ୍ୱାଧିକାରୀ ହର୍ଷବର୍ଦ୍ଧନ ସିଂହଦେଓ ୨ଚକିଆ ଯାନ ବ୍ୟବସାୟରେ ସଫଳତା ହାସଲ କରି ତାଙ୍କର ଲକ୍ଷ୍ୟ ଓ ସ୍ୱପ୍ନକୁ ବାସ୍ତବ ରୂପ ଦେଇଛନ୍ତି। ଦୀର୍ଘ ୧୬ ବର୍ଷ ଧରି ସୋମ ଅଟୋ ମାଧ୍ୟମରେ ହିରୋ ବାଇକ୍ ଓ ସ୍କୁଟର ବ୍ୟବସାୟରେ ଗ୍ରାହକମାନଙ୍କ ମଧ୍ୟରେ ସେ ଏକ ବିଶେଷତ୍ୱ ବଜାୟ ରଖିଛନ୍ତି। ଢେଙ୍କାନାଳ ରାଜ ପରିବାରର ସଦସ୍ୟ ହୋଇଥିଲେ ମଧ୍ୟ ବ୍ୟବସାୟ ପାଇଁ ତାଙ୍କ ମନରେ ସେଭଳି କୌଣସି ଭାବନା ନ ଥିଲା। ତେବେ ହିରୋ କମ୍ପାନୀ ପକ୍ଷରୁ ମିଳିଥିବା ସୁଯୋଗକୁ ସଦୁପଯୋଗ କରି ଆଜି ସେ ଜଣେ ସଫଳ ବ୍ୟବସାୟୀ ହୋଇପାରିଛନ୍ତି। ସୋମ୍ ଅଟୋର ପ୍ରୋପ୍ରାଇଟର ହର୍ଷବର୍ଦ୍ଧନ ସିଂହଦେଓଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର...**






ହର୍ଷବର୍ଦ୍ଧନ ସିଂହଦେଓ

**ପ୍ରଶ୍ନ–୧: କୋଭିଡ୍ ପରବର୍ତ୍ତୀ ମାନ୍ଦାବସ୍ଥାକୁ କିଭଳି ସାମ୍ନା କରିଛନ୍ତି?**

ଉ– କୋଭିଡ୍ ବେଳେ କଟକଣା ଯୋଗୁ ଶଟ୍‌ଡାଉନ ହେବାରୁ ଉତ୍ପାଦନ ବନ୍ଦ ହେଲା ପରେ ଗାଡ଼ିଗୁଡ଼ିକର ଶୋ'ରୁମ୍ ବନ୍ଦ ହେଲା। କିଛି ଲୋକ ଚାକିରି ହରାଇଲେ। ପରବର୍ତ୍ତୀ ସମୟରେ ସ୍ୱାଭାବିକ ଅବସ୍ଥା ଫେରିବା ପରେ ଶୋ'ରମ୍‌ଗୁଡ଼ିକ ଖୋଲିବା ପରେ ମଧ୍ୟ ଲୋକଙ୍କର ଆର୍ଥିକ ମାନଦଣ୍ଡ ଭୁଶୁଡ଼ି ପଡିଥିବାରୁ ଗାଡ଼ି ବିକ୍ରି କମିଥିଲା। ଏଭଳି ପରିସ୍ଥିତିରେ ହିରୋ କମ୍ପାନୀ ମଧ୍ୟ ଆମକୁ ବହୁ ସହଯୋଗ କରିଥିଲା, ଯାହାକୁ କେବେ ଭୁଲି ହେବ ନାହିଁ। କମ୍ପାନୀ ତା'ର ଇଣ୍ଟରେଷ୍ଟ କମ୍ କରିବା ସହ ଷ୍ଟକ୍ ଦେଇ ଆମକୁ ସାହାଯ୍ୟ କଲେ। ଏପରିକି ଅର୍ଥଲଗାଣ ସଂସ୍ଥାମାନେ ମଧ୍ୟ ଗ୍ରାହକମାନଙ୍କ ପାଇଁ ଋଣର ସୁବିଧା କଲେ। ବର୍ତ୍ତମାନ ସୁଦ୍ଧା ଆମେ କୋଭିଡ୍ ପୂର୍ବ ସ୍ଥିତିରେ ଗାଡ଼ି ବିକ୍ରି କ୍ଷେତ୍ରରେ ଆଜି ପର୍ଯ୍ୟନ୍ତ ପହଞ୍ଚି ପାରିନୁ। ଆଉ କିଛି ଦିନ ସମୟ ଲାଗିବ। ଡଲାର ମୂଲ୍ୟ ୨୦୧୯ରେ ୭୧ଟଙ୍କା ଥିଲା। ଆଜି ଏହାର ମୂଲ୍ୟ ୮୩ ଟଙ୍କା। ଏଥିଯୋଗୁ ଆମର ଯେତେ ଇମ୍ପୋର୍ଟେଡ କମ୍ପୋନେଣ୍ଟ ମୂଲ୍ୟ ବଢୁଥିବାରୁ ସମସ୍ୟା ହୋଇଛି।

**ପ୍ରଶ୍ନ–୨: ଅଟୋମୋବାଇଲ ଇଣ୍ଡଷ୍ଟ୍ରିର କେଉଁ ସବୁ ପ୍ରମୁଖ ସମସ୍ୟା ରହିଛି?**

ଉ– ଭାରତରେ ଅଟୋମୋବାଇଲ ଇଣ୍ଡଷ୍ଟ୍ରି ପାଇଁ ବହୁ ନିୟମକାନୁନ୍ ରହିଛି। ଏପରିକି ଦେଶରେ ବେରୋଜଗାରୀ ସମସ୍ୟା ଯୋଗୁ ଲୋକଙ୍କ ହାତରେ ଲିକ୍ୱିଡିଟିର ଅଭାବ ରହିଛି। ପେଟ୍ରୋଲ ଦର ଅହେତୁକ ବୃଦ୍ଧି ହେଉଥିବାରୁ ଗାଡ଼ି ଶିଳ୍ପ ପାଇଁ କ୍ଷତିକାରକ। ସେହିପରି ସେମିକଣ୍ଡକ୍ଟର ଅଭାବ ଯୋଗୁ ଏଥିରେ ୨ ଓ ୪ଚକିଆ ଗାଡ଼ି ଶିଳ୍ପ ଉପରେ ପ୍ରଭାବ ମଧ୍ୟ ପଡୁଛି।

**ପ୍ରଶ୍ନ–୩: ଗାଡି ବିକ୍ରି କିମ୍ବା ସେବାରେ କଭଳି ଉନ୍ନତି କରିପାରିବା?**

ଉ– ପ୍ରଥମେ କଷ୍ଟମରଙ୍କ ପାଇଁ ସୁବିଧା ସୁଯୋଗ ଜରୁରୀ। ଶୋ'ରୁମରେ କଷ୍ଟମରଙ୍କ ସମସ୍ୟା ସମାଧାନ କରିବା ଏବଂ ଋଣ ପ୍ରଦାନ ପାଇଁ ସୁବିଧା ଯେତେ ଭଲ ରହିବ, ସେତିକି ବ୍ୟବସାୟ ବଢ଼ିବ। କୋଭିଡ୍ ପରେ ଡିଜିଟାଲ ପ୍ଲାଟଫର୍ମର ଉପକାରିତା ବଢ଼ିଛି, ଗ୍ରାହକମାନେ ମୋବାଇଲରେ ନିଜ ପସନ୍ଦର ଗାଡ଼ି ଦେଖିବା ସହ ବାଛି ପାରୁଛନ୍ତି ଏବଂ କିଣି ମଧ୍ୟ ପାରୁଛନ୍ତି। ଏହା ମଧ୍ୟ ଏକ ଭଲ ସୁବିଧା। ସେହିପରି ସର୍ଭିସିଂ ପାଇଁ ଆମ ଶୋ'ରୁମର କର୍ମଚାରୀମାନେ ଘରେ ଘରେ ମଧ୍ୟ ସର୍ଭିସ୍ ଦେବା ଭଳି ସୁବିଧା କରାଯାଇଛି। କୌଣସିଠାରେ ଦୁର୍ଘଟଣା ହେଲେ ଫୋନ କଲେ ସେଠାରୁ ମଧ୍ୟ ଆମେ ଗାଡ଼ି ପଠାଇ କ୍ଷତିଗ୍ରସ୍ତ ଗାଡ଼ିକୁ ଆଣି ମରାମତି କରି ଗ୍ରାହକଙ୍କୁ ଦେଉଛୁ।

**ପ୍ରଶ୍ନ–୪: ବର୍ତ୍ତମାନ ସୁଦ୍ଧା ସୋମ୍ ଅଟୋର ଯାତ୍ରା କିଭଳି ରହିଛି?**

ଉ– ୨୦୦୭ରେ ଢେଙ୍କାନାଳ ଜିଲା ପାଇଁ ହିରୋ କମ୍ପାନୀର ଶୋ'ରୁମ୍ ସୋମ୍ ଅଟୋ ଆରମ୍ଭ ହୋଇଥିଲା। ଦୀର୍ଘ ୧୫ବର୍ଷ ମଧ୍ୟରେ ଆମେ ୪୦ହଜାର ଗ୍ରାହକଙ୍କୁ ଗାଡ଼ି ବିକ୍ରି କରିଛୁ। ଏପରି କି ୨ଗୁଣ ଅଧିକ ଗ୍ରାହକଙ୍କୁ ସର୍ଭିସିଂ ସେବା ଯୋଗାଇ ଦେଇଛୁ। ବିଶେଷ କରି କର୍ମଚାରୀମାନଙ୍କର ପରିଶ୍ରମ ଏବଂ ଅଞ୍ଚଳର ଗ୍ରାହକମାନଙ୍କ ନିକଟରେ ଗୁଡୱିଲ ଯୋଗୁ ୧୫ବର୍ଷର ଯାତ୍ରା ସଫଳ ହୋଇଛି।

**ପ୍ରଶ୍ନ–୫: ଇଭି ବଜାରକୁ ନେଇ କେତେ ଆଶାବାଦୀ ଅଛନ୍ତି?**

ଉ– କମର୍ସିଆଲ ଭେହିକିଲ ଆଗକୁ ଇଭି ହେବାକୁ ଯାଉଛି। ଏପରିକି ୨ ଓ ୩ ଚକିଆ ଯାନଗୁଡ଼ିକୁ ଇଭି କରିବା ପାଇଁ ଲକ୍ଷ୍ୟ ରହିଛି। ୨୦୨୨ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଦେଶରେ ୪.୫ ଲକ୍ଷ ଇ–ଯାନ ବିକ୍ରି କରିଛି। ହିରୋ କମ୍ପାନୀ ପକ୍ଷରୁ ମଧ୍ୟ ଚାର୍ଜିଂ ଭିତ୍ତିଭୂମି ବିସ୍ତାର ହେବାକୁ ଯାଉଛି। ପରିବେଶ ସୁରକ୍ଷା ପାଇଁ ସରକାର ଏହାକୁ ପ୍ରୋତ୍ସାହିତ କରିବା ସହ ସବ୍‌ସିଡି ମଧ୍ୟ ଦେଉଛନ୍ତି। ଏଥିସହିତ ଆଗକୁ ମଧ୍ୟ କଠିନ ନିୟମାବଳୀ ଆଣୁଛନ୍ତି। ବର୍ତ୍ତମାନ ଇ–ଯାନର ଚାହିଦା ୨୨% ବଢ଼ିଛି।

# ପୁଅ ପାଇଁ ମଣିଷ ଖପୁରି ସଂଗ୍ରହ

- ଗୁଣିଆ କଥାରେ ପଡ଼ି ଧରାପଡ଼ିଲେ ଯୁବକ
- ସମୁଦ୍ର କୂଳରେ ପୋତାଯାଇଥିଲା ମୃତଦେହ

**ବାହାନଗା, ୨୬।୨ (ଡି.ଏନ.ଏ.)**

ଦୁଇ ଝିଅ ପରେ ପୁଅଟିଏ ଆଶା କରି ଜଣେ ଯୁବକ ଗୁଣିଆ କଥାରେ ପଡ଼ି ସମୁଦ୍ର କୂଳରେ ପୋତା ହୋଇଥିବା ମୃତଦେହରୁ ଖପୁରି କାଟି ନେବାକୁ ଉଦ୍ୟମ କରି ଧରାପଡ଼ିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ବରଜଦେଉଳି ଅଞ୍ଚଳରେ ଏହି ଘଟଣା ଘଟିଛି। ଧରାପଡ଼ିଥିବା ଯୁବକ ଦ୍ୱୟ ହେଲେ ଗୋପାଳପୁର ଥାନା ଅଧୀନ ଆରୁହାବାଡ଼ ଗ୍ରାମର ବାପି କେସି ଓ ତାଙ୍କ ସହଯୋଗୀ ଭାସୁଆ ମହାଳିକ।

ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ଲୋକେ ଓ କେତେଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ଯିବାବେଳେ ୨ ଯୁବକ ସମୁଦ୍ର କୂଳଠାରୁ ଅଳ୍ପ ଦୂରରେ ଥିବା ବାଲିକୁ ଖୋଳୁଥିବା ଦେଖିବାକୁ ପାଇଥିଲେ। ବାଲି ଖୋଳି ଯୁବକଦ୍ୱୟ ସେଠାରେ ପୋତା ହୋଇଥିବା ମୃତଦେହରୁ ମୁଣ୍ଡ ଖପୁରି କାଟିବାକୁ ଉଦ୍ୟମ କରିଥିଲେ। ଗ୍ରାମବାସୀ ଓ ମତ୍ସ୍ୟଜୀବୀ ସେଠାରେ ପହଞ୍ଚି ଉଭୟଙ୍କୁ ଧରି ନିସ୍ଥୁକ ମାଡ଼ ମାରିଥିଲେ। ପରେ ୨୦ନଂ. ଜୋନ୍ ଜିଲାପରିଷଦ ସଭ୍ୟ ଶିଶିର ଅଗସ୍ତି ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ଗୋପାଳପୁର ଫାଣ୍ଡିକୁ ଖବର ଦେଇଥିଲେ। ମଣିଷ ଖପୁରି ଆଣି ପୂଜା କଲେ ପୁଅ ହେବ ବୋଲି ଜଣେ ଗୁଣିଆ କହିଥିବାରୁ ବାପି ବାଲି ଖୋଳି ଶବରୁ ଖପୁରି ସଂଗ୍ରହ କରୁଥିଲେ ବୋଲି ଲୋକଙ୍କୁ କହିଛନ୍ତି।

ତେବେ ସେଠାରେ କାହାର ମୃତଦେହ ପୋତା ଯାଇଥିଲା ତାହା କେହି କହିପାରୁ ନାହାନ୍ତି। ଧରାପଡ଼ିଥିବା ଯୁବକଦ୍ୱୟ ଖପୁରିକୁ ନେଇ ଗୁଣିଗାରେଡ଼ି କାମରେ ଲଗାଇଥାନ୍ତେ ବୋଲି ଲୋକେ କହିଛନ୍ତି। ପୋଲିସ ପହଞ୍ଚିଲା ବେଳକୁ ମତ୍ସ୍ୟଜୀବୀ ଓ ସ୍ଥାନୀୟ ଲୋକେ ସେ ସ୍ଥାନରୁ ପଳାଇଥିଲେ। ଧରାପଡ଼ିଥିବା ଯୁବକଦ୍ୱୟ ସଂଗ୍ରହ କରିଥିବା ଖପୁରିକୁ ସେଠାରେ ପୋତି ଦେଇଥିବା ସୂଚନା ମିଳିଛି।



ଧରାପଡ଼ିଥିବା ୨ ଯୁବକ ଓ ମଣିଷ ଖପୁରି।

# ସ୍ୱାମୀଙ୍କ ଏସିଡ୍ ମାଡ଼ରେ ଗୁରୁତର ସ୍ତ୍ରୀଙ୍କ ମୃତ୍ୟୁ

**ବାଲେଶର ଅଫିସ, ୨୬।୨**

ସ୍ୱାମୀଙ୍କ ଏସିଡ୍ ମାଡ଼ରେ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ସ୍ତ୍ରୀଙ୍କ ରବିବାର ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ ବନିତା ସିଂ। ଗତ ୨୦ ତାରିଖରେ ବନିତାଙ୍କୁ ତାଙ୍କ ସ୍ୱାମୀ ଚନ୍ଦନ ରଣା ଏସିଡ୍ ମାଡ଼ କରିଥିଲେ। ଆକ୍ରମଣ ବେଳେ ବନିତାଙ୍କ ବଡ଼ ଭଉଣୀ ସମେତ ୨ ଶିଶୁ ମଧ୍ୟ ଗୁରୁତର ହୋଇଥିଲେ। ସୂଚନା ଅନୁଯାୟୀ, ନୀଳଗିରି ସନ୍ତରାଗାଡ଼ିଆ ଅଞ୍ଚଳର ଚନ୍ଦନ ରଣାଙ୍କ ଏକ ସୁନା ଦୋକାନ ରହିଥିବା ବେଳେ ଭୀମପୁରା ଅଞ୍ଚଳର ବନିତା ସିଂଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ପରେ ଉଭୟେ ବିବାହ କରିଥିଲେ। ତେବେ ଚନ୍ଦନ ପୂର୍ବରୁ ବିବାହ କରିଥିବା ବେଳେ ତାଙ୍କର ୨ଟି ସନ୍ତାନ ଥିବା ବିବାହ ପରେ ବନିତା ଜାଣିବାକୁ ପାଇଥିଲେ। ଏନେଇ ବିବାଦ ସୃଷ୍ଟି ହେବାରୁ ଉଭୟ ଅଲଗା ହୋଇ ରହିଥିଲେ। ବନିତା ଭୀମପୁରାସ୍ଥିତ ଭଉଣୀ ଘରେ ରହିଥିବା ବେଳେ ଚନ୍ଦନ ସେଠାରେ ପହଞ୍ଚି ଏସିଡ ମାଡ଼ କରିଥିଲେ।

# ମାଓବାଦୀଙ୍କ ବୋମା ବିସ୍ଫୋରଣ, ଯବାନ ଶହୀଦ

**ମାଲକାନଗିରି, ୨୬।୨ (ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲାରେ ମାଓବାଦୀମାନେ ଆଇଇଡି ବୋମା ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ଜଣେ ଯବାନ ଶହୀଦ ହୋଇଛନ୍ତି। ସେ ସିଏସ୍ଏଫ୍–୧୬ ବାଟାଲିୟନର ହେଡ କନ୍‌ଷ୍ଟେବଲ ବୋଲି ଜଣାପଡିଛି। ନାରାୟଣପୁର ଜିଲା ଓରଛା ଥାନା ଅନ୍ତର୍ଗତ ବାଟୁମ୍ପାରା ନିକଟରେ ରବିବାର ମାଓବାଦୀ ଦମନ ପାଇଁ ଯବାନମାନେ କୋମ୍ବିଂ ଅପରେଶନ କରୁଥିଲେ। ତେବେ ପୂର୍ବରୁ ଏହି ସ୍ଥାନରେ ମାଓବାଦୀମାନେ ଏକ ଆଇଇଡି ବୋମା ଖଞ୍ଜି ଥିଲେ। ଏହି ବୋମା ଯବାନଙ୍କ କୋମ୍ବିଂ ବେଳେ ବିସ୍ଫୋରଣ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ହେଡ କନ୍‌ଷ୍ଟେବଲ ଶହୀଦ ହୋଇଥିଲେ। ସୂଚନାଯୋଗ୍ୟ ଶନିବାର ପୋଲିସ–ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩ଜଣ ଯବାନ ଶହୀଦ ହୋଇଥିଲେ। ୨ଜଣ ଆହତ ହୋଇଥିଲେ।

ଇଂଜୀନିୟର୍ସ ଇଂଡିଯା ଲିମିଟେଡ (भारत सरकार का उपक्रम) EIL ENGINEERS INDIA LIMITED (A Govt. of India Undertaking)

**ଭୁବନେଶ୍ୱର (ଓଡ଼ିଶା)ଠାରେ ଫିଟ୍-ଆଉଟ୍ ଆଇଟି ଭିତ୍ତିଭୂମି ନିମନ୍ତେ କମ୍ପୋଜିଟ୍ କାର୍ଯ୍ୟ ପାଇଁ ଘରୋଇ ବିଡର୍‌ମାନଙ୍କ ଲାଗି ପ୍ରାକ୍-ଟେଣ୍ଡର ବୈଠକ ଏବଂ ପ୍ରାକ୍-ନୋଟିସ ପାଇଁ ଆମନ୍ତ୍ରଣ**

ଏକ ପ୍ରମୁଖ ଆର୍ଥିକ କର୍ତ୍ତୃପକ୍ଷଙ୍କ ତରଫରୁ ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍ (ଇଆଇଏଲ୍) ନିମ୍ନଲିଖିତ କାର୍ଯ୍ୟ ପାଇଁ ଘରୋଇ ବିଡର୍‌ମାନଙ୍କୁ ପ୍ରାକ୍–ଟେଣ୍ଡର ବୈଠକ ଲାଗି ଆମନ୍ତ୍ରଣ କରୁଛି:

| ବର୍ଣ୍ଣନା | ପ୍ରାକ୍-ଟେଣ୍ଡର ବୈଠକର ତାରିଖ ଓ ସମୟ | ସ୍ଥାନ |
|---|---|---|
| ଭୁବନେଶ୍ୱର (ଓଡ଼ିଶା)ଠାରେ ଆଇଟି ଭିତ୍ତିଭୂମିର ଫିଟ୍–ଆଉଟ୍ ନିମନ୍ତେ କମ୍ପୋଜିଟ୍ କାର୍ଯ୍ୟ | ୦୧ ମାର୍ଚ୍ଚ, ୨୦୨୩ ୧୫୦୦ ଘଟିକା (ଆଇଏସ୍‌ଟି)ରେ | ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍, ସେକ୍ଟର ୧୬, ଗୁରୁଗ୍ରାମ, ହରିୟାଣା, ୧୨୨୦୦୧ |

ସବିଶେଷ ବିଡ୍ ଆମନ୍ତ୍ରଣ (ଆଇଏଫ୍‌ବି) ଏବଂ ବିଡିଂ ଦସ୍ତାବିଜ ସମେତ ଉକ୍ତ ଟେଣ୍ଡର ପାଇଁ ଅଣ–ପ୍ରକଟନ ରାଜିନାମା (ଏନ୍‌ଡିଏ) ଖୁବ୍‌ଶୀଘ୍ର ୱେବ୍‌ସାଇଟ୍: **http://eprocure.gov.in/eprocure/app**ରେ ପ୍ରକାଶିତ ହେବ । ଏନ୍‌ଡିଏକୁ କାର୍ଯ୍ୟକାରୀ କରିବା ପରେ ଆଇଏଫ୍‌ବି ତଥା ବିଡିଂ ଦସ୍ତାବିଜ ଡାଉନ୍‌ଲୋଡ୍ କରିବା ପାଇଁ ନିୟମିତ ଭାବେ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ବିଡର୍‌ମାନଙ୍କୁ ପରାମର୍ଶ ଦିଆଯାଉଛି । ଇଆଇଏଲ୍ ଟେଣ୍ଡର ୱେବ୍‌ସାଇଟ୍ **http://tenders.eil.co.in**ରେ ମଧ୍ୟ ଲିଙ୍କ୍ ଉପଲବ୍ଧ ହେବ । ସଦ୍ୟତମ ସୂଚନା ପାଇବା ପାଇଁ ବିଡର୍‌ମାନେ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ ।

ଏସ୍‌ଜିଏମ୍ (ଏସ୍‌ସିଏମ୍–ସି ଆଣ୍ଡ ପି), ଇଆଇଏଲ୍

# ଗାଡ଼ି ପାର୍କିଂକୁ କେନ୍ଦ୍ର କରି କନଷ୍ଟେବଲଙ୍କୁ ମାଡ଼

## ମାଡ଼ ଅଭିଯୋଗରେ ବିଏସ୍ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗିରଫ

**ଭୁବନେଶ୍ୱର, ୨୬।୨ (ବ୍ୟୁରୋ)**

ରାସ୍ତା ଉପରେ ଗାଡ଼ି ରଖିବାକୁ ନେଇ ପୋଲିସ–ବିଏସ୍ଏଫ୍ ଅଫିସର ହାତାହାତି ହୋଇଛନ୍ତି। ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍ଏସ୍ ନଗରରେ ରବିବାର ସକାଳ ପ୍ରାୟ ୧୦ଟାରେ ଏହି ଘଟଣା ଘଟିଛି। କନ୍‌ଷ୍ଟେବଲଙ୍କ ଗଳା ଚିପିବା ସହ ମାଡ଼ ମାରି ଲହୁଲୁହାଣ ଅଭିଯୋଗରେ ବିଏସ୍ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସଂଗ୍ରାମ କୁମାର ବିଶ୍ୱାଳ ଗିରଫ ହୋଇଛନ୍ତି। ପୋଲିସ ଏକ ମାମଲା (ନଂ.୮୫/୨୩) ରୁଜୁ କରି ଅଭିଯୁକ୍ତ ସଂଗ୍ରାମଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ତାଙ୍କ ସ୍କୁଟିକୁ ମଧ୍ୟ ପୋଲିସ ଜବତ କରିଛି। ତାଙ୍କର ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ଜାଣିବା ଲାଗି କମିଶନରେଟ ପୋଲିସ ପକ୍ଷରୁ ବିଏସ୍ଏଫ୍‌କୁ ଚିଠି ଲେଖାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବିଏସ୍ଏଫ୍ ଅଫିସର ସଂଗ୍ରାମ ଶୈଳଶ୍ରୀ ବିହାରରେ ରୁହନ୍ତି। ରବିବାର ସକାଳ ୯ଟା ୩୦ରେ ସେ ମଟନ୍ କିଣିବାକୁ ଭିଏସ୍ଏସ୍ ନଗର ରେଲ୍‌ୱେ କ୍ରସିଂ ନିକଟରେ ଥିବା ଦୋକାନକୁ ଆସିଥିଲେ। ସେ ତାଙ୍କ ସ୍କୁଟିକୁ ରାସ୍ତା ଉପରେ ରଖି ମଟନ୍ କିଣୁଥିଲେ। ଫଳରେ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଥିବା ଦେଖି ନିକଟରେ କାର୍ଯ୍ୟରତ ଥିବା କନଷ୍ଟେବଲ ମନୋଜ ବେହେରା ସ୍କୁଟି କାହାର ବୋଲି ପଚାରି ବୁଝିବା ସହ ଶୀଘ୍ର ହଟାଇବାକୁ କହିଥିଲେ। ହେଲେ ଅଭିଯୁକ୍ତ ସଂଗ୍ରାମ ନିଜକୁ ଡେପୁଟି ପୋଲିସ୍ ଅଧୀକ୍ଷକ (ଡିଏସ୍‌ପି) ପରିଚୟ ଦେଇ ତାଙ୍କୁ ଚୁପ୍ ରହିବାକୁ କହିଥିଲେ। ଏହା ପରେ ମନୋଜ ତାଙ୍କୁ ରାସ୍ତା ଜାମ୍ ହେଉଥିବା କହି ସ୍କୁଟି ହଟାଇବାକୁ ପୁଣି ପରାମର୍ଶ ଦେଇଥିଲେ। ହେଲେ ସଂଗ୍ରାମ ସ୍କୁଟିକୁ ସାଇଡ୍ କରିବେ ନାହିଁ ବୋଲି କହିଥିଲେ। ଏହାପରେ ମନୋଜ ନିଜ ମୋବାଇଲରେ ଉକ୍ତ ସ୍କୁଟିର ଫଟୋ ଉଠାଇବାରୁ ସଂଗ୍ରାମ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ତାଙ୍କ ଗଳାକୁ ଚିପିଧରି ଧକ୍କା ମାରିଥିଲେ। ଫଳରେ ମନୋଜ ନିକଟରେ ଥିବା ଏକ ନାଳରେ ପଡିଯାଇଥିଲେ ଓ ତାଙ୍କ ଡାହାଣ ଆଣ୍ଠୁରେ ଗଭୀର ଆଘାତ ଲାଗିଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଉଭୟ ପରସ୍ପରକୁ ଧକ୍କାମାରିବା ସହ ହାତାହାତି ହୋଇଥିଲେ। ଏହାଦେଖି ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକେ ସେମାନଙ୍କୁ ମାର୍‌ପିଟ୍‌ରୁ କ୍ଷାନ୍ତ କରିବା ସହ ଥାନାକୁ ଖବର ଦେଇଥିଲେ। ଆହତ ମନୋଜଙ୍କ ଅଭିଯୋଗକ୍ରମେ ପୋଲିସ ପଦକ୍ଷେପ ଗ୍ରହଣ କରିଥିଲା।



# କୋଇଡ଼ାରେ ଗୁଳିମାଡ଼: ଢାବା ମାଲିକ ମୃତ

- ଘଟଣାସ୍ଥଳରେ ୪ ରାଉଣ୍ଡଗୁଳି ଫୁଟିଛି
- ଗୁଳିମାଡ଼ର କାରଣ ଅସ୍ପଷ୍ଟ

**ଟେନ୍‌ସା, ୨୬।୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ମାଲଦା ଛକରେ ରବିବାର ରାତି ୯ଟା ସମୟରେ ଗୁଳିମାଡ଼ ହୋଇଛି। ଏଥିରେ ଜଣେ ଢାବା ମାଲିକଙ୍କ ମୃତ୍ୟୁ ଘଟିଛି। ତେବେ ଢାବା ମାଲିକ ପାଖ ଅଞ୍ଚଳର ହୋଇଥିଲେ ମଧ୍ୟ ତାଙ୍କ ନାମ ଓ ସମ୍ପୂର୍ଣ୍ଣ ପରିଚୟ ଜଣାପଡ଼ିନାହିଁ। ଗୁଳିକାଣ୍ଡର ଠିକ୍ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି। ଘଟଣାସ୍ଥଳରେ ୪ରାଉଣ୍ଡ ଗୁଳି ଫୁଟିଛି। କୋଇଡ଼ା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁଳିମାଡ଼ କରି ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଛନ୍ତି। ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

# ତେଲ ଚୋରି ଅଭିଯୋଗରେ ପମ୍ପ ମାଲିକ ଗିରଫ

## ପାଇପ୍‌ଲାଇନ କାଟି ତେଲ ନେଇଯାଇଥିଲେ

**ସମ୍ବଲପୁର, ୨୬।୨ (ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅନ୍ତର୍ଗତ ହାତିବାରୀଠାରେ ପାରାଦୀପ–ରାୟପୁର ପାଇପ୍‌ଲାଇନ କାଟି ତେଲ ଚୋରି ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଘଟଣାରେ ସମ୍ପୃକ୍ତ କଳାହାଣ୍ଡି ଜିଲା ଏମ୍ ରାମପୁରସ୍ଥିତ ପେଟ୍ରୋଲପମ୍ପ ମାଲିକ ଅଟଳ ବିହାରୀ ସାହୁଙ୍କୁ ଚୋରି ତେଲ କିଣିବା ଅଭିଯୋଗରେ ଗିରଫ କରାଯାଇଛି। ଏହାସହ ଚୋରି ଅଭିଯୋଗରେ ଅବଦୁଲ ଅମିନ, ମହମ୍ମଦ ସୁଲତାନ, ଶେଖ ଅଜମଦ, କିଶୋର ସିଂ, ଚନ୍ଦ୍ରଶେଖର ଚାନ୍ଦ ଓ ସୁନୀଲ ପଣ୍ଡାଙ୍କୁ ଗିରଫ କରାଯାଇଛି। ଘଟଣାରେ ବ୍ୟବହୃତ ଟ୍ୟାଙ୍କର (ଓଡି–୦୫ୟୁ–୦୫୫୩), କାର୍ (ଓଡି୦୮କ୍ୟୁ–୯୦୪୧) ସହ ପାଇପ୍ ମଧ୍ୟ ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୬/୨୩) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଜାନୁୟାରୀ ୨୭ ତାରିଖରେ ପ୍ରଥମେ ତେଲ ଚୋରି ହୋଇଥିଲା। ହେଲେ କମ୍ପାନୀ ପକ୍ଷରୁ ଲିଖିତ ଅଭିଯୋଗ କରା ନ ଯାଇ କେବଳ ସୂଚନା ଦିଆଯାଇଥିଲା। ପୋଲିସ ସୂଚନା ପାଇବା ପରେ ଉକ୍ତ ଅଞ୍ଚଳରେ ନଜର ରଖିଥିଲା। ଅଭିଯୁକ୍ତମାନେ ପୁଣି ଫେବୃୟାରୀ ୧୦ ତାରିଖରେ ସମାନ ସ୍ଥାନରୁ ତେଲ ଚୋରି କରି ନେଇଥିଲେ। ଏହାକୁ ନେଇ କମ୍ପାନୀ ଅଧିକାରୀ ନରେନ୍ଦ୍ର ବେହେରା ଅଭିଯୋଗ କରିଥିଲେ। ପ୍ରାୟ ୨୬ ଲକ୍ଷ ଟଙ୍କାର ଡିଜେଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେରଙ୍କ ନେତୃତ୍ୱରେ ନେଇ ଗଠିତ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

NATIONAL HEALTH MISSION
DSPL-464

**ସହରାଞ୍ଚଳ ବସ୍ତି ବିକାଶ କ୍ଷେତ୍ରରେ ଏକ ପ୍ରୟାସ**
**ମହିଳା ଆରୋଗ୍ୟ ସମିତି**

**ବସ୍ତିର ୫୦-୧୦୦ ଘର କିମ୍ବା ୫୦୦ ଜନସଂଖ୍ୟାକୁ ନେଇ ଏକ 'ମହିଳା ଆରୋଗ୍ୟ ସମିତି' ଗଠନ।**

**ମହିଳା ଆରୋଗ୍ୟ ସମିତିର ଭୂମିକା**



୧. ୱାର୍ଡ ବା ବସ୍ତିର ବିଭିନ୍ନ ସମସ୍ୟା ଚିହ୍ନଟ କରିବା
୨. ଚିହ୍ନଟ ସମସ୍ୟାର ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରିବା
୩. ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା, ପରିବାର କଲ୍ୟାଣ ସେବା, କିଶୋରୀମାନଙ୍କର ସ୍ୱାସ୍ଥ୍ୟସେବା, ପୁଷ୍ଟି, ପରିମଳ ଓ ସ୍ୱଚ୍ଛତା ବିଷୟରେ ଲୋକମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା
୪. ବସ୍ତି ବାସିନ୍ଦାଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ଠାରୁ ଦୂରେଇ ରଖିବା ନିମନ୍ତେ ସଚେତନତା ସୃଷ୍ଟି କରିବା
୫. ସୁସ୍ଥ ୱାର୍ଡ, ସୁସ୍ଥ ସହର, ସୁସ୍ଥ ଓଡ଼ିଶା ଗଢ଼ିବାରେ ମିଳିତ ଉଦ୍ୟମ କରିବା ।

**ସମିତିର ସଦସ୍ୟା (୧୧-୧୫ ଜଣ)**

- ଆଶା କର୍ମୀ
- ଅଙ୍ଗନୱାଡି କର୍ମୀ
- ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା
- ସଂପୃକ୍ତ ବସ୍ତିରେ ରହୁଥିବା ଆଗ୍ରହୀ ମହିଳା



OIPR-10003/13/0154/2223

**ଗୋଷ୍ଠୀ ସ୍ୱାସ୍ଥ୍ୟ ସେବା ଓ ସଚେତନତା ପାଇଁ ପ୍ରତ୍ୟେକ ସମିତିକୁ ବାର୍ଷିକ ୫୦୦୦ ଟଙ୍କାର ପାଣ୍ଠି ବ୍ୟବସ୍ଥା।**

ଅଧିକ ଜାଣିବା ପାଇଁ ନିକଟସ୍ଥ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର / ଏ.ଏନ୍.ଏମ୍ ବା ଆଶାଙ୍କ ସହ ଯୋଗାଯୋଗ କରନ୍ତୁ।

ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha

ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ – ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ। ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ। ଏହି ଉନ୍ନତି କେବେବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ। **–ଶ୍ରୀମା**



# ଦ୍ୱିତୀୟ ସାମ୍ମୁଖ୍ୟ

ସାଧାରଣ ନିର୍ବାଚନ ୨୦୨୪ ପାଖେଇ ଆସୁଛି। ଏଥିପାଇଁ ସବୁ ରାଜନୈତିକ ଦଳ ନିଜ ତରିକାରେ ଭୋଟରଙ୍କ ପାଖରେ ପହଞ୍ଚିବା ସକାଶେ ଉଦ୍ୟମ ଜୋରଦାର କଲେଣି। ଭାଜପା ନେତୃତ୍ୱାଧୀନ ସରକାର କେନ୍ଦ୍ରରେ ଆସନ୍ତାବର୍ଷ ଦଶନ୍ଧି ରାଜୁତି ସାରି ଆଗକୁ ବଢ଼ିବା ପାଇଁ ପାଗ ଭିଡୁଥିବା ବେଳେ କଂଗ୍ରେସ ତା'ର ଗତିରୋଧ କରିବା ସକାଶେ ଅଣ୍ଟା ଭିଡ଼ିଛି। ଗଣତନ୍ତ୍ରରେ ପରିବର୍ତ୍ତନ ନ ଆସି ଦୀର୍ଘ ଶାସନ ରହିଲେ, ତାହା ପ୍ରଜାମାନଙ୍କ ପାଇଁ କାଳ ହୋଇଥାଏ ବୋଲି କୁହାଯାଇଥାଏ। ଛତିଶଗଡ଼ର ରାୟପୁରଠାରେ କଂଗ୍ରେସର ୮୫ତମ ମହାଅଧିବେଶନରେ ସୋନିଆ ଗାନ୍ଧୀ କେନ୍ଦ୍ରର ଭାଜପା ସରକାରଙ୍କୁ ଉପଲକ୍ଷ୍ୟ କରି ଦେଇଥିବା ମନ୍ତବ୍ୟ ଏବେ ଆଲୋଚନାର ବିଷୟ ହୋଇଛି। ସେ କହିଛନ୍ତି, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶରେ ଘୃଣାର ନିଆଁ ଜାଳି ସଂଖ୍ୟାଲଘୁ, ଦଳିତ, ଆଦିବାସୀଙ୍କୁ ଟାର୍ଗେଟ କରୁଛି। ଭାଜପା–ଆର୍‌ଏସ୍‌ଏସ୍ ଶାସନ ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଅକ୍ତିଆର କରିନେଇଛନ୍ତି। ତେଣୁ ଧର୍ମନିରପେକ୍ଷ ଓ ସମାଜବାଦୀ ଶକ୍ତି ମିଶିପାରିଲେ ଭାଜପାର ଗତିରୋଧ କରାଯାଇପାରିବ ବୋଲି ସେ ଯେଉଁ ଆହ୍ୱାନ ଦେଇଛନ୍ତି, ତାହାର ପ୍ରାସଙ୍ଗିକତା ରହିଛି ବୋଲି ଅନେକେ ମତ ଦେଉଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶିଳ୍ପପତି ଗୌତମ ଆଦାନୀଙ୍କୁ 'ଏକ' ବୋଲି କହିଛନ୍ତି। ତାଙ୍କ କହିବା ଅନୁଯାୟୀ ଯେତେବେଳେ ଆଦାନୀଙ୍କ ସହ ମୋଦିଙ୍କର କି ସମ୍ପର୍କ ଅଛି ବୋଲି ପ୍ରଶ୍ନ କରାଯାଉଛି, ସେତେବେଳେ ସମଗ୍ର ସରକାର ଆଦାନୀଙ୍କୁ ସୁରକ୍ଷା ଦେବାକୁ ରାସ୍ତାକୁ ଓହ୍ଲାଇ ଆସୁଛନ୍ତି। ତେବେ ମହାଅଧିବେଶନରେ କଂଗ୍ରେସ କର୍ମୀ ଓ ନେତାମାନେ ଉତ୍ସାହିତ ଥିବା ଦେଖାଯାଉଥିବାରୁ ଏହା ଏକ ସଙ୍କେତ ଦେଉଛି ଯେ, ରାହୁଲଙ୍କ ଭାରତ ଯୋଡ଼ୋ ଯାତ୍ରା ପରେ ଏହି ପୁରୁଣା ଦଳ ଭିତରେ ଏକ ଶକ୍ତି ସଞ୍ଚରିତ ହୋଇଛି। ମାତ୍ର ସେହି ଶକ୍ତିକୁ ମହାଶକ୍ତିରେ ରୂପାନ୍ତରିତ କରାଯାଇ ନ ପାରିଲେ ଭାଜପା ଭଳି ବଡ଼ ଆକାର ଧାରଣ କରିଥିବା ଦଳକୁ ସହଜରେ ପ୍ରତିହତ କରାଯାଇପାରିବ ନାହିଁ। ଗତ କିଛି ବର୍ଷ ହେବ ଦେଖାଯାଉଛି, ନିର୍ବାଚନ ଆସିଲେ ଏକ ତୃତୀୟ ସାମ୍ମୁଖ୍ୟ ବିଷୟରେ ଚର୍ଚ୍ଚା ହୋଇଥାଏ। ସେହି ସାମ୍ମୁଖ୍ୟ ସମାଜବାଦୀ ଓ ଧର୍ମନିରପେକ୍ଷ ଚିନ୍ତାଧାରାରେ ବିଶ୍ୱାସ କରୁଥିବା ଦଳଗୁଡ଼ିକୁ ନେଇ ଗଢ଼ି ଉଠିଥାଏ। ଏହାଦ୍ୱାରା ଉଭୟ କଂଗ୍ରେସ ଓ ଭାଜପାକୁ ଦୂରେଇ ରଖିବାର ଉଦ୍ୟମ ହେଉଥିଲା। ଏବେ କିନ୍ତୁ ତୃତୀୟ ପରିବର୍ତ୍ତେ ଦ୍ୱିତୀୟ ସାମ୍ମୁଖ୍ୟ ଚିନ୍ତା ହେଉଛି ବୋଲି କହିହେବ। ଏମାନେ ସମସ୍ତେ ଭାଜପା ବିଶେଷକରି ମୋଦିଙ୍କ ବିରୋଧରେ ଏକଜୁଟ ହେଉଥିବାର ଲକ୍ଷ୍ୟ କରାଯାଉଛି। ଏହା ଏକ ମୌଳିକ ତ୍ରୁଟି ବୋଲି କୁହାଯାଇପାରେ। ମୌଳିକ ତ୍ରୁଟି ଏଇଥିପାଇଁ କୁହାଯାଇପାରେ ଯେ, ଏମାନେ ରାଜନୈତିକ ଦୃଷ୍ଟିକୋଣରୁ ଯଦି କ୍ଷମତା ପାଇଁ ଏକଜୁଟ ହେବେ ତାହା ହେଲେ ଦେଶବ୍ୟାପୀ ବୁଲି କେବଳ ମୋଦିଙ୍କ ବିରୋଧରେ ଗର୍ଜନ କରିବେ। ଫଳରେ ମୋଦିଙ୍କ ନାମ ଦେଶବ୍ୟାପୀ ଗୁଞ୍ଜରିତ ହେବ। ତାହା ଦ୍ୱାରା ମୋଦିଙ୍କୁ ଲାଭ ପହଞ୍ଚିବ। ତେଣୁ ବୁଦ୍ଧିର କଥା ହୁଅନ୍ତା, ଯଦି ବିଗତ ଦଶନ୍ଧିରେ ଦେଶର ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମିକୁ ଯେଉଁଭଳି କ୍ଷତି ପହଞ୍ଚାଯାଇଛି; ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇପାରନ୍ତା।

> **ନିର୍ବାଚନ ଆସିଲେ ତୃତୀୟ ସାମ୍ମୁଖ୍ୟ ବିଷୟରେ ଚର୍ଚ୍ଚା ହୋଇଥାଏ। ସେହି ସାମ୍ମୁଖ୍ୟ ସମାଜବାଦୀ ଓ ଧର୍ମନିରପେକ୍ଷ ଚିନ୍ତାଧାରାରେ ବିଶ୍ୱାସ କରୁଥିବା ଦଳଗୁଡ଼ିକୁ ନେଇ ଗଢ଼ି ଉଠିଥାଏ। ଏହାଦ୍ୱାରା ଉଭୟ କଂଗ୍ରେସ ଓ ଭାଜପାକୁ ଦୂରେଇ ରଖିବାର ଉଦ୍ୟମ ହେଉଥିଲା। ଏବେ କିନ୍ତୁ ତୃତୀୟ ପରିବର୍ତ୍ତେ ଦ୍ୱିତୀୟ ସାମ୍ମୁଖ୍ୟ ଚିନ୍ତା ହେଉଛି ବୋଲି କହିହେବ।**

ଆଜିର ରାଜନୈତିକ ଦଳଗୁଡ଼ିକର ରଣକୌଶଳ ପୂର୍ବାପେକ୍ଷା ଯଥେଷ୍ଟ ତୀବ୍ର ଓ ତୀକ୍ଷ୍ଣ ହେଉଥିବା ଦେଖାଯାଉଛି। ଭାଜପା ବର୍ଷତମାମ ନିର୍ବାଚନରେ ଜିତିବା ଲାଗି ଅନେକ ଭଙ୍ଗାଗଢ଼ା କରୁଥିବାରୁ ସେଥିରୁ ପ୍ରେରଣା ପାଇ ଅନ୍ୟ ଦଳଗୁଡ଼ିକ ପ୍ରସ୍ତୁତି ଚଳାଇଛନ୍ତି। ପ୍ରତ୍ୟେକ ରାଜନୈତିକ ଦଳର ଲକ୍ଷ୍ୟ ଥାଏ କିଭଳି ଶାସନ ଅକ୍ତିଆର କରିବା। ତାହାକୁ ଖୁଣି ହେବ ନାହିଁ। କିନ୍ତୁ ସେହି ଲକ୍ଷ୍ୟ ଭିତରେ ନାଗରିକଙ୍କ ମଙ୍ଗଳ ନିହିତ ରହିବା ଆବଶ୍ୟକ। କେନ୍ଦ୍ରରେ ଭାଜପା ସରକାର କେବଳ ଦଳ ଓ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ସୁହାଇଲା ଭଳି ନିଷ୍ପତ୍ତି ନେଉଥିବାରୁ ତାହା ଜନସାଧାରଣଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। କିନ୍ତୁ ଭାରତରେ ହିନ୍ଦୁଙ୍କ ମନରେ ଗଭୀର ଚେର ସୃଷ୍ଟି କରିଥିବା ମୁସଲମାନ ବିରୋଧୀ ଚିନ୍ତାକୁ ଭାଜପା ଅତି ଭଲ ଭାବେ ରାଜନୈତିକ ମୋଡ଼ ଦେଇ ବ୍ୟବହାର କରିପାରିଛି। ଏହାକୁ ଏକଜୁଟ ହେଉଥିବା ଦଳଗୁଡ଼ିକ ଠିକ୍ ଭାବେ ନିରୀକ୍ଷଣ କରିବା ଦରକାର।

ଏବେ ଦେଶ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିଲେ ମଧ୍ୟ ତାହାକୁ ସୁଧାରିବା ଲାଗି ଆଖିଦୃଶିଆ ପଦକ୍ଷେପ ନିଆଯାଇପାରୁ ନାହିଁ। ସେହିଭଳି ଶିଳ୍ପପ୍ରୀତି, ଧର୍ମ ଓ ଜାତି ଭିତରେ ଅସହିଷ୍ଣୁତା ସୃଷ୍ଟି କରାଯାଇ ଯେଉଁ ବିଭାଜନ ରାଜନୀତି ହେଉଛି, ତାହା ଦେଶର ବିଭିନ୍ନ କ୍ଷେତ୍ରରେ ଅସ୍ୱାଭାବିକ ସ୍ଥିତି ଆରମ୍ଭ କରିଦେଇଛି। ୨୬ ଫେବୃୟାରୀରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଫନ୍ଦିଫିକର କରି ଗିରଫ କରାଯିବା ସଦ୍ୟ ଦୃଷ୍ଟାନ୍ତ। ଏଭଳି ସ୍ଥଳେ ଉତ୍ତମ ଶାସନ ଲାଗି ନାଗରିକମାନେ ଭଲ ଭାବେ ହୃଦ୍‌ବୋଧ କରୁଥିବା ପ୍ରାର୍ଥୀଙ୍କୁ ବାଛିବା ଦରକାର। ଅନ୍ୟପକ୍ଷରେ ଏଇଠି କୁହାଯାଇପାରେ ଯେ, ଉପା–୧ ଓ ଉପା–୨ ସରକାର ଅମଳରେ କଂଗ୍ରେସର ବିଶୃଙ୍ଖଳିତ ବ୍ୟବହାର ଓ ଦୁର୍ନୀତି ଦଳକୁ ଶାସନଠାରୁ ଦୀର୍ଘ ବର୍ଷ ହେବ ଦୂରେଇ ରଖିଛି। ତେଣୁ କଂଗ୍ରେସ ସମେତ ଅନ୍ୟସବୁ ଅଣଭାଜପା ଦଳ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟାକୁ ବୁଝି ନିଜର ରଣକୌଶଳ ପ୍ରସ୍ତୁତ କଲେ ଦେଶ ପାଇଁ ମଙ୍ଗଳ ହୋଇପାରନ୍ତା।

# ଏଫ୍‌ବିଆଇ ବି ପଲିଟିକାଲ ହୋଇପାରେ



ସହଦେବ ସାହୁ

ଇଂଲଣ୍ଡ, ଇସ୍ରାଏଲ ଭଳି ଗଣତାନ୍ତ୍ରିକ ଦେଶରେ ପୋଲିସ ପ୍ରଧାନମନ୍ତ୍ରୀଙ୍କୁ ବି ଆଇନଭଙ୍ଗ ଦୋଷରେ ଦଣ୍ଡିତ କରିଥାଏ। କାରଣ ସେଠାରେ ସାଂସଦମାନେ ଓ ସେମାନଙ୍କ ପ୍ରଭାବରେ ସ୍ୱଳ୍ପକାଳୀନ ଏକଜିକ୍ୟୁଟିଭ୍ (ପ୍ରଶାସନିକ) ହେଡ୍ ଅର୍ଥାତ୍ ପାଞ୍ଚବର୍ଷୀୟ ମନ୍ତ୍ରୀମାନେ ସେମାନଙ୍କ ଅଧୀନରେ କାମ କରୁଥିବା ସ୍ଥାୟୀ ଅଧିକାରୀମାନଙ୍କୁ ଆଇନର ଶାସନ ଚଳାଇବାକୁ ଛାଡ଼ିଦିଅନ୍ତି। ସୁଇଡେନ୍, ନରୱେ, ଫିନ୍‌ଲାଣ୍ଡ ଏବଂ ନ୍ୟୁଜିଲାଣ୍ଡ ଭଳି ଦେଶରେ ପ୍ରଧାନମନ୍ତ୍ରୀମାନେ ନିଜ ଦଳରେ ବି ସଂଖ୍ୟାଗରିଷ୍ଠତା ଉପରେ ନିର୍ବାଚିତ ହୁଅନ୍ତି, ଦଳ ଭିତରେ ବିପରୀତ ଚିନ୍ତାର ସଦସ୍ୟ ରହିପାରନ୍ତି; ହେଲେ ପ୍ରଧାନମନ୍ତ୍ରୀ ଯାହା କହିବେ ତାହା ବେଦର ଗାର ହୁଏ ନାହିଁ। ନିଜର ଅକ୍ଷମତା ସ୍ୱୀକାର କରି ନ୍ୟୁଜିଲାଣ୍ଡର ମହିଳା ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେନ ନିକଟରେ ପଦତ୍ୟାଗ କରିଛନ୍ତି। ରାଷ୍ଟ୍ରପତିପ୍ରଧାନ ଗଣତାନ୍ତ୍ରିକ ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ)ରେ ସଂଘୀୟ ବ୍ୟବସ୍ଥା ଥିବାରୁ ଆମ ଦେଶ ଭଳି ପ୍ରାଦେଶିକ ଓ କେନ୍ଦ୍ରୀୟ ସରକାର ଭିତରେ ଦଳଗତ ମତଭେଦ ବେଳେ ବେଳେ ବିଶୃଙ୍ଖଳା ଆଣେ, କିନ୍ତୁ ୟୁଏସ୍‌ଏରେ କାଳକ୍ରମେ ଶୃଙ୍ଖଳା ଆସିଯାଏ। କିନ୍ତୁ ଆମ ଦେଶରେ ପ୍ରତି କଥା ଓ ପ୍ରତି କାମ ଭିତରେ ରାଜନୀତି (ଖରାପ ଅର୍ଥରେ ପଲିଟିକ୍ସ) ପଶୁଛି। ସରକାରୀ ଅଧିକାରୀମାନେ ଆଉ ରେଗୁଲେଟୋରି ଅଥରିଟି ନ ହୋଇ ରେଗୁଲେଟେଡ୍ ସେବକ ହୋଇଯାଉଛନ୍ତି। ଆମ ପ୍ରଦେଶରେ ଗୋପାଳ ଦାସ ନାମକ ଜଣେ ପୋଲିସ ଏଏସ୍‌ଆଇଙ୍କ ଗୁଳିରେ କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁ ଘଟଣାର ତଦନ୍ତ ଏମିତି ପଲିଟିକାଲ ହୋଇଗଲାଣି ଯେ ବିରୋଧୀଙ୍କ ଦାବିରେ ରାଜ୍ୟ ସରକାର ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ଏଫ୍‌ବିଆଇ)କୁ ତଦନ୍ତ ଭାର ଦେବାକୁ ଚାହୁଁଛନ୍ତି ବୋଲି କେନ୍ଦ୍ର ସରକାରଙ୍କୁ ଲେଖିଛନ୍ତି। ଫଳ କ'ଣ ହେବ ସମୟ କହିବ।

ଏଫ୍‌ବିଆଇ ଯେ ପଲିଟିକାଲ ହୋଇପାରେ ତାହା ସଦ୍ୟ ଏକ ଖବର କହୁଛି। ୨୧ ଫେବୃୟାରୀ ୧୯୬୫ରେ ସିଭିଲ ରାଇଟ୍ସ ନେତା, ନାଗରିକ ଅଧିକାର ଆନ୍ଦୋଳନର ପ୍ରବକ୍ତା ମାଲକମ୍ ଏକ୍ସ (୩୯ବର୍ଷ) ନ୍ୟୁୟର୍କର ୱାଶିଂଟନ ହାଇଟ୍ସ ପଡ଼ାରେ ଥିବା ଅଡିଟୋରିୟମରେ ଭାଷଣ ଦେବାକୁ ଯାଉଥିଲା ବେଳେ ୩ ଜଣ ବନ୍ଧୁକଧାରୀ ଅତି କମ୍‌ରେ ୨୧ ଥର ଗୁଳିମାରି ତାଙ୍କୁ ହତ୍ୟା କରିଥିଲେ। ଏଫ୍‌ବିଆଇ, ନ୍ୟୁୟର୍କ ପୋଲିସ ଓ ସିଆଇଏ ଦୋଷାରୋପ ପତ୍ର ଦାଏର କଲେ ଓ ବର୍ଷକ ଭିତରେ ୧୯୬୬ରେ ରାୟ ବାହାରିଲା (ଆମ ଦେଶରେ ୧୦ ବର୍ଷ କି ବେଶି ନେଇଥାନ୍ତା!) ଯେ ଦୁଇଜଣ ଦଣ୍ଡିତ ହୋଇଥିଲେ। ମାଲକମ୍ ଏକ୍ସ 'ଅର୍ଗାନାଇଜେଶନ ଅଫ୍ ଆଫ୍ରୋଆମେରିକାନ୍ ୟୁନିଟ୍' ନାମକ ସଂଗଠନ ଗଢ଼ି ତା' ବିଷୟରେ କହିବା ପାଇଁ ନ୍ୟୁୟର୍କସ୍ଥ ଅଡୁବନ୍ ହଲ୍‌ରେ ପ୍ରସ୍ତୁତ ହେଉଥିବା ବେଳେ ଗୁଳିମାଡ଼ ହୋଇଥିଲା। ସେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ ଏବଂ କୃଷ୍ଣକାୟମାନଙ୍କ ସଶକ୍ତୀକରଣ ପାଇଁ ଉଦ୍ୟମ ଜାରି ରଖିଥିଲେ। ମାଲକମ୍ ବର୍ଣ୍ଣବିଦ୍ୱେଷକୁ ନିନ୍ଦା କରୁଥିଲେ, ଶ୍ୱେତାଙ୍ଗମାନଙ୍କୁ 'ନୀଳଆଖିଆ ରାକ୍ଷସ' କହୁଥିଲେ, କୃଷ୍ଣକାୟଙ୍କ ସମାଜକୁ ଅଲଗା କରି ସ୍ୱତନ୍ତ୍ର ଦେଶ ଗଠନ ଚାହୁଁଥିଲେ। ତେଣୁ ଆମେରିକାନ୍ ପୋଲିସ ତାଙ୍କୁ ସଫା କରିଦେବାକୁ ଚାହୁଁଥିଲା ବୋଲି ଏବେ ଜନରବ। କିନ୍ତୁ ପୋଲିସ ରିପୋର୍ଟ ହେଲା ଯେ ସେ ଭାଷଣ ଦେବାକୁ ମଞ୍ଚ ଉପରକୁ ଉଠିଲା ବେଳେ ଦର୍ଶକମାନଙ୍କ ଭିତରେ ହଇଚଇ ଶୁଭିଲା, ଜଣେ ଲୋକ ଷ୍ଟେଜ୍ ଉପରକୁ ଦଉଡ଼ି ଯାଇ ମାଲକମ୍ ଏକ୍ସଙ୍କୁ ଗୁଳି ମାରିଲା। ପରେ ପରେ ଆଉ ଦୁଇ ଜଣ ମଞ୍ଚ ଉପରକୁ ଉଠି ଗୁଳି ମାରିଥିଲେ, ମୋଟ ୨୧ଟା ଗୁଳି। ଟମାସ୍ ହାଗାନ୍ (ଅନ୍ୟ ନାମ ମୁଜାହିଦ୍ ଅବଦୁଲ ହଲିମ୍) ନାମକ ଜଣେ ବ୍ୟକ୍ତିଙ୍କୁ ଜଣେ ବଡିଗାର୍ଡ ଗୁଳିମାରି ଧରିପକାଇଲେ, ସେ ଗୁଳି କରିଛି ବୋଲି ମାନିଗଲା, ତାକୁ ଆଜୀବନ ଜେଲ୍ ହେଲା। ବଟଲର କି ଜନସନ କାହା ନାଁରେ ଅଭିଯୋଗ ସହ ସମ୍ପୃକ୍ତି ସିଧାସଳଖ ନ ଥିଲେ ବି ସେମାନେ ଦଣ୍ଡିତ ହେଲେ।





୧୯୭୭ରେ (୧୧ବର୍ଷ ପରେ) ନାସନ୍ ଅଫ୍ ଇସ୍‌ଲାମ ନେତା ଏଲିଜା ମହମ୍ମଦଙ୍କ ପ୍ରଶଂସକ ଶ୍ରୀ ହେୟର କହିଲେ ଯେ 'ନାସନ୍ ଅଫ୍ ଇସ୍‌ଲାମ' (ନେୱାର୍କ ଶାଖା)ର ମେମ୍ବର ଦ୍ୱୟ ମେ' ୧୯୬୪ରେ ମାଲକମ୍‌ଙ୍କୁ ହତ୍ୟା କରିବା ଯୋଜନା କରିଥିଲେ। ଯେଉଁମାନେ ପ୍ରକୃତ ଦୋଷୀ ସେମାନଙ୍କୁ ବିଚାରକୁ ଅଣାଯାଇ ନାହିଁ, ନିରୀହ ଲୋକଙ୍କୁ ଦଣ୍ଡ ଦିଆଯାଇଛି। ୨୦୨୦ରେ ନେଟ୍ ଫ୍ଲିକ୍ସ ଡକ୍ୟୁମେଣ୍ଟାରି ସିରିଜରେ ଗୋଟିଏ ଡକ୍ୟୁମେଣ୍ଟାରି ଥିଲା 'ମାଲକମ୍ ଏକ୍ସଙ୍କୁ କିଏ ମାରିଲା'। ତାକୁ ଦେଖି ନ୍ୟୁୟର୍କ ଡିଷ୍ଟ୍ରିକ୍ଟ ଆର୍ଟର୍ନି ଅଫିସ୍ ପୁରୁଣା ନଥି ଖୋଲିଲା, ନୂଆ ଇନ୍‌ଭେଷ୍ଟିଗେଶନ୍ ଚାଲୁ କଲା। ମାଲକମ୍ ସମ୍ପର୍କରେ ତଥା ସିଭିଲ୍ ରାଇଟ୍ସ ମୁଭ୍‌ମେଣ୍ଟ ଉପରେ ଇତିହାସ ଲେଖୁଥିବା ଅବଦୁର ରହମାନ ମହମ୍ମଦ ନୂଆ ପ୍ରମାଣ ବାହାର କଲେ, ଲେସ୍ ପେଇନେ ନାମକ ଜଣେ ଅନୁସନ୍ଧିତ୍ସୁ ସାମ୍ବାଦିକ ଖବର ପରିବେଷଣ କଲେ ଯେ ପ୍ରକୃତ ଆତତାୟୀମାନେ ନେୱାର୍କର ମସ୍‌ଜିଦର ସଦସ୍ୟ ଥିଲେ, ହାର୍‌ଲେମ ମସ୍‌ଜିଦର ନୁହେଁ। ଜନଜାଗରଣ ହୋଇସାରିଥିଲା। ସିଆଇଏ(ଆମେରିକାର ଗୋଇନ୍ଦା ସଂସ୍ଥା) ଓ ଏଫ୍‌ବିଆଇ ଲୋକେ ଭୁଲ ପ୍ରମାଣ ଯୋଗାଇଛନ୍ତି ବୋଲି ଲୋକଙ୍କ ଧାରଣା ହେଲା ଓ ସେମାନଙ୍କୁ ଦଣ୍ଡିତ କରାଯାଉ ବୋଲି ପାଟି ହେଲା। ମାନହାଟାନ ଡିଷ୍ଟ୍ରିକ୍ଟ ଆର୍ଟର୍ନି ସାଇରସ୍ ଭାନ୍ସ (ଜୁନିୟର୍) ପୁରୁଣା ଦଣ୍ଡାଦେଶର ପୁନର୍ବିଚାର ଦାବି କରି କୋର୍ଟରେ ଦରଖାସ୍ତ ପେଶ୍ କଲେ। ଆମ ଦେଶରେ ସରକାରୀ ଓକିଲ (ପ୍ରସିକ୍ୟୁଟର) କେବେ ନିଜ ଅଫିସର ଦୋଷ ସ୍ୱୀକାର କରି କୋର୍ଟରେ ପୁନର୍ବିଚାର ପାଇଁ ଦରଖାସ୍ତ କରିବେ? ଆମର ସବୁ ସଂସ୍ଥା ତ ପଲିଟିକାଲ! ଶାସକ ଦଳର ସମର୍ଥକ ନ ହେଲେ ସରକାର କୌଣସି ଆଡ୍‌ଭୋକେଟଙ୍କୁ ସରକାରୀ ଓକିଲ ନିଯୁକ୍ତି ଦେବେ ନାହିଁ! ଏବେ ମାର୍କିନ୍ ଲୋକେ କହୁଛନ୍ତି– ପୋଲିସ, ଏଫ୍‌ବିଆଇ ଓ ସିଆଇଏ 'ମାଲକମ୍ ଏକ୍ସ'ଙ୍କୁ ଜଣେ ବିପଜ୍ଜନକ ବ୍ଲାକ୍ (କୃଷ୍ଣକାୟ) ବୋଲି ମନେକରୁଥିଲେ। ତେଣୁ ତାଙ୍କୁ ସଫା କରିଦେବାର ଷଡ଼ଯନ୍ତ୍ର ଭିଆଇ ଥିଲେ। ୧୯୫୩ ମାର୍ଚ୍ଚରୁ ଏଫ୍‌ବିଆଇ ମାଲକମ୍ ଏକ୍ସ ନାଁରେ ଫାଇଲ ଖୋଲିଥିଲା ଓ ତାଙ୍କ ଉପରେ ନଜର ରଖିଥିଲା। ୧୯୬୪ ଜୁନ ୬ରେ ଏଫ୍‌ବିଆଇ ଡାଇରେକ୍ଟର ଜେ. ଏଡ୍‌ଗାର ହୁଭର୍(୧୯୭୨ରେ ମୃତ) ନ୍ୟୁୟର୍କ ଏଫ୍‌ବିଆଇ ଅଫିସକୁ ଚିଠି ଲେଖିଲେ ଯେ ମାଲକମ୍ ବଡ ବିପଦ ସୃଷ୍ଟି କଲାଣି, କିଛି ଗୋଟାଏ କର। ପୋଲିସ୍ ଆଉ ଏଫ୍‌ବିଆଇ ଅଣ୍ଡର୍‌କଭର୍ ଅଫିସର ବି ବରାଦ କରିଦେଲେ। ନ୍ୟୁୟର୍କର ସରକାରୀ ଓକିଲ (ଆର୍ଟର୍ନି) କୋର୍ଟକୁ ଏମିତି ଏକ ଷଡ଼ଯନ୍ତ୍ର ଜଣାଇ ମକଦ୍ଦମାର ପୁନର୍ବିଚାର ଚାହିଁଲେ। କୋର୍ଟ ଜେଲ୍ ଭୋଗୁଥିବା ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ବୋଲି ଖଲାସ କଲେ ଓ ସେମାନଙ୍କୁ ନ୍ୟୁୟର୍କ ରାଜ୍ୟ ସରକାର ୨୬ ମିଲିୟନ ଡଲାର କ୍ଷତିପୂରଣ ଦିଅନ୍ତୁ ବୋଲି ବି ଆଦେଶ ଦେଲେ।

ମାଲ୍‌କମ୍ ହତ୍ୟା ସ୍ଥାନରେ ଏବେ ଏକ ମେମୋରିଆଲ କରାହୋଇଛି, ସେହିଠାରେ ତାଙ୍କ ମୃତ୍ୟୁବାର୍ଷିକୀ ପାଳନ ଅବସରରେ ଫେବୃୟାରୀ ୨୧(୨୦୨୩)ରେ ତାଙ୍କ ଝିଅ ଇଲିଶା ସାବାଜ୍ ଏକ ସାମ୍ବାଦିକ ସମ୍ମିଳନୀ ଡାକି କହିଛନ୍ତି – ତାଙ୍କ ପରିବାର ସତ କଥାକୁ ପଦାକୁ ଆଣିବାକୁ ବର୍ଷ ବର୍ଷ ଧରି ଲଢେଇ କରିଆସିଛି। ଗୁଳିକାଣ୍ଡ ପଛରେ ଥିବା ଷଡ଼ଯନ୍ତ୍ରକାରୀ ପୋଲିସ ଅଧିକାରୀମାନଙ୍କୁ ଚିହ୍ନଟ କରି ଦଣ୍ଡ ଦିଆଯାଉ ଏବଂ ତାଙ୍କ ପରିବାରକୁ ସରକାର ୧୦ କୋଟି ଡଲାର କ୍ଷତିପୂରଣ ଦିଅନ୍ତୁ ବୋଲି ସେ ନାଲିସ୍ କରିବେ। ସିଭିଲ୍ ରାଇଟ୍ସ ଓକିଲ ବେନ୍ କ୍ରମ୍ପ ମଧ୍ୟ ସମର୍ଥନ କରିଛନ୍ତି। ଆତତାୟୀ ସରକାରୀ ପ୍ରାୟୋଜିତ ହୋଇଥିବାରୁ ଏଫ୍‌ବିଆଇ, ନ୍ୟୁୟର୍କ ପୋଲିସ ଓ ସିଆଇଏ ନାଁରେ ୧୦ କୋଟି ଡଲାର କ୍ଷତିପୂରଣ ନାଲିସ୍ କରିବାକୁ ଇଲିଶା ସାବାଜ୍ ସଜବାଜ ହେଉଛନ୍ତି। ଏପରି ଅଭିଯୋଗ ନବକିଶୋର ଦାସଙ୍କ କ୍ଷେତ୍ରରେ ଉଠିବା ଅସମ୍ଭବ ନୁହେଁ! କିନ୍ତୁ ପଲିଟିକାଲ ପେଞ୍ଚ ତାକୁ ରୋକିପାରେ!

sahadevas@yahoo.com

# ମାଇକ୍ରୋ ଫାଇନାନ୍ସ ଓ ମହିଳା ସଶକ୍ତୀକରଣ



ସୌରଜିତ୍ ପ୍ରଧାନୀ

ନବେ ଦଶକର ପ୍ରାରମ୍ଭରେ ଭାରତୀୟ ଅର୍ଥନୀତି ଉଦାରୀକରଣରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଥିଲା ଏବଂ ଆର୍ଥିକ ଅଭିବୃଦ୍ଧିର ଗତି ଉପରମୁହାଁ ହୋଇଥିଲା। କିନ୍ତୁ ବିତର୍କର ବିଷୟ ହେଉଛି– ସମାଜର ପ୍ରତ୍ୟେକ ବର୍ଗରେ ଏହି ଅଭିବୃଦ୍ଧି ପହଞ୍ଚିଛି ନା ଏହା କେବଳ ଏକ ନିର୍ଦ୍ଦିଷ୍ଟ ବର୍ଗରେ ସୀମିତ ରହିଛି। ୧୯୮୦ରୁ ୨୦୧୬ ମଧ୍ୟରେ ସମସ୍ତ ପ୍ରମୁଖ କ୍ଷେତ୍ରର ଅସମାନତାରେ ଭାରତ ସବୁଠାରୁ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି ଏବଂ ଦେଶର ଆୟର ୫୫% ଧନ ୧୦% ଲୋକଙ୍କ ହାତରେ ରହିଛି।

ଗ୍ରାମାଞ୍ଚଳ, ଅର୍ଦ୍ଧ ସହରାଞ୍ଚଳ ଏବଂ ସହରାଞ୍ଚଳରେ ଆୟର ଅସମାନ ପ୍ରସାର ଯୋଗୁ ଏହି ବ୍ୟବଧାନ ଦେଖାଦେଇଛି। ବ୍ୟାଙ୍କିଙ୍ଗ୍ ଏବଂ ସ୍ୱାସ୍ଥ୍ୟ ସେବା ଭଳି ସେବାର ଅଭାବ ସହିତ ସେମାନଙ୍କୁ କ୍ରମାଗତ ଭାବେ ଚ୍ୟାଲେଞ୍ଜ କରାଯାଉଛି। ଫଳସ୍ୱରୂପ ଗ୍ରାମାଞ୍ଚଳ ଭାରତର ପ୍ରକୃତ ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବେ ଉପଯୋଗ କରାଯାଇପାରିନାହିଁ, ବିଶେଷକରି ସେହି ମହିଳାମାନଙ୍କ କ୍ଷେତ୍ରରେ ଯେଉଁମାନେ କି ଉତ୍ତମ ଉଦ୍ୟୋଗିକ ଦକ୍ଷତା ଏବଂ ନେତୃତ୍ୱ କ୍ଷମତା ସମ୍ପନ୍ନ।

ବିଶ୍ୱବ୍ୟାପୀ ଅନେକ ଗବେଷଣାରେ ସ୍ପଷ୍ଟ ହୋଇଛି ଯେ ମହିଳା ସଶକ୍ତୀକରଣ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସହିତ ନିବିଡ଼ ଭାବେ ଜଡ଼ିତ ଏବଂ କୌଣସି ସଚେତନତା କାର୍ଯ୍ୟକ୍ରମ ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ନ ହେଲେ ଘରୁ ବାହାରକୁ ବାହାରିବା ପାଇଁ ପ୍ରବର୍ତ୍ତାଇ ପାରିବ ନାହିଁ। ଦେଶର ଦୁର୍ଗମ ଅଞ୍ଚଳରେ ଔପଚାରିକ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ ସୁବିଧା ନ ଥିବାରୁ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ସହଜରେ ଋଣ ଉପଲବ୍ଧ କରାଇବା ଦିଗରେ ମାଇକ୍ରୋ ଫାଇନାନ୍ସ ସଂସ୍ଥାଗୁଡ଼ିକ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଛନ୍ତି। କାରଣ ଜଣେ ସଶକ୍ତ ଓ ଆର୍ଥିକ ସ୍ୱାବଲମ୍ବୀ ମହିଳା ନିଜ ପରିବାର ଓ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଓ ଉତ୍ପାଦକତାରେ ଉଲ୍ଲେଖନୀୟ ଯୋଗଦାନ ଦେଇପାରିବେ। ଯଦି ମହିଳାମାନେ ବିକାଶ ପ୍ରକ୍ରିୟାରେ ସମାନ ଭାବେ ଭାଗିଦାର ନ ହୁଅନ୍ତି ତେବେ କୌଣସି ଦେଶ ପ୍ରଗତି କରିପାରିବ ନାହିଁ। ହେଲେ ଭାରତରେ ମହିଳା ଶ୍ରମିକଙ୍କ ଅଂଶଗ୍ରହଣ ମାତ୍ର ୨୮%।

ମାଇକ୍ରୋଫାଇନାନ୍ସ ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ପହଞ୍ଚି ସମାଜରେ ପରିବର୍ତ୍ତନ ଆଣିବା ପାଇଁ ଦୃଢ଼ ସଙ୍କଳ୍ପ ନେଇଛି। ବିଶେଷକରି ଆଶାୟୀ ମହିଳାମାନଙ୍କ ନିକଟରେ ପହଞ୍ଚିବା ପାଇଁ ଏହାକୁ ଏକ ପ୍ରଭାବୀ ତଥା ବ୍ୟାପକ ସାଧନ ଭାବେ ଦେଖାଯାଏ। ମହିଳାମାନେ ନିକଟରେ ଉଠାଇଥିବା ଋଣରୁ ଦେଶରେ ମାଇକ୍ରୋଫାଇନାନ୍ସ ଇନ୍‌ଷ୍ଟିଚ୍ୟୁଶନ(ଏମ୍‌ଏଫ୍‌ଆଇ)ର ଗୁରୁତ୍ୱକୁ ବୁଝିହେବ। ମାଇକ୍ରୋଫାଇନାନ୍ସ ଇନ୍‌ଷ୍ଟିଚ୍ୟୁଶନ ନେଟୱର୍କ ଅନୁଯାୟୀ, ଏହି ସଂସ୍ଥାଗୁଡ଼ିକ ସହିତ ୬.୬୫ କୋଟିରୁ ଅଧିକ ଋଣଗ୍ରହୀତା ଜଡିତ ଅଛନ୍ତି। ଏଥିରେ ୧,୪୮,୦୯୭ କୋଟି ଟଙ୍କାର ବ୍ୟୟବରାଦ ରହିଛି। ସେଥିମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା, ଯେଉଁମାନଙ୍କ ପାଖରେ ଔପଚାରିକ ଋଣର ସୁବିଧା ନାହିଁ। ମୁଦ୍ରା ଯୋଜନାର ଶୁଭାରମ୍ଭ ଏବଂ ଏନ୍‌ବିଏଫ୍‌ସି–ଏମ୍‌ଏଫ୍‌ଆଇ ପାଇଁ ଆର୍‌ବିଆଇର ସଂଶୋଧିତ ନିର୍ଦ୍ଦେଶାବଳୀ ଭଳି ସଂସ୍ଥାଗତ ବ୍ୟବସ୍ଥା ଉଦ୍ୟୋଗକୁ ଆବଶ୍ୟକ ପ୍ରୋତ୍ସାହନ ପ୍ରଦାନ କରିଛି।

ଏହାଛଡ଼ା କ୍ଷୁଦ୍ର ଆର୍ଥିକ ସଂସ୍ଥାଗୁଡ଼ିକ ମହିଳା ଉଦ୍ୟୋଗୀମାନଙ୍କୁ କ୍ଷୁଦ୍ର ମିଳିତ ଦାୟାଦ ଗୋଷ୍ଠୀ ମାଧ୍ୟମରେ ଯୋଡୁଛନ୍ତି। ଏହି ଗ୍ରୁପ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ବିନା କୌଣସି ବନ୍ଧକ କିମ୍ବା ଜଟିଳ ଡକ୍ୟୁମେଣ୍ଟେଶନ ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଋଣ ମିଳିଥାଏ, ଯାହା ପଶୁପାଳନ, କୃଷି, ହସ୍ତଶିଳ୍ପ, ବ୍ୟବସାୟ ଏବଂ ଅନ୍ୟାନ୍ୟ ପ୍ରକାର ବ୍ୟବସାୟରେ ଆୟ ସୃଷ୍ଟି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ। ଦେଶର ଦୂରଦୂରାନ୍ତ ଅଞ୍ଚଳରେ ଶାଖାଗୁଡ଼ିକ ଋଣର ସହଜ ଉପଲବ୍ଧତା ଏବଂ ବିତରଣ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା।

ଅଭିଜ୍ଞତା କହୁଛି, ପୁରୁଷଙ୍କ ତୁଳନାରେ ମହିଳାମାନେ ଆର୍ଥିକ ଦୃଷ୍ଟିରୁ ଅଧିକ ଶୃଙ୍ଖଳିତ। ତେଣୁ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରଦାନ କରାଯାଉଥିବା ପ୍ରତ୍ୟେକ କ୍ଷୁଦ୍ର ଋଣ ନିଯୁକ୍ତି, ଦାରିଦ୍ର୍ୟ ଦୂରୀକରଣ ଏବଂ ଏକ ସମୃଦ୍ଧ ସମାଜ ଗଠନକୁ ଗତିଶୀଳ କରାଇଥାଏ। ତେଣୁ ଏହା ଯୁକ୍ତି କରାଯାଇପାରେ ଯେ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଜାତୀୟ ଅଭିବୃଦ୍ଧିରେ ଯୋଗଦାନକାରୀ ଭାବେ ସେମାନଙ୍କୁ ପ୍ରସ୍ତୁତ କରିବାରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତେବେ ଏହା ଏକ ସାମୂହିକ ଦାୟିତ୍ୱ, ଯାହା ବ୍ୟାଙ୍କିଙ୍ଗ୍ ସମୁଦାୟ, ମାଇକ୍ରୋ–ଫାଇନାନ୍ସ ସଂସ୍ଥା ଏବଂ ସରକାରଙ୍କ ଦ୍ୱାରା ସମାନ ଭାବେ ଭାଗ କରାଯିବା ଉଚିତ। ଭାରତର ଭୌଗୋଳିକ ଏବଂ ଜନସଂଖ୍ୟାଗତ ବିବିଧତାକୁ ଦୃଷ୍ଟିରେ ରଖି ଏକ ଆର୍ଥିକ ଅନ୍ତର୍ଭୁକ୍ତ ଏବଂ ସଶକ୍ତ ସମାଜ ଗଠନ କରିବା କୌଣସି ସହଜ କାର୍ଯ୍ୟ ନୁହେଁ।



ତେଣୁ ଏଭଳି ଏକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି, ଯାହା କେବଳ ଆର୍ଥିକ ଦୃଷ୍ଟିରୁ ଅନ୍ତର୍ଭୁକ୍ତ ସମାଜ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ମହିଳାଙ୍କୁ ଆତ୍ମନିଯୁକ୍ତିର ମୌଳିକ ଦକ୍ଷତା ସହ ସଶକ୍ତ ଓ ସଜ୍ଜିତ କରିବ। ଏହା ନିଃସନ୍ଦେହରେ ଏକ ନୂତନ ଏବଂ ପ୍ରଗତିଶୀଳ ଭାରତର ମୂଳଦୁଆ ପକାଇବ, ଯାହାର ମୂଳରେ ଆତ୍ମନିର୍ଭରଶୀଳତା ଏବଂ ଆର୍ଥିକ ସ୍ଥିତିସ୍ଥାପକତା ରହିଛି।

ମୋ–୯୯୬୭୧୦୨୨୬୪

## ଏଇ ଭାରତରେ

ହିନ୍ଦୁଧର୍ମ ପରମ୍ପରାରେ ହୋଲି ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ପ୍ରତିବର୍ଷ ଦୋଳରେ ଏହାକୁ ଧୁମ୍‌ଧାମରେ ପାଳନ କରାଯାଉଥିବାବେଳେ ଅନେକ ଗାଁ ଅଜବ ବିଶ୍ୱାସକୁ ଆଧାରକରି ହୋଲି ପାଳନ ନ କରିବା ଦେଖାଯାଏ। ଏଭଳି ଦୁଇଟି ଗାଁ ରହିଛି ଛତିଶଗଡ଼ର କୋରବା ଜିଲାରେ। ପ୍ରଥମ ଗାଁଟି ହେଉଛି ଖରହରି। ଏଠାରେ ଦୀର୍ଘ ୧୫୦ ବର୍ଷ ହେଲା ହୋଲି ପାଳନ କରାଯାଇନାହିଁ। ଏହା ପଛରେ ବି ଏକ ଅନ୍ଧବିଶ୍ୱାସ ରହିଛି। କୁହାଯାଏ, ୧୫୦ ବର୍ଷ ପୂର୍ବେ ଗାଁରେ ଭୀଷଣ ନିଆଁ ଲାଗି ସ୍ଥିତି ପୂରା ଆୟତ୍ତ ବାହାରକୁ ଚାଲିଯାଇଥିଲା। ନିଆଁ ଲାଗିବା ପରେ ଗାଁରେ ମହାମାରୀ ମଧ୍ୟ ବ୍ୟାପିଥିଲା। ଏହି ମହାମାରୀରୁ ରକ୍ଷା ପାଇବା ଲାଗି ଦେବୀ ଜଣେ ବ୍ୟକ୍ତିଙ୍କୁ ସ୍ୱପ୍ନାଦେଶ ଦେଇ କହିଥିଲେ ଯେ, ଗ୍ରାମବାସୀ ହୋଲି ପାଳନ ନ କଲେ ଗାଁକୁ ଶାନ୍ତି ଫେରିବ। ସ୍ୱପ୍ନାଦେଶ ମାନି ସେବେଠାରୁ ଗାଁ ଲୋକେ ହୋଲି ପାଳନ କରୁନାହାନ୍ତି। କେବଳ ଏହି ଗାଁ ନୁହେଁ, ଛତିଶଗଡ଼ର ଧମନଗୁଡ଼ି ଗାଁରେ ମଧ୍ୟ ୨୦୦ ବର୍ଷ ହେଲା ହୋଲି ପାଳନ ହେଉନତ। ଉକ୍ତ ଗାଁରେ ଦେବୀଙ୍କ କୋପରୁ ସେବେଠାରୁ ହୋଲି ପାଳନ କରାଯାଉନାହିଁ। ଲୋକେ ଲାଲ୍ ରଙ୍ଗ ଓ ହୋଲିକା ଦହନରୁ ଦୂରେଇ ରୁହନ୍ତି। ଏପରି କି ହୋଲି ଦିନ ରଙ୍ଗକୁ ଏତେ ଡରନ୍ତି ଯେ ସେମାନେ ଘରୁ ବାହାରକୁ ବାହାରନ୍ତିନି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଫେବୃୟାରୀ ୧୯୯୮

- ଉତ୍ତରପ୍ରଦେଶ ବିଧାନସଭାରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଅନୁଷ୍ଠିତ ଏକ ମିଳିତ ଶକ୍ତି ପରୀକ୍ଷାରେ କଲ୍ୟାଣ ସିଂ ବିଜୟୀ।
- ଜାତିସଂଘର ଅସ୍ତ୍ରଶସ୍ତ୍ର ତଦାରଖକାରୀ ୨୫ ଦିନ ଭିତରେ ରାଷ୍ଟ୍ରପତି ଭବନର ୮ଟିଯାକ ପ୍ରାସାଦ ତନଖି ଶେଷ କରିବାକୁ ଇରାକ ଉପପ୍ରଧାନମନ୍ତ୍ରୀ ତାରିକ ଅଜିଜ ପ୍ରସ୍ତାବ ଦେଇଛନ୍ତି।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 1 | 9 | | | | | | |
| 8 | 4 | 3 | | 2 | | | | |
| | | | | | | | | |
| | 6 | | 4 | | | 2 | | |
| | | 1 | | | 3 | | | |
| | | | 1 | 5 | | | 9 | |
| | 2 | 8 | 6 | | | | | 3 |
| 3 | | | | 4 | | 7 | 8 | |
| | | | | 7 | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 2 | 8 | 9 | 3 | 5 | 1 | 7 |
| 5 | 9 | 1 | 6 | 7 | 2 | 4 | 3 | 8 |
| 3 | 8 | 7 | 5 | 1 | 4 | 6 | 2 | 9 |
| 7 | 6 | 4 | 3 | 8 | 9 | 1 | 5 | 2 |
| 2 | 3 | 9 | 7 | 5 | 1 | 8 | 6 | 4 |
| 1 | 5 | 8 | 2 | 4 | 6 | 7 | 9 | 3 |
| 9 | 7 | 6 | 1 | 3 | 8 | 2 | 4 | 5 |
| 4 | 2 | 5 | 9 | 6 | 7 | 3 | 8 | 1 |
| 8 | 1 | 3 | 4 | 2 | 5 | 9 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତି ସହରାଞ୍ଚଳକୁ ମୋ ବସ୍ ଚାଲୁ

ମହାଶୟ,

ବିରଜା କ୍ଷେତ୍ର ସମେତ ପ୍ରତ୍ୟେକ ସହରାଞ୍ଚଳକୁ ପର୍ଯ୍ୟାୟକ୍ରମେ ମୋ ବସ୍ ଚାଲିବା ଉଚିତ। ଫଳରେ ଯାତ୍ରୀ ଭିଡ଼ ହ୍ରାସ ପାଇବା ସଙ୍ଗେ ସଙ୍ଗେ ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକମାନେ ବିଶେଷ ଉପକୃତ ହେବେ। ଘରୋଇ ବସ୍‌ଗୁଡ଼ିକ ମନଇଚ୍ଛା ରହଣି କରୁଥିବାରୁ ଯାତ୍ରୀମାନେ ହୀନସ୍ତା ହେଉଛନ୍ତି। ଜାତୀୟ ରାଜପଥ ୧୬ନଂ.ରେ ଓଭର ବ୍ରିଜ ହେବା ଫଳରେ ପାର୍ଶ୍ୱବର୍ତ୍ତୀ ଗ୍ରାମର ଲୋକେ ବସ୍ ରହଣି ସୁବିଧା ପାଇପାରୁ ନାହାନ୍ତି। ବଡ଼ଚଣା ରହଣିସ୍ଥଳ ଦୂର ହେଉଥିବାରୁ ବରିଷ୍ଠ ନାଗରିକ ଓ ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି। ବାରମ୍ବାର ଘରୋଇ ବସ୍ ମାଲିକ ସଂଘ ଓ ଆରଟିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ବସ୍‌ଯାତ୍ରା ସୁବ୍ୟବସ୍ଥିତ ହୋଇପାରୁ ନାହିଁ। ମୋ ବସ୍ ଭୁବନେଶ୍ୱରରୁ ଭାୟା କଟକ ଦେଇ ସାଲେପୁର ପର୍ଯ୍ୟନ୍ତ ପ୍ରତିଦିନ ଚାଲିବା ଫଳରେ ଲୋକେ ତା'ର ସୁଫଳ ପାଉଛନ୍ତି। ଉକ୍ତ ମୋ ବସ୍ ଚଣ୍ଡିଖୋଲ ଦେଇ ବିରଜା କ୍ଷେତ୍ର ପର୍ଯ୍ୟନ୍ତ ଚଳାଇଲେ ହଜାର ହଜାର ଶ୍ରଦ୍ଧାଳୁ ଅନାୟାସରେ ଯାତାୟାତ କରିପାରିବେ। ଏ ଦିଗରେ ସରକାର ଦୃଷ୍ଟି ଦେବାକୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି।

**–ନିର୍ମଳ ଚନ୍ଦ୍ର ସାମଲ, ବରିଷ୍ଠ ନାଗରିକ ମଞ୍ଚ, ବଡ଼ଚଣା**

## ଚିରନ୍ତନୀ

ମୂର୍ଚ୍ଛିତ ଏ ଧରଣୀ ପରେ
ସେ ଗତି କ୍ଷୀଣ ଚେତନା ଭରେ
ମୃତ୍ୟୁ ସମ ଜଡ଼ତା ରାଶି
ନିମିଷେ ଦିଏ ଢାଳି
ସହଜ ଗତି ଯା'ନ୍ତି ଚଳି ବାଳୀ।
–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୦୨।୨୦୨୨

| ୮,୬୯, ୮୫୭ ଟଙ୍କା | |
|---|---|
| ସୁନା | ୧.୫୦ ଗ୍ରାମ୍ |
| ରୁପା | ୩୧.୧୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ଆଚାର୍ଯ୍ୟ ବିହାରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳୀ, ସକାଳ ୮ଟା, ସାଧାରଣ ସଭା, ସୂଚନା ଭବନ, ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ପଲିଟେକ୍ନିକ୍ ଏବଂ ଆଇଟିଆଇ ଫେଷ୍ଟ ୨୦୨୨ ଉଦ୍‌ଘାଟିତ, କଳିଙ୍ଗ ଷ୍ଟାଡିୟମ୍, ପୂର୍ବାହ୍ନ ୧୦ଟା।
- ଅଭିଲେଖାଗାର ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ପୂର୍ବାହ୍ନ ୧୧ଟା।
- ଓୟୁଏଟି କୃଷି ପ୍ରଦର୍ଶନୀ, ଡ. ଏମ୍.ଏସ୍. ସ୍ୱାମୀନାଥନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ସିଆଇଟିୟୁ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ୬୬୨ ବେସରକାରୀ ଅଧାପକ କର୍ମଚାରୀ ସଂଘର ଧାରଣା, ଲୋୟର ପିଏମ୍‌ଜି, ମଧ୍ୟାହ୍ନ ୧୨ଟା ୩୦।
- ଆଦିବାସୀ ମେଳା ୨୦୨୩, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୨ଟା ୩୦।
- ଡିଜିଟାଲ୍ ସୁରକ୍ଷା ସମ୍ବନ୍ଧୀୟ ପ୍ରଶିକ୍ଷଣ, କଟକ ରୋଡ଼ସ୍ଥିତ ନୀହାରିକା ଆପାର୍ଟମେଣ୍ଟର ଚିତ୍ତ ବିନୋଦନ କେନ୍ଦ୍ର ପରିସର, ଅପରାହ୍ନ ୪ଟା।
- ୭ମ ମେଗା ହ୍ୟାଣ୍ଡଲୁମ୍ ଫେବ୍ ମେଳା ଉଦ୍‌ଘାଟିତ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- ଖଦି ଇଣ୍ଡିଆ ପକ୍ଷରୁ ଖଦି ମହୋତ୍ସବ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟା।
- ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ,ସୂଚନା ଭବନ ସନ୍ଧ୍ୟା ୬ଟା।
- ଓଡ଼ିଶୀ ଡ୍ୟାନ୍ସ କ୍ରିଏଶନ ପକ୍ଷରୁ ଚାନ୍ଦବିଭା ନୃତ୍ୟ ମହୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ୧୭ତମ ଗୁରୁ ପ୍ରଣାମ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ପୁରୀ

- ସୁଇଚ୍ ଅନ୍ ଫାଉଣ୍ଡେଶନ ପକ୍ଷରୁ ମୁଭ୍ ଫର୍ ଆର୍ଥ ପାଇଁ ଫ୍ଲାଗ୍ ଅଫ୍, ସଂସ୍କୃତି ଭବନ ନିକଟ, ସକାଳ ୮ଟା।
- ଜିଲା ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ, ସମ୍ଭାବନା ସଭାଗୃହ, ସକାଳ ୮ଟା।
- ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ଦ୍ୱାରା ବାଲୁକା କଳା, ଦିଗବାରିଣୀ ଖୁଣ୍ଟି ବେଳାଭୂମି, ସକାଳ ୯ଟା।
- ସରସ୍ୱତୀ ବିଦ୍ୟାମନ୍ଦିର, ଘୋଡ଼ାବଜାର ପକ୍ଷରୁ ଅଜା ଆଈ ଓ ଜେଜେବାପା ସମ୍ମିଳନୀ ଓ ଶୁଭା ଆଶୀର୍ବାଦ ଉତ୍ସବ, ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ ପକ୍ଷରୁ ଶୁଭ ଆଶୀର୍ବାଦ ଉତ୍ସବ, ବିଦ୍ୟାଳୟ ପରିସର, ମଧ୍ୟାହ୍ନ ୧୨ଟା।

## ପ୍ଲଟ୍ ଦେବା ଆଳରେ ୫ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୬।୨(ବ୍ୟୁରୋ):** ପ୍ଲଟ ଦେବା ଆଳରେ ଜଣେ ବ୍ୟକ୍ତିଙ୍କୁ ୫ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ସଂପୃକ୍ତ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ରବିବାର ଗିରଫ କରିଛି। ସେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର ଗ୍ରାମରେ ରହୁଥିବା ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସାପୁର ଗ୍ରାମର ସୁଧାକର ଜେନା (୪୮)। ଅଭିଯୁକ୍ତ ସୁଧାକରଙ୍କୁ କୋର୍ଟ ଚଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ମାମଲାରେ ସମ୍ପୃକ୍ତ ଥିବା ସୁଧାକରଙ୍କ ସ୍ତ୍ରୀ କଳ୍ପନା ଜେନା ଫେରାର ଥିବା ପୋଲିସ ପକ୍ଷରୁ କୁହାଯାଇଛି। ଠକେଇର ଶିକାର ହୋଇଥିବା ବ୍ୟକ୍ତି ହେଲେ ରଶ୍ମି ରଞ୍ଜନ ନାୟକ। ଅଭିଯୁକ୍ତଦ୍ୱୟ ଏକ ରିୟଲ ଇଷ୍ଟେଟ୍ କମ୍ପାନୀର ମାଲିକ ବୋଲି ପରିଚୟ ଦେଇ ରଶ୍ମୀଙ୍କୁ ଭୁବନେଶ୍ୱରରେ ଏକ ପ୍ଲଟ୍ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ୨୦୨୧ ସେପ୍ଟେମ୍ବରରୁ ୨୦୨୨ ଫେବୃୟାରୀ ମଧରେ ଅଭିଯୁକ୍ତଦ୍ୱୟ ତାଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ଅଗ୍ରୀମ ୫ ଲକ୍ଷ ଟଙ୍କା ନେଇଥିଲେ। ହେଲେ କୌଣସି ପ୍ଲଟ ନ ଦେବାରୁ ରଶ୍ମୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୮୦ /୨୩) ରୁଜୁ କରି ତଦନ୍ତ କରିଥିଲା।

# ବଦଳି ସତ୍ତ୍ୱେ କ୍ୱାର୍ଟର୍ସ ଛାଡୁନାହାନ୍ତି ପୋଲିସ ବାବୁ

ଭୁବନେଶ୍ୱର,୨୬।୨(ବ୍ୟୁରୋ)



**ଭଡ଼ା ବାବଦକୁ ବାକି ପଡ଼ିଛି ଲକ୍ଷାଧିକ ଟଙ୍କା**

ପୋଲିସ ବିଭାଗରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କୁ ରହିବା ପାଇଁ ସରକାରଙ୍କ ପକ୍ଷରୁ ବାସ ଉପଯୋଗୀ କ୍ୱାର୍ଟର୍ସ ଯୋଗାଇ ଦିଆଯାଉଛି। ତେବେ ଭୁବନେଶ୍ୱର ଓ କଟକରେ କାର୍ଯ୍ୟ କରୁଥିବା ପୋଲିସ ବାବୁମାନେ ଅନ୍ୟ ଜିଲାକୁ ବଦଳି ହେବା ପରେ ମଧ ଉକ୍ତ କ୍ୱାର୍ଟର୍ସ ଛାଡ଼ିବାକୁ ରାଜି ହେଉନାହାନ୍ତି। ଏପରିକି ବିଭିନ୍ନ କାରଣ ଦର୍ଶାଇ ସେମାନେ ସେଠାରେ ଦୀର୍ଘଦିନ ଧରି ରହୁଛନ୍ତି। ସରକାରୀ ନିୟମ ଅନୁଯାୟୀ, ଭୁବନେଶ୍ୱର-କଟକରେ କାର୍ଯ୍ୟ କରି କେବିକେ ଅଞ୍ଚଳ ଅର୍ଥାତ୍ କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଜିଲାକୁ ବଦଳି ହେବା ପରେ ଆବଶ୍ୟକ କାରଣ ଦର୍ଶାଇ ଉକ୍ତ କ୍ୱାର୍ଟର୍ସକୁ ପୋଲିସ କର୍ମଚାରୀମାନେ ରଖିପାରିବେ। ଏଥିପାଇଁ ସେମାନଙ୍କୁ କୌଣସି ଅର୍ଥ ଦେବାକୁ ପଡ଼ିବ ନାହିଁ। ହେଲେ ଯେଉଁମାନେ ଅନ୍ୟ ଜିଲାକୁ ବଦଳି ହେଉଛନ୍ତି, ସେମାନେ କାରଣ ଦର୍ଶାଇ ଉକ୍ତ କାର୍ଟର୍ସକୁ କିଛିବର୍ଷ ରଖିପାରିବାର ନିୟମ ରହିଥିଲେ ମଧ ଭଡ଼ା ବାବଦକୁ ସମ୍ପୂର୍ଣ୍ଣ ଅର୍ଥ ଦେବାକୁ ପଡ଼ିବ। ତେବେ ଅଧିକାଂଶ ପୋଲିସ କର୍ମଚାରୀ ଅନ୍ୟଜିଲାକୁ ବଦଳି ହେଉଥିଲେ ମଧ ଏପରି ଭାବେ ଉକ୍ତ ସରକାରୀ କ୍ୱାର୍ଟର୍ସକୁ ଛାଡୁ ନ ଥିବା ଦେଖାଯାଉଛି। ଏପରିକି ଭଡ଼ା ଓ ଅନ୍ୟାନ୍ୟ ଦେୟ ବାବଦକୁ ଟଙ୍କା ଦେବାର ନିୟମ ରହିଥିଲେ ମଧ ସେମାନେ ଏହାକୁ ବେଖାତିର କରିଛନ୍ତି। ତେଣୁ ଦୀର୍ଘଦିନ ଧରି ସେମାନଙ୍କ ଉପରେ ଲକ୍ଷାଧିକ ଟଙ୍କା ବାକି ପଡୁଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି।

ସୂଚନା ଅନୁଯାୟୀ, କଟକ-ଭୁବନେଶ୍ୱରରୁ କେବିକେ ଜିଲାକୁ ୨୦ଜଣ ଏବଂ ଅନ୍ୟ ଜିଲାକୁ ୩୫ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କର ବଦଳି ହୋଇଛି। ଏମାନଙ୍କ ମଧ୍ୟରୁ ଭୁବନେଶ୍ୱର ସ୍ପେଶାଲ ସିକ୍ୟୁରିଟି ବାଟାଲିଅନ୍‌ର ପୂର୍ବତନ ସୁବେଦାର ଗୌରାଙ୍ଗ ଚରଣ ସାହୁ ୨୦୧୬ ଡିସେମ୍ବର ୨୨ରୁ ଅନ୍ୟ ଜିଲାକୁ ବଦଳି ହୋଇଛନ୍ତି। ୨୦୧୭ ଜୁନ୍ ୧ରୁ ତାଙ୍କ କ୍ୱାର୍ଟର୍ସ ଆଲଟ୍‌ମେଣ୍ଟ ବାତିଲ ହୋଇଥିଲେ ମଧ ସେ ଘର ଛାଡ଼ିନାହାନ୍ତି। ଏପରିକି ଘରଭଡ଼ା ଓ ଜରିମାନାକୁ ଲଗାଇ ତାଙ୍କ ଉପରେ ୪ ଲକ୍ଷ ୬୨ ହଜାର ୯୩୮ ଟଙ୍କା ବାକି ପଡ଼ିଛି। କମିଶନରେଟ ପୋଲିସର ପୂର୍ବତନ ଇନ୍ସପେକ୍ଟର ସୂର୍ଯ୍ୟମଣୀ ପ୍ରଧାନ ୨୦୧୮ ନଭେମ୍ବର ୩୦ରେ ବଦଳି ହୋଇଥିବାବେଳେ ୨୦୧୯ ମାର୍ଚ୍ଚ ୧ରେ ତାଙ୍କ ଘର ବାତିଲ ହୋଇଛି। ହେଲେ ସେ ଘର ଛାଡ଼ି ନ ଥିବାରୁ ୩ ଲକ୍ଷ ୩୯ ହଜାର ୮୫୭ ଟଙ୍କା ତାଙ୍କ ଉପରେ ବାକି ପଡ଼ିଛି। କମିଶନରେଟ ପୋଲିସର ପୂର୍ବତନ ଇନ୍ସପେକ୍ଟର କିଶୋର ଚନ୍ଦ୍ର ମୁଣ୍ଡ ଘର ଛାଡ଼ି ନ ଥିବାବେଳେ ତାଙ୍କ ଉପରେ ୩ ଲକ୍ଷ ୨୨ ହଜାର ୨୭୪ ଟଙ୍କା ବାକି ପଡ଼ିଛି। ସେହିପରି ପୂର୍ବତନ ଏସିପି ସଂଗ୍ରାମ ଟୁଡୁଙ୍କ ଉପରେ ୨ ଲକ୍ଷ ୮୬ ହଜାର ୫୫୨ ଟଙ୍କା ବାକି ପଡ଼ିଛି। ଆର୍‌ଟିଆରୁ ମିଳିଥିବା ଏହି ତଥ୍ୟ ୨୦୨୨ ସେପ୍ଟେମ୍ବର ସୁଦ୍ଧା ହୋଇଥିବାବେଳେ ଇତିମଧ୍ୟରେ ସେମାନଙ୍କ ଘରଭଡ଼ା ଓ ଅନ୍ୟାନ୍ୟ ବାବଦକୁ ବକେୟା ଟଙ୍କା ବଢ଼ି ଚାଲିଛି। ସେହିଭଳି ଆଉ କେତେଜଣ ଘର ଛାଡ଼ିଥିଲେ ମଧ ବକେୟା ଟଙ୍କା ଜମା କରି ନ ଥିବା ଜଣାପଡିଛି।

ଅନ୍ୟପକ୍ଷରେ କେବିକେ ଅଞ୍ଚଳକୁ ବଦଳି ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରୁ କେତେଜଣଙ୍କ ନାମରେ ଏବେବି ଦ୍ୱୈତନଗରୀରେ ସରକାରୀ କ୍ୱାର୍ଟର୍ସ ରହିଛି। ଏମାନଙ୍କ ମଧ୍ୟରୁ ସ୍ପେଶାଲ ଅପରେଶନ ଗ୍ରୁପ୍(ଏସ୍‌ଓଜି)ର ପୂର୍ବତନ ହାବିଲ୍‌ଦାର ଈଶ୍ୱର ରଣାଭଟଙ୍କର ୨୦୨୦ ମେ ୨୮ରେ ବଦଳି ହୋଇ ସେକେଣ୍ଡ୍ ଇଣ୍ଡିଆ ରିଜର୍ଭ ବାଟାଲିଅନ୍ ରାୟଗଡ଼ାରେ କାର୍ଯ୍ୟ କରୁଛନ୍ତି। ସେହିପରି ଏସ୍‌ଓଜିର ପୂର୍ବତନ ହାବିଲଦାର ନାରାୟଣ ଚନ୍ଦ୍ର ଜେନା, ମୋହନଚରଣ ମାଝୀ ପ୍ରମୁଖଙ୍କର ଭିନ୍ନ ଭିନ୍ନ ପର୍ଯ୍ୟାୟରେ କେବିକେ ଅଞ୍ଚଳକୁ ବଦଳି ହୋଇଥିଲେ ମଧ ପୂର୍ବରୁ ପାଇଥିବା କ୍ୱାର୍ଟର୍ସ ଛାଡୁନାହାନ୍ତି। ତେବେ ଏଭଳି ଅନେକ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସରକାରୀ କ୍ୱାର୍ଟର୍ସ ଦଖଲ କରି ରହିଛନ୍ତି।

# ଭୁବନେଶ୍ୱର କାହାଣୀ, କିମ୍ବଦନ୍ତୀର ଗନ୍ତାଘର



ପୁରୁଣା ଭୁବନେଶ୍ୱରର ବୈତାଳ ମନ୍ଦିରରେ ଐତିହ୍ୟ ପଦଯାତ୍ରୀମାନେ।

ଭୁବନେଶ୍ୱର,୨୬।୨(ବ୍ୟୁରୋ)

**ମାଇଁ ସିଟି ମାଇଁ ହେରିଟେଜ୍‌ର ଦ୍ୱିତୀୟ ପଦଯାତ୍ରା**

ଇଣ୍ଡିଗୋ ରିଚ୍ ଓ ଇଣ୍ଟର ଗ୍ଲୋବ୍ ଫାଉଣ୍ଡେଶନ (ଆଇଜିଏଫ୍) ପକ୍ଷରୁ ରବିବାର ଭୁବନେଶ୍ୱରରେ 'ମାଇଁ ସିଟି ମାଇଁ ହେରିଟେଜ୍' କ୍ୟାମ୍ପେନ୍‌ର ଦ୍ୱିତୀୟ ଐତିହ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା ଭାରତର ଐତିହ୍ୟ ଓ ସଂସ୍କୃତିର ମୂଲ୍ୟବୋଧ ସମ୍ପର୍କରେ ସଚେତନତା ବୃଦ୍ଧି ସହ ସ୍ପର୍ଶନୀୟ ଓ ଅସ୍ପର୍ଶନୀୟ ଐତିହ୍ୟଗୁଡିକର ସଂରକ୍ଷଣ ସମ୍ପର୍କରେ ଆଲୋଚନା ତଥା ସହଭାଗିତା ପାଇଁ ଏକ ପରିବେଶ ସୃଷ୍ଟି କରିଛି। ଡ. କବିତା ଗୁପ୍ତାଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ପର୍ଯ୍ୟଟକମାନେ ପର୍ଶୁରାମେଶ୍ୱର ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ସମ୍ପୂର୍ଣ୍ଣ ଜଳେଶ୍ୱର ମନ୍ଦିର, ବିନ୍ଦୁସାଗର, ଅନନ୍ତବାସୁଦେବ ମନ୍ଦିର, ସୁକଶାରୀ ମନ୍ଦିର ଓ ବୈତାଳ ମନ୍ଦିର ଭଳି ଐତିହାସିକ ସ୍ଥାନଗୁଡ଼ିକୁ ଭ୍ରମଣ କରିଥିଲେ। ଏହି ଅବସରରେ ଇଣ୍ଡିଗୋର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ପିଟର ଏଲ୍‌ବର୍ସ କହିଛନ୍ତି, ଏହି ପଦଯାତ୍ରା ମାଧ୍ୟମରେ ଭୁବନେଶ୍ୱରର ସମୃଦ୍ଧ ଐତିହ୍ୟକୁ ଉନ୍ମୋଚନ କରିବା ସହ ପରମ୍ପରା କ୍ଷେତ୍ରରେ ଆଗକୁ ବଢ଼ିବାର ଏକ ଯାତ୍ରା ଥିଲା। ବିଶାଳ କୀର୍ତିରାଜିଠାରୁ ଆରମ୍ଭ କରି ଐତିହାସିକ ସ୍ଥାପତ୍ୟ ପର୍ଯ୍ୟନ୍ତ ଭୁବନେଶ୍ୱର ହେଉଛି କାହାଣୀ ଓ କିମ୍ବଦନ୍ତୀଗୁଡ଼ିକର ଏକ ଭଣ୍ଡାର, ଯାହା ଆବିଷ୍କାର ପାଇଁ ଅପେକ୍ଷାରେ ରହିଛି। ଆମେ ଆମର ୭୮ଟି ଘରୋଇ ଗନ୍ତବ୍ୟସ୍ଥଳୀ ମଧ୍ୟରୁ ଭୁବନେଶ୍ୱରକୁ ଖୁବ୍‌ଶୀଘ୍ର ଅନ୍ତର୍ଜାତୀୟ ଗନ୍ତବ୍ୟ ସ୍ଥଳୀଗୁଡିକ ସହ ସଂଯୋଗ କରିବାକୁ ଯାଉଛୁ ବୋଲି ସେ କହିଛନ୍ତି। ଇଣ୍ଟର ଗ୍ଲୋବ୍ ଫାଉଣ୍ଡେଶନ ଅଧ୍ୟକ୍ଷ ରୋହିଣୀ ଭାଟିଆ କହିଛନ୍ତି, ଭୁବନେଶ୍ୱର ଏହାର ସମୃଦ୍ଧ ଇତିହାସ, ଜଟିଳ ସ୍ଥାପତ୍ୟ, ବିବିଧ କଳା, ମନ୍ଦିର ଓ ଐତିହାସିକ ସ୍ଥାନଗୁଡିକ ପାଇଁ ସୁପରିଚିତ। ଆମେ ଆମର କ୍ୟାମ୍ପେନ୍ ମାଧ୍ୟମରେ ଏହି ସହରକୁ ଆବିଷ୍କାର ଓ ପ୍ରଦର୍ଶିତ କରିବା ପାଇଁ ଅତ୍ୟଧିକ ଉତ୍ସାହିତ ଅଛୁ।

## ବିଦ୍ୟୁତ୍ ଆଘାତରେ ଛାତ୍ର ମୃତ

**ସ୍କୁଲ୍ ପରିସରରେ ବିବାହ ଭୋଜି ପାଇଁ ଟେଣ୍ଟ୍ ହୋଇଥିଲା**

ବାଲୁଗାଁ,୨୬।୨(ଡି.ଏନ୍.ଏ.)

ରବିବାର ସନ୍ଧ୍ୟାରେ ଏକ ବିବାହ ଭୋଜିର ଆୟୋଜନ ଚାଲିଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଷଷ୍ଠଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ପୁଅ ଦିବ୍ୟରଞ୍ଜନ ଓରଫ୍ ଶୁଭ(୧୧)। ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅଧୀନ ଖାରିବନ୍ଧ ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ସୂଚନା ଅନୁଯାୟୀ, ଖାରିବନ୍ଧ ଗ୍ରାମ ସ୍କୁଲ ସମ୍ମୁଖ ପଡ଼ିଆରେ ଏକ ବିବାହ ଭୋଜିର ଆୟୋଜନ ହେବା ସହ ସ୍କୁଲ ପରିସରରେ ଅତିଥିଙ୍କ ପାଇଁ ଏକ ଟେଣ୍ଟର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଦିବ୍ୟରଞ୍ଜନ ସାଙ୍ଗଙ୍କ ସହ ବିଦ୍ୟାଳୟ ପରିସରରେ ଖେଳୁଥିବା ବେଳେ ଟେଣ୍ଟକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ବାଲୁଗାଁ ଡାକ୍ତରଖାନା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିଲା। ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଟେଣ୍ଟ ମାଲିକଙ୍କ ଅବହେଳା ଯୋଗୁ ଏପରି ଘଟଣା ଘଟିଥିବା କୁହାଯାଉଛି। ଅନ୍ୟପକ୍ଷରେ ବିଦ୍ୟାଳୟ ପରିସରରେ କାହା ଅନୁମତିରେ ଭୋଜିର ଆୟୋଜନ କରାଯାଇଥିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବସ୍ ଧକ୍କାରେ ବାଇକ୍ ଚାଳକ ମୃତ

**ବ୍ରହ୍ମଗିରି,୨୬।୨(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତାରେ ରବିବାର ସକାଳେ ବସ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ଅପିଠି ଗ୍ରାମର କମଳ ସାମନ୍ତରାୟ। ବ୍ରହ୍ମଗିରିରୁ ଭାୟା ଡେଲାଙ୍ଗ ରୋଡ ଦେଇ କଟକ ଯାଉଥିବା ଏକ ଘରୋଇ ବସ ମଣପଡ଼ା ଛକଠାରେ କମଳଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ କ୍ଷତିପୂରଣ ପାଇଁ ବସ୍‌କୁ ଅଟକାଇ ରାସ୍ତାରୋକୋ କରିଥିଲେ। ବ୍ରହ୍ମଗିରି ପୋଲିସ ପହଞ୍ଚି ପରିସ୍ଥିତକୁ ନିୟନ୍ତ୍ରଣ କରିଥିଲା।

# ଟିଗିରିଆ ଗଡ଼ଜାତ ରାଣୀ ରାସମଞ୍ଜରୀ ଦେବୀଙ୍କ ପରଲୋକ

ଟିଗିରିଆ, ୨୬।୨(ଡି.ଏନ୍.ଏ.)



କଟକ ଜିଲା ଟିଗିରିଆ ଗଡ଼ଜାତର ରାଣୀ ତଥା ପୂର୍ବତନ ବିଧାୟିକା ରାଣୀ ରାସମଞ୍ଜରୀ ଦେବୀ(୯୬)ଙ୍କ ରବିବାର ନିଜଗଡ଼ସ୍ଥିତ ବାସଭବନରେ ପରଲୋକ ଘଟିଛି। ବୟସାଧିକ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ରାଣୀ ରାସମଞ୍ଜରୀ ଦେବୀ ହେଉଛନ୍ତି ସୋନପୁର ତତ୍କାଳୀନ ମହାରାଜା କୁମାର ଯଶୋବନ୍ତ ସିଂଦେଓଙ୍କ ଏକ ମାତ୍ର କନ୍ୟା। ୧୯୨୭ ନଭେମ୍ବର ୧୯ରେ ସେ ଜନ୍ମଗ୍ରହଣ କରିଥିଲେ। ୧୯୪୪ରେ ଟିଗିରିଆର ଶାସକ ରାଜା ବ୍ରଜରାଜ କ୍ଷେତ୍ରୀୟ ବୀରବର ଚମ୍ପତି ସିଂହ ମହାପାତ୍ରଙ୍କୁ ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିଲେ। ୧୯୭୭ରେ ଆଠଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟିକା, କଟକ ଜିଲା ପରିଷଦରୁ ଉପାଧକ୍ଷା ହୋଇଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଅଧାପକ ମାନ୍ୟତା ଦାବିକଲା ଏସ୍‌ଏସ୍‌ବି ଅଧାପକ ସଂଘ

ଭୁବନେଶ୍ୱର,୨୬।୨(ବ୍ୟୁରୋ)




ସମ୍ମିଳନୀରେ ସଂଘ କର୍ମକର୍ତ୍ତାଙ୍କ ସହ ଅତିଥିମାନେ।

କଲେଜରେ ନିଯୁକ୍ତି ମିଳିଛି। ଅଧାପକ ବୋଲି କୁହାଯାଉଛି। କିନ୍ତୁ ଅଧାପକର ମାନ୍ୟତା ନ ମିଳିବା ପରିତାପର ବିଷୟ। ରବିବାର ଓଡ଼ିଶା ଏସ୍‌ଏସ୍‌ବି (ଷ୍ଟେଟ୍ ସିଲେକ୍ସନ ବୋର୍ଡ) ଅଧାପକ ସଂଘ ପକ୍ଷରୁ ଉତ୍କଳ ଦୃଷ୍ଟିହୀନ ସମ୍ମିଳନୀ କକ୍ଷରେ ଆୟୋଜିତ ବାର୍ଷିକ ସମ୍ମିଳନୀରେ ଏଭଳି କ୍ଷୋଭ ପ୍ରକାଶ ପାଇଛି। ସରକାର ଅଧାପକ ମାନ୍ୟତା ଦେବାକୁ ସଂଘ ଦାବି କରିଛି। 'ଓଡ଼ିଶାରେ ନୂତନ ଶିକ୍ଷାନୀତି ଲାଗୁ ପାଇଁ ରୋଡ୍ ମ୍ୟାପ୍ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ଉପରେ ଏହାର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ରଞ୍ଜନ କୁମାର ବଳ ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଡ. କାର୍ତ୍ତିକ ପ୍ରସାଦ ଜେନା ଯୋଗଦେଇ ଏହା ଉପରେ ମତବ୍ୟକ୍ତ କରିଥିଲେ। ଏସ୍‌ଏସ୍‌ବି ଅଧାପକ ସଂଘର ସମ୍ପାଦକ ଡ. ଲମ୍ବୋଦର ରାଉତ କହିଲେ, ରାଜ୍ୟରେ ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ କଲେଜର ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ପଢ଼ାଇବା ପାଇଁ ସେମାନଙ୍କୁ ଅଧାପକ ଭାବେ ନିଯୁକ୍ତି ଦିଆଯାଉଛି। ଏହି ଅଧାପକମାନେ ରାଜ୍ୟର ୮୦ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଛନ୍ତି। ମାତ୍ର ଏଯାଏ ସେମାନଙ୍କୁ ଅଧାପକ ମାନ୍ୟତା ମିଳିନି। ତେଣୁ ନୂତନ ଶିକ୍ଷାନୀତିରେ ଏହି ମାନ୍ୟତା ମିଳିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ ସଂଘ ସଭାପତି ସରୋଜକାନ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ଅସିତ



@ ରାକେଶ



@ ଦୀପକ



@ ଦେବୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଗାୟତ୍ରୀବାଳା ପଣ୍ଡାଙ୍କୁ 'ଆଇଆଇଏମସି ଆଲୁମ୍ନି ଅଫ୍ ଦ ଇୟର' ସମ୍ମାନ




ଭୁବନେଶ୍ୱର,୨୬।୨(ବ୍ୟୁରୋ)

ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି) ନୂଆଦିଲ୍ଲୀଠାରେ ରବିବାର କବି ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ୨୦୨୩ ମସିହା ପାଇଁ ଆଲୁମ୍ନି ଅଫ୍ ଦ ଇୟର ସମ୍ମାନ ମିଳିଛି। ଆଇଆଇଏମ୍‌ସି ଆଲୁମ୍ନି ଆସୋସିଏଶନ ପକ୍ଷରୁ ଆୟୋଜିତ କନେକ୍ସନ୍ସ-୨୦୨୩ରେ ଆଇଆଇଏମ୍‌ସିର ଡିଜି ପ୍ରଫେସର ସଂଜୟ ଦ୍ୱିବେଦୀ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଦୀର୍ଘ ତିନି ଦଶନ୍ଧି ଧରି କବିତା ଲେଖି ଯଥେଷ୍ଟ ପାଠକୀୟ ସ୍ୱୀକୃତି ହାସଲ କରିଥିବା କବି ଗାୟତ୍ରୀବାଳା ପଣ୍ଡାଙ୍କ ଅଦ୍ୟାବଧି ୨୮ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି। ୨୦୨୨ ମସିହା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ଗାୟତ୍ରୀବାଳା କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର, ରାଜ୍ୟ ଯୁବ ପୁରସ୍କାର ଭଳି ଅନେକ ପୁରସ୍କାର ହାସଲ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୭ ଫେବୃୟାରୀ, ୨୦୨୩



## ୱାର୍ଡ ସଭ୍ୟାସଭ୍ୟଙ୍କ ତାଲିମ ଶିବିର

ବାଙ୍କୀ,(ସ୍ୱ.ପ୍ର.): ଡମପଡ଼ା ବ୍ଲକ ଅଧୀନ ନରଗାଙ୍ଗ, ତୁଳସୀପୁର, ଗୋପାଳପୁର, ରଗଡ଼ି, ଢ଼ଁସର, ଶିମିଳିପୁର, ହରିରାଜପୁର, ବିଲିପଡ଼ା ଓ ଦୁର୍ଗାପୁର ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ ୨ଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରର ଦ୍ୱିତୀୟ ଦିନରେ ଆଦିବାସୀ ହରିଜନ କଲ୍ୟାଣ ପରିଷଦ ସମ୍ପାଦକ କେଶବ ଚନ୍ଦ୍ର ବେହେରା, ବ୍ଲକ ଜିପିଓ ତ୍ରିନାଥ ଜେନାଙ୍କ ତତ୍ତ୍ୱାବଧାନରେ ଆଲୋକ ରଶ୍ମି ସାମନ୍ତରାୟ, ହରିହର ପ୍ରଧାନ, ମାନସ ସିଂହ ଓ ମମତା ପାଲ ତାଲିମଦାତା ଭାବେ ଯୋଗଦେଇଥିଲେ। ୱାର୍ଡ ସଭ୍ୟଙ୍କ ପ୍ରାଥମିକ କର୍ତ୍ତବ୍ୟ, ମିଶନ ଶକ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଆବାସ ଯୋଜନା, ଶିକ୍ଷା, ଶିଶୁ ଓ ମହିଳା ବିକାଶ, ଗ୍ରାମପଞ୍ଚାୟତ ବିକାଶ ଯୋଜନା, ଗ୍ରାମସଭା, ପଲ୍ଲିସଭା ଆଦି ସମ୍ପର୍କରେ ତାଲିମ ଦେଇଥିଲେ।

## ସଂକ୍ଷେପରେ

### ଆଜାଦି କା ଅମୃତ ମହୋତ୍ସବ

ସାଲେପୁର,୨୬।୨(ଡି.ଏନ୍.ଏ.)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନ ବିଭାଗରେ ଭାରତୀୟ ଦାର୍ଶନିକ ଅନୁସନ୍ଧାନ ପରିଷଦ (ଆଇସିପିଆର୍) ଦ୍ୱାରା ଆଜାଦି କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ସଙ୍ଗୀତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଷୟ ବିଶାରଦ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ପ୍ରାକ୍ତନ ବିଭାଗ ମୁଖ୍ୟ ଗଣେଶ ପ୍ରସାଦ ଦାଶ ଯୋଗଦେଇ 'ଭାରତୀୟ ଦର୍ଶନ ଶାସ୍ତ୍ରର ଇତିହାସ ଏକ ବିଶ୍ଳେଷଣାତ୍ମକ ଅଧ୍ୟୟନ' ଶୀର୍ଷକ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ପ୍ରାକ୍ତନ ବିଭାଗୀୟ ମୁଖ୍ୟ ଡ. ଦୁର୍ଗାମାଧବ ପ୍ରହରାଜ, ବିଜେବି କଲେଜ ପ୍ରାକ୍ତନ ବିଭାଗୀୟ ମୁଖ୍ୟ ଡ. ଅଭିରାମ ବିଶ୍ୱାଳ ଆଦର୍ଶବାନ୍ ସ୍ୱାଧୀନତା, ସଂଗ୍ରାମୀ ଏବଂ ଦାର୍ଶନିକ ପଣ୍ଡିତ ନୀଳକଣ୍ଠ ଓ ମହାତ୍ମାଗାନ୍ଧୀଙ୍କ ଦର୍ଶନର ପୂର୍ଣ୍ଣ ଅବଲୋକନ ଶୀର୍ଷକ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ମନିଷା ତ୍ରିପାଠୀ ବିଷୟବସ୍ତୁ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅଧାପକ ବ୍ୟାସଦେବ ଭଞ୍ଜ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅଧାପିକା ସେହେନାଜ ପରୱିନ୍ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯକ୍ରମରେ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଡ. ସୁଷମାରାଣୀ କର, ଅଧାପିକା କଳିକା ଆଚାର୍ଯ୍ୟ, ଅଧାପିକା ଜ୍ୟୋତିପ୍ରଭା ସିଂହ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ମାଣିତ୍ରୀର ଜୟ ଗୁରୁଦେବଙ୍କ ସତ୍‌ସଙ୍ଗ

ମାହାଙ୍ଗା,୨୬।୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରି ପଞ୍ଚାୟତସ୍ଥିତ ମାଣିତ୍ରୀଠାରେ ଜୟ ଗୁରୁଦେବଙ୍କ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଅଧକ୍ଷ ପ୍ରଫେସର ଫକୀର ଚରଣ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ସେବକରାମ ଛତରିଆ, ଲିଙ୍ଗରାଜ ବେହେରା, ଡା.ସୁରଜ କୁମାର, ଲିଟୁ ମଙ୍ଗୁଆଲ, ଦେବକୀ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଜୟ ଗୁରୁଦେବ ନାମ, ଧ୍ୱନି ଜପିବା ଦ୍ୱାରା ଆସୁଥିବା ମହାବିପତ୍ତି ଟଳିଯିବ ବୋଲି କହିଥିଲେ। ଏଥିସହ ସମସ୍ତେ ଶାକାହାରୀ ହେବା ସହ ନିଶାପ୍ରତି ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ପ୍ରକାଶ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ତ୍ରୈଲୋକ୍ୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗିରିଧାରୀ ବେହେରା, ଲିଲି ବେହେରା, ଚନ୍ଦନ ବେହେରା ଓ ଡଲି ବେହେରାଙ୍କ ସମେତ ଅନୁଷ୍ଠାନର ବହୁ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

ବାଙ୍କୀ,୨୬।୨(ସ୍ୱ.ପ୍ର.)

ବାଙ୍କୀ ବ୍ଲକ କନ୍ତପହଁରାରେ ଐଶ୍ୱାନେଶ୍ୱର ୟୁଥ୍ କ୍ଲବ ଓ କଟକ ମର୍ଡନ ଆଇକେୟାର ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। କ୍ଲବର ସଭାପତି ବରେନ୍ଦ୍ର କୁମାର ବରାଳ ଶିବିରକୁ ଉଦ୍‌ଘାଟନ କରିଥିଲେ। ଡାକ୍ତର ସନ୍ତୋଷ କୁମାର ମନ୍ତ୍ରୀ ଓ ଟେକ୍ନିସିଆନ ରଶ୍ମିତା ମଲ୍ଲିକ ଚକ୍ଷୁ ପରୀକ୍ଷା କରି ୧୦ଜଣଙ୍କୁ ମୋତିଆ ବିନ୍ଦୁ ପରୀକ୍ଷା ନିମନ୍ତେ ଚିହ୍ନଟ କରିଥିଲେ। ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସେମାନଙ୍କୁ କଟକ ମର୍ଡନ ଆଇକେୟାର ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଡାକ୍ତର ସନ୍ତୋଷ କୁମାର ମନ୍ତ୍ରୀ ଓ ଆଇକେୟାର ସଂଯୋଜକ ଶୁଭେନ୍ଦୁ କୁମାର ମହାପାତ୍ର, ସଭାପତି ବରେନ୍ଦ୍ରକୁମାର ବରାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ମେଜରପୋର୍ଟ ଅଥରିଟି ଆଇନରେ କାମ ଶୀଘ୍ର ହେଉଛି'




କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

## ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ

ପାରାଦୀପ(ସ୍ୱ.ପ୍ର.)/ ଭୁବନେଶ୍ୱର, ୨୬।୨

ପାରାଦୀପର ମଧୁବନ ଅଫିସର୍ସ କ୍ଲବ ପରିସରରେ ରବିବାର ପିଆଇବି (ପ୍ରେସ୍ ଇନଫରମେଶନ ବ୍ୟୁରୋ) ପକ୍ଷରୁ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପର ୮୦ରୁ ଅଧିକ ଖବରଦାତା ଯୋଗ ଦେଇଥିଲେ। ଆଲୋଚକଭାବେ ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ, ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, କୋଷ୍ଟଗାର୍ଡ ଡିଆଇଜି ଯଶୋବନ୍ତ କୁମାର ସିଂ, ବରିଷ୍ଠ ଖବରଦାତା ଶୁକଦେବ ଜେନା, ଜିଲା ମତ୍ସ୍ୟ ଅଧିକାରୀ, କୃଷି ଅଧିକାରୀ, ଜିଲା ଶିଳ୍ପକେନ୍ଦ୍ର ଅଧିକାରୀ ଓ ବ୍ୟାଙ୍କ ପ୍ରତିନିଧିମାନେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଏହି ଅବସରରେ ଅଧକ୍ଷ ହାରାନ୍ଧ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମ ଯୋଗୁ ବୃହତ୍ ବନ୍ଦର ଆଇନ ବଦଳିଛି। ମେଜରପୋର୍ଟ ଅଥରିଟି ଆଇନ ୨୦୨୧ ଲାଗୁ ହେବା ଫଳରେ ଅନେକ କାମ ଶୀଘ୍ର ହୋଇପାରୁଛି। ଏଥିପାଇଁ ଗତିଶକ୍ତି ଯୋଜନା କାର୍ଯ୍ୟକାରୀ ହୋଇଛି। ପୁରୁଣା ଆଇନ ଅନୁସାରେ ଗୋଟିଏ ନୂତନ ପ୍ରକଳ୍ପ ପାଇଁ ଡିପିଆରଠାରୁ ଆରମ୍ଭ କରି ମଞ୍ଜୁରୀ ପର୍ଯ୍ୟନ୍ତ ୨ ବର୍ଷରୁ ଅଧିକ ସମୟ ଲାଗୁଥିଲା। ଏବେ ଗତିଶକ୍ତି ଯୋଜନାରେ ୧୦ ଦିନରେ ସମସ୍ତ କ୍ଲିୟରାନ୍ସ ମିଳିଯାଉଛି। ଏହାବାଦ୍ ସାଗରମାଳା ଯୋଜନାରେ ନଦୀ ସଂଯୋଗ, ରାଜପଥ ସମ୍ପ୍ରସାରଣ ଆଦି କାମ ହେବାକୁ ଯାଉଛି। ପାରାଦୀପ ଚଣ୍ଡିଖୋଲ ରାଜପଥ ୮ ଲେନ ହେବ। ଆତ୍ମନିର୍ଭର ଭାରତ ଅଧୀନରେ ଏକ ସିଗ୍‌ନାଲ ଷ୍ଟେଶନ ହେବ ବୋଲି ପ୍ରସ୍ତାବ ରହିଛି। ସ୍ମାର୍ଟ ପୋର୍ଟ ଯୋଜନା ଅଧୀନରେ ବୃହତ୍ ଜାହାଜ ଲାଗିବା ପାଇଁ ଭିତ୍ତିଭୂମି ବିକାଶ କରାଯାଉଛି। ଏଥିପାଇଁ ୩ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେଲାଣି। ଏସବୁ ପଦକ୍ଷେପ ନେବା ଫଳରେ ପାରାଦୀପ ଦେଶର ସବୁଠାରୁ ଅଧିକ ପଣ୍ୟ କାରବାର ଅଭିବୃଦ୍ଧି ହାର ବଜାୟ ରଖିଛି ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ ଧୀର ଓଡ଼ିଶା ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ କହିଥିଲେ। କୋଷ୍ଟଗାର୍ଡ ଡିଆଇଜି ସିଂ ଯୋଗଦେଇ ସୁରକ୍ଷିତ ସାଗର, ସ୍ୱଚ୍ଛ ସାଗର ଦ୍ୱାରା କୋଷ୍ଟଗାର୍ଡ ଦେଶର ୭୫୧୬ କିମି ଉପକୂଳରେ କିପରି ସୁରକ୍ଷା ନିରାପତ୍ତା କ୍ଷେତ୍ରରେ କାମ କରୁଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି କୃଷି ଅଧିକାରୀ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ମତ୍ସ୍ୟ ଅଧିକାରୀ ପ୍ରଧାନମନ୍ତ୍ରୀ ମତ୍ସ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ କହିଥିବାବେଳେ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ପିଆଇବିର ଗିରୀଶ ଚନ୍ଦ୍ର ଦାଶ, ପ୍ରଦୀପ କୁମାର ଚୌଧୁରୀ ଓ ଅନ୍ୟମାନେ ସଞ୍ଚାଳନ କରିଥିଲେ।

# ସର୍ବଭାରତୀୟ ମହିଳା ର୍‍ୟାଙ୍କିଙ୍ଗ୍ ଫେନ୍ସିଂ ପ୍ରତିଯୋଗିତା

କଟକ ଅଫିସ,୨୬।୨

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଲିଗ୍ ଏବଂ ର୍‍ୟାଙ୍କିଙ୍ଗ୍ ଅସିଚାଳନା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ସିନିୟର ମହିଳା ସାବରେ ବ୍ୟକ୍ତିଗତ ଇଭେଣ୍ଟ ହୋଇଥିଲା। ଏଥିରେ ଓଡ଼ିଶାର ସୁମିତ୍ରା ସିଂ ୨୫ତମ ର୍‍ୟାଙ୍କ୍ ହାସଲ କରିଥିବା ବେଳେ ଏସ୍. ନାୟକ ଏବଂ ବର୍ଷା ପ୍ରିୟଦର୍ଶିନୀ ବାରିକ ଉଭୟ ଯୁଗ୍ମ ୨୬ତମ ସ୍ଥାନ ଅକ୍ତିଆର କରିଥିଲେ। ସିନିୟର ମହିଳା ଇପି ବ୍ୟକ୍ତିଗତ ଇଭେଣ୍ଟରେ ଓଡ଼ିଶାର ୫ ପ୍ରତିଯୋଗୀ ସଫଳତା ହାସଲ କରିଥିଲେ। ଅନ୍ୱେଷା ରାଉତ, ମିଷ୍ଟି ଦତ୍ତ, ଅନୁକଳ୍ପ ଯୋଶୀ, ଅଂଶୁମିତ୍ରା ପୃଷ୍ଟି ଓ ସୁନୟନା ବକ୍ସି ଯଥାକ୍ରମେ ୨୯ତମ, ୩୧ତମ, ୩୩ତମ, ୩୪ତମ ଏବଂ ୩୫ତମ ସ୍ଥାନ ହାସଲ କରିଥିଲେ। ସିନିୟର ମହିଳା ସାବରେ ବ୍ୟକ୍ତିଗତ ଇଭେଣ୍ଟରେ ସାନ୍ୟା, ଏସ୍ ସୌମ୍ୟା, ଭି. ଅଲକା ସନ୍ନି, ଜ୍ୟୋତ୍ସ୍ନା କ୍ରିଷ୍ଟି, ଜଗମିତ କୌର, ପି. ରିଶା, ରିଶିକା ଖଜୁରିଆ, କଶିସ ବରାଡ, ହୁସନପ୍ରୀତ କୌର ପ୍ରଥମରୁ ୧୦ମ ସ୍ଥାନ ଅକ୍ତିଆର କରିଛନ୍ତି। ସିନିୟର ମହିଳା ଇପି ବ୍ୟକ୍ତିଗତ ଇଭେଣ୍ଟରେ ପୱନ୍‌ଦୀପ କୌର, ମିତଭା ଚୌଧୁରୀ, ସେଖ୍ ନାଜିୟା, ମମ୍‌ତାଜ, ଷ୍ଟେଲା ଦେବୀ, କେ.ପି. ଗୋପିକା, ଅନୁଜା ଲାଡ୍, ଏନା ଅରୋରା, ସଲୋନୀ ଶ୍ରେଷ୍ଠ ୧୦ମ ସ୍ଥାନ ଭିତରେ ରହିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଭାରତୀୟ ଅସିଚାଳନା ମହାସଂଘର ସମ୍ପାଦକ ରାଜୀବ ମେହେଟା, କୋଷାଧକ୍ଷ ବସିର ଅହମ୍ମଦ ଖାନ୍, କଟକ କଣ୍ଟ୍ରମର ଫୋରମ୍‌ର ଅଧକ୍ଷ ଦେବାଶିଷ ନାୟକ, ରାଜ୍ୟ ଅସି ଚାଳନା ସଂଘ କୋଷାଧକ୍ଷ ନିର୍ମଳ ମହାପାତ୍ର, ଯୁଗ୍ମ ସମ୍ପାଦକ ରମେଶ ମଲ୍ଲିକ, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ଅସିଚାଳନା ସଂଘ, ଖେଲୋ ଇଣ୍ଡିଆ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ଭାରତୀୟ ଅସିଚାଳନା ମହାସଂଘ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା।

# କଟକ ଟ୍ୟାକ୍ସ ବାର୍ ପକ୍ଷରୁ କେନ୍ଦ୍ରୀୟ ବଜେଟ ଆଲୋଚନାଚକ୍ର




କାର୍ଯ୍ୟକ୍ରମରେ ଅତିଥିମାନେ ସଂଘର ଟେଲିଫୋନ୍ ଡାଇରେକ୍ଟୋରି ଉନ୍ମୋଚନ କରୁଛନ୍ତି।

କଟକ ଅଫିସ,୨୬।୨

ସିଡିଏସ୍ଥିତ କଟକ ଟ୍ୟାକ୍ସ ବାର୍ ସମ୍ମିଳନୀ କକ୍ଷରେ କେନ୍ଦ୍ରୀୟ ବଜେଟ ୨୦୨୩-୨୪ ଉପରେ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କେନ୍ଦ୍ରୀୟ ବଜେଟ ଉପରେ ବକ୍ତବ୍ୟ ରଖିବା ସହ ସଂଘର ଟେଲିଫୋନ୍ ଡାଇରେକ୍ଟୋରି ଉନ୍ମୋଚନ କରିଥିଲେ। କେନ୍ଦ୍ରୀୟ ଜିଏସ୍‌ଟି ଉପଆୟୁକ୍ତ ଶ୍ରୀବାସ ନାଥ ଦ୍ରବ୍ୟ ଓ ସେବାକର ଆଇନରେ ପ୍ରସ୍ତାବିତ ପରିବର୍ତ୍ତନ ଉପରେ ଆଲୋଚନା କରିଥିଲେ। ଆଇନଜୀବୀ ପ୍ରକାଶ ଚନ୍ଦ୍ର ସେଠୀ ଆୟକର ଆଇନର ବିଭିନ୍ନ ଧାରା ଓ ଉପଧାରା ଉପରେ ଆଲୋକପାତ କରିଥିଲେ। ସଂଘ ସଭାପତି ଅରୁଣ କୁମାର ଦାଶଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ନଟବର ପଣ୍ଡା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ କୁମାର ରାୟ, ପ୍ରଦୀପ ପଟ୍ଟନାୟକ, ଶୈଳେନ୍ଦ୍ର ନାରାୟଣ ଠାକୁର, ଦୁଲାଲ ସତ୍ୟ ନାରାୟଣ ଜେନା, ବୈଦ୍ୟନାଥ ବେହେରା, ତେଜେସ୍ କୁମାର ସାହୁ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## କୃଷ୍ଣଚନ୍ଦ୍ର ଦାଶଙ୍କୁ ଶ୍ରଦ୍ଧାଞ୍ଜଳି

ସାଲେପୁର,୨୬।୨(ଡି.ଏନ୍.ଏ.)

ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କୃଷ୍ଣଚନ୍ଦ୍ର ଦାଶ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅଧକ୍ଷ ପ୍ରଦୀପ୍ତ କୁମାର କର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସ୍ୱର୍ଗତ ଦାଶଙ୍କ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ସ୍ମୃତିଗ୍ରନ୍ଥ ଅସ୍ତାଚଳରେ କୃଷ୍ଣଚନ୍ଦ୍ର ପୁସ୍ତକ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ରମାବଲ୍ଲଭ ମହାପାତ୍ର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଂଯୋଜକ ଭାବେ ଡ. ଗୌତମ ମହାରଣା ଉପସ୍ଥିତ ଥିବାବେଳେ ସରୋଜ କୁମାର ଦାଶ, ଜଗନ୍ନାଥ ବଡ଼ିଆ, ସଦାଶିବ ଦାଶ, ପୂର୍ବତନ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସୁକାନ୍ତ କୁମାର ମହାନ୍ତି ସ୍ମୃତିଚାରଣ କରିଥିଲେ।

# ସଙ୍କୁଳସ୍ତରୀୟ ଆର୍ଥିକ କର୍ମଶାଳା




ମାଣିଆବନ୍ଧ,୨୬।୨(ଡି.ଏନ୍.ଏ.)

ସଙ୍କୁଳସ୍ତରୀୟ ଆର୍ଥିକ କର୍ମଶାଳା ନିଜିଗଡ଼ ବଡ଼ମ୍ବା ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ବିପିନି ବିହାରୀ ମହାନ୍ତିଙ୍କ ସଂଯୋଜନାରେ ନୂଆପାଟଣା ସଙ୍କୁଳର ପ୍ରମୁଖ ବିଚିତ୍ରାନନ୍ଦ ବେହେରା ସଭାପତିତ୍ୱ କରିଥିଲେ। ୧୧ ବିଦ୍ୟାଳୟରୁ ୫୦ରୁ ଊର୍ଦ୍ଧ୍ୱ ସଭାପତି, ସମ୍ପାଦକ, କୋଷାଧକ୍ଷ ପ୍ରଧାନଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷା ବିକାଶ ସମିତିର କଟକ ସହବିଭାଗ ନିରୀକ୍ଷକ ସୁବ୍ରତ କୁମାର ମୁଖାର୍ଜୀ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କଟକ ଜିଲା କାର୍ଯ୍ୟକର୍ତ୍ତା ରମେଶ ଚନ୍ଦ୍ର ବେହେରା, କର୍ମଶାଳାର ପ୍ରଶିକ୍ଷକ ଭାବେ ଉତ୍ତରପୂର୍ବ ସମ୍ଭାଗର ସହ କାର୍ଯ୍ୟାଳୟ ପ୍ରମୁଖ ରାକେଶ କୁମାର ମହାଳିକ ଉପସ୍ଥିତ ରହି ଆର୍ଥିକ ସଂସ୍କାର ବାର୍ଷିକ ଯୋଜନା ଉପରେ ତଥ୍ୟ ଦେଇଥିଲେ। ସମ୍ପାଦକ ମନୋରଞ୍ଜନ ମହାନ୍ତି ଅତିଥି ପରିଚୟ ଏବଂ ପରିଚାଳନା ସମିତିର କୋଷାଧକ୍ଷ ଭକ୍ତ ଚରଣ ନାୟକ ଧନ୍ୟବାଦ ଦେଇଥିଲେ।

# ସଜେଇ ଦେବା ଧରା, ନଟବର ପୁସ୍ତକ ଉନ୍ମୋଚିତ




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ସାଲେପୁର,୨୬।୨(ଡି.ଏନ୍.ଏ.)

ସାଲେପୁର ବିନାୟକ ମଣ୍ଡପ ପରିସରରେ ରବିବାର ଅପରାହ୍ନରେ କବୟିତ୍ରୀ ସୁସ୍ମିତା ପଣ୍ଡାଙ୍କ ରଚିତ ପୁସ୍ତକ 'ସଜେଇ ଦେବା ଧରା' ଓ କବି ଶଶିଭୂଷଣ ମିଶ୍ରଙ୍କ ପୁସ୍ତକ 'ନଟବର'ର ଲୋକାର୍ପଣ ହୋଇଛି। ଡ. ଗିରୀଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବକୁ କବି ସଦାଶିବ ଦାଶ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କାର୍ତ୍ତିକେଶ୍ୱର ସାହୁ, ମୁଖ୍ୟବକ୍ତା ପ୍ରାଧ୍ୟାପକ ଡ. ଯତିନ୍ଦ୍ର କୁମାର ରାଉତ, ସମ୍ମାନିତ ଅତିଥି ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶ ୨ ପୁସ୍ତକକୁ ଲୋକାର୍ପଣ କରିଥିଲେ। ଡ. ଗୌତମ ମହାରଣା ଆଶ୍ରୀବଚନ ପାଠ କରିଥିବାବେଳେ ପଣ୍ଡିତ ପ୍ରଭାତ କର ସ୍ୱାଗତ ଭାଷଣ ଓ ବିଷ୍ଣୁଚରଣ ମିଶ୍ର ଅତିଥି ପରିଚୟ ଦେଇଥିଲେ। ଡ. ତରୁଲତା ଦେବୀ, ଡ.ଦିଗମ୍ବର ଗିରି, ପୁସ୍ତକ ଲୋକାର୍ପଣର ସମୀକ୍ଷା କରିଥିବାବେଳେ ଡ. ପୂର୍ଣ୍ଣଚନ୍ଦ୍ର ଓଝା, ସଚ୍ଚିଦାନନ୍ଦ ବେହେରା, ପ୍ରସନ୍ନ ମିଶ୍ର, ଡ. ନିଖିଳେଶ ମହାନ୍ତି, ଭକ୍ତଚରଣ ସାହୁ ପ୍ରମୁଖ ଯୋଗଦେଇ ପୁସ୍ତକ ସମ୍ପର୍କରେ ମତାମତ ଦେଇଥିଲେ। ପ୍ରାଧ୍ୟାପିକା ନମିତା ଦୀକ୍ଷିତ ଧନ୍ୟବାଦ ଦେଇଥିଲେ।

# ପରିବେଶ ସୁରକ୍ଷାରେ ଛାତ୍ରୀଛାତ୍ରଙ୍କ ଗୁରୁଦାୟିତ୍ୱ



ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର, ଶିକ୍ଷକ ଓ ଅନ୍ୟମାନେ।

ବାଙ୍କୀ,୨୬।୨(ସ୍ୱ.ପ୍ର.)

ବାଙ୍କୀ ସରକାରୀ ବାଳିକା ହାଇସ୍କୁଲରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି ନିମନ୍ତେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତୁଳସୀପୁରର ବିଶିଷ୍ଟ ପରିବେଶବିତ୍ ପ୍ରସନ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଗୋଛି ଏହାକୁ ଉଦ୍‌ଘାଟନ କରିଥିଲେ। ଚାରାରୋପଣ ଓ ପରିବେଶ ସୁରକ୍ଷାରେ ଛାତ୍ରୀଛାତ୍ରଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ସାହୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ବାଡ଼ିବଗିଚାରେ ବିଭିନ୍ନ ଔଷଧୀୟ ଚାରାରୋପଣ କରିବା ସହ ପରିବେଶ କିପରି ସ୍ୱଚ୍ଛ ରହିପାରିବ ସେ ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପିଙ୍କି ଡିଗଲ, ଦୀପ୍ତିମୟୀ ଭଞ୍ଜ, ଗୀତାଞ୍ଜଳି ବେହେରା, ଅନନ୍ତ ଚରଣ ଆଚାର୍ଯ୍ୟ, ହିମାଂଶୁ କୁମାର ମହାପାତ୍ର, ମମତା ପଣ୍ଡା, ସ୍ନେହାଞ୍ଜଳି ମହାପାତ୍ର, ପ୍ରିୟଦର୍ଶିନୀ ମହାରଣାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ।

# ଗ୍ରାମାଞ୍ଚଳର ବିକାଶ ପାଇଁ ଅର୍ଥ ଅଭାବ ନାହିଁ




ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥିମାନେ।

ଆଠଗଡ,୨୬।୨(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ ବେଷ୍ଟପଦା ଗାଁରେ ୬୫ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ପ୍ରକଳ୍ପଗୁଡ଼ିକୁ ଉଦ୍‌ଘାଟନ କରି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଗ୍ରାମାଞ୍ଚଳର ବିକାଶ ପାଇଁ ଅର୍ଥର ଅଭାବ ନାହିଁ। ଚଳିତ ବଜେଟରେ ଗ୍ରାମାଞ୍ଚଳ ଏବଂ ମିଶନ ଶକ୍ତିମାନଙ୍କ ବିକାଶ ପାଇଁ ବ୍ୟୟବରାଦ କରାଯାଇଛି। ଉଦ୍‌ଘାଟିତ ପ୍ରକଳ୍ପ ମଧ୍ୟରେ ୪୫ ଲକ୍ଷ ଟଙ୍କାର କଲ୍ୟାଣ ମଣ୍ଡପ, ୭ ଲକ୍ଷ ଟଙ୍କାର ମିଶନ ଶକ୍ତି ଘର, ସ୍ୱାମୀ ପ୍ରେମାନନ୍ଦ ସରସ୍ୱତୀ କ୍ଲବ ଘର, ରାଧାକାନ୍ତପାଟଣା ରାମଲୀଳା ମଣ୍ଡପ, ଧର୍ମଜୟପୁର ଅଙ୍ଗନୱାଡ଼ି କେନ୍ଦ୍ର ଆଦି ଅନ୍ତର୍ଭୁକ୍ତ। ସନ୍ଧ୍ୟାରେ ମନ୍ତ୍ରୀ ସ୍ୱାଇଁ ବେଷ୍ଟପଦା ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ପୂର୍ବତନ ଅଧକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ, ଆଠଗଡ଼ ବ୍ଲକ ଉପାଧକ୍ଷ ମାନସ ମଲ୍ଲିକ, ପରିଷଦ ସଭ୍ୟ ବଳଭଦ୍ର ବାଘ, ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ବ୍ଲକ ଶିକ୍ଷା ଅଧିକାରିଣୀ ବିଜୟ ଲକ୍ଷ୍ମୀ ସାମଲ, ସ୍କୁଲ ପରିଚାଳନା ସଭାପତି ବିଭୁପ୍ରସାଦ ସେଠୀ, ପ୍ରଧାନ ଶିକ୍ଷକ ପବିତ୍ର କୁମାର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାନ୍ତି, ସରପଞ୍ଚ ଶ୍ରୀକାନ୍ତ ପଣ୍ଡା, ସମିତି ସଭ୍ୟା ରୂପା ମଲ୍ଲିକ, ପୂର୍ବତନ ସରପଞ୍ଚ କନକ ସାହୁ, ପୂର୍ବତନ ସମିତି ସଭ୍ୟା ଓସି ଓଝାଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ପୂଜ୍ୟପୂଜା ପରମ୍ପରା ଓଡ଼ିଆ ଜାତିର ପରିଚୟ



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ରଘୁନାଥପୁର,୨୬।୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ସାଦେଇପୁରସ୍ଥିତ ଭଦ୍ରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ମହାପାତ୍ର ଓ ତତ୍କାଳୀନ ପୃଷ୍ଠପୋଷକ ପ୍ରଧାନ ଶିକ୍ଷକ ସ୍ୱର୍ଗତ ନଟବର ରଥଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିଚାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ତଥା ବିଧାନସଭାର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଯୋଗଦେଇ ସେ କହିଥିଲେ, ପୂଜ୍ୟପୂଜା ପରମ୍ପରା ଓଡ଼ିଆ ଜାତିର ପରିଚୟ। ଜ୍ଞାନ ଓ ମାନର ଅଧିକାରୀ ସ୍ୱର୍ଗତ ମହାପାତ୍ର ଓ ରଥ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି ମୁଦୁଲି ମତବ୍ୟକ୍ତ କରିଥିଲେ। ବ୍ଲକ ଉପାଧକ୍ଷ ଦେବାଶିଷ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହାପାତ୍ର ଓ ରଥଙ୍କ ସ୍ମୃତିଚାରଣ କରିବା ସହ ସେମାନଙ୍କୁ ଜନ୍ମ ଦେଇଥିବା ମାଟି ଧନ୍ୟ ବୋଲି ପ୍ରକାଶ କରିଥିଲେ। ଛାତ୍ର ସଂସଦ ସଭାପତି ସର୍ବେଶ୍ୱର ପଣ୍ଡା ସଭାରେ ପୌରୋହିତ୍ୟ କରିଥିବାବେଳେ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ପ୍ରଭାସିନୀ ପ୍ରଧାନ ଓ ସମିତି ସଭ୍ୟା ସରସ୍ୱତୀ ହାଁସଦା ଓ ପ୍ରଧାନ ଶିକ୍ଷକ ଉଲ୍ଲାସ ଚନ୍ଦ୍ର ରାୟ ଉପସ୍ଥିତ ଥିଲେ। ଏସ୍‌ଏମ୍‌ସି ସଭାପତି ରତ୍ନାକର ବେହେରା, ପୁରାତନ ଛାତ୍ର ସଂସଦର ସଦସ୍ୟ ଆଇନଜୀବୀ ପ୍ରତାପ ଚନ୍ଦ୍ର ମହାପାତ୍ର,କେଲୁଚରଣ ସେଠୀ, ବଂଶୀଧର ସ୍ୱାଇଁ, ଚିତ୍ତ ପଣ୍ଡା, ଶରତ ଚନ୍ଦ୍ର ପଣ୍ଡା, ଶରତ ଚନ୍ଦ୍ର ମହାରଣା, ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ରଥ ଓ ପୂର୍ବତନ ସରପଞ୍ଚ ଡମ୍ବରୁଧର ବେହେରା ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା 'ନଟ ସାର୍' ଉନ୍ମୋଚିତ ହୋଇଥିଲା। ସର୍ବେଶ୍ୱର ମହାରଣା ଅତିଥି ପରିଚୟ ଓ ଅବସର ପ୍ରାପ୍ତ ଯୁଗ୍ମ ଶିଳ୍ପ ନିର୍ଦ୍ଦେଶକ ନିରାକାର ମିଶ୍ର ବିବରଣୀ ପଠନ କରିଥିଲେ। ସ୍କୁଲ ଶିକ୍ଷକ, ଶିକ୍ଷା କର୍ମଚାରୀ, ପୁରାତନ ଛାତ୍ର ଓ ସ୍ଥାନୀୟ ଗ୍ରାମବାସୀ ଏଥିରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ୧ରୁ ନିଖିଳ ଉତ୍କଳ ନାଟ୍ୟୋତ୍ସବ

ଭୁବନେଶ୍ୱର,୨୬।୨(ବ୍ୟୁରୋ): ନାଟ୍ୟାନୁଷ୍ଠାନ 'ଆରୋହଣ' ପକ୍ଷରୁ ମାର୍ଚ୍ଚ ୧ରୁ ୩୧ତମ ନିଖିଳ ଉତ୍କଳ ନାଟ୍ୟୋତ୍ସବ ୩ଦିନ ବ୍ୟାପୀ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ। ବର୍ଷିୟାନ ମଞ୍ଚ ଅଭିନେତା ଓ ନିର୍ଦ୍ଦେଶକ ବ୍ରଜକିଶୋର ମହାନ୍ତିଙ୍କୁ ଚଳିତବର୍ଷ ପାଇଁ 'ଆରୋହଣ ଜୀବନ ବ୍ୟାପୀ ସାଧନା' ସମ୍ମାନ, ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ପ୍ରହରାଜଙ୍କୁ 'ଆରୋହଣ ନାଟ୍ୟ ପ୍ରତିଭା' ସମ୍ମାନ ଓ ଶେଷ ଶରବ୍ୟ ନନ୍ଦଙ୍କୁ 'ଆରୋହଣ ଯୁବ ପ୍ରତିଭା' ସମ୍ମାନ ପ୍ରଦାନ କରାଯିବ। ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉତ୍ସବକୁ ଉଦ୍‌ଘାଟନ କରିବେ। ପ୍ରଥମ ସନ୍ଧ୍ୟାରେ ଆଶ୍ରୟ ଦି ସେଲଟର୍‌,କଟକର ଶିଶୁ କଳାକାରମାନଙ୍କ ଦାରା ଶ୍ରୀଗଣେଶ ଗୀତିନାଟ୍ୟ ଓ ମହିଳା ଯୋଗକେନ୍ଦ୍ର, ୟୁନିଟ -୯ର ମହିଳାମାନଙ୍କ ଦ୍ୱାରା ନାଟକ 'ଗହ୍ମା ପୁନେଇଁରେ ମାଇଁ' ପରିବେଷଣ କରାଯିବ। ଦ୍ୱିତୀୟ ସନ୍ଧ୍ୟାରେ ଅଦୃଶ୍ୟ ନାଟ୍ୟ ଆଶ୍ରମ, ସମ୍ବଲପୁର ଦ୍ୱାରା ସମ୍ବଲପୁରୀ ନାଟକ 'ଝି ଲେଉଟେନ' ଓ ଥିଏଟର ଅଭିଯାନ, କଟକ ଦ୍ୱାରା ନାଟକ 'ଛାଇ' ପରିବେଷଣ କରାଯିବ। ଉଦ୍‌ଯାପନୀ ଦିବସରେ ହାସ୍ୟ ରସାତ୍ମକ ନାଟକ 'ନାସିକା ଉପାଖ୍ୟାନ' ପରିବେଷଣ କରାଯିବ ବୋଲି ଆରୋହଣ ତରଫରୁ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଡ. ଶୈଳେଶ୍ୱର ନନ୍ଦ ପ୍ରକାଶ କରିଛନ୍ତି।

### ଶିବିରରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ

ସାକ୍ଷୀଗୋପାଳ,୨୬।୨(ଡି.ଏନ୍.ଏ./ସ୍ୱ.ପ୍ର.): ରୋଟାରୀ କ୍ଲବ ଅଫ୍ ସ୍ମାର୍ଟ ସିଟି ଓ ସତ୍ୟବାଦୀ ମହୋତ୍ସବ କମିଟିର ମିଳିତ ଆନୁକୂଲ୍ୟରେ ସାକ୍ଷୀଗୋପାଳ ପାନ୍ଥଶାଳାରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କ୍ଲବ ଡିଷ୍ଟ୍ରିକ୍ଟ ଗଭର୍ନର ଜିଜ୍ଞାଶିଷ ମହାପାତ୍ର, ସଭାପତି ଜ୍ୟୋତିରଞ୍ଜନ ମହାପାତ୍ର, ସମ୍ପାଦକ ସୁନିଲ ଦେ, ପୂର୍ବତନ ସଭାପତି ମହେଶ ପରେଖ ଓ ବିନୟ ତ୍ରିପାଠୀଙ୍କ ସମେତ ମହୋତ୍ସବ କମିଟି ସମ୍ପାଦକ ଜାନକୀ ବଲ୍ଲଭ ବରାଳ, ସଂଯୋଜକ ଦୀପକ ଶତପଥୀ, ଜିଲା ପରିଷଦ ସଭ୍ୟ ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରୁ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

### ଦିବଂଗତ ଶିକ୍ଷକଙ୍କ ସ୍ମୃତିସଭା

ଡେଲାଙ୍ଗ,୨୬।୨(ଡି.ଏନ୍.ଏ.): ଦିବଂଗତ ଶିକ୍ଷକ ଚନ୍ଦ୍ରଶେଖର ଧାଉଡ଼ିଆଙ୍କ ସ୍ମୃତିଚାରଣ ସଭା ଶନିବାର ନିଜସ୍ୱ ବାସଭବନ ଘୋରଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ପ୍ରହ୍ଲାଦ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସଭାରେ ଏବିଇଓ ଯୁଧିଷ୍ଠିର ପରିଡ଼ା, ବର୍ଷୀୟାନ୍ ଶିକ୍ଷକ ଗୋବିନ୍ଦ ସାମନ୍ତରାୟ, ରମେଶ ରାଉତରାୟ, ଦୁର୍ଯ୍ୟୋଧନ ସାହୁ, ପ୍ରମୋଦ ମିଶ୍ର, ନାରାୟଣ ପାତ୍ର, ଉମେଶ ମହାନ୍ତି, ସୋମନାଥ ନନ୍ଦ, ବରିଷ୍ଠ ଶିକ୍ଷକ ଅନନ୍ତ ସାହୁ, ଦିଗମ୍ବର ରଥ, ଗୋପାଳ ମହାପାତ୍ର, ଅଭୟ ଚରଣ ସାହୁ, ଫକିର ଦାସ, ସୂର୍ଯ୍ୟନାରାୟଣ ସେଠୀ, ରବୀନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥି ଦିବଂଗତ ଶିକ୍ଷକଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନାପୂର୍ବକ ଧାଉଡ଼ିଆଙ୍କ ସଦ୍‌ଗତି କାମନା କରିଥିଲେ। ସେ ଶିକ୍ଷକ ସମେତ ସଫଳ ଚାଷୀ ଓ ସାମାଜିକ କର୍ମୀ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ। ଶିକ୍ଷକ ସୁରେନ୍ଦ୍ର ନାୟକ, ଦିଲୀପ ବେହେରା, ଦୁର୍ଗାକେଶରୀ ପରିଡ଼ା ଓ ଲକ୍ଷ୍ମଣ ସାହୁ ସ୍ମୃତିସଭା ପରିଚାଳନାରେ ସହଯୋଗ କରିଥିଲେ। ଗତ ୧୫ ତାରିଖରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା।

### ବ୍ଲକ ପ୍ରାଥମିକ ଶିକ୍ଷକ ୟୁନିୟନ କର୍ମକର୍ତ୍ତା ନିର୍ବାଚନ

ସାକ୍ଷୀଗୋପାଳ,୨୬।୨(ଡି.ଏନ୍.ଏ./ସ୍ୱ.ପ୍ର.): ସତ୍ୟବାଦୀ ବ୍ଲକ ପ୍ରାଥମିକ ଶିକ୍ଷକ ୟୁନିୟନର ସାମ୍ବିଧାନିକ ନିର୍ବାଚନ ରବିବାର ସତ୍ୟବାଦୀ ସରକାରୀ ଉନ୍ନୀତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟବେକ୍ଷକ ଭାବେ ପୁରୀ ଜିଲା ପ୍ରାଥମିକ ଶିକ୍ଷକ ୟୁନିୟନ ସଭାପତି ସୋମନାଥ ନନ୍ଦ, ସଙ୍ଗଠନ ସମ୍ପାଦକ ଶିବଦତ୍ତ ନାୟକ, ଯୁଗ୍ମ ସମ୍ପାଦକ ରାଜକିଶୋର ସାହୁ, ଧୀରେନ ବୀଣାକର, ଦୁର୍ଗାପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସର୍ବସମ୍ମତିକ୍ରମେ ପ୍ରହ୍ଲାଦ ଦାଶଙ୍କୁ ସଭାପତି, ରବୀନ୍ଦ୍ର ନାଥ ଭୋଇ ଉପସଭାପତି, ବନ୍ଦନା ମହାପାତ୍ର ଉପସଭାନେତ୍ରୀ, ବିଜୟ କିଶୋର ନନ୍ଦ ସାଧାରଣ ସମ୍ପାଦକ, ସତ୍ୟବାଦୀ ସ୍ୱାଇଁ, ପ୍ରସନ୍ନ ସ୍ୱାଇଁ ଓ ବିଶାଖା ସାହୁ ଯୁଗ୍ମ ସମ୍ପାଦକ, ଗଦାଧର ବେହେରା, ଲୋକନାଥ ମିଶ୍ର, ସାବିତ୍ରୀ ସାହୁ ଏବଂ ନୃସିଂହ ନାଥ ଦାଶ ପ୍ରମୁଖ ନୂତନ କର୍ମକର୍ତ୍ତା ଭାବେ ନିର୍ବାଚିତ ହୋଇଥିଲେ। ନୂତନ କର୍ମକର୍ତ୍ତାମାନେ ଶିକ୍ଷକ ୟୁନିୟନର ଶୃଙ୍ଖଳା ମଧ୍ୟରେ ଶିକ୍ଷକ ସମାଜର କଲ୍ୟାଣ କରିବାକୁ ଶପଥ ପାଠ କରିଥିଲେ।

# ସ୍ୱାସ୍ଥ୍ୟସେବାରେ ଘରୋଇ ହସ୍ପିଟାଲ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଓଡ଼ିଶା ପ୍ରାଇଭେଟ୍ ହସ୍ପିଟାଲ୍ ଆସୋସିଏଶନ୍ ସପ୍ତମ ତ୍ରୟ ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

**ଓଡ଼ିଶା ପ୍ରାଇଭେଟ୍ ହସ୍ପିଟାଲ୍ ଆସୋସିଏସନ୍ ସପ୍ତମ ତ୍ରୟ ବାର୍ଷିକ ସମ୍ମିଳନୀ**

ପୁରୀ ଅଫିସ, ୨୬।୨:

ଓଡ଼ିଶା ପ୍ରାଇଭେଟ୍ ହସ୍ପିଟାଲ୍ ଆସୋସିଏଶନ୍‌ର ସପ୍ତମ ତ୍ରୟବାର୍ଷିକ ସମ୍ମିଳନୀ ରବିବାର ପୁରୀ ଟାଉନ୍ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇ ଓଡ଼ିଶାରେ ଘରୋଇ ହସ୍ପିଟାଲ୍‌ଗୁଡ଼ିକର ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କହିଥିଲେ।

ରାଜ୍ୟ ସରକାର ଙ୍କ ସମସ୍ତ ଯୋଜନା କୁ ଲୋକ ଙ୍କ ସେବା ପାଇଁ କାର୍ଯ୍ୟକାରୀ କରୀ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ସଂଘ ଯୋଗାଇ ଆସୁଥିବା କୁହାଯାଇଛି। ତେବେ ଓଡ଼ିଶା ରେ ସ୍ୱାସ୍ଥ୍ୟ ସେବାରେ ଘରୋଇ ହସ୍ପିଟାଲ୍ ଗୁଡିକର ପ୍ରମୁଖ ଅବଦାନ ଥିବା ବେଳେ କେତେକ ସମସ୍ୟା ଯୋଗୁଁ ଘରୋଇ ହସପିଟାଲ ଖର୍ଚ୍ଚାନ୍ତ ହେବା ସହ ରୋଗୀ ଙ୍କ ଉପରେ ଏହି ଆର୍ଥିକ ବୋଝ ପଡୁଛି। ବିଶେଷ କରି ମେଡ଼ିକାଲ ରୁ ବାହାରୁ ଥିବା ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟ ଗୋଟିଏ ସଂସ୍ଥା କୁ ଏକ ଚାଟିଆ ଭାବେ ଦିଆଯାଇ ଥିବାରୁ ଗୁରୁତର ଅବ୍ୟବସ୍ଥା ପରିଲିଖିତ ହେଉଥିବା ଓଡ଼ିସା ଘରୋଇ ହସ୍ପିଟାଲ୍ ସଂଘ କହିଛି। ଏଣୁ ଏକାଧିକ ସଂସ୍ଥା କୁ ବର୍ଜ୍ୟବସ୍ତୁ ପରିଚାଳନା ଦେବା ପାଇଁ ସରକାର ଙ୍କ ଦୃଷ୍ଟି ଆକର୍ଷଣ ସଭାରେ କରାଯାଇଥିଲା । ସେହିପରି ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବା, ଘରୋଇ ଡାକ୍ତରଖାନା ଗୁଡିକ ର ଉଚ୍ଚତା ଓ ଶଯ୍ୟା ସଂଖ୍ୟା ସଂଶୋଧନ ଆଣି ପାରିଲେ ଅଧିକ ରୁ ଅଧିକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କୁ ସଠିକ୍ ଭାବରେ କାର୍ଯ୍ୟକାରୀ ହୋଇ ପାରନ୍ତା ବୋଲି ଆଲୋଚନା ହୋଇ ଥିଲା। ତେବେ ଏହି କାର୍ଯ୍ୟକ୍ରମ ରେ ଘରୋଇ ହସ୍ପିଟାଲ୍ ର ସ୍ୱାସ୍ଥ୍ୟ କର୍ମ ଚାରି ଙ୍କୁ ନର୍ସିଂ ଟ୍ରେନିଂ, ରୋଗୀ ଙ୍କୁ ଉତ୍ତମ ବ୍ୟବହାର, ବର୍ଜ୍ୟବସ୍ତୁ ପରିଚାଳନା, ଆଦି ପ୍ରଶିକ୍ଷଣ ଦିଆଯାଇ ଥିଲା। ସେହିପରି କିପରି କ୍ୟାନସର ଠାରୁ ଦୁରେଇ ରହିହେବ ସେ ନେଇ ଏକ ଆଲୋଚନା ମଧ୍ୟ କରାଯାଥିଲା। ଏହି କାର୍ଯ୍ୟକ୍ରମ ରେ ଘରୋଇ ହସ୍ପିଟାଲ୍ ସଂଘ ର ସଭାପତି ପ୍ରଫେସର କୃପା ସିନ୍ଧୁ ପଣ୍ଡା, ସାଧାରଣ ସମ୍ପାଦକ ଅନ୍ନଦା ପ୍ରସାଦ ରାୟ, ଉପ ସଭାପତି ହରିଶ୍ଚନ୍ଦ୍ର ମିଶ୍ର, ରାଜେଶ୍ ମିଶ୍ର ପ୍ରମୁଖ ଯୋଗ ଦେଇ ଥିଲେ।

# 'ପାଇକ: ଜନ, ଆଖ୍ୟାନ ଓ ଆନ୍ଦୋଳନ' ଲୋକାର୍ପିତ

**ପ୍ରଧାନମନ୍ତ୍ରୀ ଶ୍ରେଷ୍ଠ ଯୁବ ଲେଖକ ପୁରସ୍କାରପ୍ରାପ୍ତ ଓମ୍ ପ୍ରିୟଦର୍ଶୀ ଛୋଟରାୟଙ୍କ ପୁସ୍ତକ**




ଖୋର୍ଦ୍ଧା ଅଫିସ,୨୬।୨

ପ୍ରଧାନମନ୍ତ୍ରୀ ଶ୍ରେଷ୍ଠ ଯୁବ ଲେଖକ ପୁରସ୍କାରପ୍ରାପ୍ତ ଓମ୍ ପ୍ରିୟଦର୍ଶୀ ଛୋଟରାୟଙ୍କ ପୁସ୍ତକ 'ପାଇକ: ଜନ, ଆଖ୍ୟାନ ଓ ଆନ୍ଦୋଳନ' ନୂଆଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱ ପୁସ୍ତକ ମେଳା ଉଦଘାଟନୀ ସମାରୋହରେ ଲୋକାର୍ପିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରାୟୋଜିତ ଏବଂ ଭାରତ ସରକାରଙ୍କ ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟି କେନ୍ଦ୍ର ବୈଦେଶିକ ବ୍ୟାପାର ଓ ଶିକ୍ଷା ରାଜ୍ୟ ମନ୍ତ୍ରୀ ଡ. ରାଜକୁମାର ରଞ୍ଜନ, ଫ୍ରାନ୍ସ ରାଜଦୂତ ଏମାନୁଏଲ ଲେନିନ, ନୋବେଲ ପୁରସ୍କାର ବିଜୟିନୀ ଏନି ଏନୋକ୍ସ ଏବଂ ରାଷ୍ଟ୍ରୀୟ ପୁସ୍ତକ ନ୍ୟାସର ନିର୍ଦ୍ଦେଶକ ଯୁବରାଜ ମଲ୍ଲିକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ପୁସ୍ତକଟି ହେଉଛି ଓଡ଼ିଶା ରାଜନୀତିରେ ପାଇକଙ୍କ ଆଧିପତ୍ୟ, ତତ୍କାଳୀନ ଗଜପତି ରାଜବଂଶର ଆଭିମୁଖ୍ୟ, ଭାରତର 'ଶେଷ ସ୍ୱାଧୀନ ଦୁର୍ଗ' ଖୋର୍ଦ୍ଧା ଆକ୍ରମଣ, ଶ୍ରୀମନ୍ଦିର ପରିଚାଳନା, ତତ୍କାଳୀନ ଓଡ଼ିଆ ସାମାଜିକ ଜୀବନ, ମରହଟ୍ଟାଙ୍କ ଉତ୍ଥାନ ଓ ପତନ, ଫିରିଙ୍ଗି ତନ୍ତ୍ରର ଅତ୍ୟାଚାରି ସମେତ ଭାରତର ପ୍ରଥମ ଶହୀଦ ଜୟୀ ରାଜଗୁରୁ, ସେନାପତି ବକ୍ସି ଜଗବନ୍ଧୁ, ଦଳ ବେହେରା ମାଧବ ଚନ୍ଦ୍ର ରାଉତରାୟ, ପିଣ୍ଡିକି ବାହୁବଳେନ୍ଦ୍ର, କୃତିବାସ ପାଟ୍ଟଶାଣୀ ଆଦି ମହାନ ଯୋଦ୍ଧାଙ୍କ ବୀରତ୍ୱ ଗାଥା ବର୍ଣ୍ଣିତ ଏକ ଐତିହାସିକ କଥା ସାହିତ୍ୟ।

ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ୭୫ଜଣ ଶ୍ରେଷ୍ଠ ଯୁବ ଲେଖକଙ୍କୁ ଚୟନ କରି ସେମାନଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ଅନାଦୃତ ମୁକ୍ତି ଯୋଦ୍ଧାଙ୍କ ବିଷୟରେ ପୁସ୍ତକ ରଚନା କରିବାର ଦାୟିତ୍ୱ ଦେଇଥିଲେ। ଓମ୍ ପ୍ରିୟଦର୍ଶୀ ଜଣେ ପାଇକ ବଂଶଧର ଭାବେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ଆନ୍ଦୋଳନ ସମ୍ବନ୍ଧରେ ପୁସ୍ତକ ଲେଖିବାର ନିଷ୍ପତ୍ତି ନେଇଥିଲେ। ଦୀର୍ଘ ଏକ ବର୍ଷର ବିସ୍ତୃତ ଗବେଷଣା ପରେ ପୁସ୍ତକଟି ଭାରତ ସରକାରଙ୍କ ଦ୍ୱାରା ବିଶ୍ୱ ପୁସ୍ତକ ମେଳାରେ ପ୍ରକାଶିତ ହୋଇଥିବାରୁ ସେ ଖୁବ ଆନନ୍ଦିତ ବୋଲି ଓମ୍ ପ୍ରିୟଦର୍ଶୀ କହିଛନ୍ତି। ପାଇକମାନଙ୍କୁ ସେମାନଙ୍କ ହୃତ ବୈଭବ ଫେରିପାଇବାରେ ସହଯୋଗ କରିଥିବାରୁ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା ସହ ପୁସ୍ତକ ସମ୍ପୂର୍ଣ୍ଣ କରିବାରେ ତାଙ୍କୁ ସହାୟକ ହୋଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ପୁସ୍ତକଟି ଖୁବଶୀଘ୍ର ଭାରତ ସରକାରଙ୍କ ୱେବ୍‌ସାଇଟ, ଆମାଜନ, ଫ୍ଲିପକାର୍ଟ ଆଦି ଅନଲାଇନ ଷ୍ଟୋର ଏବଂ ବହି ଦୋକାନରେ ଉପଲବ୍ଧ ହେବ ବୋଲି ଓମ୍ ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

# ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟବୀମା, ସାମାଜିକ ସୁରକ୍ଷା ସୁବିଧା ମିଳୁ




ବାର୍ଷିକ ସାଧାରଣ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ପୁରୀ ଅଫିସ, ୨୬।୨

ପୁରୀ ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ବାର୍ଷିକ ସାଧାରଣ ସଭା ରବିବାର ମାରୁତି ନଗରସ୍ଥିତ କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୋରମ୍‌ର ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ମଧୁମାଧବ ଜେନା ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକମାନେ ସମାଜର ମୁଖ୍ୟ ଅଙ୍ଗ। ସେମାନଙ୍କ ସାମାଜିକ ସୁରକ୍ଷା ପ୍ରତି ସରକାର ଧ୍ୟାନ ଦେବା ସହିତ ଏଥିପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବାକୁ ସେ ଦାବି କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଆଶାଲତା ରାଉତରା ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକମାନେ ହେଉଛନ୍ତି ଆମର ଚିର ନମସ୍ୟ। ସେମାନଙ୍କୁ ସମ୍ମାନ ଦେବା ସହ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଆମର କର୍ତ୍ତବ୍ୟ। କାର୍ଯ୍ୟକ୍ରମରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ବିଶିଷ୍ଟ ପ୍ରାବନ୍ଧିକ ସତ୍ୟନାରାୟଣ ମିଶ୍ର ଯୋଗଦେଇ କହିଥିଲେ, ବିଭିନ୍ନ ସମୟରେ ବରିଷ୍ଠ ନାଗରିକମାନେ ଅବହେଳିତ ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଏଥିପ୍ରତି ସରକାର ଯତ୍ନବାନ ହେବା ଉଚିତ୍ ବୋଲି ମତ ପୋଷଣ କରିଥିଲେ। ଫୋରମ୍ ସମ୍ପାଦକ ଦେବେନ୍ଦ୍ର କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ ସହ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଉପସଭାପତି ଦେବେନ୍ଦ୍ର ତ୍ରିପାଠୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ଜେନା ବାର୍ଷିକ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ କଣାସ ବ୍ଲକର ବିଭୂତି ପଟ୍ଟନାୟକ, ଅସ୍ତରଙ୍ଗ ବ୍ଲକର କାଳନ୍ଦି ଛାଟୋଇଙ୍କ ସମେତ ବିଭିନ୍ନ ବ୍ଲକର କର୍ମକର୍ତ୍ତା ଯଥା ସନାତନ ପାତ୍ର, ଗୋପୀନାଥ କର, କୃଷ୍ଣମୋହନ ମହାନ୍ତି, କେ. ଏନ୍. ଦାସ, ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା, ସ୍ୱାସ୍ଥ୍ୟବୀମା ଓ ସାମାଜିକ ସୁରକ୍ଷା ଆଦି ଦାବି ପୂରଣ ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଆଗାମୀ ଦୁଇବର୍ଷ ପାଇଁ ଫୋରମ୍‌ର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଶେଷରେ ମାରୁତି ନଗର ଉନ୍ନୟନ ପରିଷଦର ସମ୍ପାଦକ ତଥା ଫୋରମ୍‌ର ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

## ଶ୍ରୀନିବାସ ଘଟୁଆରୀଙ୍କୁ 'ଏକାମ୍ର ଶ୍ରୀ' ସମ୍ମାନ

ଭୁବନେଶ୍ୱର, ୨୬।୨ (ବ୍ୟୁରୋ)

ଡ. ଶ୍ରୀନିବାସ ଘଟୁଆରୀଙ୍କୁ ଚଳିତ ବର୍ଷ ପାଇଁ 'ଏକାମ୍ର ଶ୍ରୀ' ସମ୍ମାନ ମିଳିଛି। ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଭୁବନେଶ୍ୱରର କଳା, ସଂସ୍କୃତି, ସାହିତ୍ୟ, ବିଜ୍ଞାନ, ସମାଜସେବା, ପରିବେଶ ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ 'ଏକାମ୍ର ଶ୍ରୀ' ସମ୍ମାନ ପ୍ରଦାନ କରାଯାଇଥାଏ। ଡ. ଘଟୁଆରୀ ପ୍ରଥମ କରି ରୁକୁଣା ରଥରେ ଶ୍ରୀ ଲିଙ୍ଗରାଜଙ୍କ ସମ୍ମୁଖରେ ପହଣ୍ଡିରେ ନୃତ୍ୟ ଆରମ୍ଭ କରିଥିଲେ। ଏହି ପରମ୍ପରା ତାଙ୍କଠାରୁ ଆରମ୍ଭ ହୋଇଥିଲା। ଲିଙ୍ଗରାଜ ମନ୍ଦିରରୁ ରୁକୁଣା ରଥ ପର୍ଯ୍ୟନ୍ତ ଘଣ୍ଟ, ମର୍ଦ୍ଦଳରେ ସେ ନାଚି ନାଚି ଆସିଥିଲେ। ତାଙ୍କୁ ଦେଖି ପରେ ପରେ ଅନ୍ୟମାନେ ନୃତ୍ୟ କରିଥିଲେ। ଏଥିପାଇଁ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଏକାମ୍ର ସାଂସ୍କୃତିକ ପ୍ରକାଶନୀର ସଭାପତି ତଥା ବିଧାୟକ ସୁରେଶ କୁମାର ରାଉତରାୟ, ସମ୍ପାଦକ ସନତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ହକ୍ ପାଇଁ କୃଷକ ସଙ୍ଗଠିତ ହେବାକୁ ଆହ୍ୱାନ



ବୈଠକରେ ଉପସ୍ଥିତ ଚାଷୀ ଏବଂ ଅନ୍ୟମାନେ।

**ନୀଳାଚଳ କୃଷକ ମହାସଂଘ ବୈଠକ**

ସାକ୍ଷୀଗୋପାଳ,୨୬।୨(ଡି.ଏନ.ଏ./ ସ୍ୱ.ପ୍ର.)

ପୁରୀ ଜିଲା ନୀଳାଚଳ କୃଷକ ମହାସଂଘ ପକ୍ଷରୁ କୃଷି ଓ କୃଷକଙ୍କ ଉନ୍ନତି ନିମନ୍ତେ ଏକ ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳପୁର ଗ୍ରାମପଞ୍ଚାୟତ ସାଗର ସ୍ନାନ ପୀଠରେ ଆୟୋଜିତ ଏହି ବୈଠକରେ ବ୍ଲକ ସଭାପତି ସୁଶାନ୍ତ ଶତପଥୀ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଉପସଭାପତି ସ୍ୱର୍ଗତ ଶତ୍ରୁଘ୍ନ ସ୍ୱାଇଁଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ନିଜର ହକ୍ ଯଥା ସରକାରୀ ଯୋଜନାଗୁଡିକ ଶତ ପ୍ରତିଶତ ହାସଲ କରିବାକୁ ପୁରୀ ଜିଲାର ଚାଷୀ ତୃଣମୂଳ ସ୍ତରରେ ସଂଗଠିତ ହେବାକୁ ମହାସଂଘ ରାଜ୍ୟ ସଭାପତି ଗୋପୀନାଥ ମିଶ୍ର ଆହ୍ୱାନ ଦେଇଥିଲେ। ଚାଷୀ ଏକାଠି ହେଲେ ପୁରୀରେ ଉପୁଜୁଥିବା ଜଳସେଚନ, ଜଳ ନିଷ୍କାସନ, ଫସଲ ସଂରକ୍ଷଣ ଓ ଫସଲର ଅଭାବୀ ବିକ୍ରି ଭଳି ସମସ୍ୟା ରହିବ ନାହିଁ ବୋଲି ମହାସଂଘ ଉପସଭାପତି ପ୍ରକାଶ ନାୟକ କହିଥିଲେ। ଉପସ୍ଥିତ ଶତାଧିକ ଚାଷୀଙ୍କୁ ଶପଥପାଠ କରାଇ ନୀଳାଚଳ କୃଷକ ମହାସଂଘକୁ ସମଗ୍ର ଭାରତବର୍ଷରେ ଏକ ନଂ. ଅଗ୍ରଣୀ ଚାଷୀ ସଂଗଠନ କରାଇବାକୁ ମହାସଂଘ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣାସ, ଗୋପ, ନିମାପଡା, ପିପିଲି, ବ୍ରହ୍ମଗିରି, ଅସ୍ତରଙ୍ଗ, କଣାସ ଓ ସଦର ବ୍ଲକ ସଭାପତି, ଦଳିତ ସେଲର ଅଧ୍ୟକ୍ଷଙ୍କ ସହିତ ପୂର୍ବତନ ଜିଲା ପରିଷଦ ସଭ୍ୟା ସବିତା ପଣ୍ଡା ଏବଂ ସମ୍ପାଦକ ଅନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେବା ସମବାୟ ସମିତିର ପୂର୍ବତନ ସଭାପତି ସଞ୍ଜୟ ବରାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ପରଜାପଡା ପଞ୍ଚାୟତର ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ପୁରାଣର ୧୦୦ ଗଳ୍ପକୁ ନେଇ 'ମହାଗାଥା'

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ପୁରାଣର ୧୦୦ଟି ଗଳ୍ପକୁ ନେଇ ପ୍ରସ୍ତୁତ ହୋଇଛି ପୁସ୍ତକ ମହାଗାଥା। ଏହାକୁ ଲେଖିଛନ୍ତି ଲେଖକ ସତ୍ୟାର୍ଥୀ ନାୟକ। ରବିବାର ବକୁଳ ଫାଉଣ୍ଡେଶନ ପକ୍ଷରୁ ବକୁଳ ଲାଇବ୍ରେରୀଠାରେ ଆୟୋଜିତ 'ମିଟ୍ ଦି ଅଥର' କାର୍ଯ୍ୟକ୍ରମରେ ସେ ଏହି ପୁସ୍ତକ ଉପରେ ଆଲୋଚନା କରିଥିଲେ। ଫାଉଣ୍ଡେଶନ ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର ତାଙ୍କୁ ପୁସ୍ତକ ସମ୍ପର୍କିତ ଅନେକ ପ୍ରଶ୍ନ ପଚାରିଥିଲେ। ଲେଖକ ସତ୍ୟାର୍ଥୀ କହିଥିଲେ, ବେଦ ଯାହା ଆମକୁ ଶିକ୍ଷା ଦେଇଥାଏ। ପୁରାଣରେ ଆମେ ସେହି ଶିକ୍ଷାକୁ ଛୋଟ ଛୋଟ ଗଳ୍ପ ଆକାରରେ ପାଇଥାଉ। ଲେଖିଥିବା ୨୫୨ଗଳ୍ପରୁ ଶ୍ରେଷ୍ଠ ୧୦୦ଗଳ୍ପକୁ ମୁଁ ଏହି ପୁସ୍ତକରେ ସ୍ଥାନ ଦେଇଛି। ଭଗବାନ, ସାଧକ, ମଣିଷ,ବିଭିନ୍ନ ଯୁଗ, କିମ୍ବଦନ୍ତୀ ସମ୍ପର୍କରେ ଏଥିରେ ରହିଛି। ପୁରାଣ ଏକ ନୀତିଶିକ୍ଷା। ଏଥିରେ ମୁଁ ମୋର କୋଣସି ନୀତିଶିକ୍ଷାକୁ ସ୍ଥାନ ଦେଇନାହିଁ। ପାଠକ ପଢ଼ିଲେ ସେ ନିଜ ହିସାବରେ ନୀତିଶିକ୍ଷା ପାଇପାରିବ। ଏହା ବହୁତ ସରଳ ଓ ମନୋରଞ୍ଜନ ଧର୍ମୀ ହୋଇଛି। ଯୁବ ପିଢ଼ୀଙ୍କଠାରୁ ନେଇ ଅନେକ ବର୍ଗର ଲୋକ ଏହାକୁ ପଢ଼ି ପାରିବେ। ଉଲ୍ଲେଖଯୋଗ୍ୟ, ସତ୍ୟାର୍ଥୀ କେବଳ ଜଣେ ଲେଖକ ନୁହନ୍ତି, ସ୍କ୍ରିନ୍ ରାଇଟର୍ ଭାବେ ମଧ୍ୟ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ସୋନି ଟିଭିରେ ପ୍ରସାରିତ 'ପୋରୁସ' ଧାରାବାହିକର ସେ ସ୍କ୍ରିନ୍ ରାଇଟର ଥିଲେ। ତାଙ୍କର 'ଏମ୍ପର୍ସ ରିଡଲ୍ସ' ପୁସ୍ତକ ଅଧିକ ଲୋକପ୍ରିୟ ହୋଇଥିଲା।

# ମିଶନ ଶକ୍ତିରେ କାର୍ଯ୍ୟରତ ସହାୟକ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

**୨୮ରେ ଏଏପି ପକ୍ଷରୁ ଧାରଣା, ଶୋଭାଯାତ୍ରା**

ପୁରୀ ଅଫିସ, ୨୬।୨

ମିଶନ ଶକ୍ତିରେ କାର୍ଯ୍ୟରତ ସହାୟକ କର୍ମଚାରୀ (ସପୋର୍ଟ ଷ୍ଟାଫ୍)ଙ୍କ ସମସ୍ୟାର ସମାଧାନ ଓ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପୁରୀ ଜିଲା ଶାଖା ପକ୍ଷରୁ ୨୮ ତାରିଖରେ ଧାରଣା ଓ ଶୋଭାଯାତ୍ରା କରାଯିବା ସହ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ। ଏ ନେଇ ରବିବାର ଏଏପି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ମିଶନ ଶକ୍ତିରେ କାର୍ଯ୍ୟରତ ସହାୟକ କର୍ମଚାରୀ ଯଥା ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର ଏବଂ ଏଲ୍‌ଏସ୍‌ପିମାନଙ୍କ ଚାକିରୀକୁ ସ୍ଥାୟୀ ଓ ଦରମା ବୃଦ୍ଧି କରିବା ପାଇଁ ଏହି ଆନ୍ଦୋଳନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ। ଦଳ ଅଭିଯୋଗ କରିଛି ଯେ, ବିଜେଡି ଏହି ସହାୟକ ଷ୍ଟାଫ୍‌ମାନଙ୍କ ଦାବିକୁ ଅଣଦେଖା କରୁଛି। ମିଶନ ଶକ୍ତିକୁ ସବୁଠାରୁ ସଫଳ କାର୍ଯ୍ୟକ୍ରମ ଭାବେ ପ୍ରଚାର କରୁଥିବା ରାଜ୍ୟ ସରକାର ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ପ୍ରସ୍ତୁତ ନୁହଁନ୍ତି। ଫେବୃୟାରୀ ୨୦ରେ ପ୍ରାୟ ୨୦ ହଜାର ମିଶନ ଶକ୍ତି ସହାୟକ କର୍ମଚାରୀ ଆନ୍ଦୋଳନ କରିଥିଲେ ମଧ୍ୟ ସରକାର ସେମାନଙ୍କ ଦାବିକୁ କର୍ଣ୍ଣପାତ କଲେ ନାହିଁ। କର୍ମୀଙ୍କୁ କେବଳ ନିର୍ବାଚନ ପ୍ରଚାର କାମରେ ଲଗାଇବା ଓ ସବୁଦିନେ ଭୟଭୀତ କରି ରଖିବାର ଯୋଜନା ବିଜେଡି କରୁଥିବା ଏଏପି ଅଭିଯୋଗ ଆଣିଛି। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ସଞ୍ଜୀବ କୁମାର ମହାନ୍ତି, ଜିଲା ସମ୍ପାଦକ ସତ୍ୟଜିତ୍ ମହାନ୍ତି, ଜିଲା ମୁଖ୍ୟ ପ୍ରବକ୍ତା ଅନୀଲ କୁମାର ସେନାପତି, ଜିଲା ଯୁବ ସମ୍ପାଦକ ସୁନିଲ ଜେନା ଏବଂ ଜିଲା ସୋସିଆଲ ମିଡିଆ ଅଧ୍ୟକ୍ଷ ସମୀର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# 'ଦେଶରେ ଗଣମାଧ୍ୟମର କଣ୍ଠରୋଧ କରାଯାଉଛି'

ପୁରୀ ଅଫିସ, ୨୬।୨




ବୈଠକରେ ଓଡ଼ିଶା ପତ୍ରକାର ସଂଘର ସଦସ୍ୟ ଏବଂ ଅନ୍ୟମାନେ।

**ଓଡ଼ିଶା ପତ୍ରକାର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ**

ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ଭାରତରେ ସମ୍ପ୍ରତି ଗଣତନ୍ତ୍ରର ଅବକ୍ଷୟ ହେଉଥିବାବେଳେ ଗଣମାଧ୍ୟମର କଣ୍ଠରୋଧ କରାଯାଉଛି। ସେହିପରି ଖବରଦାତାଙ୍କ ମଧ୍ୟରେ ଏକତାର ଅଭାବ ଯୋଗୁ ସେମାନେ ଶୋଷଣର ଶିକାର ହେଉଛନ୍ତି। ଏପରିକି ଅନେକ ଖବରଦାତାଙ୍କର ଇପିଏଫ୍ କରାଯାଉ ନ ଥିବାବେଳେ ପେନସନ ବ୍ୟବସ୍ଥା ନାହିଁ। ବିଶେଷକରି ତୃଣମୂଳସ୍ତରରେ ଖବରଦାତାମାନେ ଶୋଷଣର ଶିକାର ହେଉଥିଲେ ମଧ୍ୟ କୌଣସି ସହାୟତା ପାଉନାହିଁ। ସେମାନଙ୍କୁ ସୁରକ୍ଷା ମଧ୍ୟ ଦିଆଯାଉନାହିଁ। ଯଦି ଖବରଦାତାମାନେ ଏକଜୁଟ ହେବେ ତେବେ ଏସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ରବିବାର ପୁରୀ ୟୁଥ୍ ହଷ୍ଟେଲରେ ଅନୁଷ୍ଠିତ ଓଡ଼ିଶା ପତ୍ରକାର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ଓ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

'ନେତା-ପ୍ରଶାସନ ଓ ସାମ୍ବାଦିକ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ ଗଣତନ୍ତ୍ରର ୪ଟି ସ୍ତମ୍ଭ ଉପରେ ମତ ରଖିବା ସହ ସାମ୍ବାଦିକଙ୍କ ସମସ୍ୟା, ସୁବିଧା ସୁଯୋଗ ଓ ସରକାରୀ ଅବହେଳା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, 'ଜୀବନ ବିନ୍ଦୁ'ର ପୁରୀ ଜିଲା ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ପୂର୍ବତଟ ରେଳପଥର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ନିରାକାର ଦାସ, ପ୍ରିୟ ଖବର ସମ୍ପାଦକ ରାଜକିଶୋର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅନୁପମା ଦାସ, ସସ୍ମିତା ମଲ୍ଲିକ ପ୍ରମୁଖ ଯୋଗଦେଇ ସାମ୍ବାଦିକମାନଙ୍କ ସୁରକ୍ଷା, ପେନସନ ଓ ବୀମାରାଶି ବୃଦ୍ଧି ସମ୍ପର୍କରେ ମତ ରଖିଥିଲେ। ସଂଘର ପ୍ରତିଷ୍ଠାତା ସଭାପତି ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ରାଜ୍ୟ ସଭାପତି ଅବିନାଶ ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ରାମଦାସ ଲିମା କାର୍ଯ୍ୟକାରିଣୀ ସମ୍ପର୍କରେ ମତ ରଖି ଥିବାବେଳେ ପୁରୀ ଜିଲା ସମ୍ପାଦକ ଶଙ୍କର ବେହେରା(ବାବାଜୀ) ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସଂଘର ରାଜ୍ୟ ଉପସଭାପତି ହରପ୍ରସାଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସଭାପତି ବିଜୟ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ସଂଘର ସଦସ୍ୟା ସଦସ୍ୟମାନେ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୭ ଫେବୃୟାରୀ, ୨୦୨୩



## ବସ୍ କଣ୍ଡକ୍ଟରଙ୍କୁ ଆକ୍ରମଣ କରି ଯୁବକ ଗିରଫ

ଭୁବନେଶ୍ୱର,୨୬।୨(ବ୍ୟୁରୋ): ବସ୍ କଣ୍ଡକ୍ଟରଙ୍କୁ ଲୁହାରଡ଼ରେ ମାଡ଼ ମାରି ଲୁଟ୍ ଘଟଣାରେ ଭରତପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ନୟାଗଡ଼ ଜିଲାର ଅଜୟ ମହାନ୍ତି । ତାଙ୍କଠାରୁ ଲୁହରଡ଼ ଜବତ ହୋଇଛି । ଅଜୁଙ୍କ ନାମରେ ଭରତପୁର ଥାନାରେ ୪ଟି ଆପରାଧିକ ମାମଲା ରହିଥିବା ଜଣାପଡିଛି । ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଛି। ଅଭିଯୋଗକାରୀ ବସ୍ କଣ୍ଡକ୍ଟର ଶ୍ରୀଧର ପ୍ରଧାନଙ୍କୁ ଗତ ୯ ତାରିଖରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଅଭିଯୁକ୍ତ ଅଜୟ ୪ ରୁ ୫ ସହଯୋଗୀଙ୍କ ସହିତ ଆସି ପାର୍କିଂ ବାବଦକୁ ଦିନକୁ ୧ ହଜାର ଟଙ୍କା ଦେବା ପାଇଁ କହିଥିଲେ । ଶ୍ରୀଧର ମନା କରିବାରୁ ଅଜୟ ତାଙ୍କର ସହଯୋଗୀଙ୍କ ସହିତ ଲୁହ ରଡ଼ରେ ଆକ୍ରମଣ କରିଥିଲେ।

**ସଂକ୍ଷେପରେ**

## ରାଜମହଲ ଏମ୍‌ଏଲ୍‌ସିପିରେ ଖୋଲିବ ଆମାଜନ୍ କଲ୍ ସେଣ୍ଟର



ଭୁବନେଶ୍ୱର, ୨୬।୨(ବ୍ୟୁରୋ) - ମାର୍କେଟ ବିଲ୍ଡିଂ ନିକଟସ୍ଥ ବହୁତଳ କାର ପାର୍କିଂ (ଏମ୍‌ଏଲ୍‌ସିପି)ରେ ଖୋଲିବ ଆମାଜନ୍ କଲ୍ ସେଣ୍ଟର। ଉକ୍ତ କୋଠାର ୪ର୍ଥ ଓ ୫ମ ମହଲାରେ ଏହି କଲ୍‌ସେଣ୍ଟର କାର୍ଯ୍ୟ କରିବ। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍(ବିଏସ୍‌ସିଏଲ୍)ର ନିର୍ଦ୍ଧାରିତ ଦର ଅନୁଯାୟୀ ବାଣିଜ୍ୟିକ ବ୍ୟବହାର ପାଇଁ ଆମାଜନ୍‌କୁ ଏହି ଦୁଇ ମହଲା ପ୍ରଦାନ କରାଯାଇଛି। ଏବେ ସେଠାରେ ଇଣ୍ଟରନାଲ ଡିଜାଇନ୍ କାମ ଚାଲିଛି। ବିଏସ୍‌ସିଏଲ୍ ପକ୍ଷରୁ ଭିତ୍ତିଭୂମି ବିକାଶ କରିବା ସହିତ କଲ୍ ସେଣ୍ଟର ପାଇଁ ପ୍ୟାନେଲ ଏବଂ କ୍ୟାବିନରେ ପାୱାର ସପ୍ଲାଏ ଆଦି କାର୍ଯ୍ୟ ଚାଲୁ ରହିଛି। ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା କଲ୍ ସେଣ୍ଟର କାର୍ଯ୍ୟକ୍ଷମ ହେବାକୁ ଯୋଜନା ରହିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ୦.୯୪୬ ଏକର ପରିମିତ ଜାଗା ଉପରେ ନିର୍ମିତ ହୋଇଛି ଏହି ବହୁତଳ କାର ପାର୍କିଂ। ବେସ୍‌ମେଣ୍ଟକୁ ମିଶାଇ ମୋଟ୍ ୭ ମହଲା ବିଶିଷ୍ଟ ଏହି କୋଠାରେ ୪ଶହ କାର୍ ଓ ୭ଶହ ବାଇକ୍ ଏକ ସାଙ୍ଗରେ ରହିପାରିବା ଭଳି ବ୍ୟବସ୍ଥା ରହିଛି। ୟୁନିଟ-୧ ଓ ୟୁନିଟ୍-୨ ଅଞ୍ଚଳରେ ଅନ୍‌ଷ୍ଟ୍ରିଟ୍ ପାର୍କିଂ ବନ୍ଦ କରିବା ସହ ଟ୍ରାଫିକ୍ ବ୍ୟବସ୍ଥାକୁ ସୁବନ୍ଦୋବସ୍ତ କରିବା ପାଇଁ ଏହି ଏମ୍‌ଏଲ୍‌ସିପି ନିର୍ମାଣ କରାଯାଇଛି।

## ଶ୍ରୀମଦ୍ ଭାଗବତ କଥା ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୨୬।୨(ବ୍ୟୁରୋ)-ଶ୍ରୀମଦ୍ ଭାଗବତ ଦିବ୍ୟ ଚେତନା ସଂସ୍ଥାନ ପକ୍ଷରୁ ସ୍ଥାନୀୟ ମା' ବରଦେଈ ମନ୍ଦିର ପରିସରରେ ଆୟୋଜିତ ଶ୍ରୀମଦ୍ ଭାଗବତ କଥା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ପ୍ରଥମ ଦିନରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. କୁମରବର ଦାସ ଓ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଅମୃତାନନ୍ଦ ଦାସ ମହାରାଜ ପ୍ରବଚନର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଦୀପ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ। ଏହି ମହୋତ୍ସବରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କଅଁର, ସ୍ଥାନୀୟ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ଭୁବନେଶ୍ୱର ଆଥଲେଟିକ ଆସୋସିଏଶନର ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ସାମିଲ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଧାୟକ ଅନନ୍ତ ନାରାୟଣ ଜେନା, ରାଜୀବ ଶେଖର ସାହୁ ପ୍ରମୁଖ ମୁଖ୍ୟବକ୍ତା ଏବଂ ଅରୁଣ କୁମାର ସାହୁ, ନଟବର ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଦିବାକର ଜେନା, ବାବୁଲି ବଳବନ୍ତରାୟ, ମନୋରଞ୍ଜନ ଖୁଣ୍ଟିଆ, ମନୋଜ କୁମାର ବେହେରା, କିଶୋର ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଓଭରହେଡ୍ କେବୁଲମୁକ୍ତ ହୋଇପାରୁନି ସହର

- ବୁଢ଼ିଆଣୀ ଜାଲ ଭଳି ଛନ୍ଦି ହୋଇଛି କେବୁଲ
- ଭୂତଳ ସଂଯୋଗ ନେବାକୁ ଆଗ୍ରହ ଦେଖାଉ ନାହାନ୍ତି ପୁରୁଣା କେବୁଲ ସଂସ୍ଥା
- ଝୁଲିଥିବା କେବୁଲ ବାନ୍ଧିବା ସହ ଅନାବଶ୍ୟକ କେବୁଲ କାଟିବ ବିଏସ୍‌ସିଏଲ୍

ଭୁବନେଶ୍ୱର, ୨୫।୨ (ବ୍ୟୁରୋ)

ରାଜଧାନୀ ରାସ୍ତାରେ ଆଉ କୌଣସି ସ୍ଥାନରେ ମୁଣ୍ଡ ଉପରେ କେବୁଲ ତା'ର ଦେଖିବାକୁ ମିଳିବ ନାହିଁ। ସ୍ମାର୍ଟ ସଲ୍ୟୁସନ୍ ପ୍ରକଳ୍ପ ମାଧ୍ୟମରେ ସହର ମଧ୍ୟ ସ୍ମାର୍ଟ ହେବ। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ୍) ପକ୍ଷରୁ ଅଣ୍ଡରଗ୍ରାଉଣ୍ଡ ଫାଇବର ଅପ୍ଟିକ୍ କେବୁଲ ଯୋଗାଇବା ପାଇଁ ପଦକ୍ଷେପ ନେବା ପରେ ସହର ତାର ମୁକ୍ତ ହେବ ବୋଲି ସୂଚନା ଦିଆଯାଇଥିଲା। ଓଭରହେଡ କେବୁଲିଂ ହଟାଯିବ। ଅର୍ଥାତ ବିଦ୍ୟୁତ୍ ଖୁଣ୍ଟରେ କୌଣସି ଘରୋଇ କମ୍ପାନୀ ଏପରିକି ସରକାରୀ ନେଟ୍‌ୱାର୍କ କେବୁଲ ମଧ୍ୟ ରହିବ ନାହିଁ। ସମସ୍ତ କେବୁଲ ମାଟିତଳେ ବିଛାଯିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ଦେଢ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ବି ସହରର ଅବସ୍ଥା ଯେପରି ଥିଲା ସେପରି ରହିଛି। ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟରେ ବୁଢିଆଣୀ ଜାଲ ଭଳି କେବୁଲ ତାର ଝୁଲି ରହିଥିବା ବେଳେ ଅଧିକାଂଶ ରାସ୍ତା ଉପରେ ତା'ର ପଡିଛି। ଏଗୁଡିକ ସ୍ମାର୍ଟସିଟିକୁ ଅସୁନ୍ଦର କରିବା ସହ ଲୋକମାନଙ୍କ ପାଇଁ ବିପଦ ସାଜୁଛି। ଅନେକ ସମୟରେ ଖୁଣ୍ଟରେ ଓହଳିଥିବା ତାର ଦୁର୍ଘଟଣାର କାରଣ ପାଲଟୁଛି। ସବୁ ଦେଖି ମଧ୍ୟ ବିଏସ୍‌ସିଏଲ୍ ଚୁପ୍ ବସିଛି। ସହରକୁ ଓଭରହେଡ୍ କେବୁଲ ଶୂନ୍ୟ କରିବାରେ ବିଏସ୍‌ସିଏଲ୍ ଫେଲ୍ ମାରିଛି। କେବଳ ଜନପଥକୁ ବାଦ୍‌ଦେଲେ ସହରର ଗଳିକନ୍ଦି ସମେତ ମୁଖ୍ୟ ରାସ୍ତାରେ ମାଳ ମାଳ ଅପ୍ଟିକ୍ ଫାଇବର କେବୁଲ ଝୁଲି ରହିଛି।

୨୦୨୧ ଜୁନ୍‌ରେ ବିଏସ୍‌ସିଏଲ୍ ପକ୍ଷରୁ ଅଣ୍ଡର କେବୁଲ୍ ବିଛାଇବା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଭୁବନେଶ୍ୱରରେ ମୁଖ୍ୟ ରାସ୍ତା ଏବଂ ଗଳିକନ୍ଦିକୁ ମିଶାଇ ପ୍ରାୟ ୧୨ଶହ କିଲୋମିଟର ରାସ୍ତା ଥିବାବେଳେ, ସେଥିରୁ ୭ଶହ କିଲୋମିଟର ମୁଖ୍ୟ ରାସ୍ତା ରହିଛି। ବିଏସ୍‌ସିଏଲ୍ ପକ୍ଷରୁ ଏହି ୭ଶହ କିଲୋମିଟର ରାସ୍ତାରେ ଅପ୍ଟିକାଲ ଫାଇବର କେବୁଲ (ଓଏଫ୍‌ସି) ବିଛାଯାଇଛି। ଏଥିରେ ମୋଟ୍ ୭୨ ଯୋଡା କେବୁଲରେ ୧୪୪ଟି କୋର୍ ଅପ୍ଟିକାଲ ଫାଇବର ତାର ବିଛାଯାଇଛି। ସେଥିମଧ୍ୟରୁ ୧୨ ଯୋଡା କେବୁଲ ସ୍ୱତନ୍ତ୍ର ଭାବେ ସରକାରୀ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ। ଅବଶିଷ୍ଟ ୬୦ ଯୋଡା କେବୁଲ ଘରୋଇ ସଂସ୍ଥାକୁ ଲିଜ୍ ଦିଆଯିବାର ବ୍ୟବସ୍ଥା ରହିଛି। ଏଥିପାଇଁ ଲିଜ୍ ନେଇଥିବା ସଂସ୍ଥାକୁ ପ୍ରତି କିଲୋମିଟର ପାଇଁ ବାର୍ଷିକ ୧୨ହଜାର ଟଙ୍କା ଦେବାକୁ ପଡିବ। ମିଳିଥିବା ସୂଚନା ଅନୁଯାୟୀ, ଏବେସୁଦ୍ଧା ମୋଟ୍ ୨୦ଟି ସଂସ୍ଥା ଏହି ଅପ୍ଟିକାଲ ଫାଇବର କେବୁଲ ନେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ତେବେ ନଭେମ୍ବର ମାସ ସୁଦ୍ଧା ସେମାନଙ୍କ ମଧ୍ୟରୁ ମାତ୍ର ୧୩ ଜଣ ଏହାକୁ ଲିଜ୍‌ରେ ନେଇଥିଲେ। ଏହାଦ୍ୱାରା ବିଏସ୍‌ସିଏଲ ବାର୍ଷିକ ପ୍ରାୟ ୧ କୋଟିର ରାଜସ୍ୱ ଆଦାୟ କରିପାରିବ ବୋଲି ଜଣେ ଅଧିକାରୀ କହିଛନ୍ତି। ତେବେ ଓଭରହେଡ୍ କେବୁଲ ସଂଯୋଗ କରିଥିବା ଘରୋଇ କେବୁଲ ସଂସ୍ଥା ଗୁଡିକ ଟଙ୍କା ଦେଇ ଭୂତଳ କେବୁଲ ବିଛାଇବା ପାଇଁ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଯାହା ଫଳରେ ବିପଦପୂର୍ଣ୍ଣ ଅବସ୍ଥାରେ ତାର ଗୁଡିକ ଝୁଲି ରହୁଥିବାବେଳେ ସ୍ମାର୍ଟସିଟି ମଧ୍ୟ ରାଜସ୍ୱ ହରାଉଛି। ଏ ସମ୍ପର୍କରେ ବିଏସ୍‌ସିଏଲ୍ ଜେନେରାଲ ମ୍ୟାନେଜର ସୁବ୍ରତ ବେହେରା କହିଛନ୍ତି, ନୂଆ କେବୁଲ ନେଉଥିବା ସଂସ୍ଥାମାନେ ଭୂତଳ କେବୁଲ ନେଉଛନ୍ତି। ତେବେ ଯେଉଁମାନେ ପୂର୍ବରୁ ଓଭରହେଡ୍ କେବୁଲ ତାର ବିଛାଇଛନ୍ତି ସେମାନେ ଭୂତଳ କେବୁଲ ସଂଯୋଗ ନେବାକୁ ଚାହୁଁ ନାହାନ୍ତି। ଇଣ୍ଟରନେଟ୍ ସଂଯୋଗ କରି ସେମାନେ ଲକ୍ଷ ଲକ୍ଷ ଟଙ୍କା ଆୟ କରୁଛନ୍ତି। ଭୂତଳ କେବୁଲ ସଂଯୋଗ କରିବା ପାଇଁ କହିଲେ ଓଲଟା ବିଏସ୍‌ସିଏଲ୍‌କୁ ଟଙ୍କା ମାଗୁଛନ୍ତି। ଅପରପକ୍ଷେ ଓଭରହେଡ୍ କେବୁଲ ତାର କେଉଁଠାରୁ କେଉଁଠିକୁ ଯାଇଛି ତାହାର ତାଳମେଳ ରହୁନାହିଁ। ଏପରିକି ସବୁ ତାର ଗୋଟିଏ ରଙ୍ଗ ଏବଂ ଏକା ପ୍ରକାରର ହୋଇଥିବାରୁ କେଉଁଟା କେଉଁ ବିଭାଗର ତାର ତାକୁ ଚିହ୍ନଟ କରିବା କଷ୍ଟକର ହୋଇ ପଡୁଛି। ହକି ପୂର୍ବରୁ ବିଦ୍ୟୁତ୍ ଖୁଣ୍ଟଗୁଡିକରେ ଝୁଲି ରହିଥିବା ତାର କଟା ଯାଉଥିଲା। ତାର ଠିକ୍ ଭାବେ ଚିହ୍ନଟ ହୋଇ ନ ପାରିବାରୁ ଅର୍ବାନ ପ୍ରିନ୍ସପାଲ ସେକ୍ରେଟାରିଙ୍କ ଅଫିସର ତାର କଟି ଯାଇଥିଲା। ସେଠାରୁ ବାରମ୍ବାର ଫୋନ୍ ଆସିବା ପରେ ଏଭଳି ଭୁଲ ହୋଇଥିବା ଜାଣିଥିଲୁ। ଏକାଧିକ ଥର ଏଭଳି ଭୁଲ ହେବା ପରେ ତାର କଟା ବନ୍ଦ କରାଯାଇଛି। ତେବେ ଓଭରହେଡ୍ କେବୁଲ୍ ସମସ୍ୟା ଦୂର କରିବା ପାଇଁ ଖୁବ୍ ଶୀଘ୍ର ସମସ୍ତ କେବୁଲ ମାଲିକଙ୍କୁ ଡକାଯାଇ ଏକ ବୈଠକ କରାଯିବ। ସେମାନଙ୍କ ତାରରେ ବିଏସ୍‌ସିଏଲ୍ ବ୍ରାଣ୍ଡର ପ୍ଲାଷ୍ଟିକ୍ ବନ୍ଧାଯିବା ପାଇଁ ଯୋଜନା ରଖାଯାଇଛି। ଗୋଟିଏ ପୋଲ୍‌ରେ ବିଭିନ୍ନ କମ୍ପାନୀ ତାର କେବୁଲ ନେଇଥିବାରୁ ଠିକ୍ ଭାବେ କିଛି କରି ହେଉନାହିଁ। ତେଣୁ ଖୁବ୍‌ଶୀଘ୍ର ବିଏସ୍‌ସିଏଲ୍ ଏମ୍‌ଡିଙ୍କ ନେତୃତ୍ୱରେ କେବୁଲ ମାଲିକଙ୍କୁ ନେଇ ବୈଠକ କରାଯିବ। ପର୍ଯ୍ୟାୟକ୍ରମେ ବିଭିନ୍ନ ସ୍ଥାନରେ କେବୁଲ ବାନ୍ଧିବା ସହ ଅନାବଶ୍ୟକ କେବୁଲ କଟାଯିବ ବୋଲି ସୂଚନା ଦେଇଛନ୍ତି।



ସହର ମଧ୍ୟରେ ଟଣାଯାଇଥିବା କେବୁଲତାର ଛନ୍ଦି ହେବା ସହ ଝୁଲିପଡିଛି ।



ରାସ୍ତା କଡରେ ଥିବା ଖୁଣ୍ଟରେ କେବଲତାର ଗୁଡାଇ ରଖାଯାଇଛି ।



ବିଦ୍ୟୁତ୍ ଖୁଣ୍ଟ ଉପରେ ଯାଇଥିବା କେବୁଲ ତାର ।

## 'ପାଇକ: ଜନ, ଆଖ୍ୟାନ ଓ ଆନ୍ଦୋଳନ' ଲୋକାର୍ପିତ

**ପ୍ରଧାନମନ୍ତ୍ରୀ ଶ୍ରେଷ୍ଠ ଯୁବ ଲେଖକ ପୁରସ୍କାରପ୍ରାପ୍ତ ଓମ୍ ପ୍ରିୟଦର୍ଶୀ ଛୋଟରାୟଙ୍କ ପୁସ୍ତକ**



ଖୋର୍ଦ୍ଧା ଅଫିସ,୨୬।୨

ପ୍ରଧାନମନ୍ତ୍ରୀ ଶ୍ରେଷ୍ଠ ଯୁବ ଲେଖକ ପୁରସ୍କାରପ୍ରାପ୍ତ ଓମ୍ ପ୍ରିୟଦର୍ଶୀ ଛୋଟରାୟଙ୍କ ପୁସ୍ତକ 'ପାଇକ: ଜନ, ଆଖ୍ୟାନ ଓ ଆନ୍ଦୋଳନ' ନୂଆଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱ ପୁସ୍ତକ ମେଳା ଉଦ୍‌ଘାଟନୀ ସମାରୋହରେ ଲୋକାର୍ପିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରାୟୋଜିତ ଏବଂ ଭାରତ ସରକାରଙ୍କ ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟି କେନ୍ଦ୍ର ବୈଦେଶିକ ବ୍ୟାପାର ଓ ଶିକ୍ଷା ରାଜ୍ୟ ମନ୍ତ୍ରୀ ରାଜକୁମାର ରଞ୍ଜନ, ଫ୍ରାନ୍ସ ରାଜଦୂତ ଏମାନୁଏଲ ଲେନିନ, ନୋବେଲ ପୁରସ୍କାର ବିଜୟିନୀ ଏନି ଏନୋକ୍ସ ଏବଂ ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ ନିର୍ଦ୍ଦେଶକ ଯୁବରାଜ ମଲ୍ଲିକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ପୁସ୍ତକଟି ହେଉଛି ଓଡ଼ିଶାରେ ପାଇକଙ୍କ ଆଧିପତ୍ୟ, ତତ୍କାଳୀନ ଗଜପତି ରାଜବଂଶର ଆଭିମୁଖ୍ୟ, ଭାରତର 'ଶେଷ ସ୍ୱାଧୀନ ଦୁର୍ଗ' ଖୋର୍ଦ୍ଧା ଆକ୍ରମଣ, ମରହଟ୍ଟାଙ୍କ ଉତ୍ଥାନ ଓ ପତନ, ଫିରିଙ୍ଗି ତନ୍ତ୍ରର ଅତ୍ୟାଚାର ସମେତ ଭାରତର ମହାନ ଯୋଦ୍ଧାଙ୍କ ବୀରତ୍ୱ ଗାଥା ବର୍ଣ୍ଣିତ ଏକ ଐତିହାସିକ କଥା ସାହିତ୍ୟ। ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ୭୫ଜଣ ଶ୍ରେଷ୍ଠ ଯୁବ ଲେଖକଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ମୁକ୍ତି ଯୋଦ୍ଧାଙ୍କ ବିଷୟରେ ପୁସ୍ତକ ରଚନା ପାଇଁ ଦାୟିତ୍ୱ ଦେଇଥିଲେ। ଓମ୍ ପ୍ରିୟଦର୍ଶୀ ଜଣେ ପାଇକ ବଂଶଧର ଭାବେ ଉକ୍ତ ପୁସ୍ତକ ଲେଖିବାକୁ ନିଷ୍ପତ୍ତି ନେଇଥିଲେ। ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଇବା ସହ ପୁସ୍ତକ ସମ୍ପୂର୍ଣ୍ଣ କରିବାରେ ତାଙ୍କୁ ସହାୟତା କରିଥିବା ବ୍ୟକ୍ତିବିଶେଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନୂତନ ଓଡ଼ିଶା ଗଠନ ପାଇଁ ୨୩ ମାର୍ଚ୍ଚରେ ବିକଳ୍ପ ସମାବେଶ

ଭୁବନେଶ୍ୱର, ୨୬।୨ (ବ୍ୟୁରୋ)

ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର୍ ଆଣ୍ଡ ବିଲ୍ଡିଂ କନ୍‌ଷ୍ଟ୍ରକ୍‌ସନ୍ ୱାର୍କର୍ସ ୟୁନିୟନ୍‌ର ରାଜ୍ୟ କମିଟି ବୈଠକ ରବିବାର ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟରେ ସୁର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଏହାକୁ ଉଦ୍‌ଘାଟନ କରି କହିଲେ, ରାଜ୍ୟର ଉଚ୍ଚପଦସ୍ଥ ସରକାରୀ ଅଧିକାରୀମାନେ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କ ନ୍ୟାଯ୍ୟ ପ୍ରାପ୍ୟରୁ ଶ୍ରମିକଙ୍କୁ ବଞ୍ଚିତ କରିବାପାଇଁ ଅହରହ ଷଡ଼ଯନ୍ତ୍ର କରୁଛନ୍ତି। ତେଣୁ ନିର୍ମାଣ ଶ୍ରମିକଙ୍କ ଅଧିକାର ହାସଲ ପାଇଁ ସମନ୍ୱୟ କମିଟିକୁ ଆହୁରି ଶକ୍ତିଶାଳୀ ଓ ଶାଣିତ କରିବାକୁ ପଡ଼ିବ। ଏକ ବିକଳ୍ପ ରାଜନୈତିକ ଆନ୍ଦୋଳନ ଦ୍ୱାରା ହିଁ ଏହା ସମ୍ଭବ ହୋଇ ପାରିବ। ତେଣୁ ନୂତନ ଓଡ଼ିଶା ଗଠନ ପାଇଁ ମାର୍ଚ୍ଚ ୨୩ ଭୁବନେଶ୍ୱରଠାରେ 'ବିକଳ୍ପ ସମାବେଶ' ଅନୁଷ୍ଠିତ ହେବ। ଏଥିରେ ଯୋଗଦାନ କରି ସମାବେଶକୁ ସଫଳ କରିବା ପାଇଁ ଜେନା ଆହ୍ୱାନ ଦେଇଥିଲେ। ବୈଠକରେ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ପ୍ରବୀଣ ଦାଶ, ନିଖିଳ ଓଡ଼ିଶା ନରେଗା ଶ୍ରମିକ ସଂଘ ସଭାପତି ଜୟନ୍ତ ଦାସ, ସାଧାରଣ ସମ୍ପାଦକ ସୋମନାଥ ଗିରି, ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର୍ ଆଣ୍ଡ ବିଲ୍ଡିଂ କନ୍‌ଷ୍ଟ୍ରକ୍‌ସନ୍ ୱାର୍କର୍ସ ୟୁନିୟନ୍‌ର ବିଭୁଦତ୍ତ ମିଶ୍ର, ତ୍ରୈଲୋକ୍ୟ ନାଥ, ଶିଶିର ମଲ୍ଲିକ, ହରିହର ମହାନ୍ତି, ବଳରାମ କୁଣ୍ଡୁଲିଆ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ।




ବୈଠକରେ ଯୋଗ ଦେଇଥିବା ୟୁନିୟନର ବରିଷ୍ଠ କର୍ମକର୍ତ୍ତାମାନେ ।

କୁଶଭଦ୍ରା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ସୁନ୍ଦରଗ୍ରାମ୍ ଚାମ୍ପିୟନ

ବାଲିପାଟଣା,୨୬।୨(ଡି.ଏନ୍.ଏ.)

ବନମାଳୀପୁରସ୍ଥିତ କୁଶଭଦ୍ରା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ରବିବାର ଯଦୁପୁରକୁ ହରାଇ ସୁନ୍ଦରଗ୍ରାମ ଚାମ୍ପିୟନ ହୋଇଛି। ଯଦୁପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ହରାଇ ୧୪୨ ରନ କରିଥିଲା। ଜବାବରେ ସୁନ୍ଦର ଗ୍ରାମ ୫ ଉଇକେଟ ହରାଇ ୧୪୫ ରନ୍ କରି ଜିତିଥିଲା। ଚାମ୍ପିୟନ ଦଳର ଏମ୍‌ଡି ସୁଲେମାନ ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ସୌରଭ ଦାସ୍ ମ୍ୟାନ୍ ଅଫ ଦି ସିରିଜ ହୋଇଥିଲେ। ଚାମ୍ପିୟନ ଦଳକୁ ଶିଲ୍ଡ, ୨୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ କପ୍ ଓ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ଚନ୍ଦ୍ରକାନ୍ତି ବେହେରା ମୁଖ୍ୟ ଅତିଥି, ଦେବଦତ୍ତ ପାତ୍ର, ଶଙ୍କର ସାହୁ ଓ କୃଷ୍ଣଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭୀମସେନ ମଣ୍ଡଳ, କାହ୍ନୁ ଚରଣ ବାରିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ଯୋଗ ସାଧନା କେନ୍ଦ୍ରର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ଏବଂ ଅନ୍ୟ ଅତିଥିମାନେ ।

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ନୂତନ ସରକାରୀ ବାସଗୃହ ଯୋଗ ସାଧନା କେନ୍ଦ୍ର ପକ୍ଷରୁ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସତ୍ୟାନନ୍ଦ ଯୋଗାଶ୍ରମର ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଏବଂ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ବିଜୟ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିଦ୍ୱୟ ଆସନ ଓ ପ୍ରାଣାୟାମ ମାଧ୍ୟମରେ ମଣିଷ କିପରି ସୁସ୍ଥ ଓ ସୁନ୍ଦର ଜୀବନଯାପନ କରିପାରିବ ସେନେଇ ଆଲୋକପାତ କରିଥିଲେ। ଭାରତୀୟ ଯୋଗ ସଂସ୍ଥାନର ଓଡ଼ିଶା ପ୍ରାନ୍ତ ପ୍ରଧାନ ସୁରେଶ ମହାପାତ୍ର, ଜିଲା ପ୍ରଭାରୀ ଶକୁନ୍ତଳା ବେହେରା ଓ ମଞ୍ଚେଶ୍ୱର ଯୋଗ ଜିଲାର ପ୍ରଧାନ ପ୍ରତାପ ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରଦୀପ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। କେନ୍ଦ୍ର ପ୍ରମୁଖ ମିତ୍ରଭାନୁ ନାୟକ ଓ ମନୋରମା ବାର୍ଷିକ ବିବରଣୀ ପାଠ କରିଥିଲେ। ଭୁବନେଶ୍ୱରର ବିଭିନ୍ନ ଯୋଗକେନ୍ଦ୍ରରୁ ୩୦୦ରୁ ଊର୍ଦ୍ଧ୍ୱ ସାଧିକା ସାଧକ ଯୋଗଦେଇଥିଲେ। ଭଗବାନ ବେହେରା ଧନ୍ୟବାଦ ଦେଇଥିଲେ।

## ଡ. ପୁନୀତ ଆଚାର୍ଯ୍ୟଙ୍କୁ 'ମହର୍ଷି ଦୟାନନ୍ଦ ପୁରସ୍କାର'

**ଆର୍ଯ୍ୟ ସମାଜର ବାର୍ଷିକ ଉତ୍ସବ**

- ବିଠଲ୍ ରାଓ ଏବଂ ଅମୃତା ଆଚାର୍ଯ୍ୟଙ୍କୁ 'ପ୍ରିୟବ୍ରତ-ଶନ୍ନୋଦେବୀ ରାଷ୍ଟ୍ରୀୟ ବେଦବେଦାଙ୍ଗ ସମ୍ମାନ'
- ସାମବେଦ ପାରାୟଣ, ସ୍ମରଣିକା ଉନ୍ମୋଚନ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ରାଜ୍ୟ ତଥା ରାଜ୍ୟ ବାହାରର ସନ୍ନ୍ୟାସୀ ଏବଂ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ରବିବାର ଆର୍ଯ୍ୟ ସମାଜର ତ୍ରିଦିବସୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆର୍ଯ୍ୟ ସମାଜର ଉପସଭାପତି ଡ. ସୁଦର୍ଶନ ଦେବଙ୍କ ପରିଚାଳନାରେ ହରିପୁର ଗୁରୁକୁଳର ବ୍ରହ୍ମଚାରୀଙ୍କ ମନ୍ତ୍ରୋଚାରଣ ସହିତ ସାମବେଦ ପାରାୟଣ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଠଲ୍ ରାଓ ଏବଂ ଅମୃତା ଆଚାର୍ଯ୍ୟଙ୍କୁ 'ପ୍ରିୟବ୍ରତ-ଶନୋଦେବୀ ରାଷ୍ଟ୍ରୀୟ ବେଦବେଦାଙ୍ଗ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡ. ପୁନୀତ ଆଚାର୍ଯ୍ୟଙ୍କୁ 'ମହର୍ଷି ଦୟାନନ୍ଦ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏହାସହ ଆର୍ଯ୍ୟସମାଜର ସ୍ମରଣିକା ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଇଂ ପ୍ରିୟବ୍ରତ ଦାଶ, ସମ୍ପାଦକ ପ୍ରଫେସର ବିକାଶ ପଣ୍ଡା, ଯୁଗ୍ମ ସମ୍ପାଦକ ସୁବ୍ରତ ସାମଲ, ପ୍ରଶାନ୍ତ ଦାଶ, କୋଷାଧ୍ୟକ୍ଷ ରମେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।



ଅତିଥିମାନେ ଆର୍ଯ୍ୟ ସମାଜର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## 'ମେଜରପୋର୍ଟ ଅଥରିଟି ଆଇନରେ କାମ ଶୀଘ୍ର ହେଉଛି'

**ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ**

ପାରାଦୀପ(ସ୍ୱ.ପ୍ର.)/ ଭୁବନେଶ୍ୱର, ୨୬।୨

ପାରାଦୀପର ମଧୁବନ ଅଫିସର୍ସ କ୍ଲବ ପରିସରରେ ରବିବାର ପିଆଇବି (ପ୍ରେସ୍ ଇନଫରମେଶନ ବ୍ୟୁରୋ) ପକ୍ଷରୁ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପର ୮୦ରୁ ଅଧିକ ଖବରଦାତା ଯୋଗ ଦେଇଥିଲେ। ଆଲୋଚକଭାବେ ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ, ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, କୋଷ୍ଟଗାର୍ଡ ଡିଆଇଜି ଯଶୋବନ୍ତ କୁମାର ସିଂ, ବରିଷ୍ଠ ଖବରଦାତା ଶୁକଦେବ ଜେନା, ଜିଲା ମତ୍ସ୍ୟ ଅଧିକାରୀ, କୃଷି ଅଧିକାରୀ, ଜିଲା ଶିଳ୍ପକେନ୍ଦ୍ର ଅଧିକାରୀ ଓ ବ୍ୟାଙ୍କ ପ୍ରତିନିଧିମାନେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଏହି ଅବସରରେ ଅଧକ୍ଷ ହାରାନ୍ଧ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମ ଯୋଗୁ ବୃହତ୍ ବନ୍ଦର ଆଇନ ବଦଳିଛି। ମେଜରପୋର୍ଟ ଅଥରିଟି ଆଇନ ୨୦୨୧ ଲାଗୁ ହେବା ଫଳରେ ଅନେକ କାମ ଶୀଘ୍ର ହୋଇପାରୁଛି। ଏଥିପାଇଁ ଗତିଶକ୍ତି ଯୋଜନା କାର୍ଯ୍ୟକାରୀ ହୋଇଛି। ପୁରୁଣା ଆଇନ ଅନୁସାରେ ଗୋଟିଏ ନୂତନ ପ୍ରକଳ୍ପ ପାଇଁ ଡିପିଆରଠାରୁ ଆରମ୍ଭ କରି ମଞ୍ଜୁରୀ ପର୍ଯ୍ୟନ୍ତ ୨ ବର୍ଷରୁ ଅଧିକ ସମୟ ଲାଗୁଥିଲା। ଏବେ ଗତିଶକ୍ତି ଯୋଜନାରେ ୧୦ ଦିନରେ ସମସ୍ତ କ୍ଲିୟରାନ୍ସ ମିଳିଯାଉଛି। ଏହାବାଦ୍ ସାଗରମାଳା ଯୋଜନାରେ ନଦୀ ସଂଯୋଗ, ରାଜପଥ ସମ୍ପ୍ରସାରଣ ଆଦି କାମ ହେବାକୁ ଯାଉଛି। ପାରାଦୀପ ଚଣ୍ଡିଖୋଲ ରାଜପଥ ୮ ଲେନ ହେବ। ଆତ୍ମନିର୍ଭର ଭାରତ ଅଧୀନରେ ଏକ ସିଗ୍‌ନାଲ ଷ୍ଟେଶନ ହେବ ବୋଲି ପ୍ରସ୍ତାବ ରହିଛି। ସ୍ମାର୍ଟ ପୋର୍ଟ ଯୋଜନା ଅଧୀନରେ ବୃହତ୍ ଜାହାଜ ଲାଗିବା ପାଇଁ ଭିତ୍ତିଭୂମି ବିକାଶ କରାଯାଉଛି। ଏଥିପାଇଁ ୩ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେଲାଣି। ଏସବୁ ପଦକ୍ଷେପ ନେବା ଫଳରେ ପାରାଦୀପ ଦେଶର ସବୁଠାରୁ ଅଧିକ ପଣ୍ୟ କାରବାର ଅଭିବୃଦ୍ଧି ହାର ବଜାୟ ରଖିଛି ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ ଧୀର ଓଡ଼ିଶା ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ କହିଥିଲେ। କୋଷ୍ଟଗାର୍ଡ ଡିଆଇଜି ସିଂ ଯୋଗଦେଇ ସୁରକ୍ଷିତ ସାଗର, ସ୍ୱଚ୍ଛ ସାଗର ଦ୍ୱାରା କୋଷ୍ଟଗାର୍ଡ ଦେଶର ୭୫୧୬ କିମି ଉପକୂଳରେ କିପରି ସୁରକ୍ଷା ନିରାପତ୍ତା କ୍ଷେତ୍ରରେ କାମ କରୁଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି କୃଷି ଅଧିକାରୀ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ମତ୍ସ୍ୟ ଅଧିକାରୀ ପ୍ରଧାନମନ୍ତ୍ରୀ ମତ୍ସ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ କହିଥିବାବେଳେ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ପିଆଇବିର ଗିରୀଶ ଚନ୍ଦ୍ର ଦାଶ, ପ୍ରଦୀପ କୁମାର ଚୌଧୁରୀ ଓ ଅନ୍ୟମାନେ ସଞ୍ଚାଳନ କରିଥିଲେ।




କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ ।

## ସଂକ୍ଷେପରେ

### ଶିବିରରୁ ୩୫ ୟୁନିଟ୍ ରକ୍ତ ସଂଗ୍ରହ

ସାକ୍ଷୀଗୋପାଳ,୨୬।୨(ଡି.ଏନ୍.ଏ./ସ୍ୱ.ପ୍ର.)- ରୋଟାରି କ୍ଲବ ଅଫ୍ ସ୍ମାର୍ଟ ସିଟି ଓ ସତ୍ୟବାଦୀ ମହୋତ୍ସବ କମିଟିର ମିଳିତ ଆନୁକୂଲ୍ୟରେ ସାକ୍ଷୀଗୋପାଳ ପାନ୍ଥଶାଳାରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କ୍ଲବ ଡିଷ୍ଟ୍ରିକ୍ଟ ଗଭର୍ନର ଜିଜ୍ଞାଶିଷ ମହାପାତ୍ର, ସଭାପତି ଜ୍ୟୋତିରଞ୍ଜନ ମହାପାତ୍ର, ସମ୍ପାଦକ ସୁନିଲ ଦେ, ପୂର୍ବତନ ସଭାପତି ମହେଶ ପରେଖ ଓ ବିନୟ ତ୍ରିପାଠୀଙ୍କ ସମେତ ମହୋତ୍ସବ କମିଟି ସମ୍ପାଦକ ଜାନକୀ ବଲ୍ଲଭ ବରାଳ, ସଂଯୋଜକ ଦୀପକ ଶତପଥୀ, ଜିଲା ପରିଷଦ ସଭ୍ୟ ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରୁ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

### ଦିବଂଗତ ଶିକ୍ଷକଙ୍କ ସ୍ମୃତିସଭା

ଡେଲାଙ୍ଗ,୨୬।୨(ଡି.ଏନ୍.ଏ.): ଦିବଂଗତ ଶିକ୍ଷକ ଚନ୍ଦ୍ରଶେଖର ଧାଉଡ଼ିଆଙ୍କ ସ୍ମୃତିଚାରଣ ସଭା ଶନିବାର ନିଜସ୍ୱ ବାସଭବନ ଘୋରଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ପ୍ରହ୍ଲାଦ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସଭାରେ ଏବିଇଓ ଯୁଧିଷ୍ଠିର ପରିଡ଼ା, ବର୍ଷୀୟାନ୍ ଶିକ୍ଷକ ଗୋବିନ୍ଦ ସାମନ୍ତରାୟ, ରମେଶ ରାଉତରାୟ, ଦୁର୍ଯ୍ୟୋଧନ ସାହୁ, ପ୍ରମୋଦ ମିଶ୍ର, ନାରାୟଣ ପାତ୍ର, ଉମେଶ ମହାନ୍ତି, ସୋମନାଥ ନନ୍ଦ, ବରିଷ୍ଠ ଶିକ୍ଷକ ଅନନ୍ତ ସାହୁ, ଦିଗମ୍ବର ରଥ, ଗୋପାଳ ମହାପାତ୍ର, ଅଭୟ ଚରଣ ସାହୁ, ଫକିର ଦାସ, ସୂର୍ଯ୍ୟନାରାୟଣ ସେଠୀ, ରବୀନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥି ଦିବଂଗତ ଶିକ୍ଷକଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନାପୂର୍ବକ ଧାଉଡ଼ିଆଙ୍କ ସଦ୍‌ଗତି କାମନା କରିଥିଲେ। ସେ ଶିକ୍ଷକ ସମେତ ସଫଳ ଚାଷୀ ଓ ସାମାଜିକ କର୍ମୀ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ। ଶିକ୍ଷକ ସୁରେନ୍ଦ୍ର ନାୟକ, ଦିଲୀପ ବେହେରା, ଦୁର୍ଗାକେଶରୀ ପରିଡ଼ା ଓ ଲକ୍ଷ୍ମଣ ସାହୁ ସ୍ମୃତିସଭା ପରିଚାଳନାରେ ସହଯୋଗ କରିଥିଲେ। ଗତ ୧୫ ତାରିଖରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା।

### ସାଧବ ସମାଜର ଗ୍ରାମୀଣ ବୈଠକ

ବେଗୁନିଆ,୨୬।୨(ଡି.ଏନ୍.ଏ.):ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀସ୍ଥିତ ସ୍ୱଜାତୀୟ କାର୍ଯ୍ୟାଳୟ ପରିସରରେ ସାଧବ ସମାଜର ଗ୍ରାମୀଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଭିକାରି ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ୯୬ ସାହି ସାଧବ ସମାଜର ଶତାଧିକ ଗ୍ରାମୀଣ ସଦସ୍ୟ ଯୋଗଦେଇଥିଲେ। ସେହିପରି କାର୍ଯ୍ୟନିର୍ବାହୀ ସଭାପତି ଦେବାଶିଷ ସାହୁ, ସମ୍ପାଦକ ଯୋଗୀନାଥ ସାହୁ, କୋଷାଧକ୍ଷ ବୈକୁଣ୍ଠନାଥ ସାହୁ, ଉପଦେଷ୍ଟା ଉପେନ୍ଦ୍ର ନାଥ ସାହୁ ଏବଂ ମହିଳା ସଭାନେତ୍ରୀ ସୁକୁମାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାଧବ ସମାଜର ଆଭିମୁଖ୍ୟ ଆଗାମୀ ଦିନରେ କିଭଳି ସାଧିତ ହେବ ସେନେଇ ଆଲୋଚନା କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୨୬ରେ ସିମୋର ମଣ୍ଡଳ ଗଁପୁର ଗ୍ରାମରେ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ସେଠାରେ ନୂତନ ସମ୍ବିଧାନ ପ୍ରଣୟନ କରାଯିବ। ସେହିପରି ୧୦ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସାଧବ ସମାଜ ପକ୍ଷରୁ ବୃତ୍ତି ପ୍ରଦାନ କରାଯିବ। ପରିବାର ପ୍ରତିପୋଷଣ ପାଇଁ ମହିଳାମାନଙ୍କୁ କିଭଳି ସ୍ୱାବଲମ୍ବୀ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ମହିଳା ଓ ଯୁବତୀଙ୍କୁ ରୋଜଗାରକ୍ଷମ ପାଇଁ ଧନ୍ଦାମୂଳକ ବ୍ୟବସ୍ଥା କରାଯିବ।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଘରୋଇ ହସ୍ପିଟାଲର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଓଡ଼ିଶା ପ୍ରାଇଭେଟ୍ ହସ୍ପିଟାଲ୍ ଆସୋସିଏଶନ୍ ସପ୍ତମ ତ୍ରୟ ବାର୍ଷିକ ସମ୍ମିଳନୀ**


ଓଡ଼ିଶା ପ୍ରାଇଭେଟ୍ ହସ୍ପିଟାଲ୍ ଆସୋସିଏଶନ୍‌ର ସପ୍ତମ ତ୍ରୟବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ପୁରୀ ଅଫିସ, ୨୬।୨: ଓଡ଼ିଶା ପ୍ରାଇଭେଟ୍ ହସ୍ପିଟାଲ୍ ଆସୋସିଏଶନ୍‌ର ସପ୍ତମ ତ୍ରୟବାର୍ଷିକ ସମ୍ମିଳନୀ ରବିବାର ପୁରୀ ଟାଉନ୍ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଘରୋଇ ହସ୍ପିଟାଲ୍‌ଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କହିଥିଲେ। ଆସୋସିଏଶନ୍ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରି ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା କର୍ମକର୍ତ୍ତାମାନେ କହିଥିଲେ। ଓଡ଼ିଶାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଘରୋଇ ହସ୍ପିଟାଲଗୁଡ଼ିକର ପ୍ରମୁଖ ଅବଦାନ ଥିବାବେଳେ କେତେକ ସମସ୍ୟା ଯୋଗୁ ଘରୋଇ ହସପିଟାଲ ଖର୍ଚ୍ଚାନ୍ତ ହେବା ସହ ରୋଗୀଙ୍କ ଉପରେ ଏହି ଆର୍ଥିକ ବୋଝ ପଡୁଛି। ବିଶେଷକରି ମେଡ଼ିକାଲରୁ ବାହାରୁ ଥିବା ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟ ଗୋଟିଏ ସଂସ୍ଥାକୁ ଏକଚାଟିଆ ଭାବେ ଦିଆଯାଇଥିବାରୁ ଗୁରୁତର ଅବ୍ୟବସ୍ଥା ପରିଲକ୍ଷିତ ହେଉଥିବା ଓଡ଼ିଶା ଘରୋଇ ହସ୍ପିଟାଲ୍ ସଂଘ କହିଛି। ଏଣୁ ଏକାଧିକ ସଂସ୍ଥାକୁ ବର୍ଜ୍ୟବସ୍ତୁ ପରିଚାଳନା ଦେବା ପାଇଁ ସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବା, ଘରୋଇ ଡାକ୍ତରଖାନାଗୁଡ଼ିକର ଉଚ୍ଚତା ଓ ଶଯ୍ୟା ସଂଖ୍ୟା ସଂଶୋଧନ ଆଣିପାରିଲେ ଅଧିକରୁ ଅଧିକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଘରୋଇ ହସ୍ପିଟାଲ୍‌ର ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନର୍ସିଂ ଟ୍ରେନିଂ, ରୋଗୀଙ୍କୁ ଉତ୍ତମ ବ୍ୟବହାର, ବର୍ଜ୍ୟବସ୍ତୁ ପରିଚାଳନା ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି କିପରି କ୍ୟାନସରଠାରୁ ଦୁରେଇ ରହିହେବ ସେ ନେଇ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଘରୋଇ ହସ୍ପିଟାଲ୍ ସଂଘର ସଭାପତି ପ୍ରଫେସର କୃପାସିନ୍ଧୁ ପଣ୍ଡା, ସାଧାରଣ ସମ୍ପାଦକ ଅନ୍ନଦା ପ୍ରସାଦ ରାୟ, ଉପସଭାପତି ହରିଶ୍ଚନ୍ଦ୍ର ମିଶ୍ର, ରାଜେଶ୍ ମିଶ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଏବଂ ସଦସ୍ୟମାନେ ଯୋଗଦେଇଥିଲେ।

# ରାଜ୍ୟସ୍ତରୀୟ ପଶା ପ୍ରତିଯୋଗିତା: ତେଇଶିପୁର ଚାମ୍ପିୟନ

ପିପିଲି,୨୬।୨(ଡି.ଏନ୍.ଏ.) ପୁରୀ ଜିଲା ପିପିଲି ବ୍ଲକ ଅନ୍ତର୍ଗତ ତେଇଶିପୁର ଗଣେଶ ମଣ୍ଡପଠାରେ ପ୍ରଥମବର୍ଷ ରାଜ୍ୟସ୍ତରୀୟ ପଶା ପ୍ରତିଯୋଗିତାରେ ଆୟୋଜକ ଦଳ ତେଇଶିପୁର ଚାମ୍ପିୟନ ହୋଇଛି। ଶନିବାର ସନ୍ଧ୍ୟାରେ ପ୍ରତିଯୋଗିତାର ଉଦ୍‌ଘାଟନ ହୋଇଥିଲା। ୨୪ନଂ. ଜୋନ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ତେଇଶିପୁର ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ଲକ୍ଷ୍ମୀଧର ନାୟକ, ରାଜ୍ୟସ୍ତରୀୟ ପଶା ସଂଗଠନ ସଭାପତି ପ୍ରଫୁଲ୍ଲ ଜେନା, ନକୁଳ ସାହୁ, ସୁରେନ୍ଦ୍ର ମହାପାତ୍ର, ପ୍ରଦୀପ ରଥ, ତେଇଶିପୁର ପଶା କମିଟି ସଭାପତି ପ୍ରଫୁଲ୍ଲ ରଥ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତା ୨ ଦିନ ଧରି ଚାଲିଥିବାବେଳେ ବିଭିନ୍ନ ଜିଲାରୁ ୩୨ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ ଦଳର କୈଳାସ ଚନ୍ଦ୍ର ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଘୋଷଣା କରାଯାଇଥିଲା। ସେହିପରି ନାନକେରା ଦଳର ସୁବାସ ଚନ୍ଦ୍ର ବଳିଆରସିଂ ଓ ବାବୁଲି ପାଇକରାୟ ରନର୍ସ ଅପ୍ ହୋଇଥିଲେ। ଏନେଇ ତେଇଶିପୁର ପଶା କମିଟି ସଭାପତି ରଥ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ସାହୁ ଚାମ୍ପିୟନ୍ ଓ ରନର୍ସ ଅପ୍ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବିନୋଦ ରଥ, ପ୍ରଦ୍ୟୁମ୍ନ ବରାଳ, ରବିନାରାୟଣ ରଥ, କରୁଣାକର ସାହୁ, ନିଶିକାନ୍ତ ବାରିକ, ଦୈତାରୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପଶା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଦଳଗତରେ ବଲାଙ୍ଗା, ମହିଳା ସିଙ୍ଗଲ୍ସରେ ଏସ୍‌ସିଏସ୍ କଲେଜ ଚାମ୍ପିୟନ


ଆନ୍ତଃ ମହାବିଦ୍ୟାଳୟ ଡ୍ରପ୍ ରୋ ବଲ୍ ଚାମ୍ପିୟନଶିପରେ ଭାଗ ନେଇଥିବା ଖେଳାଳିମାନେ।

**ଆନ୍ତଃ ମହାବିଦ୍ୟାଳୟ ଡ୍ରପ୍ ରୋ ବଲ୍ ଚାମ୍ପିୟନଶିପ୍**

ପୁରୀ ଅଫିସ ୨୬।୨: ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ପ୍ରତାପ ପୁରୁଷୋତ୍ତମପୁରସ୍ଥିତ ଗୋପୀନାଥ ଦେବ ଡିଗ୍ରୀ ମହାବିଦ୍ୟାଳୟ ଏବଂ ଡ୍ରପ୍ ରୋ ବଲ୍ ସଂଘର ମିଳିତ ଆନୁକୁଲ୍ୟରେ ପୁରୀ ଭିଆଇପି ରୋଡସ୍ଥିତ ଝାଡ଼େଶ୍ୱରୀ କ୍ଲବ୍ ପରିସରରେ ଗତ ଦୁଇଦିନ ଧରି ଚାଲିଥିବା ଆନ୍ତଃମହାବିଦ୍ୟାଳୟ ଡ୍ରପ୍ ରୋ ବଲ୍ ଚାମ୍ପିୟନଶିପ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୧୪ଟି କଲେଜରୁ ଶତାଧିକ ଛାତ୍ରୀଛାତ୍ର ଭାଗନେଇଥିଲେ। ପୁରୁଷ ସିଙ୍ଗଲ୍ସ ବିଭାଗରେ ବାଙ୍କୀ କଲେଜ ଚାମ୍ପିୟନ ଏବଂ ପୁରୀ ବ୍ରହ୍ମଗିରିସ୍ଥିତ ଅଲାରନାଥ ଦେବ ମହାବିଦ୍ୟାଳୟ ରନର ଅପ୍ ହୋଇଛି। ସେହିପରି ମହିଳା ସିଙ୍ଗଲ୍ସ ବିଭାଗରେ ପୁରୀର ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଚାମ୍ପିୟନ ଓ ବାଙ୍କୀ ମହାବିଦ୍ୟାଳୟ ରନର୍ ଅପ୍ ହୋଇଛି। ଦଳଗତରେ ବଲଙ୍ଗା ମହାବିଦ୍ୟାଳୟ ଚାମ୍ପିୟନ ଓ ପୁରୀର ସୁରଜମଲ ଶାହା ମହାବିଦ୍ୟାଳୟ ରନର୍ ଅପ୍ ହୋଇଛି। ଉଭୟ ବିଭାଗର ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ଇଂ. ଭବାନୀ ଶଙ୍କର ବାରିକ, ସବ୍ୟସାଚୀ ରଥ ଏବଂ ସୁଦର୍ଶନ ମହାରଥୀ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସଂଘ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ନୀଳକଣ୍ଠ ମିଶ୍ର, ହରିହର କର, ଦେବଦତ୍ତ ମହାପାତ୍ର, ଅକ୍ଷୟ କୁମାର ବ୍ରହ୍ମା, ବିଶ୍ୱଜିତ୍ ପ୍ରଧାନ, ଚିନ୍ମୟ କୁମାର ପାତ୍ର ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ରବି ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।

# 'ମିଶନ ଶକ୍ତିର ସହାୟକ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ'

■ ଦାବି କଲା ଏଏପି ■ ୨୮ରେ ଧାରଣା, ଶୋଭାଯାତ୍ରା

ପୁରୀ ଅଫିସ, ୨୬।୨: ମିଶନ ଶକ୍ତିରେ କାର୍ଯ୍ୟରତ ସହାୟକ କର୍ମଚାରୀ (ସପୋର୍ଟ ଷ୍ଟାଫ୍)ଙ୍କ ସମସ୍ୟାର ସମାଧାନ ଓ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପୁରୀ ଜିଲା ଶାଖା ପକ୍ଷରୁ ୨୮ ତାରିଖରେ ଧାରଣା ଓ ଶୋଭାଯାତ୍ରା କରାଯିବା ସହ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ। ଏ ନେଇ ରବିବାର ଏଏପି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ମିଶନ ଶକ୍ତିରେ କାର୍ଯ୍ୟରତ ସହାୟକ କର୍ମଚାରୀ ଯଥା ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର ଏବଂ ଏଲ୍‌ଏସ୍‌ପିମାନଙ୍କ ଚାକିରୀକୁ ସ୍ଥାୟୀ ଓ ଦରମା ବୃଦ୍ଧି କରିବା ପାଇଁ ଏହି ଆନ୍ଦୋଳନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ। ଦଳ ଅଭିଯୋଗ କରିଛି ଯେ, ବିଜେଡି ଏହି ସହାୟକ ଷ୍ଟାଫ୍‌ମାନଙ୍କ ଦାବିକୁ ଅଣଦେଖା କରୁଛି। ମିଶନ ଶକ୍ତିକୁ ସବୁଠାରୁ ସଫଳ କାର୍ଯ୍ୟକ୍ରମ ଭାବେ ପ୍ରଚାର କରୁଥିବା ରାଜ୍ୟ ସରକାର ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ପ୍ରସ୍ତୁତ ନୁହଁନ୍ତି। ଫେବୃଆରୀ ୨୦ରେ ପ୍ରାୟ ୨୦ ହଜାର ମିଶନ ଶକ୍ତି ସହାୟକ କର୍ମଚାରୀ ଆନ୍ଦୋଳନ କରିଥିଲେ ମଧ୍ୟ ସରକାର ସେମାନଙ୍କ ଦାବିକୁ କର୍ଣ୍ଣପାତ କଲେ ନାହିଁ। କର୍ମୀଙ୍କୁ କେବଳ ନିର୍ବାଚନ ପ୍ରଚାର କାମରେ ଲଗାଇବା ଓ ସବୁଦିନେ ଭୟଭୀତ କରି ରଖିବାର ଯୋଜନା ବିଜେଡି କରୁଥିବା ଏଏପି ଅଭିଯୋଗ ଆଣିଛି। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ସଞ୍ଜୀବ କୁମାର ମହାନ୍ତି, ଜିଲା ସମ୍ପାଦକ ସତ୍ୟଜିତ୍ ମହାନ୍ତି, ଜିଲା ମୁଖ୍ୟ ପ୍ରବକ୍ତା ଅନୀଲ କୁମାର ସେନାପତି, ଜିଲା ଯୁବ ସମ୍ପାଦକ ସୁନିଲ ଜେନା ଏବଂ ଜିଲା ସୋସିଆଲ ମିଡିଆ ଅଧ୍ୟକ୍ଷ ସମୀର ସମାନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ହକ୍ ପାଇଁ କୃଷକ ସଙ୍ଗଠିତ ହେବାକୁ ଆହ୍ୱାନ

**ନୀଳାଚଳ କୃଷକ ମହାସଂଘ ବୈଠକ**

ସାକ୍ଷୀଗୋପାଳ,୨୬।୨(ଡି.ଏନ.ଏ./ସ୍ୱ.ପ୍ର.) ପୁରୀ ଜିଲା ନୀଳାଚଳ କୃଷକ ମହାସଂଘ ପକ୍ଷରୁ କୃଷି ଓ କୃଷକଙ୍କ ଉନ୍ନତି ନିମନ୍ତେ ଏକ ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳପୁର ଗ୍ରାମପଞ୍ଚାୟତ ସାଗର ସ୍ନାନ ପୀଠରେ ଆୟୋଜିତ ଏହି ବୈଠକରେ ବ୍ଲକ ସଭାପତି ସୁଶାନ୍ତ ଶତପଥୀ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଉପସଭାପତି ସ୍ୱର୍ଗତ ଶତ୍ରୁଘ୍ନ ସ୍ୱାଇଁଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ନିଜର ହକ୍ ଯଥା ସରକାରୀ ଯୋଜନାଗୁଡ଼ିକ ଶତ ପ୍ରତିଶତ ହାସଲ କରିବାକୁ ପୁରୀ ଜିଲାର ଚାଷୀ ତୃଣମୂଳ ସ୍ତରରେ ସଂଗଠିତ ହେବାକୁ ମହାସଂଘ ରାଜ୍ୟ ସଭାପତି ଗୋପୀନାଥ ମିଶ୍ର ଆହ୍ୱାନ ଦେଇଥିଲେ। ଚାଷୀ ଏକାଠି ହେଲେ ପୁରୀରେ ଉପୁଜୁଥିବା ଜଳସେଚନ, ଜଳ ନିଷ୍କାସନ, ଫସଲ ସଂରକ୍ଷଣ ଓ ଫସଲର ଅଭାବୀ ବିକ୍ରି ଭଳି ସମସ୍ୟା ରହିବ ନାହିଁ ବୋଲି ମହାସଂଘ ଉପସଭାପତି ପ୍ରକାଶ ନାୟକ କହିଥିଲେ। ଉପସ୍ଥିତ ଶତାଧିକ ଚାଷୀଙ୍କୁ ଶପଥପାଠ କରାଇ ନୀଳାଚଳ କୃଷକ ମହାସଂଘକୁ ସମଗ୍ର ଭାରତବର୍ଷରେ ଏକ ନଂ. ଅଗ୍ରଣୀ ଚାଷୀ ସଂଗଠନ କରାଇବାକୁ ମହାସଂଘ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣାସ, ଗୋପ, ନିମାପଡା, ପିପିଲି, ବ୍ରହ୍ମଗିରି, ଅସ୍ତରଙ୍ଗ, କଣାସ ଓ ସଦର ବ୍ଲକ ସଭାପତି, ଦଳିତ ସେଲର ଅଧ୍ୟକ୍ଷଙ୍କ ସହିତ ପୂର୍ବତନ ଜିଲା ପରିଷଦ ସଭ୍ୟା ସବିତା ପଣ୍ଡା ଏବଂ ସମ୍ପାଦକ ଅନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେବା ସମବାୟ ସମିତିର ପୂର୍ବତନ ସଭାପତି ସଞ୍ଜୟ ବରାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ପରଜାପଡା ପଞ୍ଚାୟତର ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।


ନୀଳାଚଳ କୃଷକ ମହାସଂଘ ପକ୍ଷରୁ ଅନୁଷ୍ଠିତ ବୈଠକ।

# ଦକ୍ଷିଣ କବାଟ ପାଇକ ଆଖଡ଼ା ଆରମ୍ଭ

କୃଷ୍ଣପ୍ରସାଦ,୨୬।୨(ଡି.ଏନ୍.ଏ.) ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପଞ୍ଚୁଦୋଳ ପଡ଼ିଆରେ ଦକ୍ଷିଣ କବାଟ ପାଇକ ଆଖଡ଼ା ସମାରୋହ ଆରମ୍ଭ ହୋଇଛି। ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ଦୁଃଶାସନ ଦାସ, ସମ୍ପାଦକ ପ୍ରତାପ ହରିଚନ୍ଦନ, ରାଜ୍ୟ ପାଇକ ସଂଘ ସଂଯୋଜକ କେଦାରନାଥ ଦାସ, ଦକ୍ଷିଣ କବାଟ ପାଇକ ସର୍ଦ୍ଦାର ରବୀନ୍ଦ୍ର ନାଥ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ସମାରୋହ ୩ ଦିନ ଧରି ଅନୁଷ୍ଠିତ ହେବ। ଲୋପ ପାଇବାକୁ ବସିଥିବା ସାମରିକ କଳାକୁ ଉଜ୍ଜୀବିତ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସଂଯୋଜକ କେଦାରନାଥ ଦାସ କହିଛନ୍ତି। ୫୦ଟି ପାଇକ ଦଳ ଏହି ସମାରୋହରେ ଯୋଗଦେବେ। ପ୍ରଥମ ଦିନରେ ନୂଆଗାଁ ପାଇକ ଦଳର ବାଡ଼ି ସମରକଳା କୌଶଳ ଦର୍ଶକଙ୍କ ମନ ମୋହିଥିଲା। ମହୋତ୍ସବର ପ୍ରଥମ ଦିନରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ ଦେଶ ସ୍ୱାଧୀନତାରେ ପାଇକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାଧୀନତାର ପ୍ରଥମ ସଂଗ୍ରାମ ପାଇକ ବିଦ୍ରୋହରୁ ହିଁ ହୋଇଥିବା ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ବିଜୟ କୁମାର ତରେଇ, ମାଲୁଦ ସରପଞ୍ଚ ଗୀତାଞ୍ଜଳି ଜେନା, ମୁନା ଜେନା, ଦାମୋଦର ଜେନା, ଯୁବନେତା ସେକ୍ ନବୀ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ ପ୍ରାଥମିକ ଶିକ୍ଷକ ୟୁନିୟନ କର୍ମକର୍ତ୍ତା ନିର୍ବାଚନ


ସତ୍ୟବାଦୀ ବ୍ଲକ ପ୍ରାଥମିକ ଶିକ୍ଷକ ୟୁନିୟନର ସାମ୍ବିଧାନିକ ନିର୍ବାଚନରେ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥପାଠ କରାଯାଉଛି।

ସାକ୍ଷୀଗୋପାଳ,୨୬।୨ (ଡି.ଏନ୍.ଏ./ସ୍ୱ.ପ୍ର.) ସତ୍ୟବାଦୀ ବ୍ଲକ ପ୍ରାଥମିକ ଶିକ୍ଷକ ୟୁନିୟନର ସାମ୍ବିଧାନିକ ନିର୍ବାଚନ ରବିବାର ସତ୍ୟବାଦୀ ସରକାରୀ ଉନ୍ନୀତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟବେକ୍ଷକ ଭାବେ ପୁରୀ ଜିଲା ପ୍ରାଥମିକ ଶିକ୍ଷକ ୟୁନିୟନ ସଭାପତି ସୋମନାଥ ନନ୍ଦ, ସଙ୍ଗଠନ ସମ୍ପାଦକ ଶିବଦତ୍ତ ନାୟକ, ଯୁଗ୍ମ ସମ୍ପାଦକ ରାଜକିଶୋର ସାହୁ, ଧୀରେନ ବୀଣାକର, ଦୁର୍ଗାପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସର୍ବସମ୍ମତିକ୍ରମେ ପ୍ରହଲ୍ଲାଦ ଦାଶଙ୍କୁ ସଭାପତି, ରବୀନ୍ଦ୍ର ନାଥ ଭୋଇ ଉପସଭାପତି, ବନ୍ଦନା ମହାପାତ୍ର ଉପସଭାନେତ୍ରୀ, ବିଜୟ କିଶୋର ନନ୍ଦ ସାଧାରଣ ସମ୍ପାଦକ, ସତ୍ୟବାଦୀ ସ୍ୱାଇଁ, ପ୍ରସନ୍ନ ସ୍ୱାଇଁ ଓ ବିଶାଖା ସାହୁ ଯୁଗ୍ମ ସମ୍ପାଦକ, ଗଦାଧର ବେହେରା, ଲୋକନାଥ ମିଶ୍ର, ସାବିତ୍ରୀ ସାହୁ ଏବଂ ନୃସିଂହ ନାଥ ଦାଶ ପ୍ରମୁଖ ନୂତନ କର୍ମକର୍ତ୍ତା ଭାବେ ନିର୍ବାଚିତ ହୋଇଥିଲେ। ନୂତନ କର୍ମକର୍ତ୍ତାମାନେ ଶିକ୍ଷକ ୟୁନିୟନର ଶୃଙ୍ଖଳା ମଧ୍ୟରେ ଶିକ୍ଷକ ସମାଜର କଲ୍ୟାଣ କରିବାକୁ ଶପଥ ପାଠ କରିଥିଲେ।

# ଦାବି ପୂରଣ ନ ହେଲେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ


ସମାରୋହରେ ଡ୍ରାଇଭର ମହାସଂଘ ନିମାପଡ଼ା ଶାଖାର କର୍ମକର୍ତ୍ତାମାନେ।

**ଡ୍ରାଇଭର ମହାସଂଘର ସମାବେଶ**

ନିମାପଡ଼ା,୨୬।୨(ଡି.ଏନ୍.ଏ.) ଓଡ଼ିଶା ଡ୍ରାଇଭର ମହାସଂଘ, ନିମାପଡ଼ା ଶାଖା ପକ୍ଷରୁ ଏକ ମହାସମାବେଶ ଓ ବନ୍ଧୁମିଳନ ସମାରୋହ ନିମାପଡ଼ା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ମହାସଂଘ, ପୁରୀ ଜିଲା ସଭାପତି ସମରେନ୍ଦ୍ର ମହାପାତ୍ର, ଉପସଭାପତି ଗୋପାଳଚନ୍ଦ୍ର ବାରିକ, ନିମାପଡ଼ା ଶାଖା ସଭାପତି ମାନସ ରଞ୍ଜନ ବାରିକ, ଉପସଭାପତି ଶୁକଦେବ ବେହେରା, ଉପଦେଷ୍ଟା ପ୍ରଶାନ୍ତ ଜେନା, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟରେ ଡ୍ରାଇଭରଙ୍କ ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର ଦିଗରେ ଆଲୋକପାତ କରିଥିଲେ। ରାଜ୍ୟର ପ୍ରତ୍ୟେକ ଜିଲା ଓ ବ୍ଲକରେ ମହାସଂଘକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବା ଦିଗରେ ସମସ୍ତ ଡ୍ରାଇଭର ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ମହାସଂଘର ୧୦ ଦଫା ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଡ୍ରାଇଭର ସମାଜର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ୫୫ ବର୍ଷ ପରେ ଡ୍ରାଇଭରଙ୍କୁ ମାସିକ ୫ ହଜାର ଟଙ୍କା ପେନସନ୍ ପ୍ରଦାନ, ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ, ଡ୍ରାଇଭରଙ୍କୁ ଦ୍ୱିତୀୟ ସୈନିକର ମାନ୍ୟତା ପ୍ରଦାନ, ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭରଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ବୀମା ରାଶି ଓ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନର ବ୍ୟବସ୍ଥା କରାଯିବା ସମ୍ପର୍କରେ ମହାସଂଘ ପକ୍ଷରୁ ଦାବି ହୋଇଥିଲା। ମହାସଂଘ ପକ୍ଷରୁ ଏହି ଦାବି ସମ୍ପର୍କରେ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସରକାରଙ୍କ ଖାମଖିଆଲ ନୀତି ଯୋଗୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଆସନ୍ତା ମାର୍ଚ୍ଚ ୧୫ ତାରିଖ ମଧ୍ୟରେ ସମସ୍ତ ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନ ନେଲେ ମହାସଂଘ ପକ୍ଷରୁ ଆନ୍ଦୋଳନ ହେବା ସହ ଡ୍ରାଇଭରମାନେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବେ ବୋଲି ମହାସଂଘର କର୍ମକର୍ତ୍ତା ଚେତାବନୀ ଦେଇଥିଲେ। ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍ରା ଚାରିଛକଠାରୁ ବାହାରି ନିମାପଡ଼ା ସହର ପରିକ୍ରମା କରିଥିଲା। ସମାରୋହରେ ପୁରୀ ଜିଲାର ୧୧ଟି ବ୍ଲକରୁ ପ୍ରାୟ ୪୦୦ ଡ୍ରାଇଭର ଯୋଗଦେଇଥିଲେ।

**ମହାରଥା ବିଦ୍ୟାପୀଠ ୧୯୮୫ ବ୍ୟାଚ୍‌ର ବନ୍ଧୁମିଳନ**

ବାଲିଅନ୍ତା,(ଡି.ଏନ୍.ଏ.)- ନହରକଣ୍ଟାସ୍ଥିତ ମହାରଥା ବିଦ୍ୟାପୀଠର ୧୯୮୫ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ନହରକଣ୍ଟା ସାଇ ମନ୍ଦିର ନିକଟ କୁଆଖାଇ ନଦୀକୂଳ ସବୁଜ ବନାନୀ ମଧ୍ୟରେ ବନ୍ଧୁମିଳନ ହୋଇଥିବାବେଳେ ୮୦ରୁ ଉର୍ଦ୍ଧ୍ୱ ଆଲୁମ୍ନି ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମାଟ୍ରିକ ପରେ ଛାତ୍ରୀଛାତ୍ର ଦୀର୍ଘ ୩୮ ବର୍ଷ ପରେ ଏକାଠି ହୋଇ ପରସ୍ପର ମଧ୍ୟରେ ପୁରୁଣା ଦିନର ସ୍ମୃତି ମନେପକାଇଥିଲେ। ଉତ୍ସବକୁ ଗଙ୍ଗାଧର ସାହୁ, ବିଜୟ ଓଝା, ପ୍ରମୋଦ ବାରିକ, ବସନ୍ତ ଓଝା, ଚତୁର୍ଭୁଜ ଜେନା, କନକଲତା ଜେନା, ସବିତା ଛୋଟରାୟ, ଅଜୟ ମହାପାତ୍ର ଓ ସୁରେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ମହିଳା ସଶକ୍ତୀକରଣ ସମ୍ପର୍କିତ ଆଲୋଚନାଚକ୍ର

ଭୁବନେଶ୍ୱର,୨୬।୨(ବ୍ୟୁରୋ)- ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଏକ ତ୍ରିଦିବସୀୟ ଆନ୍ତର୍ଜାତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହିଳା ଅଧ୍ୟୟନ ବିଭାଗ ଓ ଇତିହାସ ବିଭାଗ ସହିତ ଦିଲ୍ଲୀସ୍ଥିତ ସାମାଜିକ ଅନୁଷ୍ଠାନ ଜର୍ଣ୍ଣାଲ ଅଫ ଏସିଆଟିକ ସୋସାଇଟି ଫର ସୋସିଆଲ ସାଇନ୍ସ ରିସର୍ଚ୍ଚ ପକ୍ଷରୁ 'ବିଶ୍ୱ ପୁନଃଉତ୍ଥାପନରେ ମହିଳା ସଶକ୍ତୀକରଣ- ଅତୀତ ଓ ବର୍ତ୍ତମାନ' ଶୀର୍ଷକ ବିଷୟବସ୍ତୁ ଉପରେ ଶୈକ୍ଷିକ ଆଧାରରେ ଆଲୋଚନା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ ଆଲୋଚନାଚକ୍ରଟି ପାଞ୍ଚଟି ଐକିକ ପ୍ଲେନାରୀ ସେସନ ଓ ପାଞ୍ଚଟି ସମାନ୍ତରାଳାତ୍ମକ ଲେଖା ଉପସ୍ଥାପନ ସମ୍ପାନ ରହିଥିଲା। ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ପରାମର୍ଶଦାତା ପ୍ରଫେସର ଭଗବାନ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଅଭୟ କୁମାର ନାୟକ ସମ୍ମାନିତ ଅତିଥି ଓ ଅଷ୍ଟ୍ରେଲିଆ ସ୍ଥିତ ସ୍ୱାର୍କ ଲାଇଟର ମୁଖ୍ୟ ଆଦିତ୍ୟ ବୈଶିଷ୍ଟ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ପ୍ରଫେସର ଜୟନ୍ତୀ ଦୋରା, ମହିଳା ଶିକ୍ଷାବିଭାଗର ନିର୍ଦ୍ଦେଶିକା ଏବଂ ଇତିହାସ ବିଭାଗର ମୁଖ୍ୟ ଆଲୋଚନାଚକ୍ର ଉପରେ ଉପସ୍ଥାପନା ରଖିଥିଲେ। ଦିଲ୍ଲୀ ବିଶବିଦ୍ୟାଳୟର ସହକାରୀ ଅଧାପକ ଚାରୁ ଆର୍ଯ୍ୟା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେହିପରି ଉଦଯାପନୀ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରି ମହିଳା ସଶକ୍ତୀକରଣର ରୂପରେଖ ଉପରେ ଆଲୋକପାତ କରିଥିଲେ।

### ଗୌତମ ନଗର ଉନ୍ନୟନ ପରିଷଦର ବୈଠକ

ଭୁବନେଶ୍ୱର,୨୬।୨-ଗୌତମ ନଗର ଉନ୍ନୟନ ପରିଷଦର ଏକ ବୈଠକ ସ୍ଥାନୀୟ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଯାଇଛି। ଏହାର ସଭାପତି ଅଶୋକ ମହାପାତ୍ରଙ୍କ ଅଧକ୍ଷତାରେ ପରିଷଦର କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଭବିଷ୍ୟତରେ ପରିଷଦ କିପରି ଆହୁରି ଆଗକୁ ବଢ଼ି ସାମାଜିକ ତଥା ଗରିବ ଲୋକଙ୍କ ହିତରେ କାର୍ଯ୍ୟ କରିବ ସେ ବିଷୟରେ ଆଲୋକପାତ କରାଯାଇଥିଲା। ଏକ କର୍ପସ ଫଣ୍ଡ ଗଠନ ପାଇଁ ମଧ ପ୍ରସ୍ତାବ ଆଗତ ହୋଇଥିଲା। ଏହା ସର୍ବସମ୍ମତି କ୍ରମେ ଗୃହରେ ପାରିତ ହୋଇଥିଲା। ବୈଠକରେ ସ୍ଥାନୀୟ କର୍ପୋରେଟର ନୃପେଶ ନାୟକ ଉପସ୍ଥିତ ଥିବାବେଳେ ପରିଷଦର ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ନାୟକ, ଉପ ସଭାପତି ଗୁରୁଚରଣ ଦାଶ, ରଜତ ବଲ୍ଲଭ ଦାଶ, ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ ପଟ୍ଟନାୟକଙ୍କ ସମେତ ୧୧୦ ସଦସ୍ୟ ଆଲୋଚନାରେ ଭାଗ ନେଇଥିଲେ।

### ବେଦବିଜ୍ଞାନ ଗୁରୁକୁଳର ଶିକ୍ଷା ଉତ୍ସବ

ବାଲିପାଟଣା,୨୬।୨(ଡି.ଏନ୍.ଏ.)- ପମ୍ପାଲୋ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଡ଼ବନ୍ତପୁରଠାରେ ଥିବା ଭାଗ୍ୟଲକ୍ଷ୍ମୀ ଟ୍ରଷ୍ଟ ପକ୍ଷରୁ ବେଦବିଜ୍ଞାନ ଗୁରୁକୁଳ ଆନୁକୂଲ୍ୟରେ ଶିକ୍ଷା ଉତ୍ସବ ରବିବାର ଯଥାରୀତି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଚିତ୍ତାକର୍ଷକ ବେଦପାଠ ସହିତ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଭାଗ୍ୟଲକ୍ଷ୍ମୀ ସ୍ୱାଇଁ ଏଥିରେ ସଂଯୋଜନା କରିଥିଲେ। ଅତିଥି ଭାବେ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ ଓଝା, ଶିବପ୍ରସାଦ ପଟ୍ଟଯୋଷୀ, ଚିତ୍ର ସାଧକ ବେଣୁଧର ପ୍ରତିହାରୀ, ସାମାଜିକ କର୍ମୀ ବିନୋଦିନୀ ମିଶ୍ର, ବିନାୟକ ଭୋଳ, ପ୍ରାଣକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେଇ ବେଦ ଅଧ୍ୟୟନ ପ୍ରତି ପିଲାଙ୍କୁ ଭବିଷ୍ୟତରେ ଭଲ ମଣିଷ କରିବ ବୋଲି କହିଥିଲେ।

### ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଅଞ୍ଚଳବାସୀ

ପୁରୁଣା ଭୁବନେଶ୍ୱର,୨୬।୨(ଡି.ଏନ୍.ଏ.): ଲିଙ୍ଗିପୁର ପଞ୍ଚାୟକ ଅଧୀନ ଇନ୍ଦିରା କଲୋନୀ ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ପାଇଁ ବାଟ ନ ଥିବାରୁ ଜଳାର୍ଣ୍ଣବ ହେଉଥିଲା। ଏନେଇ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଗ୍ରାମ୍ୟ ଉନ୍ନୟନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ବିଭାଗ ୮କୋଟି ୧୧ଲକ୍ଷ ୫୨ହଜାର ଟଙ୍କାର ପ୍ରାୟ ୫କି.ମି. ପରିମିତ ମୁଖ୍ୟ ଡ୍ରେନ ସହିତ ସଂଲଗ୍ନ ରାସ୍ତା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ସେଭଳି ଇଟିପୁର ଠାରୁ କୁହା ପର୍ଯ୍ୟନ୍ତ ୨କୋଟି ୮୩ଲକ୍ଷ, ଏବଂ ଗଣେଶ ସିଡ଼ିଠାରୁ ଭାୟା ଏମ.ଆଇଟି କ୍ଷୁଦ୍ର ଜଳସେଚନ ବିଭାଗ ପର୍ଯ୍ୟନ୍ତ ରାସ୍ତା ପାଇଁ ୩କୋଟି ୯୩ଲକ୍ଷଟଙ୍କା ମଞ୍ଜୁର କରାଯାଇଛି। ଶୁକ୍ରବାର ଇଟିପୁର ଅଞ୍ଚଳବାସିନ୍ଦା ମନ୍ତ୍ରୀ ପଣ୍ଡାଙ୍କ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ। ମନ୍ତ୍ରୀଙ୍କ ପତିନିଧି ଆଲୋକ ରଞ୍ଜନ ସାହୁ, ଭଗବାନ ପ୍ରଧାନ, ନୃସିଂହ ସ୍ୱାଇଁ, ଅକ୍ଷୟ ବରାଳ, ବୃନ୍ଦାବନ ରାଉତ, କାଳନ୍ଦୀ ସାହୁ, ଦିବାକର ମହାରଣା, ପ୍ରକାଶ ପରିଡ଼ା, ସଦାନନ୍ଦ ପରିଡ଼ା, ବିଜୟ ସାହୁ ପ୍ରମୁଖ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।



# ଆକର୍ଷିତ କରୁଛି ଆଦିବାସୀ ମେଳା

*ଭୁବନେଶ୍ୱର,୨୬।୨(ବ୍ୟୁରୋ) – ରାଜଧାନୀରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ଆଦିବାସୀ ମେଳା। ପ୍ରତିଦିନ ଲୋକଙ୍କ ଭିଡ଼ ଅଧିକ ରହୁଛି। ଦିନ ଯେତେ ଗଡ଼ୁଛି ଭିଡ଼ ସେତେ ବଢ଼ୁଛି। ଜଙ୍ଗଲଜାତ ସାମଗ୍ରୀ ସହ ଆଦିବାସୀଙ୍କ ଘର ଓ ପରମ୍ପରା ଲୋକଙ୍କୁ ଏହି ମେଳାକୁ ଟାଣି ନେଉଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ଓ ଗ୍ରାହକଙ୍କୁ ମନୋରଞ୍ଜନ ଦେଉଛି। ଥରେ ମେଳାକୁ ଗଲେ ସବୁଦିନ ବୁଲି ଯିବାକୁ ଇଚ୍ଛା ହେଉଛି। କିଣିବା ବୁଲିବା ସହ ଭିନ୍ନ ଅନୁଭୂତି ଆଣୁଛନ୍ତି ରାଜଧାନୀବାସୀ। ଯୁଗ ଆଗକୁ ବଢ଼ିଥିଲେ ବି ସେହି ପୁରୁଣା ପରମ୍ପରାକୁ ବଜାୟ ରଖିଥିବା ଏହି ଆଦିବାସୀଙ୍କ ସରଳ ଜୀବନ ବି ସହରବାସୀଙ୍କ ହୃଦୟ ଜିଣୁଛି। ଆଦିବାସୀ ପଡ଼ିଆଠାରେ ଚାଲିଥିବା ଏହି ମେଳାର ରବିବାର ସପ୍ତମ ଦିବସରେ ସବୁଠାରୁ ଅଧିକ ଗହଳି ଲାଗି ରହିଥିଲା।*

### ଶିମିଳିପାଳ ଶୁଦ୍ଧ ମହୁ : ଯିଏ କିଣୁଛି, ପୁଣି ଖୋଜୁଛି


ପ୍ରମୋଦ ବୈଶାଲ

ଜଙ୍ଗଲଜାତ ସାମଗ୍ରୀ ଆଜି ପ୍ରମୋଦ ବୈଶାଲଙ୍କୁ ଜଣେ ସଫଳ ବ୍ୟବସାୟୀ ଭାବେ ପରିଚୟ ଦେଇଛି। ଶିକ୍ଷାଗତ ଯୋଗ୍ୟତା ଏମ୍‌ବିଏ। ଜଙ୍ଗଜାତ ଜିନିଷରେ ଯେ ମୌଳିକ ଗୁଣ ଓ ପରମ୍ପରା ବଜାୟ ରହିବ ଏବଂ ଏହାର ବ୍ୟବସାୟରୁ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବ ତାହା ପ୍ରମାଣ କରିଛନ୍ତି ସେ। ଶିମିଳିପାଳ ଶୁଦ୍ଧ ମହୁ ସହ ବହୁ ମସଲା ଜାତୀୟ ସାମଗ୍ରୀକୁ ନେଇ ବ୍ୟବସାୟ ଚଳାଇଥିବା ପ୍ରମୋଦ ଆଦିବାସୀ ମେଳାରେ ତାଙ୍କ ପସରା ମେଲିଛନ୍ତି। ସେ କୁହନ୍ତି, ଲକଡାଉନରେ ସେ ପ୍ରାୟ ୩ କୁଇଣ୍ଟାଲରୁ ଅଧିକ ମହୁ ବିକ୍ରି କରିଥିଲେ। ବାଘୁଆ ମହୁମାଛି ମହୁବସା କଲାପରେ ତଳେ ନିଆଁ ଜାଳି ରାତି ସମୟରେ ମହୁ ସଂଗ୍ରହ କରାଯାଏ। ଗୋଟିଏ ମହୁ ଫେଣାରୁ ପ୍ରାୟ ୩୦ କେଜିରୁ ଅଧିକ ମହୁ ବାହାରେ। କେବଳ ମହୁ ନୁହେଁ, ହଳଦୀ, ବିଭିନ୍ନ ପ୍ରକାରର ମସଲା ତାଙ୍କ ଷ୍ଟଲରେ ଉପଲବ୍ଧ। ମହୁ ୫୦ ଗ୍ରାମକୁ ୩୦୦ଟଙ୍କାରେ ବିକ୍ରି କରୁଛନ୍ତି। ଦର ଅଧିକ ଶୁଣି କିଏ ନ ନେଇପାରେ, କିନ୍ତୁ ଯିଏ ଥରେ ନେଉଛି ସେ ଫୋନ୍ କରି ପୁନଃ ଅଗ୍ରୀମ ବରାଦ ଦେଉଥିବା ସେ କହିଛନ୍ତି। ଏବେ ସେ 'ମନୋହର' ନାମରେ ନିଜର ଏକ ବ୍ରାଣ୍ଡ୍ ଆରମ୍ଭ କରିଛନ୍ତି। ଶୁଦ୍ଧ ଓ ଭଲ ଜନିଷ ମିଳୁଥିବାରୁ ତାଙ୍କ ଷ୍ଟଲ୍‌ରେ ଲୋକେ ଭିଡ଼ ଲଗାଉଛନ୍ତି ବୋଲି ପ୍ରମୋଦ କହିଛନ୍ତି।

### ବଡ଼ି ଷ୍ଟଲ୍‌ରେ ଭିଡ଼


ରଙ୍ଗଲତା ନାୟକ

ଖରାଦିନରେ ପଖାଳ ସାଙ୍ଗକୁ ବଡ଼ି ଚୁରା ନିହାତି ଖୋଜାପଡ଼େ। ଆଦିବାସୀ ମେଳାର ବିଭନ୍ନ ଷ୍ଟଲରେ ପଡ଼ିଛି ଅନେକ ପ୍ରକାରର ବଡ଼ି। କେନ୍ଦୁଝର ଜିଲାର ଜୟ ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ରଙ୍ଗଲତା ନାୟକଙ୍କ ବଡ଼ିର ଚାହିଦା ଅଧିକ। କଖାରୁ ବଡ଼ି, ଫୁଲ ବଡ଼ି, ଛୋଟ ବଡ଼ି ୧ କେଜି ପ୍ରତି ୩୫୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଚାଉଳ ବଡ଼ି ପ୍ୟାକେଟ୍ ୫୦ ଟଙ୍କା ରହିଛି। ସେହିପରି ରାଶଇ ବଡ଼ି, କଖାରୁ ବଡ଼ି, ମଞ୍ଜି ବଡ଼ି ମଧ ରହଛି। ସେ କହିଛନ୍ତି, ଯୁଗ ଯେତେ ବଢ଼ିଲେ ବଡ଼ି ପ୍ରସ୍ତୁତିର ପାରମ୍ପରିକ ପଦ୍ଧତି ସବୁବେଳେ ରହିଛି। ଶିଳରେ ବାଟି ଆମେ ବଡ଼ି ତିଆରି କରୁଛୁ। ସେଥିପାଇଁ ତ ଲୋକମାନେ ଆସି କିଣି ନେଉଛନ୍ତି। ଶୁଦ୍ଧ ସାମଗ୍ରୀ ଆଣି ଆମେ ଲୋକଙ୍କୁ ଭେଟି ଦେଉଛୁ। ସେମାନେ ମଧ ବେଶ୍ ଖୁସିରେ ବିନା ମୁଲଚାଲରେ କିଣି ନେଉଛନ୍ତି।



### ଆଦିବାସୀ ଭାଷା ପୁସ୍ତକରେ ଆଗ୍ରହ

ଆଦିବାସୀମାନେ ଦେଖିବାକୁ ଯେତିକି ସୁନ୍ଦର, ଠିକ୍ ସେମିତି ସେମାନଙ୍କୁ ଜାଣିବାକୁ ସହରୀ ଲୋକଙ୍କୁ ବେଶ୍ ଭଲ ଲାଗେ। ନିଆରା ପରମ୍ପରା ସଂକ୍ରାନ୍ତରେ ଲୋକଙ୍କୁ ଜଣାଇବାକୁ ଆଦିବାସୀ ମେଳାରେ ବିକ୍ରି ହେଉଛି ଆଦିବାସୀଙ୍କ ସମ୍ପର୍କିତ ପୁସ୍ତକ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପକ୍ଷରୁ ଏହି ପ୍ରୟାସ କରାଯାଇଛି। ବିଭାଗର ଏକାଡେମୀ ପକ୍ଷରୁ ପ୍ରକାଶ କରାଯଇଥିବା ଏହି ପୁସ୍ତକଗୁଡିକ ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ହେଉଛି। ଆଦିବାସୀଙ୍କ ଭାଷା ଓ ସଂସ୍କୃତି, ଭୂମି, ଜଳ ଓ ଲୋକ ସଂସ୍କୃତି, ଦେଶିଆ ଢଗ ଆର୍ ବକ୍‌ନା, ଦେଶିଆ ଜ୍ଞାନକୋଷ, ପରଜା ଭାଷା ଶିକ୍ଷଣ ପୁସ୍ତିକା, ଧାରୁଆ ଲୋକ ସଂସ୍କୃତି ଆଦି ପୁସ୍ତକ ସେଠାରେ ବିକ୍ରି ହେଉଛି। ଆଦିବାସୀଙ୍କ ବିଷୟରେ ଅଧିକ ଜାଣିବାକୁ ଚାହୁଁଥିବା ପାଠକ ଏହି ବହି ଆଗ୍ରହରେ କିଣି ନେଉଛନ୍ତି।



### ସାଂସ୍କୃତିକ କାର୍ଯ୍ୟକ୍ରମ ମନମୋହୁଛି

ଆଦିବାସୀଙ୍କ ନୃତ୍ୟ ଖୁବ୍ ନିଆରା। ବେଶଭୂଷା, ଅଳଙ୍କାର ସହ ସେମାନଙ୍କ ବସ୍ତ୍ର ଏକ ଭିନ୍ନ ଅନୁଭବ ଆଣିଦିଏ। ହାତକୁ ହାତ ଧରି ଅଣ୍ଟାରେ ହାତ ରଖି ତଳକୁ ନଇଁ ଏକ ତାଳରେ ସେମାନେ ନୃତ୍ୟ ପରିବେଷଣ କରନ୍ତି। ଗୀତ ସହ ତୁରୀ, ବିଭିନ୍ନ ବାଦ୍ୟର ତାଳେ ତାଳେ ସେମାନଙ୍କ ନୃତ୍ୟ ଦେଖିବାକୁ ମେଳାରେ ଲୋକଙ୍କ ଭିଡ଼ ଜମୁଛି। ରବିବାର ହୋଇଥିବାରୁ ସାଂସ୍କୃତି କାର୍ଯ୍ୟକ୍ରମ ଦେଖିବାକୁ ମଞ୍ଚ ନିକଟରେ ଲୋକଙ୍କ ଭିଡ଼ ବହୁତ ଥିଲା। ଗୋଟିଏ ପରେ ଗୋଟିଏ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଏମିତି ବହୁ ଲୋକ ଠିଆ ହୋଇ ନୃତ୍ୟକୁ ଉପଭୋଗ କରିଥିଲେ।

# ପୁରାଣର ୧୦୦ ଗଳ୍ପକୁ ନେଇ 'ମହାଗାଥା'

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ପୁରାଣର ୧୦୦ଟି ଗଳ୍ପକୁ ନେଇ ପ୍ରସ୍ତୁତ ହୋଇଛି ପୁସ୍ତକ ମହାଗାଥା। ଏହାକୁ ଲେଖିଛନ୍ତି ଲେଖକ ସତ୍ୟାର୍ଥୀ ନାୟକ। ରବିବାର ବକୁଳ ଫାଉଣ୍ଡେଶନ ପକ୍ଷରୁ ବକୁଳ ଲାଇବ୍ରେରିଠାରେ ଆୟୋଜିତ 'ମିଟ୍ ଦି ଅଥର' କାର୍ଯ୍ୟକ୍ରମରେ ସେ ଏହି ପୁସ୍ତକ ଉପରେ ଆଲୋଚନା କରିଥିଲେ। ଫାଉଣ୍ଡେଶନ ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର ତାଙ୍କୁ ପୁସ୍ତକ ସମ୍ପର୍କିତ ଅନେକ ପ୍ରଶ୍ନ ପଚାରିଥିଲେ। ଲେଖକ ସତ୍ୟାର୍ଥୀ କହିଥିଲେ, ବେଦ ଯାହା ଆମକୁ ଶିକ୍ଷା ଦେଇଥାଏ। ପୁରାଣରେ ଆମେ ସେହି ଶିକ୍ଷାକୁ ଛୋଟ ଛୋଟ ଗଳ୍ପ ଆକାରରେ ପାଇଥାଉ। ଲେଖିଥିବା ୨୫୨ ଗଳ୍ପରୁ ଶ୍ରେଷ୍ଠ ୧୦୦ ଗଳ୍ପକୁ ମୁଁ ଏହି ପୁସ୍ତକରେ ସ୍ଥାନ ଦେଇଛି। ଭଗବାନ, ସାଧକ, ମଣିଷ,ବିଭିନ୍ନ ଯୁଗ, କିମ୍ବଦନ୍ତୀ ସମ୍ପର୍କରେ ଏଥିରେ ରହିଛି। ପୁରାଣ ଏକ ନୀତିଶିକ୍ଷା। ଏଥିରେ ମୁଁ ମୋର କୌଣସି ନୀତିଶିକ୍ଷାକୁ ସ୍ଥାନ ଦେଇନାହିଁ। ପାଠକ ପଢ଼ିଲେ ସେ ନିଜ ହିସାବରେ ନୀତିଶିକ୍ଷା ପାଇପାରିବ। ଏହା ବହୁତ ସରଳ ଓ ମନୋରଞ୍ଜନ ଧର୍ମୀ ହୋଇଛି। ଯୁବପିଢ଼ିଙ୍କଠାରୁ ନେଇ ଅନେକ ବର୍ଗର ଲୋକ ଏହାକୁ ପଢ଼ି ପାରିବେ। ଉଲ୍ଲେଖଯୋଗ୍ୟ, ସତ୍ୟାର୍ଥୀ କେବଳ ଜଣେ ଲେଖକ ନୁହନ୍ତି, ସ୍କ୍ରିନ୍ ରାଇଟର୍ ଭାବେ ମଧ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ସୋନି ଟିଭିରେ ପ୍ରସାରିତ 'ପୋରୁସ' ଧାରାବାହିକର ସେ ସ୍କ୍ରିନ୍ ରାଇଟର ଥିଲେ। ସେହିପରି ବଲିଉଡ୍‌ର ଦିବଂଗତ ଅଭିନେତ୍ରୀ ଶ୍ରୀଦେବୀଙ୍କ ଜୀବନୀ ଲେଖିଛନ୍ତି। ତାଙ୍କର 'ଏମ୍ପର୍ସ ରିଡଲ୍ସ' ପୁସ୍ତକ ଅଧିକ ଲୋକପ୍ରିୟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ବର୍ଗର ଦର୍ଶକ ଉପସ୍ଥିତ ରହିଥିଲେ।

### 'ମିଟ୍ ଦି ଅଥର' କାର୍ଯ୍ୟକ୍ରମରେ ଲେଖକ ସତ୍ୟାର୍ଥୀ ନାୟକ



# ମାର୍ଚ୍ଚ ୧ରୁ ନିଖିଳ ଉତ୍କଳ ନାଟ୍ୟୋତ୍ସବ

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ନାଟ୍ୟାନୁଷ୍ଠାନ 'ଆରୋହଣ' ପକ୍ଷରୁ ମାର୍ଚ୍ଚ ୧ରୁ ୩୧ତମ ନିଖିଳ ଉତ୍କଳ ନାଟ୍ୟୋତ୍ସବ ୩ଦିନ ବ୍ୟାପୀ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ। ବର୍ଷୀୟାନ ମଞ୍ଚ ଅଭିନେତା ଓ ନିର୍ଦ୍ଦେଶକ ବ୍ରଜକିଶୋର ମହାନ୍ତିଙ୍କୁ ଚଳିତବର୍ଷ ପାଇଁ 'ଆରୋହଣ ଜୀବନ ବ୍ୟାପୀ ସାଧନା' ସମ୍ମାନ, ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ପ୍ରହରାଜଙ୍କୁ 'ଆରୋହଣ ନାଟ୍ୟ ପ୍ରତିଭା' ସମ୍ମାନ ଓ ଶେଷ ଶରବ୍ୟ ନନ୍ଦଙ୍କୁ 'ଆରୋହଣ ଯୁବ ପ୍ରତିଭା' ସମ୍ମାନ ପ୍ରଦାନ କରାଯିବ। ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉତ୍ସବକୁ ଉଦ୍‌ଘାଟନ କରିବେ। ପ୍ରଥମ ସନ୍ଧ୍ୟାରେ ଆଶ୍ରୟ ଦି ସେଲଟର୍,କଟକର ଶିଶୁ କଳାକାରମାନଙ୍କ ଦାରା ଶ୍ରୀଗଣେଶ ଗୀତିନାଟ୍ୟ ଓ ମହିଳା ଯୋଗକେନ୍ଦ୍ର, ୟୁନିଟ -୯ର ମହିଳାମାନଙ୍କ ଦ୍ୱାରା ନାଟକ 'ଗଙ୍ଗା ପୂନେଇଁରେ ମାଇଁ' ପରିବେଷଣ କରାଯିବ। ଦ୍ୱିତୀୟ ସନ୍ଧ୍ୟାରେ ଅଦୃଶ୍ୟ ନାଟ୍ୟ ଆଶ୍ରମ, ସମ୍ବଲପୁର ଦ୍ୱାରା ସମ୍ବଲପୁରୀ ନାଟକ 'ଝି ଲେଉଟେନ' ଓ ଥିଏଟର ଅଭିଯାନ, କଟକ ଦ୍ୱାରା ନାଟକ 'ଛାଇ' ପରିବେଷଣ କରାଯିବ। ଉଦ୍‌ଯାପନୀ ଦିବସରେ ହାସ୍ୟ ରସାତ୍ମକ ନାଟକ 'ନାସିକା ଉପାଖ୍ୟାନ' ପରିବେଷଣ କରାଯିବ ବୋଲି ଆରୋହଣ ତରଫରୁ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଡ. ଶୈଳେଶ୍ୱର ନନ୍ଦ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ସମ୍ପାଦକ ଇଂ ପ୍ରୀତିରଞ୍ଜନ ମିଶ୍ର, ପରିଚାଳନା ସମ୍ପାଦକ ପୀୟୂଷ ରଞ୍ଜନ ପରିଡ଼ା, ଉପସଭାପତି ଦୁର୍ଗା ପ୍ରସାଦ ମହାପାତ୍ର, କୋଷାଧକ୍ଷ ଆଲୋକ କୁମାର ବେହୁରା ଓ ସହ ସମ୍ପାଦକ ସଞ୍ଜୀବ ଦାସ ଉପସ୍ଥିତ ଥିଲେ।

# ଶ୍ରୀନିବାସ ଘଟୁଆରୀଙ୍କୁ 'ଏକାମ୍ର ଶ୍ରୀ' ସମ୍ମାନ

ଭୁବନେଶ୍ୱର, ୨୬।୨ (ବ୍ୟୁରୋ)

ଡ. ଶ୍ରୀନିବାସ ଘଟୁଆରୀଙ୍କୁ ଚଳିତ ବର୍ଷ ପାଇଁ 'ଏକାମ୍ର ଶ୍ରୀ' ସମ୍ମାନ ମିଳିଛି। ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଭୁବନେଶ୍ୱରର କଳା, ସଂସ୍କୃତି, ସାହିତ୍ୟ, ବିଜ୍ଞାନ, ସମାଜସେବା, ପରିବେଶ ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ 'ଏକାମ୍ର ଶ୍ରୀ' ସମ୍ମାନ ପ୍ରଦାନ କରାଯାଇଥାଏ। ଡ. ଘଟୁଆରୀ ପ୍ରଥମ କରି ରୁକୁଣା ରଥରେ ଶ୍ରୀ ଲିଙ୍ଗରାଜଙ୍କ ସମ୍ମୁଖରେ ପହଣ୍ଡିରେ ନୃତ୍ୟ ଆରମ୍ଭ କରିଥିଲେ। ଏହି ପରମ୍ପରା ତାଙ୍କଠାରୁ ଆରମ୍ଭ ହୋଇଥିଲା। ଲିଙ୍ଗରାଜ ମନ୍ଦିରରୁ ରୁକୁଣା ରଥ ପର୍ଯ୍ୟନ୍ତ ଘଣ୍ଟ, ମର୍ଦ୍ଦଳରେ ସେ ନାଚି ନାଚି ଆସିଥିଲେ। ତାଙ୍କୁ ଦେଖି ପରେ ପରେ ଅନ୍ୟମାନେ ନୃତ୍ୟ କରିଥିଲେ। ଏଥିପାଇଁ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଏକାମ୍ର ସାଂସ୍କୃତିକ ପ୍ରକାଶନୀର ସଭାପତି ତଥା ବିଧାୟକ ସୁରେଶ କୁମାର ରାଉତରାୟ, ସମ୍ପାଦକ ସନତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏକାମ୍ର କ୍ଷେତ୍ରରେ ଏଭଳି ଏକ ନୂତନ ପରମ୍ପରାକୁ ଆରମ୍ଭ କରିଥିବାରୁ ଶ୍ରୀନିବାସଙ୍କୁ ଅତିଥିମାନେ ପ୍ରଶଂସା କରିଥିଲେ। ପୂର୍ବରୁ ମଧ ସେ 'ଶ୍ରୀକ୍ଷେତ୍ର ଶ୍ରୀ' ସମ୍ମାନ ପାଇଛନ୍ତି।

# ୨୦୨୫ ସୁଦ୍ଧା ଜାହାଜରେ ହେବ ବାଲିଯାତ୍ରା

ଭୁବନେଶ୍ୱର,୨୬।୨(ବ୍ୟୁରୋ)

କଳିଙ୍ଗ ସାହିତ୍ୟ ମହୋତ୍ସବ ରବିବରେ ଶେଷ ହୋଇଛି। ସ୍ଥାନୀୟ ଏକ ହୋଟେଲରେ ୩ଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ପ୍ରାୟ ୭୦ରୁ ଅଧିକ ଅଧିବେଶନ ଓ ବିଭିନ୍ନ ବିଭାଗରେ ପ୍ରାୟ ୨୦ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ସଞ୍ଜୀବ ସାନ୍ୟାଲ ଯୋଗଦେଇ କହିଛନ୍ତି, ଆସନ୍ତା ୨୦୨୫ କାର୍ତ୍ତିକ ପୂର୍ଣ୍ଣିମା ବେଳକୁ ଭାରତର ଦକ୍ଷିଣ-ପୂର୍ବ ଏସିଆ ସହିତ ଥିବା ପ୍ରାଚୀନ ସାମୁଦ୍ରିକ ଇତିହାସକୁ ଦୋହରାଇବା ପାଇଁ ପୁରୁଣା ଜାହାଜ ଜ୍ଞାନକୌଶଳରେ ଏକ ଜାହାଜର ନିର୍ମାଣ ଶେଷ ହେବ। ଏଥିସହ ଏକ ସାମୁଦ୍ରିକ ଯାତ୍ରା ଆରମ୍ଭ ହେବ। ଭାରତୀୟ ନୌସେନା ତାଙ୍କୁ ପ୍ରାଚୀନ ସିଲେଇ ଜ୍ଞାନକୌଶଳରେ ଜାହାଜ ନିର୍ମାଣରେ ସାହାଯ୍ୟ କରିବାକୁ ଯାଉଛି। ଆଉ ୨୦୨୫ କାର୍ତ୍ତିକ ପୂର୍ଣ୍ଣିମାବେଳକୁ ଓଡ଼ିଶାରେ ବାଲିଯାତ୍ରା କରି ଇତିହାସକୁ ଦୋହରାଇ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଜାହାଜର ଲମ୍ବ ପ୍ରାୟ ୨୦ ମିଟର ହେବ। ଏଥିରେ କୌଣସି ଜିପିଏସ ରହିବ ନାହିଁ। ପ୍ରାଚୀନ କାଳରେ ନିର୍ମିତ ଜାହାଜ ଭଳି ହେବ। ଯେତେବେଳେ ସାମୁଦ୍ରିକ ବାଣିଜ୍ୟ ମାଧ୍ୟମରେ ଭାରତର ଦକ୍ଷିଣ ପୂର୍ବ ଏସିଆ ସହିତ ଘନିଷ୍ଠ ସମ୍ପର୍କ ଥିଲା। ଖୁବ ଶୀଘ୍ର ଗୁଜରାଟର ଉପକୂଳରୁ ଓମାନ ଅଭିମୁଖେ ଯାତ୍ରା କରିବାକୁ ଆଉ ଏକ ପ୍ରୟାସ କରାଯିବ ବୋଲି ସେ କହିଛନ୍ତି। ବିଶିଷ୍ଟ ବଂଶୀ ଗୁରୁ ହରି ପ୍ରସାଦ ଚୌରାସିଆ, ଚିପ କୋ ଆନ୍ଦୋଳନ ନେତା ଶେଖର ପାଠକ, ପୁରାଣ ବିଜ୍ଞାନୀ ଅଶ୍ୱିନ ସାଙ୍ଗୀ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ।

### କଳିଙ୍ଗ ମହୋତ୍ସବ ଉଦ୍‌ଯାପିତ



ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ସଦସ୍ୟ ସଞ୍ଜୀବ ସାନ୍ୟାଲ ସୂଚନା ଦେଉଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଟାଙ୍ଗୀ(ଖୋର୍ଦ୍ଧା),୨୬।୨(ଡି.ଏନ୍.ଏ.):** ସାପ କାମୁଡ଼ାରେ ରବିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ବଡ଼ପଦର ଜାମୁଝୋଲାସାହିର ସଉରି ଗୁରୁ(୫୧)। ସୂଚନା ମୁତାବକ, ସଉରି ସକାଳେ କୌଣସି କାମରେ ଘର ବାରିପଟକୁ ଯାଇଥିଲେ। ଏହି ସମୟରେ ହଠାତ୍ ତାଙ୍କୁ ଏକ ସାପ କାମୁଡ଼ିବା ସହ ଶରୀରରେ ଲାଖି ରହିଥିଲା। ସଉରିଙ୍କ ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚି ତାଙ୍କୁ ସାପ କବଳରୁ ଉଦ୍ଧାର କରିବା ସହ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବାପରେ ବଡ଼ପଦର ଗ୍ରାମ ସମେତ ହରିପୁର ଓ ନାଚୁଣୀ ପଞ୍ଚାୟତରେ ଶୋକର ଛାୟା ଖେଳଯାଇଛି। ନାଚୁଣୀ ସରପଞ୍ଚ ସ୍ୱପ୍ନାଞ୍ଜଳି ପୋଲେଇ ଶୋକ ପ୍ରକାଶ କରିଛନ୍ତି।

### ଜନକଲ୍ୟାଣ ସମାବେଶ

**ଜଟଣୀ,୨୬।୨(ଡି.ଏନ୍.ଏ.):** ଜଟଣୀ ବ୍ଲକ ରଥିପୁର ଗ୍ରାମର ଖରାଖିଆ ବୈଦ୍ୟନାଥ ଦେବଙ୍କ ପୀଠରେ ଉତ୍କଳ ଶିବଶକ୍ତି ମନ୍ଦିର ପୂଜକ ସଂଘ ପକ୍ଷରୁ ଜନ କଲ୍ୟାଣ ସମାବେଶ ସହିତ ଶୈବ ଜନ ଜାଗରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନ ରାଜ୍ୟ ସଭାପତି ଲଳିତ ମହାପାତ୍ର, ଉପସଭାପତି ମାନସ ରଣା, ଜିଲା ସଭାପତି ଶରତ ମହାପାତ୍ର, ଜିଲା ସମ୍ପାଦକ ସଞ୍ଜୟ କୁମାର ମହାପାତ୍ର, ଜିଲା ଉପଦେଷ୍ଟା ସୁରେଶ ମହାପାତ୍ର, ତନ୍ମୟ ମହାପାତ୍ର, ଜଟଣୀ ବ୍ଲକ ସଭାପତି ପ୍ରଦୀପ ନାୟକ, ସମ୍ପାଦକ ବିଶ୍ୱରଞ୍ଜନ ଗୁରୁ, ମୁଖପାତ୍ର ପଞ୍ଚାନନ ମହାପାତ୍ର, ଟାଙ୍ଗୀ ବ୍ଲକ ମୁଖପାତ୍ର ପ୍ରଦୀପ ମହାପାତ୍ର, ରାକେଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସନାତନ ଧର୍ମର ରକ୍ଷା, ଗୋ ସୁରକ୍ଷା, ବୃକ୍ଷରୋପଣ ଭଳି ସର୍ବହିତପ୍ରଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଏଥିରେ ଶତାଧିକ ଶୈବ ପୂଜକମାନେ ଉପସ୍ଥିତ ଥିଲେ।

### ବିଶ୍ୱଶାନ୍ତି ଶୈବଯଜ୍ଞ



**ଟାଙ୍ଗୀ(ଖୋର୍ଦ୍ଧା),୨୬।୨(ଡି.ଏନ୍.ଏ.):** ଚିଲିକା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମସ୍ଥିତ ବଙ୍କନିଧିଶ୍ୱର ଦେବଙ୍କ ପୀଠରେ ୧୯ତମ ବିଶ୍ୱଶାନ୍ତି ଶୈବଯଜ୍ଞ ଓ ଦୀପ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୨୧ତାରିଖରେ ଅଙ୍କୁରାରୋପଣ, ୨୨ତାରିଖରେ ଠାକୁରଙ୍କୁ ଯଜ୍ଞବେଦୀକୁ ଆମନ୍ତ୍ରଣ କରାଯାଇ ଉପବେଶନ ପରେ ଶୈବ ଯଜ୍ଞ ଆରମ୍ଭ ହୋଇଥିଲା। ପ୍ରତ୍ୟେହ ସୂର୍ଯ୍ୟ ପୂଜା, ଗୋ ପୂଜା, ଶାଲ ଘର, ଚଣ୍ଡୀପାଠ, ୧୦୦୮ ବେଲପତ୍ର ଅର୍ପଣ ଓ ପାଞ୍ଚାକ୍ଷରୀମନ୍ତ୍ର ଜପ କରାଯିବା ପରେ ଯଜ୍ଞରେ ଘୃତ ଆହୁତି ପ୍ରଦାନ କରାଯାଇଇଥିଲା। ୨୩, ୨୪ ଓ ୨୫ ସନ୍ଧ୍ୟାରେ ଶିବଙ୍କୁ ଏକ ଲକ୍ଷ ଆଠ ଘୃତ ଦୀପ ଅର୍ପଣ କରାଯାଇଥିଲା। ୨୬ତାରିଖରେ ଶୈବ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ପ୍ରତ୍ୟେହ ଦିନ ନାମ ସଙ୍କୀର୍ତ୍ତନ, ପ୍ରବଚନ ହେବା ସହ ଯଜ୍ଞରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

### ଦୋକାନ ଆଗରୁ ଟ୍ରାକ୍ଟର ଚୋରି

**ବାରଙ୍ଗ,୨୬।୨(ଡି.ଏନ୍.ଏ.):** ବାରଙ୍ଗ ଥାନା ଅଧୀନ ଆନନ୍ଦବଜାର ପ୍ରେସ କ୍ଲବ ନିକଟ ଦୋକାନ ସମ୍ମୁଖରେ ଥିବା ଏକ ଟ୍ରାକ୍ଟର ମଙ୍ଗଳବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଟ୍ରାକ୍ଟର ମାଲିକ ସତ୍ୟବ୍ରତ ବଡ଼ଜେନାଙ୍କ ଅଭିଯୋଗ ଅନୁଯାୟୀ, ସବୁଦିନ ଭଳି କାମସାରି ଶନିବାର ରାତିରେ ଦୋକାନ ଆଗରେ ଟ୍ରାକ୍ଟର (ଓଆର ୦୫-ଏମ-୪୮୭୩) ରଖିଥିଲେ। ରବିବାର ସକାଳେ ଚାଳକ ଗାଡ଼ି ବାହାର କରିବାକୁ ଆସିବାବେଳକୁ ଟ୍ରାକ୍ଟରଟି ରହିଥିବା ସ୍ଥାନରେ ନ ଥିଲା। ଏନେଇ ଚାଳକ ସତ୍ୟବ୍ରତଙ୍କୁ ଜଣାଇଥିଲେ। ପରେ ସତ୍ୟବ୍ରତ ପହଞ୍ଚିଥିଲେ ମଧ ଟ୍ରାକ୍ଟର ନ ଥିବା ଦେଖିବାକୁ ପାଇଥିଲେ। ରାତି ୧ଟାରେ କେହି ଦୁର୍ବୃତ୍ତ ଆସି ଗାଡ଼ି ନେଇଯାଉଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ସତ୍ୟବ୍ରତ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ଚାନ୍ଦପୁରରେ ମେଡିକାଲ କଲେଜ ଦାବି ତେଜିଲା

**ଟାଙ୍ଗୀ(ଖୋର୍ଦ୍ଧା),୨୬।୨(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ଉପଖଣ୍ଡ ସାଧାରଣ ଚିକିତ୍ସାଳୟକୁ ମେଡିକାଲ କଲେଜ ଘୋଷଣା କରିବା ପାଇଁ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି ହୋଇଛି। ଏନେଇ ରବିବାର କନ୍ଧନୟାଗଡ କଲ୍ୟାଣ ମଣ୍ଡପଠାରେ ନାଗରିକ ମଞ୍ଚ ସଭାପତି ଧନେଶ୍ୱର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧନୟାଗଡ ସରପଞ୍ଚ ଗୁଲୁବାସ ସୁବୁଦ୍ଧି, ଚାନ୍ଦପୁର ସରପଞ୍ଚ ଦୀପ୍ତିମୟୀ ବେହେରା, ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ନା ମାନ୍ଧାତା, ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା, ଜିଲା ଖାଉଟି ଅଦାଲତର ପୂର୍ବତନ ସଭାପତି ନାରାୟଣ ମହାପାତ୍ର,



ବୈଠକରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ଏବଂ ଅନ୍ୟମାନେ।

ବିଜୟ ମହାପାତ୍ର, ନରେନ୍ଦ୍ର ଦାସ, ପଦ୍ମନାଭ ବିଶ୍ୱାଳଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ। ମନୋଜ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନାଗରିକ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜଙ୍କୁ ପ୍ରଦାନ କରାଯାଇଥିଲା।

ପ୍ରକାଶ ଯେ, ନୟାଗଡ଼ ଜିଲା ଚାନ୍ଦପୁରରେ ଅବସ୍ଥିତ ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ ଏକଦା ରାଜ୍ୟର ସର୍ବବୃହତ ଯକ୍ଷ୍ମା ଚିକିତ୍ସାଳୟ ଭାବେ ପରିଚିତ ଥିଲା। ବସନ୍ତ ମଞ୍ଜରୀ ଦେବୀଙ୍କ ପ୍ରଚେଷ୍ଟାରେ ୧୫୦ ଏକର ଜମିରେ ଚିକିତ୍ସାଳୟ ନିର୍ମାଣ ହୋଇଥିଲା। ୨୦୧୨ରେ ଏଠାରେ ଏକ ମେଡିକାଲ କଲେଜ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଥିଲେ, ଫଳରେ ଏହା ବନ୍ଦ ହୋଇଥିଲା। ୧୦୦ କିମି ବ୍ୟାସାର୍ଦ୍ଧରେ ମେଡିକାଲ କଲେଜ ନ ଥିବା, ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଏହି ଚିକିତ୍ସାଳୟକୁ ମେଡିକାଲ କଲେଜ କରାଗଲେ ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ, ପୁରୀ ଜିଲାର ଲୋକେ ଉପକୃତ ହୋଇପାରିବେ। ଏଥିପାଇଁ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ଖୁବଶୀଘ୍ର ଚାନ୍ଦପୁର ଦଶଦୋଳ ପଡ଼ିଆରେ ଏକ ସାଧାରଣ ସଭାର ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।



ଖୋର୍ଦ୍ଧା ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଓକିଲ ସଂଘ ପକ୍ଷରୁ ରବିବାର ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚରେ ଯୋଗଦେଇଥିବା ଆଇନଜୀବୀମାନେ।

# ଦକ୍ଷିଣ କବାଟ ପାଇକ ଆଖଡ଼ା ଆରମ୍ଭ




ପାଇକ ଆଖଡ଼ା ସମାରୋହରେ ଉପସ୍ଥିତ ଅତିଥିମାନେ।

**କୃଷ୍ଣପ୍ରସାଦ,୨୬।୨(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପଞ୍ଚୁଦୋଳ ପଡ଼ିଆରେ ଦକ୍ଷିଣ କବାଟ ପାଇକ ଆଖଡ଼ା ସମାରୋହ ଆରମ୍ଭ ହୋଇଛି। ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ଦୁଃଶାସନ ଦାସ, ସମ୍ପାଦକ ପ୍ରତାପ ହରିଚନ୍ଦନ, ରାଜ୍ୟ ପାଇକ ସଂଘ ସଂଯୋଜକ କେଦାରନାଥ ଦାସ, ଦକ୍ଷିଣ କବାଟ ପାଇକ ସର୍ଦ୍ଦାର ରବୀନ୍ଦ୍ର ନାଥ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ସମାରୋହ ୩ ଦିନ ଧରି ଅନୁଷ୍ଠିତ ହେବ। ଲୋପ ପାଇବାକୁ ବସିଥିବା ସାମରିକ କଳାକୁ ଉଜ୍ଜୀବିତ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସଂଯୋଜକ କେଦାରନାଥ ଦାସ କହିଛନ୍ତି। ୫୦ଟି ପାଇକ ଦଳ ଏହି ସମାରୋହରେ ଯୋଗଦେବେ। ପ୍ରଥମ ଦିନରେ ନୂଆଗାଁ ପାଇକ ଦଳର ବାଡ଼ି ସମରକଳା କୌଶଳ ଦର୍ଶକଙ୍କ ମନ ମୋହିଥିଲା। ମହୋତ୍ସବର ପ୍ରଥମ ଦିନରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ ଦେଶ ସ୍ୱାଧୀନତାରେ ପାଇକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାଧୀନତାର ପ୍ରଥମ ସଂଗ୍ରାମ ପାଇକ ବିଦ୍ରୋହରୁ ହିଁ ହୋଇଥିବା ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ବିଜୟ କୁମାର ତରେଇ, ମାଲୁଦ ସରପଞ୍ଚ ଗୀତାଞ୍ଜଳି ଜେନା, ମୁନା ଜେନା, ଦାମୋଦର ଜେନା, ଯୁବନେତା ସେକ୍ ନବୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ବୈଠକ

**ଟାଙ୍ଗୀ(ଖୋର୍ଦ୍ଧା),୨୬।୨(ଡି.ଏନ୍.ଏ.)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର ରିଫ୍ୟୁଜ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ଖୋର୍ଦ୍ଧା ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିରର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଆସନ୍ତା ୨୮ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଚାଲିବ। ଏଥିରେ ୩୩୦ ଛାତ୍ରୀଛାତ୍ର ଓ ୮୦ ଜଣ କାଉନ୍‌ସିଲର ଯୋଗଦେବେ। ବାଣପୁର ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ଗୋବିନ୍ଦ ହେମ୍ବ୍ରମ୍, ବୋଲଗଡ଼ ଶିକ୍ଷା ଅଧିକାରୀ ନିରଞ୍ଜନ ମହାନ୍ତି, ଜାତୀୟସ୍ତରୀୟ ସାଧନକର୍ମୀ ସତ୍ୟନାରାୟଣ ହୋତା, ଜୁନିୟର ରେଡ୍‌କ୍ରସ ଅଧିକାରୀ ତୋଫାନ କୁମାର ରାଉତରାୟ, ସୁରେନ୍ଦ୍ର ରାଉତ, ମାମିନା ବେହେରା, ସିଆର୍‌ସିସି ଅମ୍ରିତ୍ ଚକ୍ରବର୍ତ୍ତୀ, ଲଳିତ ମୋହନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ହଟକେଶ୍ୱର ମନ୍ଦିରରୁ ସୁନା ଅଳଙ୍କାର, ଟଙ୍କା ନେଇଗଲେ

**ଖୋର୍ଦ୍ଧା ଅଫିସ,୨୬।୨**

- ସିସିଟିଭିରେ କଏଦ ଚୋରି ବେଳର ଦୃଶ୍ୟ
- ସପ୍ତାହକରେ ୩ ଘଟଣା, ପୋଲିସ ନିଷ୍କ୍ରିୟ

କିଛିଦିନର ନୀରବତା ପରେ ଖୋର୍ଦ୍ଧା ଅଞ୍ଚଳରେ ପୁଣି ମାତିଲେଣି ଚୋର। ଏମାନଙ୍କ ଟାର୍ଗେଟରେ ରହିଛି ବିଭିନ୍ନ ମନ୍ଦିର। ଦିନରେ ଭକ୍ତ ହୋଇ ମନ୍ଦିରରେ ବୁଲୁଛନ୍ତି, ରାତିରେ ସୁବିଧା ସୁଯୋଗ ଦେଖି ଚୋରି କରୁଛନ୍ତି। ଏମାନଙ୍କୁ ଧରିବାରେ ପୋଲିସ ବିଫଳ ହେଉଛି। ଖୋର୍ଦ୍ଧାର ପ୍ରସିଦ୍ଧ ଶୈବପୀଠ ବାଘମାରୀ ଥାନା ଅଧୀନ ଅଟ୍ରିସ୍ଥିତ ଶ୍ରୀହଟକେଶ୍ୱର ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। ଏଥିସହିତ ମା' ପାର୍ବତୀଙ୍କ ରୁପାଖଡୁ ମଧ୍ୟ ଚୋରି ହୋଇଛି। ମନ୍ଦିର ପରିସରସ୍ଥ ପ୍ରେମାନନ୍ଦ ଆଶ୍ରମର ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ରାଧାକୃଷ୍ଣ ରୁପା କିରୀଟ ମଧ୍ୟ ନେଇଯାଇଛନ୍ତି। ଦୁଇଜଣ ମୁଖାଧାରୀ ଯୁବକ ମନ୍ଦିରରେ ପଶି ଦାନବାକ୍ସ ଉଠାଇ ନେଉଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ମନ୍ଦିର ଭିତରୁ ରୁପାନାଗ, ବଡ଼ ପିତ୍ତଳ ନାଗ, ଦୁଇଟି ହୁଣ୍ଡିବାକ୍ସ ଉଠାଇ ନେଇ ଦାନ ଅର୍ଥ ଲୁଟିବା ପରେ ବାହାରେ



ସିସିଟିଭିରେ କଏଦ ଚୋରି ବେଳର ଦୃଶ୍ୟ।

ବାକ୍ସକୁ ଫିଙ୍ଗିଦେଇ ଚାଲିଯାଇଛନ୍ତି। ରାତିରେ ୩ଜଣ ମୁଖାଧାରୀ ଯୁବକ ମନ୍ଦିରରେ ପଶି ଚୋରି କରୁଥିବା ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଚୋରି ଅଭିଯୋଗ ପରେ ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ ସହ ତନାଘନା ଚଳାଇଛି। ଶ୍ରୀହଟକେଶ୍ୱର ମନ୍ଦିରରୁ ଚୋରି ଘଟଣା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଶନିବାର ରାତିରେ ନୀତି ପରେ ପହୁଡ଼ ହୋଇ ମନ୍ଦିର ବନ୍ଦ ହୋଇଥିଲା। ରବିବାର ସକାଳେ ପାଳିଆ ସେବାୟତ କାଙ୍ଗାଳି ମହାପାତ୍ର ଠାକୁରଙ୍କ ସେବା ପାଇଁ ମନ୍ଦିର ଖୋଲିବା ବେଳେ ଚୋରି ସମ୍ପର୍କରେ ଜଣାପଡ଼ିଥିଲା। ଖବର ପାଇ ମନ୍ଦିର ସେବାୟତ ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ଗୋପିନାଥ ମହାପାତ୍ର ଓ ଅନ୍ୟ ସେବାୟତମାନେ ପହଞ୍ଚିଥିଲେ। ଟ୍ରଷ୍ଟି ମହାପାତ୍ର ଏ ସଂକ୍ରାନ୍ତରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବରୁ ମଧ୍ୟ ଏହି ମନ୍ଦିରରୁ ଚୋରି ହୋଇଥିଲା। ପୋଲିସର ନିଷ୍କ୍ରିୟତା, ରାତ୍ରକାଳୀନ ପାଟ୍ରୋଲିଂ ଅଭାବରୁ ଚୋରି ଘଟଣା ବଢ଼ିଛି ବୋଲି ଲୋକେ କହୁଛନ୍ତି। ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ସଦର ଥାନା ଅଧୀନ ନିଜିଗଡ ଟାପଙ୍ଗର ହନୁମାନ ମନ୍ଦିର, ଧଉଳିମୁହଁ ଗ୍ରାମ ଠାକୁରାଣୀ ମନ୍ଦିରରୁ ସୁନା ଅଳଙ୍କାର ଚୋରି ହୋଇଥିଲା। ଏଯାବତ ପୋଲିସ ଏହାର ପତ୍ତା ପାଇନାହିଁ। ଜାତୀୟ ରାଜପଥରେ ପୋଲିସର ରାତ୍ରପାଟ୍ରୋଲିଂ କରାଯାଉଥିବା ବେଳେ ଚୋରି ଘଟଣା କିପରି ବଢ଼ିଚାଲିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ମାର୍ଚ୍ଚ ୨୬ରେ ବାର୍ଷିକ ଅଧିବେଶନ

### ୯୬ ସାହି ସାଧବ ସମାଜର ଗ୍ରାମୀଣ ବୈଠକ

**ବେଗୁନିଆ,୨୬।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀସ୍ଥିତ ସ୍ୱଜାତୀୟ କାର୍ଯ୍ୟାଳୟ ପରିସରରେ ସାଧବ ସମାଜର ଗ୍ରାମୀଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଭିକାରି ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ୯୬ ସାହି ସାଧବ ସମାଜର ଶତାଧିକ ଗ୍ରାମୀଣ ସଦସ୍ୟ ଯୋଗଦେଇଥିଲେ। ସେହିପରି କାର୍ଯ୍ୟନିର୍ବାହୀ ସଭାପତି ଦେବାଶିଷ ସାହୁ, ସମ୍ପାଦକ ଯୋଗୀନାଥ ସାହୁ, କୋଷାଧ୍ୟକ୍ଷ ବୈକୁଣ୍ଠନାଥ ସାହୁ, ଉପଦେଷ୍ଟା ଉପେନ୍ଦ୍ର ନାଥ ସାହୁ ଏବଂ ମହିଳା ସଭାନେତ୍ରୀ ସୁକୁମାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାଧବ ସମାଜର ଆଭିମୁଖ୍ୟ ଆଗାମୀ ଦିନରେ କିଭଳି ସାଧିତ ହେବ ସେନେଇ ଆଲୋଚନା କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୨୬ରେ ସ୍ଥାନୀୟ ସିମୋର ମଣ୍ଡଳ ଗଁପୁର ଗ୍ରାମରେ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଛି। ସେଠାରେ ନୂତନ ସମ୍ବିଧାନ ପ୍ରଣୟନ କରାଯିବ। ସେହିପରି ୧୦ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସାଧବ ସମାଜ ପକ୍ଷରୁ ବୃତ୍ତି ପ୍ରଦାନ କରାଯିବ। ପରିବାର ପ୍ରତିପୋଷଣ ପାଇଁ ମହିଳାମାନଙ୍କୁ କିଭଳି ସ୍ୱାବଲମ୍ବୀ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ମହିଳା ଓ ଯୁବତୀଙ୍କୁ ରୋଜଗାରକ୍ଷମ ପାଇଁ ଧନ୍ଦାମୂଳକ ବ୍ୟବସ୍ଥା କରାଯିବ ବୋଲି ସ୍ଥିର କରାଯାଇଛି। ସ୍ୱେଚ୍ଛାକୃତ ଭାବେ ସେମାନେ ସିଲେଇ ପ୍ରଶିକ୍ଷଣ ନେଇପାରିବେ। ସିଲେଇ ମେସିନ ସାଧବ ସମାଜ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ବୈଠକରେ ସ୍ଥିର ହୋଇଛି।

# ଖୋର୍ଦ୍ଧାର ବିବିଜି ଟିମ୍ ଚାମ୍ପିୟନ




ଅତିଥିଙ୍କଠାରୁ ଚାମ୍ପିୟନ ଟିମର ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

**ଖୋର୍ଦ୍ଧା ଅଫିସ/ବୋଲଗଡ (ଡି.ଏନ.ଏ), ୨୬।୨**

### ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବୋଲଗଡ଼ ବ୍ଲକ ନାରାୟଣପାଟଣା ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମହାବୀର ଦେବ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ନୟାଗଡ଼ ମର୍ନିଂ କ୍ଲବକୁ ହରାଇ ଖୋର୍ଦ୍ଧାର ବିବିଜି ଟିମ୍ ଚାମ୍ପିୟନ ହୋଇଛି। ନୟାଗଡ଼ ମର୍ନିଂ କ୍ଲବ ଓ ଖୋର୍ଦ୍ଧାର ବିବିଜି ଟିମ୍ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ରହିଥିଲା। କେହି କାହାରିକୁ ଶେଷ ପର୍ଯ୍ୟନ୍ତ ଗୋଲ ଦେଇପାରି ନ ଥିଲେ। ଶେଷରେ ଟାଇବ୍ରେକର ସହାୟତାରେ ଖୋର୍ଦ୍ଧାର ବିବିଜି ଦଳ ୪-୩ ବ୍ୟବଧାନରେ ନୟାଗଡ଼ ମର୍ନିଂ କ୍ଲବକୁ ହରାଇବା ସହ ଚାମ୍ପିୟନ ହୋଇଛି। ରେଫରି ଏମ୍.ଏସ୍. ବାଗ, ରବି ନାରାୟଣ ରଣା, ସୁଶାନ୍ତ କୁମାର ମିଶ୍ର, ଲଳିତ ମୋହନ ବଳିଆରସିଂ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

ଉଦ୍‌ଯାପନୀ ଦିବସରେ ରାଜ୍ୟସଭା ସଦସ୍ୟା ସୁଲତା ଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଜେଡି ମୁଖପାତ୍ର ଓମ୍‌ପ୍ରକାଶ ସାହୁ, ଛାତ୍ର ବିଜେଡି ସଭାପତି ବିଶ୍ୱଦୀପ ପ୍ରଧାନ, ଶିକ୍ଷାବିତ ବଳରାମ ରଣସିଂ, ଅଜୟ ମଙ୍ଗରାଜ, ଡ. ତୁଷାରକାନ୍ତ ଲେଙ୍କା, ସରପଞ୍ଚ ପ୍ରଦୀପ ବାରିକ, ସିନେ କଳାକାର ହିରଣ୍ମୟୀ ମିଶ୍ର (ସୁହାନୀ) ଏବଂ ରାକେଶ ରଞ୍ଜନ ମିଶ୍ର (ରିଷଭ) ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଉଜ୍ଜ୍ୱଳ ଭବିଷ୍ୟତ ଗଢିଥାଏ ବୋଲି ଅତିଥିମାନେ କହିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ହଜାର ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୭ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ଟିମ୍‌ର ବାପି ନାୟକଙ୍କୁ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଛି।

# ନିଷ୍ଠା, ଅଧ୍ୟବସାୟ ସଫଳତା ଆଣିଥାଏ

**ବୋଲଗଡ଼,୨୬।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ସଦର ମହକୁମାସ୍ଥିତ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ର ସାଇ ସୌମ୍ୟକାନ୍ତ ରାଜ୍ୟସ୍ତରୀୟ ଏକ ନୃତ୍ୟ ପ୍ରତିଭା ଚୟନ କାର୍ଯ୍ୟକ୍ରମରେ ଭାଗନେଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ବୋଲଗଡ଼ ଟାଉନ କ୍ଲବ ସମ୍ମୁଖରେ ମହାବିଦ୍ୟାଳୟ ପକ୍ଷରୁ ଏକ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଗୋପୀନାଥ ଖାଡ଼ଙ୍ଗାଙ୍କ ପୌରୋହିତ୍ୟରେ ବର୍ଷିୟାନ୍ କଳାକାର କୃଷ୍ଣମୋହନ ପାଲ୍‌ଟାସିଂହ, ଐତିହାସିକ ରବୀନ୍ଦ୍ର ପରିଡ଼ା, ମହାବିଦ୍ୟାଳୟ ଅଧ୍ୟକ୍ଷ ବୈକୁଣ୍ଠନାଥ ସାହୁ, ଗୁରୁମା' ଲୀମା ଦାସ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟ ଗୁରୁମା' ଲୀମା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଇ ବିଭିନ୍ନ ନୃତ୍ୟ ପ୍ରଶିକ୍ଷଣ ନେଇଥିଲେ। ଗୁରୁଭକ୍ତି, ନିଷ୍ଠା ଓ ଅଧ୍ୟବସାୟ ବଳରେ ସେ ଅନୁଷ୍ଠାନ ଓ ଅଞ୍ଚଳ ପାଇଁ ଗୌରବ ଆଣିପାରିଛନ୍ତି ବୋଲି ଲୀମା କହିଛନ୍ତି। ଅନୁଷ୍ଠାନର ସମ୍ପାଦକ ଅବିନାଶ ସୁବୁଦ୍ଧି ଅତିଥି ପରିଚୟ, ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ମଞ୍ଚ ସଂଯୋଜନା କରିଥିଲେ। ମନୋଜ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବିଜେଡିର ସାଙ୍ଗଠନିକ ବୈଠକ

**ନିରାକାରପୁର,୨୬।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ରାମେଶ୍ୱର ପାଣ୍ଟିକାଠାରେ ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ତ୍ରିପାଠୀଙ୍କ ଆବାହକତ୍ୱରେ ବିଜେଡିର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ୱାର୍ଡର ଶତାଧିକ କର୍ମୀ ଓ ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ସାହୁ, ସଞ୍ଜୟ ଖଣ୍ଡୟତରାୟ, ଜାକି ହୁସେନ ପ୍ରମୁଖ ଯୋଗଦେଇ ମହାପାତ୍ରଙ୍କ ନେତୃତ୍ୱରେ ଦଳ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଦଳ ସୁସଙ୍ଗଠିତ ସହ ମଜଭୁତ ହୋଇପାରୁଛି ବୋଲି ମତବ୍ୟକ୍ତ କରିଥିଲେ। ଖବରଦାତା ଲଛମନ ନାୟକ ଧନ୍ୟବାଦ ଦେଇଥିଲେ।



ବୈଠରେ ଉପସ୍ଥିତ ବିଜେଡି ନେତା ଓ କର୍ମୀମାନେ।

# 'ସମ୍ମାନ ପ୍ରଦାନ ଦ୍ୱାରା କାର୍ଯ୍ୟ କରିବାକୁ ଉତ୍ସାହ ବଢ଼ିଥାଏ'

**ଜଟଣୀ,୨୬।୨(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରଠାରେ ସାଇ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଉତ୍ତରାୟଣୀ କ୍ଲବ ପରିସରରେ ସୀତାକାନ୍ତ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାରୋହରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସିପିଏମ ସମ୍ପାଦକ ମଣ୍ଡଳୀସଭ୍ୟ ସୁରେଶ ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଚିନ୍ମୟ ମିଶନ ଜଟଣୀର ସ୍ୱାମୀ ଈଶାନନ୍ଦ ସରସ୍ୱତୀ, ଶିକ୍ଷାବିତ ପ୍ରେମାନନ୍ଦ ମହାରଣା, କୁମର ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନ ପ୍ରଦାନ ଫଳରେ ସେହି ଅନୁଷ୍ଠାନ କିମ୍ବା ବ୍ୟକ୍ତି ଆଗକୁ ଆହୁରି କାର୍ଯ୍ୟ କରିବା ପାଇଁ ଉତ୍ସାହ ମିଳିଥାଏ ବୋଲି ମତପ୍ରକାଶ ପାଇଥିଲା।




ସାଇ ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଅତିଥିମାନେ।

### ସାଇ ସମ୍ବର୍ଦ୍ଧନା ସମାରୋହ

ଅନୁଷ୍ଠାନର ସାଧାରଣ ସମ୍ପାଦକ ଅକ୍ଷୟ ମହାନ୍ତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ ଡ.ସନ୍ତୋଷ ଜେନା, ଆଇସିସି ସାଧାରଣ ସମ୍ପାଦକ ଡ. ବିଶ୍ୱରଂଜନ ମହାନ୍ତି, ଜଟଣୀ ନାଗରିକ କମିଟି ସଭାପତି କ୍ୟାପଟେନ ମନ୍ମଥ ରାଉତରାୟ, ଭାରତୀୟ ତୈଳନିଗମ ନିର୍ଦ୍ଦେଶକ ସୁଦୀପ୍ତ ରାୟ, ଜରାନିବାସ ଆଶାକିରଣ ହୋମର ହୋଟମିନ ଶାସ୍ତ୍ରୀ, ବାସୁଦେବ ସେଠୀ, ଦେବଦତ୍ତ ପଟ୍ଟନାୟକ, ପ୍ରଶାନ୍ତ ସାହୁ, କଳା ଓ ସଂସ୍କୃତି ପାଇଁ ଜଗଦୀଶ ମହାପାତ୍ର, ଚଳଚିତ୍ର ଓ ପରିବେଶ ପାଇଁ ସ୍ନେହାଶିଷ ଦାସ, ଅଭିନୟ ପାଇଁ କୁମାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାପାତ୍ର, ଶିକ୍ଷା ଓ ସାହିତ୍ୟ ପାଇଁ ଅଧ୍ୟାପକ ଶିବ ପ୍ରସାଦ ଖୁଣ୍ଟିଆ, ସାମ୍ବାଦିକ ରାଧାମାଧବ ମିଶ୍ର ଏବଂ ଶେଖ ଶିରାଜ ମହମ୍ମଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋବିନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

**ଓଡ଼ିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ବରିଷ୍ଠ ଶିକ୍ଷକ ସଂଘ ସମ୍ମିଳନୀ**

କଟକ ଅଫିସ: ଓଡ଼ିଶା ସରକାରୀ ହାଇସ୍କୁଲ ଜାତୀୟ ପେନ୍‌ସନ୍ ଯୋଜନା (ଏନ୍‌ପିଏସ୍) ବରିଷ୍ଠ ଶିକ୍ଷକ ସଂଘର ସମ୍ମିଳନୀ କଟକ ସାହେବଜାଦା ବଜାରସ୍ଥିତ ନଣ୍ଡା ଦେଉଳ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାର ଐତିହାସିକ ପଦକ୍ଷେପ ନେଇ ୩୪ଟି ବିଭାଗରୁ ଚୁକ୍ତିଭିତ୍ତିକ ପଦବୀ ଉଚ୍ଛେଦ କରିଛନ୍ତି। ହେଲେ ଏହି ଶିକ୍ଷକମାନେ ସେଥିରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ଏମାନଙ୍କ ପାଇଁ ବି ସମାନ ସୁବିଧା ପ୍ରଦାନ ନିମନ୍ତେ ସରକାରଙ୍କଠାରେ ଦାବି କରାଯିବ ବୋଲି ଆଲୋଚନା ହୋଇଥିଲା। ସଂଘ ସଭାପତି ଭାବକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଉପସଭାପତି ଜନ୍ମେଞ୍ଜୟ ମହାପାତ୍ର, କୃପାସିନ୍ଧୁ ସାହୁ, ସରୋଜ ଖିଲାର, ସାଗରିକା ରାଉତ, ସମ୍ପାଦକ ବିନୋଦ ଚନ୍ଦ୍ର ନାୟକଙ୍କ ସମେତ କର୍ମକର୍ତ୍ତା, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ରହି ମତ ଉପସ୍ଥାପନ କରିଥିଲେ।

## ସଂକ୍ଷେପରେ

### ବିବାହ ଭୋଜିରେ ମାର୍‌ପିଟ ଘଟଣା: ୪ ଗିରଫ

**କଟକ ସଦର, ୨୬।୨ (ଡି.ଏନ୍.ଏ.):** କନ୍ଦରପୁର ଥାନା ଅନ୍ତର୍ଗତ ବମ୍ଫୁରି ଗ୍ରାମରେ ଶୁକ୍ରବାର ଏକ ବିବାହ ଭୋଜିବେଳେ ହୋଇଥିବା ଗଣ୍ଡଗୋଳ ଘଟଣାରେ ୪ ଜଣଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେହି ଗ୍ରାମର ରାଜକିଶୋର ସାହୁ, ପ୍ରଦୀପ କୁମାର ସାହୁ, ସନ୍ତୋଷ କୁମାର ସାହୁ ଓ ସତ୍ୟବାନ୍ ସାହୁ। ଏ ନେଇ ଥାନାରେ ୩୫/୨୩ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ବୁଧବାର ବମ୍ଫୁରି ଗ୍ରାମରୁ ଏକ ବରଯାତ୍ରୀ ଦଳ କିଶୋରନଗର ଥାନା ଅନ୍ତର୍ଗତ ଚାଞ୍ଚପଡ଼ା ଗ୍ରାମକୁ ଯାଇଥିଲା। ବର ଶୋଭାଯାତ୍ରା ଚାଲିଥିବାବେଳେ କେତେଜଣ ଯୁବକ ଜଣେ ଯୁବତୀଙ୍କୁ କମେଣ୍ଟ ମାରିଥିଲେ। ପରେ ବରପକ୍ଷର ୨/୩ ଜଣଙ୍କୁ ସ୍ଥାନୀୟ ଲୋକେ ମାଡ଼ ମାରିଥିଲେ। ଶୁକ୍ରବାର କନ୍ୟା ପକ୍ଷର ଲୋକେ ଭୋଜି ଖାଇବା ପାଇଁ ବମ୍ଫୁରି ଗ୍ରାମକୁ ଆସୁଥିବାବେଳେ କନ୍ଦରପୁର କଲେଜ ନିକଟରେ ବରପକ୍ଷର କେତେଜଣ ଲୋକ ସେମାନଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ଚାଞ୍ଚପଡ଼ାର ସ୍ୱାଧୀନ ରାୟ, ପ୍ରତୀକ ରାୟ ଓ ସନାତନ ସ୍ୱାଇଁ ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ସ୍ୱାଧୀନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୫/୨୩) ରୁଜୁ କରିଛି।

### ଶିବିରରୁ ୨୦୪ ୟୁନିଟ୍ ରକ୍ତ ସଂଗ୍ରହ

**କଟକ ଅଫିସ, ୨୬।୨:** କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୨୪ ନଂ. ୱାର୍ଡର ଦୋଳମୁଣ୍ଡାଇଠାରେ ଓଡ଼ିଶା ମୋ ପରିବାର ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ୱାର୍ଡ ବିଜେଡି ସଭାପତି ପ୍ରତାପ ମୂଳିଆ, ଯୁବନେତା ସୌମ୍ୟରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଶିବିରକୁ ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ, ବିଜେଡି ନଗର ସଭାପତି ମଧୁସୂଦନ ସାହୁ, ରାଜ୍ୟ ଲିଗାଲ ସେଲ୍ ସଭାପତି ମିଲନ୍ କାନୁନ୍‌ଗୋ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଜଗତଜ୍ୟୋତି ପଟ୍ଟନାୟକ, ସିଏମ୍‌ସି ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, କର୍ପୋରେଟର ସତ୍ୟରାମ ସାହୁ, ସାହି ମୁରବି ପ୍ରଦୀପ ମୂଳିଆ ଏବଂ ଲିଙ୍ଗରାଜ ହାତୀ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଓଡ଼ିଶା ମୋ ପରିବାର ରାଜ୍ୟ ଆବାହକ ଅରୂପ ପଟ୍ଟନାୟକଙ୍କ ସହଯୋଗରେ ସିଏମ୍‌ସିର ପ୍ରତ୍ୟେକ ୱାର୍ଡରେ ଆସନ୍ତା ଗ୍ରୀଷ୍ମଋତୁରେ ରକ୍ତଦାନ ଶିବିର ଆୟୋଜନ ହେବ ବୋଲି ଓଡ଼ିଶା ମୋ ପରିବାର କଟକ ସିଟି ସଂଯୋଜକ ରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି।

# ରାସ୍ତାରେ ବସ୍ ରଖି ପ୍ରତିବାଦ



ରାସ୍ତାରେ ବସ ରହିବା ଯୋଗୁ ଉପୁଜିଥିବା ଟ୍ରାଫିକ ସମସ୍ୟା।


ପୋଲିସ ଓ ବସ୍ ମାଲିକଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଛି।

**କଟକ ଅଫିସ, ୨୬।୨**

### ଟ୍ରାଫିକ୍ ପୋଲିସର କାର୍ଯ୍ୟାନୁଷ୍ଠାନକୁ ବିରୋଧ

ଟ୍ରାଫିକ୍ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ କଟକର ଘରୋଇ ବସ୍ ମାଲିକମାନେ ବିରୋଧ କରିଛନ୍ତି। ବିନା କାରଣରେ ବସ୍‌ରୁ ଜରିମାନା ଆଦାୟ ପ୍ରତିବାଦରେ ରବିବାର ରାତି ପ୍ରାୟ ୯ଟାରେ ମଧୁପାଟଣା ରାସ୍ତାରେ ବସ୍ ରଖି ମାଲିକମାନେ ଅଭିନବ ଆନ୍ଦୋଳନ କରିଥିଲେ। ଏହାଦ୍ୱାରା ଦୀର୍ଘ ସମୟ ଧରି ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ ହୋଇଥିଲା। ଡିସିପି ପିନାକ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ମିଳିଥିବା ସୂଚନା ଅନୁସାରେ, ଲିଙ୍କ୍‌ରୋଡ୍ ଏଲ୍‌ଆଇସି ଅଫିସ୍ ସମ୍ମୁଖରେ ବସ୍ ରଖି ପାସେଞ୍ଜର ଉଠାଇବାବେଳେ କେତେକ ବସ୍ ଉପରେ କାର୍ଯ୍ୟରତ ଟ୍ରାଫିକ୍ ପୋଲିସ ୨ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରିଥିଲେ। ରାତି ୯ଟାରେ ଲିଙ୍କ୍‌ରୋଡ୍‌ରେ ଟ୍ରାଫିକ ସମସ୍ୟା ନ ଥିବାବେଳେ ପୋଲିସ କେବଳ ଜରିମାନା ଆଦାୟ କରିବା ଲାଗି ସେଠାରେ ଜଗି ରହୁଛି ବୋଲି ଅଭିଯୋଗ ହୋଇଥିଲା। ଚାଳକମାନେ ବସ୍ ରଖି ଆନ୍ଦୋଳନ ଆରମ୍ଭ କରିଥିବାବେଳେ ସେମାନଙ୍କୁ ସମର୍ଥନ କରି କଟକ ଘରୋଇ ବସ୍ ମାଲିକ ସଂଘ ସଭାପତି ପ୍ରିୟବ୍ରତ ତ୍ରିପାଠୀ, ସମ୍ପାଦକ ନିରଞ୍ଜନ ସାହୁ ଓ ଅନ୍ୟ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

# ମାର୍ଚ୍ଚ ୩ରୁ ଦୋଳଯାତ୍ରା

**ଖୁଣ୍ଟୁଣୀ, ୨୬।୨ (ଡି.ଏନ୍.ଏ.)**

### ରାଜଦୋଳ ମେଳଣ ପ୍ରସ୍ତୁତି ବୈଠକ

ଆଠଗଡ଼ର ନ'ବେଢ଼ାରେ ଆଞ୍ଚଳିକ ରାଜଦୋଳ ମେଳଣ ଅନୁଷ୍ଠିତ ହେବ। ଏହାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ ବାଳି ଶାସନ ବାଞ୍ଛେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ରାଜଦୋଳ ସମନ୍ୱୟ ସମ୍ମିଳନୀ, ବାଳି ଶ୍ରୀଗୋପାଳଦେବ ମନ୍ଦିର ପରିଚାଳନା କମିଟି ଓ ରାଧାପ୍ରିୟାପୁର ଶାସନର ଲୋକଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ବୈଠକରେ କମିଟିର କାର୍ଯ୍ୟକାରୀ ସଭାପତି ଫକୀର ଚରଣ ନାୟକ ଅଧ୍ୟକ୍ଷତା କରିଥିଲେ। ଦୋଳ ଉତ୍ସବକୁ ଶୃଙ୍ଖଳାର ସହିତ ପାଳନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ାଯାଇଥିଲା। ଆସନ୍ତା ମାର୍ଚ୍ଚ ୩ରୁ ଖମାର ନୂଆଗାଁଠାରୁ ଦୋଳଯାତ୍ରା ଆରମ୍ଭ ହେବ। ଏଥିରେ ଖମାର ନୂଆଗାଁର ଗୋପୀନାଥ ଜୀଉ, କୁମାରପୁରର ଦଧିବାମନ ଜୀଉ, କୁମାରପୁର ଶାସନର ଗୋପୀନାଥ ଦେବ, ଗୋବରା ଶାସନର ଗୋପାଳଦେବ, ଗୋବରାର ଦଧିବାମନ ଜୀଉ, ବାଳି ଶାସନର ଗୋପୀନାଥ ଦେବ, ବାଳିର ଦଧିବାମନ ଜୀଉ, ଗୁରୁଡ଼ିଝାଟିଆର ମଦନମୋହନ ଜୀଉ ଓ କପୁରସିଂ ଗ୍ରାମର ତୃତୀୟାଦେବ ସାମିଲ ହେବେ। ବାଳି, ଖମାରନୂଆଗାଁ, ଗୋବରା, କୁମାରପୁର, ଗୁରୁଡ଼ିଝାଟିଆ ଆଦି ଗ୍ରାମରେ ଯାତ୍ରାକରି ଭୋଗ ଖାଇବେ। ୬ ତାରିଖ କୁମାରପୁରଠାରୁ ବଡ଼ପଦା ଗ୍ରାମର ରାଧାଗୋବିନ୍ଦ ଦେବ ଓ ଅନ୍ୟ ଠାକୁରମାନଙ୍କ ସହିତ ଯୋଗଦେବେ। ୭ ତାରିଖ ଦୋଳପୂର୍ଣ୍ଣିମା ଦିନ ଗୁରୁଡ଼ିଝାଟିଆଠାରେ ଯାତ୍ରା ସମାପନ ହେବ। ଯାତ୍ରା ଶେଷରେ ଫେରିବାବେଳେ ଛଅଗାଁ ସିଂହନାଥଙ୍କ ପୀଠରେ ସିଂହନାଥଙ୍କ ସହିତ ବାଳି, କୁମାରପୁର, ଗୋବରା, ଏବଂ ତିନି ଶାସନରୁ ଆସିଥିବା ଠାକୁରମାନଙ୍କ ହରିହର ଭେଟନୀତି ଅନୁଷ୍ଠିତ ହେବ ବୋଲି ସମନ୍ୱୟ କମିଟିର ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ବାସୁଦେବ ମିଶ୍ର ସ୍ୱାଗତ ଭାଷଣ ଓ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ସର୍ବଶ୍ରୀ ଅନନ୍ତ ଚରଣ ପଟ୍ଟନାୟକ, ବିଭୂତି ଭୂଷଣ ଦାସ, ଅଧିକାରୀ ପଣ୍ଡା, ବସନ୍ତ ରାଉତ, ପ୍ରଭାକର ପ୍ରଧାନ, ଶୁକଦେବ ବେହେରା, ରାଜୀବ ଲୋଚନ ଦାସ, ଶରତ ଚନ୍ଦ୍ର ରଥ, ମାନସ ପଣ୍ଡା, ସନାତନ ଦଲାଇ ପ୍ରମୁଖ ଯୋଗଦେଇଥିଲେ। ରଶ୍ମିରଞ୍ଜନ ସାହାଣୀଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ଅବସରପ୍ରାପ୍ତ ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା, ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, ଶ୍ୱେତକାନ୍ତ ବେହେରାଙ୍କ ସମେତ ରାଜଦୋଳ ସମନ୍ୱୟ କମିଟିର ବରିଷ୍ଠ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ଶିଶୁଙ୍କ ଅଦେଖା ପ୍ରତିଭା ଖୋଜି ବାହାର କରିବା ଆବଶ୍ୟକ'



ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**କଟକ ଅଫିସ, ୨୬।୨**

### ମଣିମାଣିକର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଶିଶୁଙ୍କ ନିକଟରେ ଥିବା ଅଦେଖା ପ୍ରତିଭାକୁ ଖୋଜି ବାହାର କରିବା ଆବଶ୍ୟକ। ତା'ହେଲେ ଶିଶୁଟିଏ ସୁନାଗରିକ ହୋଇପାରିବ। କଟକ ଶତାବ୍ଦୀ ଭବନଠାରେ ମଣିମାଣିକ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଶିଶୁ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ବିଚାରପତି ବୀରକିଶୋର ମିଶ୍ର ଉଦ୍‌ଘାଟନ କରି ପ୍ରତିଭାଧାରୀ ଶିଶୁଙ୍କୁ ନୃତ୍ୟ, ଗୀତ, ଚିତ୍ରରେ ଆଗଭର କରିବା ପାଇଁ ମଣିମାଣିକ ଅନୁଷ୍ଠାନର କାର୍ଯ୍ୟ ପ୍ରଶଂସନୀୟ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଦାସ ବେନହୁର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନମିତା ପଣ୍ଡା, ଡ. ପ୍ରଭାତୀ ମିଶ୍ର, ଆଇନଜୀବୀ ଦେବସ୍ମାନ ଦାସ, ଇଂ. କୁଳମଣି ବରାଳ, ସୁମିତ୍ରା ମହାପାତ୍ର, ଅନସୂୟା ମିଶ୍ର, ଇଂ. ସୁଧାକର ମନ୍ତ୍ରୀ, ଅମିତା ପଟ୍ଟନାୟକ, ଡ. ବୀଣାପାଣି ସିଂହ ବକ୍ତବ୍ୟ ପ୍ରଦାନ କରିଥିଲେ। ମଣିମାଣିକର ସ୍ମରଣିକା, କେଶବ ଶତପଥୀଙ୍କ ସ୍ମୃତିଅର୍ଘ୍ୟ, ଇଂ. ନରେନ ଦାସଙ୍କ ଷ୍ଟୋରି ଟାଇମ ଉଇଥ ଗ୍ରାଣ୍ଡ ପା, ଡ. ଭୁବନାନନ୍ଦ ଅଧିକାରୀଙ୍କ ବିରହୀ ମହାରଥୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଡ. ପ୍ରମୋଦ ମହାପାତ୍ର, ଆଦିତ୍ୟ ପ୍ରତାପ ଧଳ, ଶତୃଘ୍ନ ପଟ୍ଟନାୟକ, ବିଜୟଲକ୍ଷ୍ମୀ ନାୟକ, ଡ. ସ୍ନେହ ମିଶ୍ର, ମହୀଜା ଦଳବେହେରା ପ୍ରମୁଖ ଆଲୋଚନା କରିଥିଲେ। ମଣିମାଣିକର ସମ୍ପାଦକ ଜୀବନାନନ୍ଦ ଅଧିକାରୀ ବାର୍ଷିକ ବିବରଣୀ ପାଠ ଓ ଡ. ଭୁବନାନନ୍ଦ ଅଧିକାରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୭୫ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### କେନ୍ଦ୍ରୀୟ ବଜେଟ: ୨୦୩୦ରେ ଆମର ସ୍ଥିତି ଶୀର୍ଷକ ଆଲୋଚନାଚକ୍ର

**କଟକ ଅଫିସ, ୨୬।୨**

ମୈତ୍ରୀସରଣୀସ୍ଥିତ ଦି ୟୁନିଭର୍ସ ସମ୍ମିଳନୀ କକ୍ଷରେ କେନ୍ଦ୍ରୀୟ ବଜେଟ: ୨୦୩୦ରେ ଆମର ସ୍ଥିତି ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରଫେସର ସୁରେନ୍ଦ୍ର ନାଥ ବେହେରା ଯୋଗ ଦେଇଥିଲେ। ପ୍ରଫେସର ଡ. ସତ୍ୟକାମ ମିଶ୍ର ଅଧ୍ୟକ୍ଷତା କରି କହିଥିଲେ, ଦୁର୍ନୀତି, ଗରିବୀ ଆମ ଅର୍ଥନୀତିର ସବୁଠାରୁ ବଡ଼ ବାଧକ ଭାବେ ଉଭା ହୋଇଛି ବୋଲି କହିଥିଲେ। ଡ. ପ୍ରମୋଦ କୁମାର ମହାପାତ୍ର, ଜୟକୃଷ୍ଣ ଆଚାର୍ଯ୍ୟ, ନମିତା ମହାନ୍ତି, ଅରୁଣ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ଅତିଥି ପରିଚୟ ଓ କିଶୋର କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

### ଦିଲ୍ଲୀ ଏସ୍‌ସିଆଇଟି ବିଶେଷଜ୍ଞଙ୍କ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିଦର୍ଶନ

**କଟକ ଅଫିସ, ୨୬।୨**

ରାଜ୍ୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ଏକ ବିଶେଷଜ୍ଞ ଦଳ ରବିବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲା। ଏହି ବିଶେଷଜ୍ଞ ଦଳର ନେତୃତ୍ୱ ନେଇଥିଲେ ଦିଲ୍ଲୀ ଏସ୍‌ସିଆଇଟିର ବରିଷ୍ଠ ପ୍ରଫେସର ଡ. ଧର୍ମେନ୍ଦ୍ର ଡାଗର। ଏହି ଅବସରରେ ଶିକ୍ଷା ବିଭାଗରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଡ. ଡାଗର କହିଥିଲେ, ଶିକ୍ଷକ ପ୍ରଶିକ୍ଷଣରେ ପରିବର୍ତ୍ତନର ଆବଶ୍ୟକତା ରହିଛି, ଯାହା ରାଷ୍ଟ୍ରୀୟ ଶିକ୍ଷାନୀତି–୨୦୨୦ର କାର୍ଯ୍ୟାନ୍ୱୟନରେ ସହାୟକ ହୋଇପାରିବ। ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଡ. ସୁଦର୍ଶନ ମିଶ୍ର ଅଧ୍ୟକ୍ଷତା କରି କହିଥିଲେ, ରାଷ୍ଟ୍ରୀୟ ଶିକ୍ଷାନୀତି–୨୦୨୦ କାର୍ଯ୍ୟକାରୀ ହେଲେ ଶିକ୍ଷକ ପ୍ରଶିକ୍ଷଣରେ ଅନେକ ପରିବର୍ତ୍ତନ ସମ୍ଭବ ହୋଇପାରିବ। ଅଧ୍ୟାପକ ଡ. ଶରତ କୁମାର ରାଉତ ସମ୍ବର୍ଦ୍ଧନା ଦେଇଥିବାବେଳେ ଡ. ଅଶୋକ ଦଂଶାନା ଧନ୍ୟବାଦ ଦେଇଥିଲେ।

# ପାରାଦୀପ ମଡେଲ ଥାନା ଅଧିକାରୀ, ଏସ୍‌ପିଙ୍କୁ କାରଣ ଦର୍ଶାଅ ନୋଟିସ

**କଟକ ଅଫିସ, ୨୬।୨**

### ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ ଅଭିଯୋଗ

ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ ଅଭିଯୋଗ ଉପରେ ଦାଏର ଅଦାଲତ ଅବମାନନା ମାମଲାରେ ଓଡ଼ିଶା ହାଇକୋର୍ଟ ପାରାଦୀପ ମଡେଲ ଥାନା ଅଧିକାରୀ ଓ ଜଗତ୍‌ସିଂହପୁର ଏସ୍‌ପିଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଓମ୍ ପ୍ରକାଶ ଜୟସ୍ୱାଲ ବନାମ ବି.କେ. ମିତଲ ଏବଂ ସିବିଆଇ ମାମଲାରେ ରହିଥିବା ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଜାଣିଶୁଣି ଉଲ୍ଲଂଘନ କରିଥିବା ହେତୁ ସେମାନଙ୍କୁ କାହିଁକି ଦଣ୍ଡିତ କରା ନ ଯିବ ସେ ନେଇ କାରଣ ଦର୍ଶାଇବାକୁ କୁହାଯାଇଛି। ବିଜୟ କୁମାର ଦାସଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବଂଶୀଧର ବାଗ ଓ ପ୍ରଶାନ୍ତ କିଶୋର ରାୟ ମାମଲା ପରିଚାଳନା କରୁଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପାଳନ ନ କରି ବେଆଇନ ଭାବେ ୩ ଜଣଙ୍କୁ ଏକ ମାମଲାରେ ଗିରଫ କରାଯିବା ଘଟଣାକୁ ନେଇ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ ହୋଇଛି। ଏଥିସହ ମାମଲାରେ ଗିରଫଦାରି ପୂର୍ବରୁ ସିଆର୍‌ପିସିର ଧାରା ୪୧(କ)ରେ ଥିବା ବ୍ୟବସ୍ଥା ଅନୁସାରେ ଅଭିଯୁକ୍ତମାନଙ୍କୁ ଠିକ୍ ଭାବେ ନୋଟିସ୍ ଦିଆଯାଇ ନ ଥିଲା ବୋଲି ଅଦାଲତ ଅବମାନନା ମାମଲାରେ ଦର୍ଶାଯାଇଛି।

# କ୍ରିକେଟ୍ ଟୁର୍ନାମେଣ୍ଟ: ହିନ୍ଦୁସ୍ତାନ ସ୍ପୋର୍ଟିଂ ଚାମ୍ପିୟନ


ଟୁର୍ନାମେଣ୍ଟରେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ଚୌଦ୍ୱାର, ୨୬।୨ (ଡି.ଏନ୍.ଏ.)**

ଟାଙ୍ଗୀ–ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଶଙ୍କରପୁର ଖେଳପଡ଼ିଆରେ ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ୮ଦିନ ଧରି ଚାଲିଥିବା ଆନ୍ତଃ ଜିଲା ବିଜୁ ପଟ୍ଟନାୟକ କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ଓ କଟକସ୍ଥିତ ସାହୁ ଆଗ୍ରୋ କେମିକାଲର ଲକ୍ଷ୍ମୀନାରାୟଣ ସାହୁ ଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଜଗତ୍‌ସିଂହପୁରର ହିନ୍ଦୁସ୍ତାନ ସ୍ପୋର୍ଟିଂ ଓ ଯାଜପୁରର ଗୋଲ୍‌ଡେନ୍ ଷ୍ଟାର୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ୩୦ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ଗୋଲ୍‌ଡେନ୍ ଷ୍ଟାର୍ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ହରାଇ ୨୮୫ ରନ୍ କରିଥିଲା। ଜବାବରେ ହିନ୍ଦୁସ୍ତାନ ସ୍ପୋର୍ଟିଂ ୩ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ଦଳର ସତ୍ୟରଞ୍ଜନ ସେନାପତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ ଦି ସିରିଜ ହୋଇଥିଲେ। ଶୀର୍ଷାନନ୍ଦ ବେହେରା ଓ ଜାଫର ଅଲ୍ଲି ସାହା ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସ ଅଫ୍ ଟିମ୍‌ର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମଧୁସ୍ମିତା ସେଠୀ, ସରପଞ୍ଚ ପ୍ରମୋଦିନୀ ଖଟୁଆ, ଶିକ୍ଷାବିତ୍ ବୈଷ୍ଣବ ଚରଣ ମହାରଣା, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ ଉପସ୍ଥିତ ଥିଲେ। ସୁନୀଲ ଚନ୍ଦ୍ର ରାଉତ, ରଞ୍ଜନ ପରିଡ଼ା, ସରୋଜ ଖଟୁଆ, ମହେଶ୍ୱର ପ୍ରଧାନ, ଅନିଲ ମହାନ୍ତି, କାହ୍ନୁ ଚରଣ ଓଝା, ଅଭିରାମ ଲେଙ୍କା, ରମେଶ ହାତୀ, ପ୍ରକାଶ କୁମାର ମାଝୀ, ଶିଶିର ନାୟକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# 'ଫାର୍ମାସୀ ବୃତ୍ତିରେ ସେବା, ତ୍ୟାଗ ଜରୁରୀ'

**କଣ୍ଟାପଡ଼ା, ୨୬।୨ (ଡି.ଏନ୍.ଏ.)**

### ୟୁଥ୍‌ଫାର୍ମା ଫେଷ୍ଟିଭାଲ ଉଦ୍‌ଯାପିତ

କଣ୍ଟାପଡ଼ା ବ୍ଲକ ଅଧୀନ ସୁନ୍ଦରଗ୍ରାମସ୍ଥିତ ଦଧିଚି ଫାର୍ମାସୀ କଲେଜର ସେଣ୍ଟ୍ରାଲ ପଡ଼ିଆରେ ଚାଲିଥିବା ୨ଦିନିଆ ୟୁଥ୍‌ଫାର୍ମା ଫେଷ୍ଟିଭାଲ ରବିବାର ଉଦ୍‌ଯାପିତ ହୋଇଯାଇଛି। ଦଧିଚି ଶିକ୍ଷାସମୂହର ଚେୟାରମ୍ୟାନ ଡ. ମନୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଫାର୍ମାସିଷ୍ଟ ବୃତ୍ତିରେ ଉପରକୁ ଉଠିବାକୁ ହେଲେ ସେବା ଓ ତ୍ୟାଗ ମନୋଭାବ ଜରୁରୀ। କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ଆୟୋଜିତ ଟିଚର୍ସ କନ୍‌ଫରେନ୍ସରେ ହାଇଦ୍ରାବାଦ୍‌ସ୍ଥିତ ବାୟୋଫର କମ୍ପାନୀର ମୁଖ୍ୟ ଉପଦେଷ୍ଟା ଡା. ଆର୍.ଏନ୍. ଶାହା ଯୋଗଦେଇ କଟିଂ ଏଜ୍ ଟେକ୍ନୋଲୋଜି ଇନ୍ ଟିଚିଂ ଓ ଇନୋଭେଶନ ଆଣ୍ଡ ରିସର୍ଚ୍ଚ ସମ୍ପର୍କରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ଇଣ୍ଟେଲେକ୍ଟ୍‌ସ ସିମ୍ପୋଜିୟମ ଶୀର୍ଷକ ଆଲୋଚନାଚକ୍ରରେ ଫାର୍ମାସୀ କାଉନ୍‌ସିଲ ଅଫ୍ ଇଣ୍ଡିଆର ଏକ୍‌ଜିକ୍ୟୁଟିଭ ସଭ୍ୟ ଧର୍ମେନ୍ଦ୍ର ସିଂ ଯୋଗଦେଇ ୨୦୩୦ ସୁଦ୍ଧା ଭାରତୀୟ ଫାର୍ମାସୀ ବୃତ୍ତିରେ ଆସିବାକୁ ଥିବା ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ସୁଶୀଲ ସୁଦାନ, ଡ. ଉମାକାନ୍ତ ଶତପଥୀ, ଡ. ନୀଳମାଧବ ଦାସ ଯୋଗଦେଇ ଆଗକୁ ଓଡ଼ିଶାର ଫାର୍ମାସୀ ବୃତ୍ତିରେ ଆସୁଥିବା ପରିବର୍ତ୍ତନ, ନିଯୁକ୍ତି ଓ ପାଠ୍ୟକ୍ରମ ସମ୍ପର୍କରେ କହିଥିଲେ। ଅତିଥିମାନେ ଫେଷ୍ଟିଭାଲର ସ୍ମରଣିକା 'ୟୁଥ୍‌ଫାର୍ମା' ଉନ୍ମୋଚନ କରିଥିଲେ। ଟ୍ରଷ୍ଟି ବବିତା ଦାଶ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଧିଚି ଫାର୍ମାସୀ କଲେଜ ଅଧ୍ୟକ୍ଷ ଡ. ରଜତ କୁମାର କର ଅତିଥି ପରିଚୟ ପ୍ରଦାନ କରିଥିଲେ।



ୟୁଥ୍‌ଫାର୍ମା ଫେଷ୍ଟିଭାଲରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ବ୍ୟାଙ୍କ ଘରୋଇକରଣ ବିରୋଧରେ ସଂଗ୍ରାମ କରିବାକୁ ଆହ୍ୱାନ

**କଟକ ଅଫିସ, ୨୬।୨**

କାନାରା ବ୍ୟାଙ୍କ କର୍ମଚାରୀ ସଂଘ ଓଡ଼ିଶା ରାଜ୍ୟ କମିଟିର ଦଶମ ରାଜ୍ୟ ସମ୍ମିଳନୀ କଟକ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସଂଘର ସର୍ବଭାରତୀୟ ସାଧାରଣ ସମ୍ପାଦକ କେ. ଶ୍ରୀକୃଷ୍ଣା ଉଦ୍‌ଘାଟନ କରି କହିଥିଲେ, ବ୍ୟାଙ୍କ ଘରୋଇକରଣ, ରାଷ୍ଟ୍ରାୟତ ଉଦ୍ୟୋଗର ବିକ୍ରୟ ଏବଂ ଶ୍ରମିକ ବିରୋଧୀ ନୀତି ବିରୋଧରେ ଅଖିଳ ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ (ଏଆଇବିଇଏ) ଓ ଶ୍ରମିକ କର୍ମଚାରୀ ସଂଘଗୁଡ଼ିକ ସଂଗ୍ରାମ ଜାରି ରଖିଛନ୍ତି। ଉକ୍ତ ସଂଗ୍ରାମକୁ ଅଧିକ ଜୋର୍‌ଦାର କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହ ବ୍ୟାଙ୍କର ବିକାଶ ଓ ସଂଗଠନକୁ ଶକ୍ତିଶାଳୀ କରିଥିବାରୁ ସେ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ଏଆଇବିଇଏର ଯୁଗ୍ମ ସମ୍ପାଦକ ଅନିରୁଦ୍ଧ କୁମାର କହିଥିଲେ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏଆଇବିଇଏର ଦାବିଗୁଡ଼ିକ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛି। ଏଥିପାଇଁ ଗତ ଜାନୁୟାରୀ ୩୦ ଓ ୩୧ ତାରିଖରେ ଦେଶବ୍ୟାପୀ ହେବାକୁଥିବା ବ୍ୟାଙ୍କ ଧର୍ମଘଟ ସ୍ଥଗିତ ରଖାଯାଇଥିଲା। ସେହିପରି କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ସହକାରୀ ମହାପ୍ରବନ୍ଧକ ଜି. ରୁଦ୍ରାଚାରୀ ବ୍ୟାଙ୍କର ଉନ୍ନତି ପାଇଁ ଆଗେଇ ଆସିବାକୁ କର୍ମଚାରୀମାନଙ୍କୁ କହିଥିଲେ। ଉକ୍ତ ସମ୍ମିଳନୀରେ ବ୍ୟାଙ୍କ ଘରୋଇକରଣ ବନ୍ଦ, ଶ୍ରମ କୋଡ୍ ବାତିଲ, ଖାଲି ପଦବୀ ପୂରଣ, କର୍ପୋରେଟ୍ ଋଣ ଖିଲାପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବ୍ୟାଙ୍କ କର୍ମଚାରୀ ବେତନ ଚୂଡ଼ାନ୍ତ କରିବା ଇତ୍ୟାଦି ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଏଆଇବିଇଏର କୋଷାଧ୍ୟକ୍ଷ ସି. ଏସ୍. ଭେନୁଗୋପାଳ, ଏଆଇଟିୟୁସିର ରାଜ୍ୟ ସମ୍ପାଦକ କିଶୋର ଜେନାଙ୍କ ସମେତ ରାଜ୍ୟର ସମସ୍ତ ଶାଖାରୁ ୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଯୋଗଦେଇଥିଲେ। ଏହାପରେ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଭାବେ ଅରୁଣ କୁମାର ତ୍ରିପାଠୀ, ରାଜ୍ୟ ସମ୍ପାଦକ ଶୁଭ୍ରାଂଶୁ ଶତପଥୀ, ୬ ଜଣ ଉପାଧ୍ୟକ୍ଷ, ୮ ଜଣ ସହ ସମ୍ପାଦକ ଓ ୨୨ ଜଣ ରାଜ୍ୟ କମିଟିକୁ ନିର୍ବାଚିତ ହୋଇଥିଲେ।



ସାରଳା ଭବନରେ ଅନୁଷ୍ଠିତ ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

### କାନାରା ବ୍ୟାଙ୍କ କର୍ମଚାରୀ ସଂଘ ରାଜ୍ୟ କମିଟି ସମ୍ମିଳନୀ

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଟାଙ୍ଗୀ(ଖୋର୍ଦ୍ଧା),୨୬।୨(ଡି.ଏନ୍‌.ଏ.):** ସାପ କାମୁଡ଼ାରେ ରବିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ବଡ଼ପଦର ଜାମୁଝୋଲାସାହିର ସଉରି ଗୁରୁ(୫୧)। ସୂଚନା ମୁତାବକ, ସଉରି ସକାଳେ କୌଣସି କାମରେ ଘର ବାରିପଟକୁ ଯାଇଥିଲେ। ଏହି ସମୟରେ ହଠାତ୍ ତାଙ୍କୁ ଏକ ସାପ କାମୁଡ଼ିବା ସହ ଶରୀରରେ ଲାଖି ରହିଥିଲା। ସଉରିଙ୍କ ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚି ତାଙ୍କୁ ସାପ କବଳରୁ ଉଦ୍ଧାର କରିବା ସହ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏମ୍‌ସ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁଖବର ପାଇ ବଡ଼ପଦର ଗ୍ରାମ ସମେତ ହରିପୁର ଓ ନାଚୁଣୀ ପଞ୍ଚାୟତରେ ଶୋକର ଛାୟା ଖେଳଯାଇଛି। ନାଚୁଣୀ ସରପଞ୍ଚ ସ୍ୱପ୍ନାଞ୍ଜଳି ପୋଲେଇ ଶୋକ ପ୍ରକାଶ କରିଛନ୍ତି।

### ଜନକଲ୍ୟାଣ ସମାବେଶ

**ଜଟଣୀ,୨୬।୨(ଡି.ଏନ୍‌.ଏ.):** ଜଟଣୀ ବ୍ଲକ ରଥିପୁର ଗ୍ରାମର ଖରାଖିଆ ବୈଦ୍ୟନାଥ ଦେବଙ୍କ ପୀଠରେ ଉତ୍କଳ ଶିବଶକ୍ତି ମନ୍ଦିର ପୂଜକ ସଂଘ ପକ୍ଷରୁ ଜନ କଲ୍ୟାଣ ସମାବେଶ ସହିତ ଶୈବ ଜନ ଜାଗରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନ ରାଜ୍ୟ ସଭାପତି ଲଳିତ ମହାପାତ୍ର, ଉପସଭାପତି ମାନସ ରଣା, ଜିଲା ସଭାପତି ଶରତ ମହାପାତ୍ର, ଜିଲା ସମ୍ପାଦକ ସଞ୍ଜୟ କୁମାର ମହାପାତ୍ର, ଜିଲା ଉପଦେଷ୍ଟା ସୁରେଶ ମହାପାତ୍ର, ତନ୍ମୟ ମହାପାତ୍ର, ଜଟଣୀ ବ୍ଲକ ସଭାପତି ପ୍ରଦୀପ ନାୟକ, ସମ୍ପାଦକ ବିଶ୍ୱରଞ୍ଜନ ଗୁରୁ, ମୁଖପାତ୍ର ପଞ୍ଚାନନ ମହାପାତ୍ର, ଟାଙ୍ଗୀ ବ୍ଲକ ମୁଖପାତ୍ର ପ୍ରଦୀପ ମହାପାତ୍ର, ରାକେଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସନାତନ ଧର୍ମର ରକ୍ଷା, ଗୋ ସୁରକ୍ଷା, ବୃକ୍ଷରୋପଣ ଭଳି ସର୍ବହିତପ୍ରଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଏଥିରେ ଶତାଧିକ ଶୈବ ପୂଜକମାନେ ଉପସ୍ଥିତ ଥିଲେ।

### ଶ୍ରୀନିବାସ ଘଟୁଆରୀଙ୍କୁ 'ଏକାମ୍ର ଶ୍ରୀ' ସମ୍ମାନ

**ଭୁବନେଶ୍ୱର, ୨୬।୨ (ବ୍ୟୁରୋ):** ଡ. ଶ୍ରୀନିବାସ ଘଟୁଆରୀଙ୍କୁ ଚଳିତ ବର୍ଷ ପାଇଁ 'ଏକାମ୍ର ଶ୍ରୀ' ସମ୍ମାନ ମିଳିଛି। ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଭୁବନେଶ୍ୱରର କଳା, ସଂସ୍କୃତି, ସାହିତ୍ୟ, ବିଜ୍ଞାନ, ସମାଜସେବା, ପରିବେଶ ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ 'ଏକାମ୍ର ଶ୍ରୀ' ସମ୍ମାନ ପ୍ରଦାନ କରାଯାଇଥାଏ। ଡ. ଘଟୁଆରୀ ପ୍ରଥମ କରି ରୁକୁଣା ରଥରେ ଶ୍ରୀ ଲିଙ୍ଗରାଜଙ୍କ ସମ୍ମୁଖରେ ପହଣ୍ଡିରେ ନୃତ୍ୟ ଆରମ୍ଭ କରିଥିଲେ। ଏହି ପରମ୍ପରା ତାଙ୍କଠାରୁ ଆରମ୍ଭ ହୋଇଥିଲା। ଲିଙ୍ଗରାଜ ମନ୍ଦିରରୁ ରୁକୁଣା ରଥ ପର୍ଯ୍ୟନ୍ତ ଘଣ୍ଟ, ମର୍ଦ୍ଦଳରେ ସେ ନାଚି ନାଚି ଆସିଥିଲେ। ତାଙ୍କୁ ଦେଖି ପରେ ପରେ ଅନ୍ୟମାନେ ନୃତ୍ୟ କରିଥିଲେ। ଏଥିପାଇଁ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଏକାମ୍ର ସାଂସ୍କୃତିକ ପ୍ରକାଶନୀର ସଭାପତି ତଥା ବିଧାୟକ ସୁରେଶ କୁମାର ରାଉତରାୟ, ସମ୍ପାଦକ ସନତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ଦେଶରେ ଗଣମାଧ୍ୟମର କଣ୍ଠରୋଧ କରାଯାଉଛି'

## ଓଡ଼ିଶା ପତ୍ରକାର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

**ପୁରୀ ଅଫିସ, ୨୬।୨**

ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ଭାରତରେ ସମ୍ପ୍ରତି ଗଣତନ୍ତ୍ରର ଅବକ୍ଷୟ ହେଉଥିବାବେଳେ ଗଣମାଧ୍ୟମର କଣ୍ଠରୋଧ କରାଯାଉଛି। ସେହିପରି ଖବରଦାତାଙ୍କ ମଧ୍ୟରେ ଏକତାର ଅଭାବ ଯୋଗୁ ସେମାନେ ଶୋଷଣର ଶିକାର ହେଉଛନ୍ତି। ଏପରିକି ଅନେକ ଖବରଦାତାଙ୍କର ଇପିଏଫ୍ କରାଯାଉ ନ ଥିବାବେଳେ ପେନସନ ବ୍ୟବସ୍ଥା ନାହିଁ। ବିଶେଷକରି ତୃଣମୂଳସ୍ତରରେ ଖବରଦାତାମାନେ ଶୋଷଣର ଶିକାର ହେଉଥିଲେ ମଧ୍ୟ କୌଣସି ସହାୟତା ପାଉନାହାଁନ୍ତି। ସେମାନଙ୍କୁ ସୁରକ୍ଷା ମଧ୍ୟ ଦିଆଯାଉନାହିଁ। ଯଦି ଖବରଦାତାମାନେ ଏକଜୁଟ ହେବେ ତେବେ ଏସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ରବିବାର ପୁରୀ ୟୁଥ୍ ହଷ୍ଟେଲରେ ଅନୁଷ୍ଠିତ ଓଡ଼ିଶା ପତ୍ରକାର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ଓ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

'ନେତା-ପ୍ରଶାସନ ଓ ସାମ୍ବାଦିକ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ ଗଣତନ୍ତ୍ରର ୪ଟି ସ୍ତମ୍ଭ ଉପରେ ମତ ରଖିବା ସହ ସାମ୍ବାଦିକଙ୍କ ସମସ୍ୟା, ସୁବିଧା ସୁଯୋଗ ଓ ସରକାରୀ ଅବହେଳା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, 'ଜୀବନ ବିନ୍ଦୁ'ର ପୁରୀ ଜିଲା ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ପୂର୍ବତଟ ରେଳପଥର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ନିରାକାର ଦାସ, ପ୍ରିୟ ଖବର ସମ୍ପାଦକ ରାଜକିଶୋର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅନୁପମା ଦାସ, ସସ୍ମିତା ମଲ୍ଲିକ ପ୍ରମୁଖ ଯୋଗଦେଇ ସାମ୍ବାଦିକମାନଙ୍କ ସୁରକ୍ଷା, ପେନସନ ଓ ବୀମାରାଶି ବୃଦ୍ଧି ସମ୍ପର୍କରେ ମତ ରଖିଥିଲେ। ସଂଘର ପ୍ରତିଷ୍ଠାତା ସଭାପତି ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ରାଜ୍ୟ ସଭାପତି ଅବିନାଶ ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ରାମଦାସ ଲିମା କାର୍ଯ୍ୟକାରିଣୀ ସମ୍ପର୍କରେ ମତ ରଖି ଥିବାବେଳେ ପୁରୀ ଜିଲା ସମ୍ପାଦକ ଶଙ୍କର ବେହେରା(ବାବାଜୀ) ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସଂଘର ରାଜ୍ୟ ଉପସଭାପତି ହରପ୍ରସାଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସଭାପତି ବିଜୟ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ସଂଘର ସଦସ୍ୟା ସଦସ୍ୟମାନେ ଯୋଗ ଦେଇଥିଲେ।



ପତ୍ରକାର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

# 'ପାଇକ: ଜନ, ଆଖ୍ୟାନ ଓ ଆନ୍ଦୋଳନ' ଲୋକାର୍ପିତ

## ପ୍ରଧାନମନ୍ତ୍ରୀ ଶ୍ରେଷ୍ଠ ଯୁବ ଲେଖକ ପୁରସ୍କାରପ୍ରାପ୍ତ ଓମ୍ ପ୍ରିୟଦର୍ଶୀ ଛୋଟରାୟଙ୍କ ପୁସ୍ତକ

**ଖୋର୍ଦ୍ଧା ଅଫିସ,୨୬।୨**

ପ୍ରଧାନମନ୍ତ୍ରୀ ଶ୍ରେଷ୍ଠ ଯୁବ ଲେଖକ ପୁରସ୍କାରପ୍ରାପ୍ତ ଓମ୍ ପ୍ରିୟଦର୍ଶୀ ଛୋଟରାୟଙ୍କ ପୁସ୍ତକ 'ପାଇକ: ଜନ, ଆଖ୍ୟାନ ଓ ଆନ୍ଦୋଳନ' ନୂଆଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱ ପୁସ୍ତକ ମେଳା ଉଦଘାଟନୀ ସମାରୋହରେ ଲୋକାର୍ପିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରାୟୋଜିତ ଏବଂ ଭାରତ ସରକାରଙ୍କ ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟି କେନ୍ଦ୍ର ବୈଦେଶିକ ବ୍ୟାପାର ଓ ଶିକ୍ଷା ରାଜ୍ୟ ମନ୍ତ୍ରୀ ଡ. ରାଜକୁମାର ରଞ୍ଜନ, ଫ୍ରାନ୍ସ ରାଜଦୂତ ଏମାନୁଏଲ ଲେନିନ, ନୋବେଲ ପୁରସ୍କାର ବିଜୟିନୀ ଏନି ଏନୋକ୍ସ ଏବଂ ରାଷ୍ଟ୍ରୀୟ ପୁସ୍ତକ ନ୍ୟାସର ନିର୍ଦ୍ଦେଶକ ଯୁବରାଜ ମଲ୍ଲିକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।

ଏହି ପୁସ୍ତକଟି ହେଉଛି ଓଡ଼ିଶା ରାଜନୀତିରେ ପାଇକଙ୍କ ଆଧିପତ୍ୟ, ତତ୍କାଳୀନ ଗଜପତି ରାଜବଂଶର ଆଭିମୁଖ୍ୟ, ଭାରତର 'ଶେଷ ସ୍ୱାଧୀନ ଦୁର୍ଗ' ଖୋର୍ଦ୍ଧା ଆକ୍ରମଣ, ଶ୍ରୀମନ୍ଦିର ପରିଚାଳନା, ତତ୍କାଳୀନ ଓଡ଼ିଆ ସାମାଜିକ ଜୀବନ, ମରହଟ୍ଟାଙ୍କ ଉତ୍ଥାନ ଓ ପତନ, ଫିରିଙ୍ଗି ତନ୍ତ୍ରର ଅତ୍ୟାଚାରି ସମେତ ଭାରତର ପ୍ରଥମ ଶହୀଦ ଜୟୀ ରାଜଗୁରୁ, ସେନାପତି ବକ୍ସି ଜଗବନ୍ଧୁ, ଦଳ ବେହେରା ମାଧବ ଚନ୍ଦ୍ର ରାଉତରାୟ, ପିଣ୍ଡିକି ବାହୁବଳେନ୍ଦ୍ର, କୃତିବାସ ପାଟଶାଣୀ ଆଦି ମହାନ ଯୋଦ୍ଧାଙ୍କ ବୀରତ୍ୱ ଗାଥା ବର୍ଣ୍ଣିତ ଏକ ଐତିହାସିକ କଥା ସାହିତ୍ୟ।

ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ୭୫ଜଣ ଶ୍ରେଷ୍ଠ ଯୁବ ଲେଖକଙ୍କୁ ଚୟନ କରି ସେମାନଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ଅନାଦୃତ ମୁକ୍ତି ଯୋଦ୍ଧାଙ୍କ ବିଷୟରେ ପୁସ୍ତକ ରଚନା କରିବାର ଦାୟିତ୍ୱ ଦେଇଥିଲେ। ଓମ୍ ପ୍ରିୟଦର୍ଶୀ ଜଣେ ପାଇକ ବଂଶଧର ଭାବେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ଆନ୍ଦୋଳନ ସମ୍ବନ୍ଧରେ ପୁସ୍ତକ ଲେଖିବାର ନିଷ୍ପତ୍ତି ନେଇଥିଲେ। ଦୀର୍ଘ ଏକ ବର୍ଷର ବିସ୍ତୃତ ଗବେଷଣା ପରେ ପୁସ୍ତକଟି ଭାରତ ସରକାରଙ୍କ ଦ୍ୱାରା ବିଶ୍ୱ ପୁସ୍ତକ ମେଳାରେ ପ୍ରକାଶିତ ହୋଇଥିବାରୁ ସେ ଖୁବ ଆନନ୍ଦିତ ବୋଲି ଓମ୍ ପ୍ରିୟଦର୍ଶୀ କହିଛନ୍ତି। ପାଇକମାନଙ୍କୁ ସେମାନଙ୍କ ହୃତ ବୈଭବ ଫେରିପାଇବାରେ ସହଯୋଗ କରିଥିବାରୁ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା ସହ ପୁସ୍ତକ ସମ୍ପୂର୍ଣ୍ଣ କରିବାରେ ତାଙ୍କୁ ସହାୟକ ହୋଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ପୁସ୍ତକଟି ଖୁବଶୀଘ୍ର ଭାରତ ସରକାରଙ୍କ ୱେବ୍‌ସାଇଟ, ଆମାଜନ, ଫ୍ଲିପକାର୍ଟ ଆଦି ଅନଲାଇନ ଷ୍ଟୋର ଏବଂ ବହି ଦୋକାନରେ ଉପଲବ୍ଧ ହେବ ବୋଲି ଓମ୍ ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।





ପୁରୀ ଭକ୍ତ ନିବାସରେ ରବିବାର ଅନୁଷ୍ଠିତ ସାହିଯାତ ପ୍ରସ୍ତୁତି ବୈଠକରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ସାହି ମୁରବିମାନେ।

## ସାହିଯାତ ପ୍ରସ୍ତୁତି ବୈଠକ

**ପୁରୀ ଅଫିସ, ୨୬।୨**

ସାହିଯାତ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଭକ୍ତ ନିବାସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗଙ୍କ ସମେତ ସାହିଯାତ କମିଟି ସଭାପତି ବାବାଜୀ ମହାପାତ୍ର, ସମ୍ପାଦକ ତଲୁଛ ନୀଳକଣ୍ଠ ମହାପାତ୍ର, ରବିନାରାୟଣ ଗୁରୁ, ଅନନ୍ତ ତିଆଡ଼ି, ଚକ୍ରଧର ମହାପାତ୍ର ପ୍ରମୁଖ ବୟୋଜ୍ୟେଷ୍ଠ ସଭ୍ୟମାନେ ଯୋଗଦେଇଥିଲେ। ସାହିଯାତ ଲାଗି କେନ୍ଦ୍ର ସରକାରଙ୍କଠାରୁ ଅନୁଦାନ ପାଇବା ପାଇଁ ବିଧାୟକ ଷଡ଼ଙ୍ଗୀ ଉଦ୍ୟମ କରିବାକୁ ସଦସ୍ୟମାନେ ନିବେଦନ କରିଥିଲେ। ଏ ନେଇ ବିଧାୟକ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲା ପ୍ରଶାସନ ଜରିଆରେ ସମସ୍ତ କାର୍ଯ୍ୟ କରାଯିବାକୁ ସ୍ଥିର ହୋଇଛି। ବିଦ୍ୟୁତ, ଆଲୋକୀକରଣ, ସଫେଇ ଓ ରାସ୍ତାଘାଟ ମରାମତି ବାବଦରେ ଜିଲା ପ୍ରଶାସନ ସହିତ ଆଲୋଚନା କରିବେ ବୋଲି ବିଧାୟକ ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଛନ୍ତି।

# ୧୫ ନିଯୋଗ ପରିଚାଳନା କମିଟି ସଦସ୍ୟ ଚୟନ

## ଶ୍ରୀମନ୍ଦିର ସୁଆର ଓ ମହାସୁଆର ନିଯୋଗ ନିର୍ବାଚନ

**ପୁରୀ ଅଫିସ, ୨୬।୨**

ଶ୍ରୀମନ୍ଦିର ସୁଆର ଓ ମହାସୁଆର ନିଯୋଗର ନିର୍ବାଚନ ଫଳାଫଳ ରବିବାର ପ୍ରକାଶ ପାଇଛି। ଶନିବାର ସକାଳ ୯ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କୋଇଲି ବୈକୁଣ୍ଠ ନିକଟ ନିଯୋଗଠାରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନରେ ୩୫ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ଯାଞ୍ଚ ସମୟରେ ୨ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଥିଲା। ଫଳରେ ୩୩ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ। ସେମାନଙ୍କ ମଧ୍ୟରୁ ସର୍ବାଧିକ ଭୋଟ ପାଇଥିବା ୧୫ଜଣଙ୍କୁ ନିଯୋଗର ପରିଚାଳନା କମିଟି ସଦସ୍ୟ ଭାବେ ଚୟନ କରାଯାଇଛି। ଏମାନଙ୍କ ମଧ୍ୟରୁ ନିଯୋଗ ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ, କୋଷାଧ୍ୟକ୍ଷ ଆଦି ବିଭିନ୍ନ କର୍ମକର୍ତ୍ତା ସୋମବାର ଚୟନ କରାଯିବ। ନିଯୋଗରେ ୧୦୭୦ ଜଣ ସଭ୍ୟ ଥିବାବେଳେ ନିର୍ବାଚନରେ ୮୩୮ଜଣ ନିଜର ମତ ସାବ୍ୟସ୍ତ କରିଥିଲେ। ୪୭୨ ଖଣ୍ଡ ସର୍ବାଧିକ ଭୋଟ ପାଇ ନରସିଂହ ପ୍ରତିହାରୀ ପରିଚାଳନା କମିଟିକୁ ନିର୍ବାଚିତ ହୋଇଛନ୍ତି। ସେହିପରି କମିଟିକୁ ନିର୍ବାଚିତ ହୋଇଥିବା ଅନ୍ୟ ସଭ୍ୟମାନେ ହେଲେ ନାରାୟଣ ମହାସୁଆର (୪୫୬), କୃଷ୍ଣଚନ୍ଦ୍ର ସାମନ୍ତରା (୪୪୪), ଦାମୋଦର ମହାସୁଆର (୪୩୧), ପଦ୍ମନାଭ ମହାସୁଆର (୪୧୪), ଦ୍ୱିତିକୃଷ୍ଣ ମହାପାତ୍ର (୩୯୫), ଲକ୍ଷ୍ମୀନାରାୟଣ ଦୀକ୍ଷିତ (୩୯୫), ରାମକୃଷ୍ଣ ଦାସମହାପାତ୍ର (୩୬୮), ସୋମନାଥ ମହାପାତ୍ର (୩୬୮), ଯଜ୍ଞେଶ୍ୱର ସୁବୁଦ୍ଧି (୩୪୮), ଆର୍ତ୍ତତ୍ରାଣ ପଣ୍ଡା (୩୩୩), ଚିନ୍ତାମଣି ସାହିନାୟକ (୩୩୩), ବଳଭଦ୍ର ମହାପାତ୍ର (୩୧୩), ଯଜ୍ଞେଶ୍ୱର ମହାସୁଆର (୩୦୮) ଏବଂ ମନୋଜ କୁମାର ପାଢ଼ୀ (୩୦୭)। ଏମାନଙ୍କ ମଧ୍ୟରୁ କର୍ମକର୍ତ୍ତା ଚୟନ ହେବାକୁ ଥିବାରୁ ଉତ୍ସୁକତା ପ୍ରକାଶ ପାଇଛି।

## ଦୋକାନ ଆଗରୁ ଟ୍ରାକ୍ଟର ଚୋରି

**ବାରଙ୍ଗ,୨୬।୨(ଡି.ଏନ୍‌.ଏ.)**

ବାରଙ୍ଗ ଥାନା ଅଧୀନ ଆନନ୍ଦବଜାର ପ୍ରେସ କ୍ଲବ ନିକଟ ଦୋକାନ ସମ୍ମୁଖରେ ଥିବା ଏକ ଟ୍ରାକ୍ଟର ମଙ୍ଗଳବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଟ୍ରାକ୍ଟର ମାଲିକ ସତ୍ୟବ୍ରତ ବଡ଼ଜେନାଙ୍କ ଅଭିଯୋଗ ଅନୁଯାୟୀ, ସବୁଦିନ ଭଳି କାମସାରି ଶନିବାର ରାତିରେ ଦୋକାନ ଆଗରେ ଟ୍ରାକ୍ଟର (ଓଆର ୦୫-ଏମ-୪୮୭୩) ରଖିଥିଲେ। ରବିବାର ସକାଳେ ଚାଳକ ଗାଡ଼ି ବାହାର କରିବାକୁ ଆସିବାବେଳକୁ ଟ୍ରାକ୍ଟରଟି ରହିଥିବା ସ୍ଥାନରେ ନ ଥିଲା। ଏନେଇ ଚାଳକ ସତ୍ୟବ୍ରତଙ୍କୁ ଜଣାଇଥିଲେ। ପରେ ସତ୍ୟବ୍ରତ ପହଞ୍ଚିଥିଲେ ମଧ୍ୟ ଟ୍ରାକ୍ଟର ନ ଥିବା ଦେଖିବାକୁ ପାଇଥିଲେ। ରାତି ୧ଟାରେ କେହି ଦୁର୍ବୃତ୍ତ ଆସି ଗାଡ଼ି ନେଇଯାଉଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ସତ୍ୟବ୍ରତ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ୩ ବୟୋଜ୍ୟେଷ୍ଠାଙ୍କ ଦ୍ୱାରା ରକ୍ତଦାନ ଶିବିର ଉଦ୍‌ଘାଟିତ


ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରାଯାଉଛି।

**ନିମାପଡ଼ା,୨୬।୨(ଡି.ଏନ୍‌.ଏ.)**

ନିମାପଡ଼ାର ସ୍ୱେଚ୍ଛାସେବୀ ସଂସ୍ଥା ଯୁବ ବିକାଶ ପରିଷଦ ଓ ଡେଣୁଆଁ ପଞ୍ଚାୟତର ଯୁବଶକ୍ତି ଅନୁଷ୍ଠାନ ପକ୍ଷରୁ ଡେଣୁଆଁଠାରେ ଏକ ମେଗା ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ୩ ଜଣ ୮୦ ବର୍ଷୀୟା ମହିଳା ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

ସ୍ୱେଚ୍ଛାସେବୀ ସଂସ୍ଥାର ଏପରି କାର୍ଯ୍ୟ ଅଞ୍ଚଳବାସୀଙ୍କୁ ବେଶ ବିମୋହିତ କରିଥିବାବେଳେ ୩ ବୟୋଜ୍ୟେଷ୍ଠା ରକ୍ତଦାନକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବବିକାଶ ପରିଷଦ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ଚନ୍ଦ୍ରକାନ୍ତ ବରାଳ, ବିକାଶ ଚନ୍ଦ୍ର ବାରିକ, ବିଶ୍ୱଜିତ୍ ମିଶ୍ର ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମର ସଫଳ କାମନା କରିଥିଲେ। ବିଏମ୍‌ସି ରକ୍ତ ଭଣ୍ଡାରର ଡାକ୍ତର, କର୍ମଚାରୀ ଶିବିରରୁ ମୋଟ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ।

ମିଳନମୁଖି, ଦିବାକର ନନ୍ଦ, ସଦାଶିବ ବେହେରା, ସୋମନାଥ ସାହୁ, ରଶ୍ମିରଞ୍ଜନ ଖଟୋଇ ପ୍ରମୁଖ କାର୍ଯ୍ୟକ୍ରମରେ ସଂଯୋଜନା ଓ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ୩ ଜଣ ବୟୋଜ୍ୟେଷ୍ଠାଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ରକ୍ତଦାନ ଭଳି ମହାନ୍ କାର୍ଯ୍ୟରେ ଆଜିର ଯୁବଛାତ୍ର ସମାଜ ସାମିଲ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

# ଶ୍ରୀ ଶ୍ରୀ ଜଗନ୍ନାଥ ମହୋତ୍ସବ କମିଟିର ରୌପ୍ୟ ଜୟନ୍ତୀ

**ପୁରୀ ଅଫିସ, ୨୬।୨**

ବାଲିଘାଇସ୍ଥିତ ବେଲେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ଜଗନ୍ନାଥ ମହୋତ୍ସବ କମିଟିର ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୁରୁ ଚନ୍ଦ୍ରିକା ପ୍ରେମମୟୀ ଦେବୀକ୍ରିଷ୍ଣା, ମୁଖ୍ୟବକ୍ତା ଭାବେ ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସାମାଜିକ କର୍ମୀ ଶୁଭାଶିଷ ଖୁଣ୍ଟିଆ, କମିଟି ସ୍ଥାୟୀ ସଭାପତି ବିଦ୍ୟାପତି ନବକିଶୋର ପତି ମହାପାତ୍ର, ସମ୍ପାଦକ ରବି ନାରାୟଣ ପ୍ରହରାଜ, ଉପସଭାପତି ବିଜୟ କୁମାର ଦାସ, କୋଷାଧ୍ୟକ୍ଷ ଜ୍ୟୋତି ରଞ୍ଜନ ମହାନ୍ତି ଏବଂ ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ କମିଟି କାର୍ଯ୍ୟକୁ ପ୍ରଶଂସା କରିବା ସହ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଷୟରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। ପରେ ଓଡ଼ିଶୀ ନୃତ୍ୟ ଓ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କମିଟିର ସ୍ଥାୟୀ ସଦସ୍ୟମାନଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ରକ୍ମିଣୀ ପତ୍ରିକା-୩କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ନିଯୋଗର ସଦସ୍ୟମାନେ ଉପସ୍ଥିତ ଥିଲେ। କମିଟିର ସ୍ଥାୟୀ ସଭାପତି ପତିମହାପାତ୍ର ଧନ୍ୟବାଦ ଦେଇଥିଲେ।

# ହଟକେଶ୍ୱର ମନ୍ଦିରରୁ ସୁନା ଅଳଙ୍କାର, ଟଙ୍କା ନେଇଗଲେ

- ସିସିଟିଭିରେ କଏଦ ଚୋରି ବେଳର ଦୃଶ୍ୟ
- ସପ୍ତାହକରେ ୩ ଘଟଣା, ପୋଲିସ ନିଷ୍କ୍ରିୟ

**ଖୋର୍ଦ୍ଧା ଅଫିସ,୨୬।୨**

କିଛିଦିନର ନୀରବତା ପରେ ଖୋର୍ଦ୍ଧା ଅଞ୍ଚଳରେ ପୁଣି ମାତିଲେଣି ଚୋର। ଏମାନଙ୍କ ଟାର୍ଗେଟରେ ରହିଛି ବିଭିନ୍ନ ମନ୍ଦିର। ଦିନରେ ଭକ୍ତ ହୋଇ ମନ୍ଦିରରେ ବୁଲୁଛନ୍ତି, ରାତିରେ ସୁବିଧା ସୁଯୋଗ ଦେଖି ଚୋରି କରୁଛନ୍ତି। ଏମାନଙ୍କୁ ଧରିବାରେ ପୋଲିସ ବିଫଳ ହେଉଛି। ଖୋର୍ଦ୍ଧାର ପ୍ରସିଦ୍ଧ ଶୈବପୀଠ ବାଘମାରୀ ଥାନା ଅଧୀନ ଅଟ୍ରିସ୍ଥିତ ଶ୍ରୀହଟକେଶ୍ୱର ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। ଏଥିସହିତ ମା' ପାର୍ବତୀଙ୍କ ରୁପାଖଡୁ ମଧ୍ୟ ଚୋରି ହୋଇଛି। ମନ୍ଦିର ପରିସରସ୍ଥ ପ୍ରେମାନନ୍ଦ ଆଶ୍ରମର ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ରାଧାକୃଷ୍ଣ ରୁପା କିରୀଟ ମଧ୍ୟ ନେଇଯାଇଛନ୍ତି। ଦୁଇଜଣ ମୁଖାଧାରୀ ଯୁବକ ମନ୍ଦିରରେ ପଶି ଦାନବାକ୍ସ ଉଠାଇ ନେଉଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ମନ୍ଦିର ଭିତରୁ ରୁପାନାଗ, ବଡ଼ ପିତ୍ତଳ ନାଗ, ଦୁଇଟି ହୁଣ୍ଡିବାକ୍ସ ଉଠାଇ ନେଇ ଦାନ ଅର୍ଥ ଲୁଟିବା ପରେ ବାହାରେ ବାକ୍ସକୁ ଫିଙ୍ଗିଦେଇ ଚାଲିଯାଇଛନ୍ତି। ରାତିରେ ୩ଜଣ ମୁଖାଧାରୀ ଯୁବକ ମନ୍ଦିରରେ ପଶି ଚୋରି କରୁଥିବା ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଚୋରି ଅଭିଯୋଗ ପରେ ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ ସହ ତନାଘନା ଚଳାଇଛି। ଶ୍ରୀହଟକେଶ୍ୱର ମନ୍ଦିରରୁ ଚୋରି ଘଟଣା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।


ସିସିଟିଭିରେ କଏଦ ଚୋରି ବେଳର ଦୃଶ୍ୟ।

ସୂଚନା ଅନୁଯାୟୀ, ଶନିବାର ରାତିରେ ନୀତି ପରେ ପହୁଡ଼ ହୋଇ ମନ୍ଦିର ବନ୍ଦ ହୋଇଥିଲା। ରବିବାର ସକାଳେ ପାଳିଆ ସେବାୟତ କାଙ୍ଗାଳି ମହାପାତ୍ର ଠାକୁରଙ୍କ ସେବା ପାଇଁ ମନ୍ଦିର ଖୋଲିବା ବେଳେ ଚୋରି ସମ୍ପର୍କରେ ଜଣାପଡ଼ିଥିଲା। ଖବର ପାଇ ମନ୍ଦିର ସେବାୟତ ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ଗୋପିନାଥ ମହାପାତ୍ର ଓ ଅନ୍ୟ ସେବାୟତମାନେ ପହଞ୍ଚିଥିଲେ। ଟ୍ରଷ୍ଟି ମହାପାତ୍ର ଏ ସଂକ୍ରାନ୍ତରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବରୁ ମଧ୍ୟ ଏହି ମନ୍ଦିରରୁ ଚୋରି ହୋଇଥିଲା। ପୋଲିସର ନିଷ୍କ୍ରିୟତା, ରାତ୍ରକାଳୀନ ପାଟ୍ରୋଲିଂ ଅଭାବରୁ ଚୋରି ଘଟଣା ବଢ଼ିଛି ବୋଲି ଲୋକେ କହୁଛନ୍ତି। ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ସଦର ଥାନା ଅଧୀନ ନିଜିଗଡ ତାପଙ୍ଗର ହନୁମାନ ମନ୍ଦିର, ଧଉଳିମୁହଁ ଗ୍ରାମ ଠାକୁରାଣୀ ମନ୍ଦିରରୁ ସୁନା ଅଳଙ୍କାର ଚୋରି ହୋଇଥିଲା। ଏଯାବତ ପୋଲିସ ଏହାର ପତ୍ତା ପାଇନାହିଁ। ଜାତୀୟ ରାଜପଥରେ ପୋଲିସର ରାତ୍ରପାଟ୍ରୋଲିଂ କରାଯାଉଥିବା ବେଳେ ଚୋରି ଘଟଣା କିପରି ବଢ଼ିଚାଲିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟବୀମା, ସାମାଜିକ ସୁରକ୍ଷା ସୁବିଧା ମିଳୁ

**ପୁରୀ ଅଫିସ, ୨୬।୨**

ପୁରୀ ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ବାର୍ଷିକ ସାଧାରଣ ସଭା ରବିବାର ମାରୁତି ନଗରସ୍ଥିତ କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୋରମ୍‌ର ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ମଧୁମାଧବ ଜେନା ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକମାନେ ସମାଜର ମୁଖ୍ୟ ଅଙ୍ଗ। ସେମାନଙ୍କ ସାମାଜିକ ସୁରକ୍ଷା ପ୍ରତି ସରକାର ଧ୍ୟାନ ଦେବା ସହିତ ଏଥିପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବାକୁ ସେ ଦାବି କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଆଶାଲତା ରାଉତରା ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକମାନେ ହେଉଛନ୍ତି ଆମର ଚିର ନମସ୍ୟ। ସେମାନଙ୍କୁ ସମ୍ମାନ ଦେବା ସହ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଆମର କର୍ତ୍ତବ୍ୟ। କାର୍ଯ୍ୟକ୍ରମରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ବିଶିଷ୍ଟ ପ୍ରାବନ୍ଧିକ ସତ୍ୟନାରାୟଣ ମିଶ୍ର ଯୋଗଦେଇ କହିଥିଲେ, ବିଭିନ୍ନ ସମୟରେ ବରିଷ୍ଠ ନାଗରିକମାନେ ଅବହେଳିତ ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଏଥିପ୍ରତି ସରକାର ଯତ୍ନବାନ ହେବା ଉଚିତ୍ ବୋଲି ମତ ପୋଷଣ କରିଥିଲେ। ଫୋରମ୍ ସମ୍ପାଦକ ଦେବେନ୍ଦ୍ର କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ ସହ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଉପସଭାପତି ଦେବେନ୍ଦ୍ର ତ୍ରିପାଠୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ଜେନା ବାର୍ଷିକ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ କଣାସ ବ୍ଲକର ବିଭୂତି ପଟ୍ଟନାୟକ, ଅସ୍ତରଙ୍ଗ ବ୍ଲକର କାଳନ୍ଦି ଛାଟୋଇଙ୍କ ସମେତ ବିଭିନ୍ନ ବ୍ଲକର କର୍ମକର୍ତ୍ତା ଯଥା ସନାତନ ପାତ୍ର, ଗୋପୀନାଥ କର, କୃଷ୍ଣମୋହନ ମହାନ୍ତି, କେ. ଏନ୍. ଦାସ, ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା, ସ୍ୱାସ୍ଥ୍ୟବୀମା ଓ ସାମାଜିକ ସୁରକ୍ଷା ଆଦି ଦାବି ପୂରଣ ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଆଗାମୀ ଦୁଇବର୍ଷ ପାଇଁ ଫୋରମ୍‌ର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଶେଷରେ ମାରୁତି ନଗର ଉନ୍ନୟନ ପରିଷଦର ସମ୍ପାଦକ ତଥା ଫୋରମ୍‌ର ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।



ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥିମାନେ।

## ଜେଲ ସଂଘର୍ଷରେ ମୁସେୱାଲା ହତ୍ୟାର ୨ ଅଭିଯୁକ୍ତ ନିହତ

ପଞ୍ଜାବର ତରନ ତାରନ ଜିଲାରେ ଥିବା ଗୋଇଣ୍ଡୱାଲ ସାହିବ କେନ୍ଦ୍ରୀୟ ଜେଲର ଅନ୍ତେବାସୀଙ୍କ ମଧ୍ୟରେ ରବିବାର ସଂଘର୍ଷ ଘଟି ଦୁଇ ଗ୍ୟାଙ୍ଗଷ୍ଟରଙ୍କ ମୃତ୍ୟୁ ହୋଇଛି। ୨୦୨୨ ମେ' ୨୯ରେ ପଞ୍ଜାବର ମନସାରେ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟା ମାମଲାରେ ଏମାନେ ଗିରଫ ହୋଇଥିଲେ। ରବିବାରର ସଂଘର୍ଷ ବେଳେ ଅନ୍ୟ ଜଣେ ଅନ୍ତେବାସୀ ମଧ୍ୟ ପ୍ରାଣ ହରାଇଛନ୍ତି। ଏହି ୩ ଜଣ ଗୋଟିଏ ଗ୍ରୁପ୍‌ର ସଦସ୍ୟ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ଗୁଜରାଟରେ ଭୂକମ୍ପ

ରାଜକୋଟ, ୨୬।୨: ଗୁଜରାଟ ରାଜକୋଟରେ ରବିବାର ଦିନ ୩ଟା ୩୧ ମିନିଟରେ ୪.୩ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିବା ନ୍ୟାଶନାଲ ସେଣ୍ଟର ଫର୍ ସିସମୋଲୋଜି ପକ୍ଷରୁ କୁହାଯାଇଛି। ଏହାର ଗଭୀରତା ୧୦ କି.ମି. ରହିଥିବାବେଳେ କୌଣସି ପ୍ରାଣହାନି କିମ୍ବା କ୍ଷୟକ୍ଷତି ହୋଇନାହିଁ।

### ଇଟାଲୀରେ ବୋଟ୍ ବୁଡ଼ି ୫୯ ମୃତ

ରୋମ୍, ୨୬।୨(ଆଇଏଏନ୍ଏସ୍): ଇଟାଲୀର କାଲାବ୍ରିଆ ଅଞ୍ଚଳରେ ରବିବାର ସମୁଦ୍ର ଅଶାନ୍ତ ରହିଥିବାବେଳେ ଏକ ବୋଟ୍ ଶିଳାଖଣ୍ଡ ସହ ଧକ୍କା ଖାଇ ବୁଡ଼ିଯିବାରୁ ୫୯ରୁ ଊର୍ଦ୍ଧ୍ୱ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୮୦ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟ ଦେଶର ୧୪୦ ଲୋକଙ୍କୁ ନେଇ ବୋଟ୍‌ଟି ଉପକୂଳ ସହର କ୍ରୋଟୋନ୍‌ରେ ପହଞ୍ଚାଇବାକୁ ଉଦ୍ୟମ କରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ବୋଟ୍‌ରେ ଇରାନ, ଇରାକ, ସିରିଆ, ଆଫଗାନିସ୍ତାନ, ପାକିସ୍ତାନ ଏବଂ ସୋମାଲିଆର ଯାତ୍ରୀ ଥିଲେ। ଇଟାଲୀ କର୍ତ୍ତୃପକ୍ଷ ଉଭୟ ସ୍ଥଳଭାଗ ଓ ସମୁଦ୍ରରେ ତଲାସି ଓ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

### ୬ ମାଓବାଦୀ ଗିରଫ: ବିସ୍ଫୋରକ ଜବତ

ନୂଆଦିଲ୍ଲୀ, ୨୬।୨: ଝାଡ଼ଖଣ୍ଡର ସିଂଘଭୂମ୍ ଜିଲାରୁ ଜଣେ ଆତ୍ମଘୋଷିତ କମାଣ୍ଡରଙ୍କ ସମେତ ୬ ମାଓବାଦୀଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। କେତେଜଣ ମାଓବାଦୀ ସେମାନଙ୍କ କମାଣ୍ଡରଙ୍କୁ ବିସ୍ଫୋରକ ଦେବାକୁ ଯାଉଥିବା ସୂଚନା ପାଇବା ପରେ ସେମାନଙ୍କୁ ଧରିବା ଲାଗି ପୋଲିସର ଏକ ଟିମ୍ ଗଠନ କରାଯାଇଥିଲା ବୋଲି ଏସ୍‌ପି ଆଶୁତୋଷ ଶେଖର କହିଛନ୍ତି। ଉକ୍ତ ଟିମ୍ ବାରିପୋଖରୀ ଗ୍ରାମକୁ ଯାଇଥିବା ଏକ ରାସ୍ତାକୁ ଚାରିପଟୁ ଘେରି ବ୍ୟାପକ ଯାଞ୍ଚ ଚଳାଇଥିଲା। ଏହି ସମୟରେ ବୋଜ୍ ହେମ୍ବ୍ରମ ଓରଫ କିଶୁନ ହେମ୍ବ୍ରମ୍‌ଙ୍କ ସମେତ ୬ ମାଓବାଦୀଙ୍କୁ ଗିରଫ କରାଯିବା ସହ ଡେଟୋନେଟର ଓ ଜିଲୋଟିନ୍ ଜବତ ହୋଇଥିଲା।

### ରୋଗୀଙ୍କୁ ନେଇ ଯାଉଥିବା ବିମାନ ଦୁର୍ଘଟଣାଗ୍ରସ୍ତ: ୫ ମୃତ

ୱାଶିଂଟନ୍, ୨୬।୨: ଆମେରିକାରେ ଶନିବାର ମେଡିକାଲ ଟ୍ରାନ୍ସପୋର୍ଟ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ବିମାନଟି କାଲିଫର୍ନିଆ ରେମ୍‌ସା ହସ୍ପିଟାଲକୁ ରୋଗୀଙ୍କୁ ନେଇଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ବିମାନରେ ରୋଗୀଙ୍କ ସମ୍ପର୍କୀୟ ସାଙ୍ଗକୁ ମେଡିକାଲ ଷ୍ଟାଫ୍ ଉପସ୍ଥିତ ଥିଲେ। ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ତଦନ୍ତ ଜାରି ରହିଛି।

### ନୁହ୍‌ରେ ୩ ଦିନ ଇଣ୍ଟରନେଟ ସେବା ବନ୍ଦ

ଚଣ୍ଡିଗଡ଼, ୨୬।୨: ହରିୟାଣାର ନୁହ୍‌ରେ ୩ ଦିନ ଇଣ୍ଟରନେଟ୍ ଏବଂ ମେସେଜ୍ ସେବା ବନ୍ଦ କରିବା ନେଇ ରାଜ୍ୟ ସରକାର ରବିବାର ଘୋଷଣା କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ କିଛିଦିନ ହେବ ଘଟୁଥିବା ସାମ୍ପ୍ରଦାୟିକ ହିଂସାକୁ ରୋକିବା ଦିଗରେ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗୋଚାଲାଣ ଅଭିଯୋଗରେ ରାଜସ୍ଥାନର ୨ ମୁସଲମାନ ଯୁବକଙ୍କୁ ହତ୍ୟା ଘଟଣା ନେଇ ହରିୟାଣାରେ ସାମ୍ପ୍ରଦାୟିକ ଦଙ୍ଗା ଦେଖିବାକୁ ମିଳିଛି। ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଦଣ୍ଡ ଦିଆଯିବା ନେଇ ଶୁକ୍ରବାର ୫୦୦ ଯୁବକ ରାସ୍ତାରୋକୋ କରିଥିବାବେଳେ ସେମାନଙ୍କ ବିରୋଧରେ ଶନିବାର ପୋଲିସ ମାମଲା ରୁଜୁ କରିଛି। ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରାଯାଇଛି।

### ୨ କି.ମି. ଘୋଷାରିନେଲା ଟ୍ରକ୍: ଜେଜେ, ନାତି ମୃତ

ନୂଆଦିଲ୍ଲୀ, ୨୬।୨: ଉତ୍ତରପ୍ରଦେଶ ମାହୋବାରେ ଟ୍ରକ୍‌ରେ ଘୋଷାରି ହୋଇ ୬ ବର୍ଷର ବାଳକ ଏବଂ ଜେଜେଙ୍କ ମୃତ୍ୟୁ ଘଟିଛି। ୬୬ ବର୍ଷୀୟ ଉଦିତ ନାରାୟଣ ଚାନ୍‌ସୋରିଆ ଏବଂ ନାତି ସାତ୍ତ୍ୱିକ ସ୍କୁଟରରେ ମାର୍କେଟ ଯାଉଥିବାବେଳେ ଟ୍ରକ୍ ସହ ଧକ୍କା ହୋଇଥିଲା। ସ୍କୁଟରଟି ଟ୍ରକ୍‌ରେ ଫସିଯିବା ଯୋଗୁ ସ୍କୁଟରକୁ ୨ କି.ମି.ରୁ ଅଧିକ ବାଟ ଘୋଷାରି ନେଇଥିଲେ। ପ୍ରତ୍ୟକ୍ଷଦର୍ଶୀ ଟ୍ରକ୍‌କୁ ଟେକା, ପଥରଫିଙ୍ଗିବା ପରେ ଡ୍ରାଇଭର ଗାଡ଼ି ଅଟକାଇଥିଲେ। ସେତେବେଳକୁ ଉଦିତ ଏବଂ ସାତ୍ତ୍ୱିକଙ୍କ ମୃତ୍ୟୁ ଘଟିସାରିଥିଲା। ସ୍ଥାନୀୟ ଲୋକେ ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ ମାରିବା ପରେ ପୋଲିସ ଜିମା ଦେଇଥିଲେ। ସ୍ଥାନୀୟ ପୋଲିସ ଟ୍ରକ୍‌ଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।




କିଭ୍‌କୁ ଯୁଦ୍ଧାସ୍ତ୍ର ଯୋଗାଣ ପ୍ରତିବାଦରେ ଜର୍ମାନୀ ସରକାରଙ୍କ ବିରୋଧରେ ବାମପନ୍ଥୀ ଡିଏ ଲିଙ୍କେ ପାର୍ଟି ପକ୍ଷରୁ ବର୍ଲିନରେ ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଛନ୍ତି।



ୟୁକ୍ରେନ୍ ଯୁଦ୍ଧର ବର୍ଷପୂର୍ତ୍ତି ଅବସରରେ ଜର୍ମାନୀର ବର୍ଲିନ୍‌ସ୍ଥିତ ବ୍ରାଣ୍ଡେନ୍‌ବର୍ଗ ଗେଟ୍‌ରେ ରୁଷିଆ ବିରୋଧରେ ବିକ୍ଷୋଭରତ ଜଣେ ଯୁବତୀ।

# ନୂଆ କଂଗ୍ରେସର ଅୟମାରମ୍ଭ



ମଲ୍ଲିକାର୍ଜୁନ ଖାର୍ଗେ

**ଦଳୀୟ ସମ୍ବିଧାନରେ ୮୫ ପରିବର୍ତ୍ତନ**

**ମହିଳା ଓ ଯୁବବର୍ଗଙ୍କ ପାଇଁ ୫୦% ପଦବୀ ସଂରକ୍ଷଣ**

ରାୟପୁର, ୨୬।୨

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ ଛତିଶଗଡ଼ର ରାୟପୁରରେ ଚାଲିଥିବା ଏଆଇସିସିର ୮୫ତମ ମହାଧିବେଶନ ରବିବାର ଶେଷ ହୋଇଛି। ଏହି ଅଧିବେଶନ ଅବସରରେ ଦଳୀୟ ସମ୍ବିଧାନରେ ୮୫ଟି ପରିବର୍ତ୍ତନ ଅଣାଯାଇଥିବାବେଳେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ, ଓବିସି, ମହିଳା ଓ ଯୁବବର୍ଗଙ୍କ ପାଇଁ କଂଗ୍ରେସ କାର୍ଯ୍ୟକାରୀ କମିଟି ସମେତ ସମସ୍ତ ଦଳୀୟ ପଦପଦବୀର ୫୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିବ। ଅନ୍ୟ ସଂଶୋଧନ ମଧ୍ୟରେ ରହିଛି କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ରେ ଦଳରୁ ପୂର୍ବତନ ପ୍ରଧାନମନ୍ତ୍ରୀ, ପୂର୍ବତନ ଏଆଇସିସି ଅଧ୍ୟକ୍ଷଙ୍କ ସମେତ ଲୋକ ସଭା ଏବଂ ରାଜ୍ୟ ସଭାରେ କଂଗ୍ରେସ ନେତାଙ୍କୁ ସାମିଲ କରାଯିବ। ୨୦୨୫ ଜାନୁୟାରୀ ୧ରୁ କଂଗ୍ରେସ କେବଳ ଡିଜିଟାଲ ସଦସ୍ୟତା ଆରମ୍ଭ କରିବ।

ଏହା ବ୍ୟତୀତ ମହାଧିବେଶନରେ ଦଳ ପକ୍ଷରୁ ରାଜନୈତିକ ସଂକଳ୍ପ ପ୍ରକାଶ ପାଇଛି। ଏଥିରେ ଘୃଣିତ ଅପରାଧ ବିରୋଧରେ ଆଇନ ଆଣିବା, ନିଶ୍ଚୟ ନାଗରିକ ଅଧିକାରଠାରୁ ମାଗଣା ସ୍ୱାସ୍ଥ୍ୟସେବା, ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇଦେବା ଆଦି ପ୍ରତିଶ୍ରୁତି ଦିଆଯାଇଛି। ସଂକଳ୍ପରେ କୁହାଯାଇଛି, ଚଳିତ ବର୍ଷ ୯ ରାଜ୍ୟରେ ବିଧାନସଭା ନିର୍ବାଚନ ଏବଂ ୨୦୨୪ରେ ଲୋକ ସଭା ନିର୍ବାଚନ ହେବାକୁ ଯାଉଛି। ଏଗୁଡ଼ିକ ଭାରତର ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ। ନୀତି ଆଦର୍ଶ ଆଧାରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ ପରାଜିତ କରିବାକୁ ହଲେ ବିରୋଧୀ ଦଳଗୁଡ଼ିକ ଏକାଠି ହେବା ଜରୁରୀ ଆବଶ୍ୟକତା। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ, ଜମ୍ମୁ-କଶ୍ମୀର, ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡର ସ୍ୱତନ୍ତ୍ର ବର୍ଗର ପାହ୍ୟା ବଜାୟ ରଖାଯିବ ବୋଲି କଂଗ୍ରେସ ଏହାର ସଂକଳ୍ପନାମାରେ କହିଛି। ରାଜନୈତିକ ବିରୋଧୀଙ୍କୁ ଧମକ ଦେବା ଓ ସେମାନଙ୍କ ସ୍ୱରକୁ ଚାପିଦେବା ପାଇଁ ଭାଜପା ନେତୃତ୍ୱାଧୀନ ସରକାର ଇଡି, ଏନ୍‌ଆଇଏ, ସିବିଆଇ ଏବଂ ଆୟକର ବିଭାଗ ଆଦି କେନ୍ଦ୍ରୀୟ ସଂସ୍ଥାର ଅପବ୍ୟବହାର କରୁଥିବାରୁ କଂଗ୍ରେସ ଏହାର କଡ଼ା ସମାଲୋଚନା କରିଛି।

କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ କହିଥିଲେ, ଦଳ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି, ଯାହାକୁ ଏହା ମୁକାବିଲା କରିପାରିବ। ଏଥିପାଇଁ ଏକତା, ଶୃଙ୍ଖଳା ଏବଂ ଦୃଢ଼ ସଂକଳ୍ପ ଆବଶ୍ୟକ। ଆମର ଶକ୍ତି ଦଳର ତାକତରେ ରହିଛି। ଉଦ୍‌ଯାପନୀ ଭାଷଣରେ ଖାର୍ଗେ କହିଥିଲେ, ଅଧିବେଶନ ଶେଷ ହୋଇପାରେ, କିନ୍ତୁ ଏହାର ନିଷ୍କର୍ଷଗୁଡ଼ିକ ନୂଆ କଂଗ୍ରେସର ଅୟମାରମ୍ଭ। ଜାତୀୟ ସ୍ତରରେ ଆମର ଆଚରଣ ସାରା ଦେଶର ପ୍ରତ୍ୟେକ ସ୍ତରରେ ଥିବା କୋଟି କୋଟି ଦଳୀୟ ସହକର୍ମୀମାନଙ୍କୁ ପ୍ରଭାବିତ କରିବ। ସମୟ ସହ ବହୁ କିଛି ବଦଳିଛି। ଲୋକମାନଙ୍କ ଆଶା ଆକାଂକ୍ଷାରେ ପରିବର୍ତ୍ତନ ହୋଇଛି, ନୂଆ ଚ୍ୟାଲେଞ୍ଜ ମୁଣ୍ଡ ଟେକିଛି। ଏଥିସହିତ ନୂଆ ଉପାୟ ମଧ୍ୟ ମିଳିଯାଇଛି ବୋଲି ଖାର୍ଗେ କହିଥିଲେ। ସେଥିପାଇଁ କୁହାଯାଉଛି, ରାଜନୀତି ଓ ସାମାଜିକ କାର୍ଯ୍ୟର କଦାପି ଅନ୍ତ ନାହିଁ। ଏହାକୁ ଆଗେଇ ନେବାକୁ ହେବ। ଆମର ବିଭିନ୍ନ ପିଢ଼ି ଉକ୍ତ ମାର୍ଗରେ ଚାଲୁଛନ୍ତି ଏବଂ ଭବିଷ୍ୟତରେ ତାହା ଜାରି ରଖିବେ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଥିଲେ।

## ପୂର୍ବରୁ ପଶ୍ଚିମ ଯାତ୍ରା କରିବ କଂଗ୍ରେସ

ନୂଆଦିଲ୍ଲୀ, ୨୬।୨

ଭାରତ ଯୋଡ଼ୋ ଯାତ୍ରାର ସଫଳତା ପରେ କଂଗ୍ରେସ ଏବେ ପୂର୍ବରୁ ପଶ୍ଚିମ ପଦଯାତ୍ରା କରିବା ଲାଗି ଯୋଜନା କରିଛି। ଏହି କ୍ରମରେ ଅରୁଣାଚଳପ୍ରଦେଶର ପାସିଘାଟରୁ ଗୁଜରାଟର ପୋରବନ୍ଦର ପର୍ଯ୍ୟନ୍ତ ପଦଯାତ୍ରା କରିବାକୁ ଦଳ ବିଚାର କରୁଛି। ତେବେ ଏହା ଭାରତ ଯୋଡ଼ୋ ଯାତ୍ରାଠାରୁ ଭିନ୍ନ ହେବ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ରବିବାର କହିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କନ୍ୟାକୁମାରୀରୁ କଶ୍ମୀର ଭାରତ ଯୋଡ଼ୋ ଯାତ୍ରାକୁ ସେ ତପସ୍ୟା ବୋଲି କହିଥିଲେ। ପୂର୍ବରୁ ପଶ୍ଚିମ ଯାତ୍ରାରେ ବହୁ ଜଙ୍ଗଲ ଏବଂ ନଦୀ ଅତିକ୍ରମ କରିବାକୁ ଥିବାରୁ ଏହା ଏକ ବହୁବିଧ ଯାତ୍ରା ହେବାକୁ ଥିବାବେଳେ ପଦଯାତ୍ରା ଏଥିରେ ମୁଖ୍ୟ ଭୂମିକା ନେବ ବୋଲି ଜୟରାମ କହିଛନ୍ତି। ଏପ୍ରିଲ ଓ ନଭେମ୍ବରରେ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ଥିବାରୁ ପଦଯାତ୍ରା ଜୁନ୍ ପୂର୍ବରୁ କିମ୍ବା ନଭେମ୍ବର ପୂର୍ବରୁ ଅନୁଷ୍ଠିତ ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି।

## ପିଏମ୍-କିଷାନ: ଆଜି ୧୬,୮୦୦ କୋଟି ପ୍ରଦାନ କରାଯିବ

ନୂଆଦିଲ୍ଲୀ, ୨୬।୨

ହୋଲି ଉତ୍ସବ ଏବଂ ରବି ଫସଲ ଅମଳ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ହିତାଧିକାରୀ ଚାଷୀମାନଙ୍କୁ ପିଏମ୍-କିଷାନ ଯୋଜନାର ତ୍ରୟୋଦଶ କିସ୍ତି ପ୍ରଦାନ କରିବାକୁ ଯାଉଛନ୍ତି। ଏହି କିସ୍ତିରେ ମୋଟ ୧୬,୮୦୦ କୋଟି ଟଙ୍କା ପ୍ରଦାନ କରାଯିବ ଏବଂ ୮ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ଚାଷୀ ଉପକୃତ ହେବେ। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ)ରେ ହିତାଧିକାରୀ ଚାଷୀମାନଙ୍କୁ ବାର୍ଷିକ ୬ ହଜାର ଟଙ୍କା ତିନୋଟି ସମାନ କିସ୍ତିରେ ପ୍ରଦାନ କରାଯାଇ ଆସୁଛି। ଏହି ଅର୍ଥ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଛି। ଉକ୍ତ ଯୋଜନା ୨୦୧୯ ଫେବୃୟାରୀରୁ ଆରମ୍ଭ ହୋଇଥିଲେ ହେଁ ୨୦୧୮ ଡିସେମ୍ବରରୁ କାର୍ଯ୍ୟକାରୀ ହୋଇଥିଲା। ପ୍ରଧାନମନ୍ତ୍ରୀ କର୍ଣ୍ଣାଟକର ବେଲାଗାଭିରେ ଆୟୋଜିତ କାର୍ଯ୍ୟକ୍ରମରେ ୧୩ତମ କିସ୍ତି କୃଷକମାନଙ୍କ ଖାତାକୁ ପଠାଇବେ ବୋଲି ଏକ ବିବୃତିରେ କୁହାଯାଇଛି।

## 'ପ୍ଲାଷ୍ଟିକ୍ ବଦଳରେ କନା ତିଆରି ବ୍ୟାଗ ବ୍ୟବହାର କରନ୍ତୁ'

**ମନ୍ କୀ ବାତ୍**

ନୂଆଦିଲ୍ଲୀ, ୨୬।୨

ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୯୮ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବା ଅବସରରେ ଦେଶବାସୀ ପ୍ଲାଷ୍ଟିକ୍ ବ୍ୟାଗ୍ ବର୍ଜନ କରି କନାରେ ତିଆରି ବ୍ୟାଗ୍ ବ୍ୟବହାର କରିବା କଥା କହିଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନ ଜନ ଭାଗୀଦାରିର ଅର୍ଥକୁ ବଦଳାଇ ଦେଇଛି। ହରିୟାଣାର ଦୁଲହେଦି ଗ୍ରାମର ଯୁବକୋଷ୍ଠୀଙ୍କ ଦ୍ୱାରା ଗଠିତ 'ସ୍ୱଚ୍ଛ ଇଭାମ ଜନସେବା ସମିତି' ସମ୍ପର୍କରେ ମୋଦି ମନ କୀ ବାତ୍‌ରେ କହିଛନ୍ତି। ସମିତିର ସଦସ୍ୟ ପ୍ରତିଦିନ ଭୋର ୪ଟା ବେଳେ ଭିୱାନି ସହରର ବିଭିନ୍ନ ଅଞ୍ଚଳ ବୁଲି ସଫେଇ କରୁଛନ୍ତି। ଅନ୍ୟପକ୍ଷେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲୋକପ୍ରିୟତା ଖାଲି ଦେଶରେ ନୁହେଁ ବରଂ ଦେଶ ବାହାରେ ବଢ଼ିଛି। ଏହି ଅବସରରେ ମୋଦି ହୋଲି ପର୍ବ ପାଇଁ ଦେଶବାସୀଙ୍କୁ ଆଗୁଆ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ପର୍ବ ପାଳନକୁ ନେଇ ନିଜ ଅଭିଜ୍ଞତା ବିଷୟରେ ଜଣାଇବାକୁ ମଧ୍ୟ ସେ ଏହି ରେଡିଓ ବାର୍ତ୍ତା କାର୍ଯ୍ୟକ୍ରମ ଜରିଆରେ କହିଛନ୍ତି।

## ନାଗରିକଙ୍କ ଧନଜୀବନ ରକ୍ଷା ରାଷ୍ଟ୍ରର ପରମ କର୍ତ୍ତବ୍ୟ

ନୂଆଦିଲ୍ଲୀ, ୨୬।୨(ପି.ଟି.)

ସବୁ ସମୟରେ ନାଗରିକ ଓ ଅନ୍ୟମାନଙ୍କ ଧନଜୀବନର ସୁରକ୍ଷାକୁ ସୁନିଶ୍ଚିତ କରାଇବା ରାଷ୍ଟ୍ରର ପରମ କର୍ତ୍ତବ୍ୟ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ହରିୟାଣାର ଝାଜ୍ଜର କୋର୍ଟରେ ଥିବା ଏକ ମାମଲାକୁ ଦିଲ୍ଲୀ ଅଦାଲତକୁ ସ୍ଥାନାନ୍ତର ପାଇଁ ହୋଇଥିବା ଆବେଦନର ଶୁଣାଣି ବେଳେ ଜଷ୍ଟିସ କେ.ଏମ୍. ଜୋସେଫ ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଯେକୌଣସି ବ୍ୟକ୍ତିଙ୍କ ହାତରେ ପ୍ରତ୍ୟେକ ଉଦ୍ୟମ ସଫଳ ହେଲେ ଫୌଜଦାରୀ ଆଇନର ପ୍ରଭାବ ଦୁର୍ବଳ ହୋଇଯିବ ବୋଲି ଖଣ୍ଡପୀଠ କହିଥିଲେ। ସରକାରୀ ନିଯୁକ୍ତି ଏବଂ ଶିକ୍ଷାନୁଷ୍ଠାନରେ ସ୍ଥାନ ସଂରକ୍ଷଣ ଦାବି ନେଇ ଜାଟ୍ ସମ୍ପ୍ରଦାୟ ୨୦୧୬ରେ ହିଂସାତ୍ମକ ଆନ୍ଦୋଳନ ଚଳାଇଥିବାବେଳେ ଝାଜ୍ଜର ସମ୍ପ୍ରଦାୟର ବହୁ ଘରଦ୍ୱାର ଓ ସମ୍ପତ୍ତି ପୋଡ଼ିହୋଇ ନଷ୍ଟ ହୋଇଥିଲା। ଉକ୍ତ ମାମଲାକୁ ନୂଆଦିଲ୍ଲୀ ସ୍ଥାନାନ୍ତର ପାଇଁ ଝାଜ୍ଜର ସମ୍ପ୍ରଦାୟର ୩୮ ଜଣ ଆବେଦନ କରିଥିଲେ। ବାର୍ ଅଧ୍ୟକ୍ଷ ଥିବା ଜଣେ ପ୍ରଭାବଶାଳୀ ଆଇନଜୀବୀଙ୍କ ପାଇଁ ମାମଲା ପ୍ରଭାବିତ ହେଉଥିବା ଆବେଦନକାରୀ ଦର୍ଶାଇଥିଲେ। ତେବେ ୪୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିବାରୁ ମାମଲା ସ୍ଥାନାନ୍ତର କରିବାକୁ ଖଣ୍ଡପୀଠ ମନା କରିଦେଇଥିଲେ। ତେବେ ମାମଲା ଉପରେ କେତେକ ଟିପ୍ପଣୀ ଓ ନିର୍ଦ୍ଦେଶନାମାର ଆବଶ୍ୟକତା ରହିଥିବା କହିଥିଲେ।

## ଶହେ ରୋବୋଙ୍କୁ ବିଦାକଲା ଗୁଗଲ

ସାନ୍ ଫ୍ରାନ୍ସିସ୍କୋ, ୨୬।୨




ବିଶ୍ୱର ବହୁ ଆଇଟି କମ୍ପାନୀ କର୍ମଚାରୀ ଛଟେଇ ଅଭିଯାନ ଚଳାଇଛନ୍ତି। ଗୁଗଲ ଏଥିରୁ ବାଦ୍ ପଡିନାହିଁ। ପାଖାପାଖି ୧୨,୦୦୦ କର୍ମଚାରୀଙ୍କୁ ବାହାର କରିବା ପରେ ଗୁଗଲ ଏବେ ୧୦୦ ରୋବୋଙ୍କୁ ଚାକିରିରୁ ବିଦା କରିଛି। ଏହି ରୋବୋ ଗୁଗଲର କାଫେଟେରିଆ ସଫେଇ କାର୍ଯ୍ୟରେ ନିୟୋଜିତ ଥିଲେ। କମ୍ପାନୀର ଏକ୍ସପେରିମେଣ୍ଟାଲ 'ଏକ୍ସ' ଲାବରେଟୋରି ବନ୍ଦ ହେବା ପରେ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି।

ପାଖାପାଖି ୧୦୦ ୱାନ୍ ଆର୍ମ ୱିଲ୍ଡ ରୋବୋଙ୍କୁ କାର୍ଯ୍ୟ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଗୁଗଲର କାଫେଟେରିଆରେ ଏହି ରୋବୋଙ୍କୁ ନିୟୋଜିତ କରାଯାଇଥିଲା। ଟେବୁଲ ସଫା କରିବା, ଅଳିଆ ସବୁକୁ ଅଲଗା କରିବା ଏବଂ ଏହାର ପୁନଃଚକ୍ରଣ କରିବା ସହ କୋଭିଡ୍ ସମୟରେ କନ୍‌ଫରେନ୍ସ ହଲ୍‌ର ଦେଖାରଖା ରୋବୋଙ୍କ ଦ୍ୱାରା କରାଯାଉଥିଲା। କିଛିବର୍ଷ ହେବ ପ୍ରଶିକ୍ଷଣ କ୍ଷେତ୍ରରେ ଉନ୍ନତି ଆଣିବା ଲକ୍ଷ୍ୟରେ ଗୁଗଲର ପ୍ୟାରେଣ୍ଟ କମ୍ପାନୀ ଆଲ୍‌ଫାବେଟ୍ ଇଣ୍ଟିଗ୍ରେଟେଡ୍ ହାର୍ଡୱେର ଏବଂ ସଫ୍ଟୱେର ସିଷ୍ଟମ ଡେଭଲପ କରିଛି। ରୋବୋଙ୍କୁ ନେଇ ଅନେକ ଦେଶର ବୈଜ୍ଞାନିକଙ୍କ ଅଧ୍ୟୟନ ଓ ଗବେଷଣା ଜାରି ରହିଛି।

## ଫ୍ରିଜ୍‌ରୁ ମିଳିଲା ମଡେଲଙ୍କ ଗୋଡ଼

■ହତ୍ୟା ଅଭିଯୋଗରେ ୪ ଗିରଫ

■ମୁଣ୍ଡ ଖୋଜୁଛି ପୋଲିସ

ହଂକଂ, ୨୬।୨



ନିଖୋଜ ଥିବା ହଂକଂ ମଡେଲ ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଆବୀ ଚୋଇଙ୍କ କଟା ଗୋଡ଼ ଟୁରାଲ ଟାଇ ପୋ'ରେ ଥିବା ଘର ଫ୍ରିଜ୍‌ରୁ ରବିବାର ପୋଲିସ ଜବତ କରିଛି। ମଡେଲଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରିଥିବାବେଳେ ୩ ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ୨୮ ବର୍ଷୀୟା ଆବୀଙ୍କ ହତ୍ୟାରେ ପୂର୍ବତନ ସ୍ୱାମୀ ଆଲେକ୍ସ କୱୋଙ୍ଗ ଓ ଶାଶୁଙ୍କ ସମ୍ପୃକ୍ତି ନେଇ ପୋଲିସ ଗିରଫ କରିଛି। ଶରୀରର କଟା ଅଙ୍ଗ ସାଙ୍ଗକୁ ଏଥିରେ ବ୍ୟବହାର ହୋଇଥିବା ଉପକରଣ ସବୁକୁ ପୋଲିସ ଜବତ କରିଥିବା କହିଛି। ଡ୍ରୋନ୍ ସାହାଯ୍ୟରେ ଆବୀଙ୍କ ମୁଣ୍ଡ ଓ ଅନ୍ୟ ଅଙ୍ଗ ପୋଲିସ ଖୋଜିବା ଆରମ୍ଭ କରିଛି। ଏଲ୍' ଅଫିସିଆଲ ମୋନାକୋ ଫ୍ୟାଶନ୍ ମାଗାଜିନ୍‌ର ଡିଜିଟାଲ କଭରରେ ଆବୀଙ୍କୁ ନିକଟରେ ଦେଖାଯାଇଥିଲା। ମଙ୍ଗଳବାର ତାଙ୍କୁ ଶେଷଥର ପାଇଁ ଟାଇ ପୋ'ରେ ଦେଖାଯାଇଥିବା ପୋଲିସ କହିଛି।

## କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟାକଲେ ଆତଙ୍କବାଦୀ

ଶ୍ରୀନଗର, ୨୬।୨

ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଆତଙ୍କବାଦୀମାନେ ରବିବାର କଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ମୃତ ସଞ୍ଜୟ ଶର୍ମା (୪୦) ଏଟିଏମ୍‌ରେ ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ପୁଲ୍‌ୱାମାର ଅଚନ ଅଞ୍ଚଳରେ। ସେ ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ବଜାରକୁ ଯାଉଥିବାବେଳେ ଆତଙ୍କବାଦୀମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିଲେ



ମୃତ ସଞ୍ଜୟ ଶର୍ମା

ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି (ଡିପିଏପି)ର ଅଧ୍ୟକ୍ଷ ଗୁଲାମ ନବୀ ଆଜାଦ୍ ଏହି ହତ୍ୟାକାଣ୍ଡକୁ ନିନ୍ଦା କରିଛନ୍ତି। ଟାର୍ଗେଟ କିଲିଂ ଗମ୍ଭୀର ଚିନ୍ତାର ବିଷୟ ବୋଲି ଆଜାଦ୍ କହିଛନ୍ତି। କଶ୍ମୀରୀ ପଣ୍ଡିତ ହୁଅନ୍ତୁ କି ମୁସଲମାନ କିମ୍ବା ଶିଖ୍; ପ୍ରତ୍ୟେକ ଟାର୍ଗେଟ କିଲିଂ ନିନ୍ଦନୀୟ ଘଟଣା। ଗତ ୩୦ ବର୍ଷ ମଧ୍ୟରେ ଏଭଳି ଅପରାଧ ଘଟଣାରେ ଅନେକ ଗିରଫ ହୋଇଛନ୍ତି। କିନ୍ତୁ ଗତ ଦୁଇବର୍ଷରେ ଟାର୍ଗେଟ କିଲିଂରେ ସମ୍ପୃକ୍ତ ଜଣେ ହେଲେ ଅପରାଧୀଙ୍କୁ ଗିରଫ କରାଯାଇ ନାହିଁ। ତେଣୁ ଜମ୍ମୁ-କଶ୍ମୀରରେ ଆତଙ୍କବାଦ ହ୍ରାସ ପାଇଥିବାର ବାସ୍ତବତାକୁ ନେଇ ଆଜାଦ ପ୍ରଶ୍ନ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଏବଂ ଓମାର ଅବଦୁଲ୍ଲାଙ୍କ ସମେତ କଶ୍ମୀରୀ ପଣ୍ଡିତ ସଂଘର୍ଷ ସମିତି ମଧ୍ୟ ସଞ୍ଜୟଙ୍କୁ ହତ୍ୟା ଘଟଣାକୁ ନିନ୍ଦା କରିଛନ୍ତି।

**ଟାର୍ଗେଟ କିଲିଂ ଗମ୍ଭୀର ଚିନ୍ତାର ବିଷୟ: ଆଜାଦ୍**

## ନୂଆ ନିଯୁକ୍ତି ଦେଉଛି ଏୟାର ଇଣ୍ଡିଆ

ନୂଆଦିଲ୍ଲୀ:ଗତ କିଛି ମାସ ହେବ ସବୁ ବର୍ଗର କମ୍ପାନୀ ଛଟେଇ କରୁଛନ୍ତି। ହେଲେ ବର୍ତ୍ତମାନ ଏୟାର ଇଣ୍ଡିଆ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ୫୦୦୦ରୁ ଅଧିକ ନୂଆ ନିଯୁକ୍ତି ଦେବ ବୋଲି ଜଣାପଡିଛି। ବିଶେଷ କରି କମ୍ପାନୀ ନୂଆ ବିମାନ କିଣିବାକୁ ଯାଉଥିବାରୁ ସେଥିପାଇଁ କେବିନ କ୍ରୁ ଏବଂ ପାଇଲଟ ନିଯୁକ୍ତି ଦେବ। ନିକଟରେ କମ୍ପାନୀ ଏୟାରବସ ଏବଂ ବୋଇଂ ଠାରୁ ୪୭୦ଟି ବିମାନ କିଣିବା ପାଇଁ ରାଜିନାମା କରିଛି। ଗତବର୍ଷ ଏପ୍ରିଲରୁ ବର୍ତ୍ତମାନ ସୁଦ୍ଧା କମ୍ପାନୀ ପ୍ରାୟ ୨୦୦୦ କେବିନ କ୍ରୁ ଏବଂ ୩୦୦ ପାଇଲଟଙ୍କୁ ନିଯୁକ୍ତି ଦେଇଛି।




ବିଏନ୍ଆଇ କଟକ ପକ୍ଷରୁ କଟକ ବାଲିଯାତ୍ରା ପଡ଼ିଆଠାରେ ଏକ ସ୍ୱତନ୍ତ୍ର କାର୍ ରାଲିର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜେକେ ଟାୟାର ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଭାବେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ଅବସରରେ ମାଲାଗୋଦାମ ଥାନା ଆଇଆଇସିଙ୍କ ସମେତ ବିଏନ୍ଆଇ କଟକ ଏବଂ ଜେକେ ଟାୟାରର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଅଂଶ କରି ରାଲିର ମଜା ଉଠାଉଛନ୍ତି।

## ଏଲ୍‌ଜି ରେଫ୍ରିଜରେଟରରେ ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ,୨୬।୨

ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆର ସାଇଡ୍ ବାଏ ସାଇଡ ରେଫ୍ରିଜରେଟରର ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଆରମ୍ଭ କରାଯାଇଛି। ଏପରିକି ଚଳିତମାସ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଫର ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଉପଲବ୍ଧ ହେବ। କମ୍ପାନୀ ଉକ୍ତ ରେଫ୍ରିଜରେଟର କିଣୁଥିବା ଗ୍ରାହକଙ୍କ ପାଇଁ ୫ ତାରକା ହୋଟେଲରେ ଗୋଟିଏ ରାତି ରହଣି ସହ ଟାଇମ୍ସ ପ୍ରାଇମ ଏକ୍ସକ୍ଲୁସିଭ ମେମ୍ବରଶିପ ପ୍ରୋଗ୍ରାମର ସୁବିଧା ମିଳିବ। ବିଶେଷ କରି ଟାଇମ୍ସ ପ୍ରାଇମଟାଇମ ମେମ୍ବରଶିପରେ ୬୦ରୁ ଅଧିକ ବ୍ରାଣ୍ଡ୍ ସୁବିଧା ରହିଛି। ଏହାର ଗ୍ରାହକମାନେ ଓଟିଟି ସବସ୍କ୍ରିପସନ ସହ ସପିଂ ଭାଉଚର, ଖାଦ୍ୟ ଓ ପାନୀୟ ଭାଉଚର, ଡାଇନିଂ ଭାଉଚର, ହେଲ୍‌ଥ ଏବଂ ଫିଟନେସ୍ ଭାଉଚର, ଟ୍ରାଭେଲ ଏବଂ ହସ୍ପିଟାଲିଟି ଭାଉଚର ସମେତ ଅନ୍ୟାନ୍ୟ ସୁବିଧା ପାଇପାରିବେ।

## 'ବ୍ୟାଙ୍କିଙ୍ଗ୍ ସିଷ୍ଟମ୍‌ର ସାମ୍ପ୍ରତିକ ପରିବର୍ତ୍ତନ'




ଭୁବନେଶ୍ୱର,୨୬।୨

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ଅଫିସର୍ସ ଆସୋସିଏଶନ୍ ଓଡ଼ିଶା ୟୁନିଟ୍‌ର ୪୨ତମ ବାର୍ଷିକ ବୈଠକ ରବିବାର ସ୍ଥାନୀୟ ରେଳ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫେଡେରେଶନ୍ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ କମ୍ରେଡ୍ ସୁନୀଲ କୁମାର, ସଭାପତି କମ୍ରେଡ୍ ନିଲେଶ ପାୱାର, ଚେୟାରମ୍ୟାନ୍ କମ୍ରେଡ୍ ସଞ୍ଜୟ ଦାସ, ଉପଦେଷ୍ଟା କମ୍ରେଡ୍ ସୁନୀଲ ଲାକ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ବିଓଆଇ ଏନ୍‌ବିଜି ଓଡିଶାର ପ୍ରଥମ ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ରଙ୍କ ସମେତ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ମଳୟ ଦାସ, ୟୁ.କେ. ରଥ, ଅରବିନ୍ଦ ମିଶ୍ର ଏବଂ ଆର୍.ସି.ଦାସ ପ୍ରମୁଖ ଉକ୍ତ ବୈଠକରେ ଉପସ୍ଥିତ ଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ ଓଡ଼ିଶା ୟୁନିଟ୍‌ର ସଭାପତି କମ୍ରେଡ୍ ସ୍ମୃତିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ କମ୍ରେଡ୍ କମଳଜିତ୍ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ବିଶେଷ କରି ଫେଡେରେଶନ୍‌ର ଲିଡର ଏବଂ କାର୍ଯ୍ୟନିର୍ବାହୀମାନେ ବ୍ୟାଙ୍କିଙ୍ଗ୍ ସିଷ୍ଟମ୍‌ର ସାମ୍ପ୍ରତିକ ପରିବର୍ତ୍ତନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନୂତନ ଟେକ୍ନୋଲୋଜିର ବ୍ୟବହାର ଉପରେ ମଧ୍ୟ ଅଧିକାରୀ ଓ ଅତିଥିମାନେ ବିସ୍ତୃତ ଆଲୋଚନା କରିଥିଲେ। ସେମାନେ ମଧ୍ୟ ବ୍ୟାଙ୍କ ଘରୋଇକରଣର ବିପଦ, ଘରୋଇ ସମ୍ପତ୍ତି ବିକ୍ରୟ ଏବଂ ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରିରେ କର୍ମଚାରୀଙ୍କ ସୁରକ୍ଷା ସମ୍ପର୍କରେ ସଦସ୍ୟମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ପରିଶେଷରେ ସମସ୍ତ ଲିଡର ସଦସ୍ୟମାନଙ୍କୁ ବ୍ୟାଙ୍କ ଓ ଏହାର କାର୍ଯ୍ୟକାରିତା ପ୍ରତି ଶୃଙ୍ଖଳିତ ରହିବାକୁ ଆହ୍ୱାନ କରିଥିଲେ।

## ଟିପିସିଓଡିଏଲ୍‌ର ସ୍ୱତନ୍ତ୍ର ସ୍କିମ୍

ଭୁବନେଶ୍ୱର,୨୬।୨

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ସ୍କିମ୍‌ର ଶୁଭାରମ୍ଭ କରାଯାଇଛି। ବିଶେଷ କରି ବିଦ୍ୟୁତ୍ ଚୋରି ଅଭିଯୋଗରେ ଯେଉଁମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି, ସେମାନଙ୍କ ପାଇଁ ଚୋରି ମୂଲ୍ୟାଙ୍କନ ଦେୟର ଫଇସଲା କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ଏଭଳି ଏକ ଯୋଜନା ଆରମ୍ଭ ହୋଇଛି। ଏହି ସ୍ୱତନ୍ତ୍ର ସ୍କିମ୍ ଜରିଆରେ କମ୍ପାନୀ ପକ୍ଷରୁ ବିଦ୍ୟୁତ୍ ବିଲ୍ ଉପରେ ସ୍ୱାଭାବିକତାଠାରୁ ଅଧିକ ରିହାତି ପ୍ରଦାନ କରାଯାଉଛି। ଯାହା ଚଳିତ ବର୍ଷ ଫେବୃୟାରୀ ଓ ମାର୍ଚ୍ଚ ପାଇଁ ବୈଧ ରହିବ। ମୂଲ୍ୟାଙ୍କନ ହୋଇଥିବା ଖିଲାପକାରୀମାନଙ୍କୁ ନିକଟସ୍ଥ ବିଦ୍ୟୁତ୍ ସବ୍-ଡିଭିଜନ ଅଫିସକୁ ଯିବାକୁ ପଡ଼ିବ ଏବଂ ସେମାନଙ୍କ ବକେୟା ଦେୟକୁ ନିୟମିତ କରିବାକୁ ପଡ଼ିବ। ଯଦି ଏହି ଗ୍ରାହକମାନେ ଚୋରି ଜନିତ ଜରିମାନା ଦେବେ ନାହିଁ ଓ ନୂଆ ସଂଯୋଗ ପାଇଁ ଆଇନଗତ ପନ୍ଥା ଗ୍ରହଣ କରିବେ ନାହିଁ ତେବେ ଭାରତୀୟ ବିଦ୍ୟୁତ୍ ନିୟମ ୨୦୦୩ର ଧାରା ୧୩୫ରେ ଟିପିସିଓଡିଏଲ୍ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍.ସେନ୍‌ବାଗମ କହିଛନ୍ତି, ଏକ ଦାୟିତ୍ୱବାନ ବିଦ୍ୟୁତ୍ ୟୁଟିଲିଟି ଭାବେ ଆମ ଗ୍ରାହମାନଙ୍କ ଉପରେ ବିଦ୍ୟୁତ୍ ଚୋରି ଜନିତ ଖର୍ଚ୍ଚର ବୋଝ ଯେଭଳି ନପଡ଼ିବ ତାହା ନିଶ୍ଚିତ କରିବା ହେଉଛି ଆମର ଦାୟିତ୍ୱ। ଏହି ସ୍ୱତନ୍ତ୍ର ସ୍କିମ୍ ଜରିଆରେ ବକେୟା ଦେୟକୁ ନିୟମିତ କରିବା ଏବଂ ଏକ ନୂଆ ସଂଯୋଗ ନେବାର ସୁଯୋଗ ପ୍ରଦାନ କରୁଛି। ସେହିଭଳି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଲାଗି ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି, ଏପରିକି ବିଦ୍ୟୁତ୍ ଚୋରିକୁ ହ୍ରାସ କରିବା ଏବଂ ଗୁଣାତ୍ମକ ଓ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣରେ ଉନ୍ନତି ଆଣିବା ଲାଗି ସବୁ ପ୍ରକାର ଉଦ୍ୟମ କରୁଛି ବୋଲି ସେନ୍‌ବାଗମ ମତବ୍ୟକ୍ତ କରିଛନ୍ତି।

## ପରିବାର-କର୍ମକ୍ଷେତ୍ର ମଧ୍ୟରେ ସମତୁଲ ଆବଶ୍ୟକ

ଭୁବନେଶ୍ୱର,୨୬।୨

ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଧିକାରୀ ସଂଘ ଓଡ଼ିଶା ସର୍କଲର ବାର୍ଷିକ ସାଧାରଣ ସଭା ରବିବାର ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଓଡ଼ିଶାର କୋଣ ଅନୁକୋଣରୁ ପ୍ରାୟ ୨୦୦୦ରୁ ଅଧିକ ଷ୍ଟେଟ ବ୍ୟାଙ୍କ ଅଧିକାରୀ ଯୋଗଦାନ କରିଥିଲେ। ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସଂଘର ସାଧାରଣ ସଭାପତି ତଥା ଏଆଇବିଓସିର ସାଧାରଣ ସମ୍ପାଦକ ରୂପମ ରାୟ, ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ତଥା ୟୁଏଫ୍‌ବିୟୁ ଓଡ଼ିଶାର ଆବାହକ ଆର.ପି.ଦାସଙ୍କ ସମେତ ଷ୍ଟେଟ ବ୍ୟାଙ୍କର ସମସ୍ତ ମଣ୍ଡଳର ଅଧିକାରୀ ସଂଘର ସଭାପତି ଓ ସାଧାରଣ ସମ୍ପାଦକମାନେ ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।



ଷ୍ଟେଟ ବ୍ୟାଙ୍କ ଅଧିକାରୀ ସଂଘ ଭୁବନେଶ୍ୱର ମଣ୍ଡଳର ବାର୍ଷିକ ସାଧାରଣ ସଭାର ଉଦ୍‌ଘାଟନୀ ଅବସରରେ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଅଧିକାରୀ ସଂଘର ସାଧାରଣ ସମ୍ପାଦକ ଅରୁଣ କୁମାର ବିଶୋୟୀ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ରାଜ୍ୟରେ ସଂଘର ବଳିଷ୍ଠ ନେତୃତ୍ୱ ପାଇଁ ସମସ୍ତ ସଦସ୍ୟ ସହୃଦୟ ସହଯୋଗ ବଜାୟ ରଖିଥିବାରୁ ବିଶୋୟୀ ପ୍ରଶଂସା କରିଥିଲେ। ଏପରିକି ଜୀବନରେ ପରିବାର ଓ କର୍ମକ୍ଷେତ୍ର ମଧ୍ୟରେ ସମତୁଲ ରଖିବା ପାଇଁ ବିଶୋୟୀ ଉପସ୍ଥିତ ଅଧିକାରୀ ଓ ଅତିଥିମାନଙ୍କୁ ପ୍ରେରଣା ଦେଇଥିଲେ। ବିଶେଷ କରି ଅଧିକାରୀମାନଙ୍କ ସମସ୍ୟାକୁ ସୁଚାରୁ ଭାବେ ସମାଧାନ କରିଥିବାରୁ ସେ ମଣ୍ଡଳ ପ୍ରବନ୍ଧନ ସମିତି ସଭ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିଭଳି ଉକ୍ତ ଅଧିବେଶନରେ ଷ୍ଟେଟ ବ୍ୟାଙ୍କ ଅଧିକାରୀ ସଂଘ ଭୁବନେଶ୍ୱର ମଣ୍ଡଳର ସଭାପତି ଅମିତାଭ ଦାସ ସଭାପତିତ୍ୱ କରିଥିଲେ। ସଭା ଶେଷରେ ସଂଘର ଆନୁଷ୍ଠାନିକ ସମ୍ପାଦକ ସଦାଶିବ ବିଶି ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## ଜୀବିକା ପ୍ରଶିକ୍ଷଣ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୬।୨

ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍‌ଏଫ୍) ସହଯୋଗରେ ସୁବର୍ଣ୍ଣରେଖା ବନ୍ଦର ପ୍ରାଇଭେଟ୍ ଲିମିଟେଡ୍(ଏସ୍‌ପିପିଏଲ୍) ବାଲେଶ୍ୱର ଜିଲାର ବାଲିଆପାଳର ଡଗରା ଗ୍ରାମ ପଞ୍ଚାୟତରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଦସ୍ୟଙ୍କ ପାଇଁ ସବାଇ ଘାସ ହସ୍ତତନ୍ତ ସାମଗ୍ରୀ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି,ଏସ୍‌ପିପିଏଲ୍‌ର ପ୍ରଶାନିକ ବିଭାଗର ବରିଷ୍ଠ ଡିଭିଜନାଲ ମ୍ୟାନେଜର ପ୍ରମୋଦ କୁମାର ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେଶନର ଅଧିକାରୀ ପ୍ରମୋଦ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ୨ମାସର ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ୨ଜଣ ସରକାରୀ ସାର୍ଟିଫାଏଡ୍ ଟ୍ରେନରଙ୍କ ଦ୍ୱାରା ଟ୍ରେନିଂ ଅଫ୍ ଟ୍ରେନର ମଡେଲରେ ଶିକ୍ଷାଦାନ କରାଯିବ। ଏପରିକି ଉକ୍ତ କାର୍ଯ୍ୟକ୍ରମଟି ସବାଇଘାସ ହସ୍ତତନ୍ତ ସାମଗ୍ରୀ କାରବାର କରୁଥିବା ଅନ୍ୟ ଏସ୍‌ଏଚ୍‌ଜିମାନଙ୍କୁ ତାଲିମ ଦେବା ପାଇଁ ଏହା ବେଶ୍ ସହାୟକ ହେବ। କାରଣ ଏହା ଜରିଆରେ ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ଦକ୍ଷତା ବୃଦ୍ଧି କରିବାକୁ ଉଭୟ ସରକାର ଓ କମ୍ପାନୀ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି। ସେହିଭଳି ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡ଼ିକର ଗୁଣବତ୍ତା ଏବଂ ପରିମାଣ ବୃଦ୍ଧି କରିବା ସହ ତାଲିମ ପ୍ରୋଗ୍ରାମ ବେଶ୍ ଉପଯୋଗୀ ହେବ।

ଫୁର୍‌ସତ୍

## ଡିଜ୍‌ନୀ ଲ୍ୟାଣ୍ଡରେ ୨୯୯୫ ଦିନ ବୁଲି ରେକର୍ଡ

ୱାଶିଂଟନ୍

କେବେ ଏପରି ଲୋକଙ୍କୁ ଭେଟିଛନ୍ତି, ଯିଏ ସବୁବେଳେ ଖୁସି ରହୁଥିବେ। ଆମେରିକାର କାଲିଫର୍ନିଆରେ ରହୁଥିବା ଜଣେ ଲୋକ ଅଛନ୍ତି, ଯିଏ କି ସବୁବେଳେ ଖୁସି ରହିଥାନ୍ତି। ଏଥିସହ ସେ ଏକ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ମଧ୍ୟ ନିଜ ନାମ ଲେଖାଇଛନ୍ତି। ଜେଫ୍ ରିଡେଜ୍ ୨୯୯୫ ଦିନ ପର୍ଯ୍ୟନ୍ତ ଡିଜ୍‌ନୀ ଲ୍ୟାଣ୍ଡ ଯାତ୍ରା କରି ଗିନିଜ୍ ରେକର୍ଡ କରିଛନ୍ତି। ରିଡେଜ୍ ଜଣେ ଅବସରପ୍ରାପ୍ତ ଆର୍ମି ଅଫିସର। ତାଙ୍କ ପାଖରେ ଡିଜ୍‌ନୀ ଲ୍ୟାଣ୍ଡ ପାଇଁ ବାର୍ଷିକ ପାସ୍ ରହିଥିଲା। ସେ ତାଙ୍କ ଅବସର ଜୀବନରେ ଖୁସି ରହିବାକୁ ୨୦୧୨ ଜାନୁୟାରୀରୁ ଦୁନିଆର ସବୁଠାରୁ ଖୁସିର ସ୍ଥାନ କୁହାଯାଉଥିବା ସ୍ଥାନ ଡିଜ୍‌ନୀ ଲ୍ୟାଣ୍ଡ ଯିବା ଆରମ୍ଭ କରିଥିଲେ। ପରେ ସେ ସେହି ସ୍ଥାନର ମ୍ୟାଜିକାଲ ପାର୍କକୁ ସବୁଦିନେ ଯିବାକୁ ଲାଗିଲେ। ବେଳେବେଳେ ସେ ମଧ୍ୟ ସେହି ପାର୍କରେ ରାତି ବିତାଉଥିଲେ। ତାଙ୍କର ଏପରି ଡିଜ୍‌ନୀ ଲ୍ୟାଣ୍ଡ ଯିବା ଫଳରେ ସେ ଗିନିଜ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଏହି ରେକର୍ଡକୁ ନେଇ ବହୁତ ଖୁସିଥିବା କହିଛନ୍ତି। ରିପୋର୍ଟ ମୁତାବକ, ଏହି ୧୦ ବର୍ଷ ମଧ୍ୟରେ ସେ ସବୁଠାରୁ ଖୁସିରେ ରହୁଥିବା ବ୍ୟକ୍ତି ଭାବେ ରେକର୍ଡ ହାସଲ କରିଛନ୍ତି।




## ହେରାଫେରି-୪ରେ ସଞ୍ଜୟ୍

ମୁମ୍ବାଇ: ଫିଲ୍ମ 'ହେରାଫେରି'ରେ ଲୋକପ୍ରିୟ ଚରିତ୍ର ଅକ୍ଷୟ କୁମାର, ସୁନୀଲ ଶେଟ୍ଟୀ ଏବଂ ପରେଶ ରାୱଲ କମେଡି ଜରିଆରେ ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି। ଲୋକେ ସେଥିରେ ହସି ହସି ବେଦମ୍ ହୋଇଥାନ୍ତି। ନିକଟରେ ଫିଲ୍ମର ପ୍ରମୋ ଭିଡିଓ ଶୁଟ୍ କରାଯାଇଥିଲା। ଏଥିପାଇଁ ଦର୍ଶକଙ୍କ ହେରାଫେରି-୪କୁ ନେଇ ଉତ୍କଣ୍ଠା ବଢ଼ିଛି। ତେବେ ଏଥିରେ ଭିଲେନ୍ ଚରିତ୍ରରେ ସଞ୍ଜୟ ଦତ୍ତଙ୍କୁ ଦେଖିବାକୁ ମିଳିବ ବୋଲି ଜଣାପଡ଼ିଛି। ରିପୋର୍ଟ ମୁତାବକ, ସଞ୍ଜୟ ଏହି ଫିଲ୍ମରେ ଭିଲେନ୍ ଭୂମିକା ପାଇଁ ଦସ୍ତଖତ କରିଛନ୍ତି। ଏହି ୩ ଅଭିନେତାଙ୍କ ସହ ସଞ୍ଜୟଙ୍କ ଯୋଡିକୁ ଦେଖିବାକୁ ଲୋକେ ଅପେକ୍ଷା କରି ରହିଛନ୍ତି। ସଞ୍ଜୟ ବହୁତ କମେଡି କରିଥାନ୍ତି। ହେଲେ ଏଥିରେ ସଞ୍ଜୟ ଅଲଗା ଭୂମିକାରେ ନଜରକୁ ଆସୁଛନ୍ତି। ନିର୍ଦ୍ଦେଶକ ଫର୍‌ହାଦ୍ ସମ୍‌ଜିଙ୍କ ଏହି ଫିଲ୍ମ ଉକ୍ତ ୪ ଅଭିନେତାଙ୍କ ପାଇଁ ସୁପରହିଟ୍ ହେବ ବୋଲି ନିର୍ଦ୍ଦେଶକ ଆଶା କରିଛନ୍ତି। ଏଥିସହ ଅଭିନେତା ଅର୍ଶଦ ୱାର୍ସିଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ତେବେ ଏହି ଫିଲ୍ମର ଶୁଟିଂ ଆସନ୍ତା ୩ ମାସ ମଧ୍ୟରେ ଆରମ୍ଭ ହେବ। ମୁମ୍ବାଇ ସମେତ ବିଦେଶରେ ମଧ୍ୟ ଫିଲ୍ମର ଶୁଟିଂ କରାଯିବ। ସଞ୍ଜୟଙ୍କୁ ନିକଟରେ ଚଳଚ୍ଚିତ୍ର ଭୁଜ୍, ସମ୍‌ସେରା, ପାନିପଥ୍, କେଜିଏଫ୍-୨ରେ ଦେଖିବାକୁ ମିଳିଥିଲା। ଏହାଛଡା ଚଳିତବର୍ଷ ସଞ୍ଜୟଙ୍କ ଆଉ ୨ ମୁଭି ଆସିବାକୁ ଯାଉଛି।



## କେନାଲର ଗୋଟିଏ ପାର୍ଶ୍ୱରୁ ଅଲଗାହୋଇ ଯୋଡ଼ିହୁଏ ବ୍ରିଜ୍

କୋପେନହାଗେନ

ଦୁନିଆରେ ଅନେକ ପ୍ରାକୃତିକ ସ୍ଥାନ ରହିଛି, ଯାହାକି ଅତ୍ୟନ୍ତ ମନୋରମ, ଚିତ୍ତାକର୍ଷକ ଏବଂ ଅଦ୍ଭୁତ ହୋଇଥାଏ। ହେଲେ ବର୍ତ୍ତମାନ ଯୁଗରେ ପରିବର୍ତ୍ତନ ଆସିଛି। ଫଳରେ ମଣିଷ ଅନେକ ଜିନିଷ ତିଆରି କରୁଛି, ଯାହା ଆଶ୍ଚର୍ଯ୍ୟକର ଲାଗୁଛି। ଡେନ୍‌ମାର୍କ ରାଜଧାନୀ କୋପେନହାଗେନରେ ଏକ ବ୍ରିଜ୍ ରହିଛି, ଯାହାର ତିଆରି ଶୈଳୀ ବେଶ୍ ଆଶ୍ଚର୍ଯ୍ୟଜନକ। ଏଠାରେ କେନାଲ ଉପରେ ତିଆରି ବ୍ରିଜ୍ ଅନ୍ୟ ବ୍ରିଜ୍ ଭଳି କାମ କରିଥାଏ। ହେଲେ ଏହି ବ୍ରିଜ୍ କେବଳ ପାଦଚଲା ଏବଂ ସାଇକେଲ ଆରୋହୀଙ୍କ ପାଇଁ ଉଦ୍ଦିଷ୍ଟ। ବ୍ରିଜ୍‌ଟି ଭିନ୍ନ ମାପର ୫ଟି ଗୋଲାକାର ବୃତ୍ତରେ ପ୍ରସ୍ତୁତ ହୋଇଛି। ଏଥିରେ ୫ଟି ପିଲାର ରହିଛି। ଯେଉଁଥିରେ କି ୧୧୦ଟି ଷ୍ଟିଲ୍ ତାର ବ୍ୟବହୃତ ହୋଇଛି। ଉକ୍ତ ବ୍ରିଜ୍ ସେହି କେନାଲର ୨ ପାର୍ଶ୍ୱକୁ ଯୋଡୁଛି। ହେଲେ ବ୍ରିଜ୍‌ଟି କେନାଲର ଗୋଟିଏ ପାର୍ଶ୍ୱରୁ ଅଲଗା ହେଉଥିବାବେଳେ ତାହା ପୁନଶ୍ଚ ଭାସି ଆସି ଯୋଡି ହୋଇଯାଉଛି, ଯାହାକି ସମ୍ପୂର୍ଣ୍ଣ ମ୍ୟାଜିକ୍ ଭଳି ଦୃଶ୍ୟମାନ ହୋଇଥାଏ। ବ୍ରିଜ୍‌କୁ ପ୍ରସିଦ୍ଧ ଇଞ୍ଜିନିୟର ଓଲାଫର ଏଲିଏଶନ୍ ଡିଜାଇନ କରିଥିଲେ।



## ମହିଳାଙ୍କୁ ୩ରୁ ୫ ଦିନ ମାସିକ ଋତୁସ୍ରାବଜନିତ ଛୁଟି




**ମାଡ୍ରିଡ୍:** ପ୍ରଥମ ୟୁରୋପିଆନ୍ ରାଷ୍ଟ୍ର ଭାବେ ସ୍ପେନ୍ ପ୍ରଜନନ ଅଧିକାର ଆଇନ ପ୍ରଣୟନ କରିଛି। ଯେଉଁଥିରେ କି ମହିଳା କର୍ମଚାରୀଙ୍କୁ ମାସିକ ଋତୁସ୍ରାବ ସମୟରେ ୩ରୁ ୫ ଦିନ ପର୍ଯ୍ୟନ୍ତ ଛୁଟି ଦେବାକୁ ନିଷ୍ପତ୍ତି ନେଇଛି। ଫେବୃୟାରୀ ୧୬ରେ ଅକ୍ଷମ ଅବସ୍ଥାରେ ପୀଡିତ ମହିଳାଙ୍କ ପାଇଁ ସ୍ପେନ୍ ସଂସଦ ଅସୁସ୍ଥ ଛୁଟି ଘୋଷଣା କରିଥିଲା, ଯାହାକି ୟୁରୋପ ରାଷ୍ଟ୍ରରେ ପ୍ରଥମ। ମନ୍ତ୍ରୀ ଇରେନି ମଣ୍ଟେରୋଙ୍କ ଅନୁସାରେ, ମହିଳାଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏହି ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ। ମହିଳା ତାଙ୍କ ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା ଅନୁଭବ କରୁଥିଲେ ଏହି ଛୁଟି ନେଇପାରିବେ। ମନ୍ତ୍ରୀ କହିଛନ୍ତି, ଏହି ଅଧିକାର ବିନା ମହିଳାମାନେ ପୂର୍ଣ୍ଣ ନାଗରିକ ନୁହନ୍ତି। ସଂସଦରେ ଦିଆଯାଇଥିବା ୧୮୫ ଭୋଟ ମଧ୍ୟରୁ ୧୫୪ଟି ଭୋଟ ସ୍ପେନ୍ ସପକ୍ଷରେ ଥିଲା। ବର୍ତ୍ତମାନ ସମୟରେ ଜାପାନ, ଇଣ୍ଡୋନେସିଆ, ଜାମ୍ବିଆ ଆଦି ଦେଶଗୁଡ଼ିକରେ ମହିଳାଙ୍କୁ ଋତୁସ୍ରାବଜନିତ ଛୁଟି ଦିଆଯାଉଛି। ସ୍ପେନ୍‌ରେ ଏପରି ମହିଳାଙ୍କ ଛୁଟି ନେଇ ଅନେକ ସଂଗଠନ ବିରୋଧ କରିଛନ୍ତି। ସ୍ପେନ୍‌ର ମୁଖ୍ୟ ଶ୍ରମ ସଂଗଠନ ଏହି ପଦକ୍ଷେପକୁ ସମାଲୋଚନା କରିଛି। ଏହା ଫଳରେ ମହିଳା ତାଙ୍କ କର୍ମକ୍ଷେତ୍ରରେ କଳଙ୍କିତ ହୋଇପାରନ୍ତି ବୋଲି ସଂଗଠନ କହିଛି।

# ରମନ୍ ପ୍ରଭାବ



ଡ. କମଳାକାନ୍ତ ଜେନା



**ପ୍ରତିବର୍ଷ ଫେବୃୟାରୀ ୨୮ ତାରିଖକୁ 'ଜାତୀୟ ବିଜ୍ଞାନ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**



କଥା ୧୯୨୧ ମସିହାର। ତେତିଶ ବର୍ଷର ଜଣେ ଭାରତୀୟ ଯୁବକଙ୍କୁ କଲିକତା ବିଶ୍ୱବିଦ୍ୟାଳୟ ତରଫରୁ ୟୁରୋପ ପଠାଗଲା। ସେ ପ୍ରଥମ ଥର ପାଇଁ ୟୁରୋପ ଗସ୍ତ ସାରି ଜାହାଜରେ ଭାରତ ଫେରୁଥିଲେ। ଭୂମଧ୍ୟସାଗରୀୟ ଜଳ ଓ ହିମଖଣ୍ଡର ଗହନ ନୀଳିମା ତାଙ୍କୁ ଅଭିଭୂତ କଲା। ସେ ପ୍ରକୃତିର ସୌନ୍ଦର୍ଯ୍ୟକୁ ମନ ଭରି ଉପଭୋଗ କରୁଥିଲେ। ପ୍ରକୃତିର ନୀଳିମା ତାଙ୍କୁ ଗବେଷଣା ପାଇଁ ଉତ୍ସାହିତ କଲା। ସମୁଦ୍ରର ନୀଳ ରଙ୍ଗ ଉପରେ ସେ ଗବେଷଣା ଆରମ୍ଭ କଲେ। ଦୀର୍ଘ ୭ ବର୍ଷର ଗଭୀର ଚିନ୍ତନ ପଶ୍ଚାତ୍ ୧୯୨୮ ଫେବୃୟାରୀ ୨୮ ତାରିଖରେ ସେ ଏକ ମହାର୍ଘ ନୂତନ ସତ୍ୟ ଆବିଷ୍କାର କଲେ। ସେହି କୃତବିଦ୍ ପଦାର୍ଥ ବିଜ୍ଞାନୀ ହେଉଛନ୍ତି ସାର ଚନ୍ଦ୍ରଶେଖର ଭେଙ୍କଟରମନ୍। ଆଲୋକର ଅଦ୍ଭୁତ ବ୍ୟବହାର ସମ୍ପର୍କିତ ସେହି ସତ୍ୟର ଅନ୍ୟ ନାମ 'ରମନ୍ ପ୍ରଭାବ'। ତାଙ୍କର ଆବିଷ୍କାରକୁ ଦୁଇ ବର୍ଷ ପରେ ନୋବେଲ ସ୍ୱୀକୃତି ମିଳିଲା। ସେ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଗ୍ରହଣ କଲେ। ୧୯୦୧ ମସିହାରୁ ୨୦୨୨ ମସିହା ପର୍ଯ୍ୟନ୍ତ ପଦାର୍ଥ ବିଜ୍ଞାନରେ ୧୧୬ ଥର ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ପୃଥିବୀର ୨୨୨ ଜଣ (ଜନ୍ ବାର୍ଡିନ୍ ୨ ଥର) ପଦାର୍ଥ ବିଜ୍ଞାନୀ ପୁରସ୍କାର ଗ୍ରହଣ କରିଛନ୍ତି। କିନ୍ତୁ ଅଦ୍ୟାବଧି ରମନ୍ ହେଉଛନ୍ତି ବିଜ୍ଞାନରେ ଏକମାତ୍ର ଭାରତୀୟ ନୋବେଲ ବିଜୟୀ। ତେଣୁ ଆମ ପାଇଁ ଫେବୃୟାରୀ ୨୮ ତାରିଖ ହେଉଛି ସ୍ମରଣୀୟ ଦିବସ। ସେହି ଦିବସକୁ ୧୯୮୭ ମସିହାରୁ ଆମ ଦେଶରେ 'ଜାତୀୟ ବିଜ୍ଞାନ ଦିବସ'ର ମର୍ଯ୍ୟାଦା ମିଳିଛି।

ନୋବେଲ ପୁରସ୍କାର ହେଉଛି ପୃଥିବୀର ସବୁଠାରୁ ବଡ଼ ପୁରସ୍କାର। ୧୯୦୧ ମସିହାରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ପ୍ରତି ବର୍ଷ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ସାହିତ୍ୟ, ଚିକିତ୍ସା ବିଜ୍ଞାନ, ଶାନ୍ତି ପ୍ରତିଷ୍ଠା ଓ ଅର୍ଥନୀତି ଭଳି ଛଅଟି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ନୋବେଲ ସମ୍ମାନ ପ୍ରଦାନ କରାଯାଏ। ସୁଇଡେନ ରସାୟନ ବିଜ୍ଞାନୀ ତଥା ଡିନାମାଇଟ ଆବିଷ୍କାରକ ଆଲ୍‌ଫ୍ରେଡ୍ ନୋବେଲଙ୍କ ସ୍ମୃତିରେ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଏ। ପ୍ରତିବର୍ଷ ଅକ୍ଟୋବର ମାସରେ ନୋବେଲ ବିଜେତାମାନଙ୍କର ନାମ ଘୋଷଣା କରାଯାଇଥାଏ ଏବଂ ଡିସେମ୍ବର ୧୦ ତାରିଖରେ ପୁରସ୍କାର ପ୍ରଦାନ କରାଯାଏ। ୧୯୩୦ ମସିହାରେ ଅନ୍ତର୍ଜାତୀୟ ସ୍ତରରେ ଯେଉଁ ଭାରତୀୟ ପଦାର୍ଥ ବିଜ୍ଞାନୀଙ୍କର ନାମ ନୋବେଲ ପୁରସ୍କାର ନିମନ୍ତେ ଘୋଷଣା କରାଯାଇଥିଲା, ସେ ହେଉଛନ୍ତି ଭେଙ୍କଟରମନ୍, ଯାହାଙ୍କୁ ଆମେ ସି. ଭି. ରମଣ ବୋଲି କହୁ। ପ୍ରକୃତିପ୍ରୀତି ହିଁ ରମନ୍‌ଙ୍କୁ ଗୌରବମୟ ନୋବେଲ ସମ୍ମାନ ଆଣି ଦେଇଥିଲା।

ରମନ୍ ୧୮୮୮ ମସିହା ନଭେମ୍ବର ୭ ତାରିଖରେ ତାମିଲନାଡୁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବାପା ଥିଲେ ପଦାର୍ଥ ବିଜ୍ଞାନ ଅଧ୍ୟାପକ। ରମନ୍ ମାତ୍ର ୧୨ବର୍ଷ ବୟସରେ ମାଟ୍ରିକ୍ ପାସ୍ କରିଥିଲେ ଓ ୧୯ ବର୍ଷ ବୟସରେ ଏମ୍.ଏସ୍‌ସି. ପରୀକ୍ଷାରେ ସମଗ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କଲେ। ଏମ୍.ଏସ୍‌ସି. ପଢ଼ିବା ସମୟରେ ୧୯୦୬ ମସିହାରେ ଆଲୋକ ସମ୍ପର୍କିତ ତାଙ୍କର ଏକ ନିବନ୍ଧ ପ୍ରକାଶିତ ହୋଇଥିଲା। ଏମ୍.ଏସ୍‌ସି. ପରେ ୧୯୦୭ ମସିହାରେ ସେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ସଫଳତା ପାଇଲେ। କିନ୍ତୁ ସିଭିଲ୍ ସର୍ଭିସ୍ ଛାଡି ୧୯୧୭ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ ଯୋଗଦେଲେ।

ଆଲୋକର ବ୍ୟବହାର ଉପରେ ତାଙ୍କର ଗବେଷଣା ଜାରି ରହିଲା। ଆଲୋକ ପାଇଁ ଆମେ ବସ୍ତୁକୁ ଦେଖିପାରୁ। ଆମକୁ ଆକାଶ ନୀଳ ଦିଶେ। ସମୁଦ୍ର ମଧ୍ୟ ନୀଳ ଦିଶେ। ୟୁରୋପରୁ ଜଳଜାହାଜରେ ଫେରିବା ସମୟରେ ଭୂମଧ୍ୟସାଗରର ଗହନ ନୀଳିମା ରମନ୍‌ଙ୍କୁ ଅଭିଭୂତ କରିଥିଲା। ବାୟୁମଣ୍ଡଳର ଅଣୁଗୁଡ଼ିକ ଆଲୋକର ରଙ୍ଗକୁ ବିଚ୍ଛୁରିତ କରିବା ହେତୁ ଆକାଶ ନୀଳ ଦେଖାଯାଏ ବୋଲି ସେ ଆଗରୁ ଜାଣିଥିଲେ। ଜଳଅଣୁ ଦ୍ୱାରା ଆଲୋକର ବିଚ୍ଛୁରଣ ସମ୍ପର୍କରେ ଅଧିକ ଜାଣିବା ପାଇଁ ୮ ଜଣ ଦକ୍ଷ ସହଯୋଗୀଙ୍କୁ ନେଇ କଲିକତାର 'ଇଣ୍ଡିଆନ୍ ଏକାଡେମୀ ଫର୍ କଲ୍ଟିଭେଶନ ଅଫ୍ ସାଇନ୍‌ସ' ଅନୁଷ୍ଠାନରେ ସେ ଗବେଷଣା ଚଳାଇଲେ। ଗବେଷଣା ସକାଶେ ସେ ଯେଉଁ ଉପକରଣ ବ୍ୟବହାର କରୁଥିଲେ, ତାହାର ଦାମ୍ ଥିଲା ମାତ୍ର ୨୦୦ ଟଙ୍କା। ୧୯୨୭ ମସିହାରେ ଏକ୍ସ-ରେ ବିଚ୍ଛୁରଣ କରାଗଲା। ସେତେବେଳକୁ ଆଲୋକର ବିଚ୍ଛୁରଣ ଉପରେ ରମନ୍ ଅନେକ ପରୀକ୍ଷା କରିସାରି ଥାଆନ୍ତି। କ୍ରୋମ୍ପଟନ୍‌ଙ୍କର ବିଚ୍ଛୁରଣ ଗବେଷଣା ସମ୍ପର୍କରେ ଶୁଣିଲା ପରେ ରମନ୍ ଭାବିଲେ, ଏକ୍ସ-ରେ ସହିତ ଆଲୋକର ସାମଞ୍ଜସ୍ୟ ରହିଛି। ଉଭୟ ଏକ ପ୍ରକାର ତରଙ୍ଗ। ତେଣୁ ଏକ୍ସ-ରେ ବିଚ୍ଛୁରଣ ସହିତ ଆଲୋକ ବିଚ୍ଛୁରଣର ଅନେକ ସାମସ୍ୟ ରହିବ। ଏହା ତାଙ୍କର ଗବେଷକ ମନୋବଳକୁ ଦୃଢ଼ କଲା। ସତକୁ ସତ ପର ବର୍ଷ ୧୯୨୮ ମସିହାରେ ଆଲୋକର ବିଚ୍ଛୁରଣ ସମ୍ପର୍କରେ ସେ ନୂତନ ସତ୍ୟ ଆବିଷ୍କାର କଲେ। ସେ ଜାଣିପାରିଲେ, ରଙ୍ଗୀନ ଆଲୋକ ରଶ୍ମି ତରଳ ପଦାର୍ଥ ଦେଇ ଗତି କଲେ ତା'ର ରଙ୍ଗରେ ପରିବର୍ତ୍ତନ ହେଇପାରେ। ତରଳ ପଦାର୍ଥ ଭିତରେ ଯେଉଁ ରଙ୍ଗର ଆଲୋକ ପ୍ରବେଶ କରେ, ସେହି ରଙ୍ଗର ଆଲୋକ ମିଳିବା ସହିତ ଅନ୍ୟ ରଙ୍ଗର ଆଲୋକ ମିଳିଥାଏ। ଏହି ଗବେଷଣାକୁ ୧୯୯୮ ମସିହାରେ ଆନ୍ତର୍ଜାତିକ ଐତିହାସିକ ରାସାୟନିକ ମାଇଲଖୁଣ୍ଟର ମାନ୍ୟତା ମିଳିଥିଲା।

ଆଲୋକର ପ୍ରକୃତି ବିଚିତ୍ର। ଏହା ଉଭୟ ତରଙ୍ଗ ଓ କଣିକା ଭଳି ବ୍ୟବହାର କରିଥାଏ। ଶକ୍ତିର କ୍ଷୁଦ୍ର ପୁଡ଼ିଆରେ ଏହା ଗଠିତ, ଯାହାକୁ ଆଲୋକର କଣିକା ରୂପ ବା 'ଫୋଟନ୍' ବୋଲି କୁହାଯାଏ। ଭିନ୍ନ ଭିନ୍ନ ରଙ୍ଗର ଫୋଟନ ପୁଡ଼ିଆରେ ଅଲଗା ଅଲଗା ପରିମାଣର ଶକ୍ତି ରହିଥାଏ। ସାତଟି ରଙ୍ଗର ଆଲୋକ 'ବା-ଘ-ନୀ-ସ-ହ-ନା-ଲା' ଭିତରୁ ନାଲି ରଙ୍ଗର ଫୋଟନ୍ ତୁଳନାରେ ବାଇଗଣି ରଙ୍ଗର ଫୋଟନ୍‌ରେ ଅଧିକ ଶକ୍ତି ଥାଏ। ଫୋଟନ୍‌ଗୁଡ଼ିକ ତରଳ ପଦାର୍ଥ ମଧ୍ୟରେ ଗତି କରିବା ସମୟରେ ତରଳର ଅଣୁ ସହିତ ଧକ୍କା ହୁଏ। କିନ୍ତୁ ଅନେକ ଫୋଟନ୍ ଅଣୁଗୁଡ଼ିକୁ ଏଡ଼ାଇ ବାହାରକୁ ବାହାରି ଯାଆନ୍ତି। ଏହି ଧକ୍କା ଦୁଇ କିସମର ହୁଏ। ଧକ୍କା ଫଳରେ ଫୋଟନ୍ ନିଜର ଶକ୍ତିରୁ କିଛି ଶକ୍ତି ତରଳ-ଅଣୁକୁ ଦେଇପାରେ ଅଥବା ତରଳର ଅଣୁଠାରୁ କିଛି ଶକ୍ତି ନେଇପାରେ। ଉଭୟ କ୍ଷେତ୍ରରେ ଫୋଟନ୍‌ର ଶକ୍ତିରେ ପରିବର୍ତ୍ତନ ଘଟେ। ଶକ୍ତିରେ ପରିବର୍ତ୍ତନ ଘଟିଲେ ତାହାର ରଙ୍ଗରେ ପରିବର୍ତ୍ତନ ଘଟେ। ତରଳର ଅଣୁଗୁଡ଼ିକ ଦ୍ୱାରା ଆଲୋକର ରଙ୍ଗରେ ଏଭଳି ପରିବର୍ତ୍ତନକୁ 'ରମନ୍ ପ୍ରଭାବ' କୁହାଯାଏ। ଭିନ୍ନ ଭିନ୍ନ ଅଣୁ ପାଇଁ ପରିବର୍ତ୍ତନର ମାତ୍ରା ଭିନ୍ନ ହୁଏ। ତେଣୁ ରମନ୍ ପ୍ରଭାବ ସାହାଯ୍ୟରେ ଅଣୁର ପରିଚୟ ଜଣାପଡ଼େ। ତେଣୁ ରମନ୍ ପ୍ରଭାବ ପ୍ରୟୋଗ ପୂର୍ବକ ହେରୋଇନ୍, କୋକେନ୍, ଚରସ୍ ଓ ବିସ୍ଫୋରକ ଚିହ୍ନଟ କରାଯାଇ ପାରିବ। ରକ୍ତ ଶର୍କରା, କୋଲେଷ୍ଟରଲ୍, ୟୁରିକ୍ ଅମ୍ଳ ଏବଂ ଅନ୍ୟ ରକ୍ତ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ରମନ୍ ପ୍ରଭାବ ପ୍ରୟୋଗ କରାଯାଇ ପାରିବ।

୧୯୭୦ ମସିହା ନଭେମ୍ବର ୨୧ରେ ପ୍ରକୃତିପ୍ରେମୀ ଗବେଷକ ରମନ୍ ଆଖିବୁଜିଲେ। କିନ୍ତୁ ତାଙ୍କର ଅନନ୍ୟ ପ୍ରତିଭାକୁ ଆଜି ବି ଦେଶବାସୀ ମନେରଖିଛନ୍ତି। ପ୍ରତିବର୍ଷ ଗୋଟିଏ ବିଶେଷ ବିଷୟକୁ ନେଇ ଜାତୀୟ ବିଜ୍ଞାନ ଦିବସ ପାଳିତ ହୁଏ। ୨୦୨୩ ବର୍ଷ ପାଇଁ ଏହାର ଥିମ୍ ରହିଛି 'ବିଶ୍ୱ କଲ୍ୟାଣ ନିମନ୍ତେ ବିଶ୍ୱସ୍ତରରେ ବିଜ୍ଞାନ' (ଗ୍ଲୋବାଲ ସାଇନ୍ସ ଫର୍ ଗ୍ଲୋବାଲ ୱେଲବିଙ୍ଗ୍)। ବିଜ୍ଞାନର ପ୍ରତ୍ୟେକ ହିତକଡ଼ି ବିଶ୍ୱବାସୀଙ୍କ ମଙ୍ଗଳରେ ନିୟୋଜିତ ହେବା ଜରୁରୀ।

-ସହକାରୀ ପ୍ରଫେସର, ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ଅଟୋନୋମସ୍ କଲେଜ
ମୋ: ୯୪୩୯୫୦୧୬୫୧

## ଶାନ୍ତ ପରିବେଶ ଓ ବୁଦ୍ଧିମତ୍ତା



ବୁଦ୍ଧିମତ୍ତା ବଢ଼ାଇବାର ସହଜ ତଥା ସରଳ ଉପାୟ ହାତ ପାଆନ୍ତାରେ ରହିଛି। ଜଣେ ବ୍ୟକ୍ତି ଯଦି ଅଧିକାଂଶ ସମୟ ଶାନ୍ତ ପରିବେଶରେ ରୁହନ୍ତି ତେବେ ତାଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା ବୃଦ୍ଧି ଘଟିଥାଏ। 'ଶାନ୍ତ ପରିବେଶ ଓ ବୁଦ୍ଧିମତ୍ତା' ଶୀର୍ଷକ ବିଷୟବସ୍ତୁ ଉପରେ ୟୁନିଭର୍ସିଟି ଅଫ୍ ସିଡ୍‌ନୀର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ପ୍ରାୟ ଶାନ୍ତ ପରିବେଶରେ ରହୁଥିଲେ ସେମାନଙ୍କର ବୁଦ୍ଧିମତ୍ତାରେ ଉନ୍ନତି ପରିଲକ୍ଷିତ ହେଉଥିଲା। ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଶାନ୍ତ ପରିବେଶରେ ଜଣେ ବ୍ୟକ୍ତି ଅଧିକାଂଶ ସମୟ ରହିଲେ ତାହାର ସୁପ୍ରଭାବ ମାନସିକତା ଉପରେ ପଡ଼ିଥାଏ।

## ଅଳ୍ପରେ...



- ମଧ୍ୟାହ୍ନଭୋଜନ କରିବା ପରେ ହେଉ କି ରାତ୍ର ଭୋଜନ- ଠିକ୍ ଏହାର ପରବର୍ତ୍ତୀ ସମୟରେ ଥଣ୍ଡାଜାତୀୟ ପାନୀୟ, ଚା' କିମ୍ବା କଫି ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। କାରଣ ଏହାଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ। ଏଭଳି ଅଭ୍ୟାସ ପରିତ୍ୟାଗ କରିବାକୁ ଚେଷ୍ଟା କରନ୍ତୁ।
- କେତେକ ଖାଇ ସାରିବା ପରେ ପରେ ପାଣି ପିଅନ୍ତି। ଏହା ଆଦୌ ଭଲ ଅଭ୍ୟାସ ନୁହେଁ। ଜଣେ ଡାଇବେଟିସ୍ ରୋଗୀ ଖାଇସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ମେଦ ବୃଦ୍ଧି ପାଇଥାଏ।
- ପ୍ରତିଦିନ ସକାଳେ ଓ ରାତ୍ରଭୋଜନ ପରେ ଭଲଭାବରେ ବ୍ରଶ୍ କରିବାକୁ ଭୁଲନ୍ତୁ ନାହିଁ। ଦାନ୍ତଜନିତ କିଛି ସମସ୍ୟା ଥିଲେ ତାହାକୁ ଉପେକ୍ଷା ନ କରି ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ପ୍ରତିଦିନ ସକାଳୁ ବିଛଣା ଛାଡିବା ପୂର୍ବରୁ କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ପାଚନ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ତା' ସହ ଅମ୍ଳଜନିତ ସମସ୍ୟାରୁ ମଧ କେତେକାଂଶରେ ଉପଶମ ଦେଇଥାଏ।
- ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।
- ବୟସ୍କ ବ୍ୟକ୍ତିମାନେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିଲେ ଭଲ।

## ଜଗିଙ୍ଗ: କିଛି କଥା



ନିଜକୁ ଫିଟ୍ ରଖିବା ପଛରେ ଜଗିଙ୍ଗର ଭୂମିକାକୁ ଏଡାଇ ଦିଆଯାଇ ନ ପାରେ। ପ୍ରତିଦିନ ସକାଳୁ କିଛି ସମୟ ଜଗିଙ୍ଗ କରନ୍ତୁ। ଏହାର ସମୟସୀମା ଅତିକମ୍‌ରେ ୧୫-୩୦ ମିନିଟ୍ ହେଲେ କିଛି କ୍ଷତି ନାହିଁ। ନିୟମିତ ଜଗିଙ୍ଗ କରିବା ଦ୍ୱାରା ଆମ ଶରୀର ପାଇଁ ତାହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହାଦ୍ୱାରା ଶରୀରକୁ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ମିଳେ। ପ୍ରତିଦିନ ଜଗିଙ୍ଗ କଲେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ପୂର୍ବାପେକ୍ଷା ଦୃଢ଼ ହୋଇଥାଏ। ବିଶେଷଭାବରେ ଜଣେ ଡାଇବେଟିସ୍ ରୋଗୀ ନିୟମିତ କିଛି ସମୟ ଜଗିଙ୍ଗ କରିବା ନିହାତି ଦରକାର। ଏହାଦ୍ୱାରା ରକ୍ତରେ ସୁଗାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ। ଏଥିରୁ ଆଉ ଏକ ଉପକାର ମିଳେ। ତାହା କ'ଣ ଜାଣନ୍ତି ? ଜଗିଙ୍ଗ କରିବା ଫଳରେ ଆମ ଶରୀରରେ ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ନିୟମିତ ଜଗିଙ୍ଗ କଲେ ହାର୍ଟ ଆଟାକ୍ ଏପରି କି ଷ୍ଟ୍ରୋକ୍ ଆଶଙ୍କା କେତେକାଂଶରେ କମ୍ ରହିଥାଏ। କେବଳ ସେତିକି ନୁହେଁ ଓଜନକୁ ସନ୍ତୁଳିତ ରଖିବାରେ ଏହା ମଧ ସାହାଯ୍ୟ କରିଥାଏ।

## ସ୍ୱାସ୍ଥ୍ୟ ସୂଚନା

➢ସୁଗାର କ୍ୟାଲୋରୀ ଡ୍ରିଙ୍କ୍ସ ପିଇଲେ ତାହା ଶରୀରରେ ଚର୍ବି ପରିମାଣ ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ୟୁନିଭର୍ସିଟି ଅଫ୍ ଟୋକିଓର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି।

➢ରାତିରେ ଶୋଇବା ପୂର୍ବରୁ ମନକୁ ଶାନ୍ତ ରଖନ୍ତୁ। ଏହାପୂର୍ବରୁ ଯଦି ଟେନସନ୍‌ରେ ରହିଲେ ତେବେ ତାହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ।

➢ସକାଳର କଅଁଳ ସୂର୍ଯ୍ୟକିରଣ ଶରୀର ପାଇଁ ବେଶ୍ ଉପକାରୀ। କାରଣ ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ 'ଡି' ଭରି ରହିଛି। ତେଣୁ ସକାଳୁ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ।



➢ପ୍ରତିଦିନ କିଛି ତଟକା ଫଳମୂଳ ଖାଆନ୍ତୁ। ବିଶେଷଭାବରେ ଏହାକୁ ବ୍ରେକଫାଷ୍ଟରେ ସାମିଲ କଲେ ସେଥିରୁ ବେଶ୍ ଉପକାର ମିଳିଥାଏ।

➢ଖାଇବା ଭିତରେ ଯଦି ପାଣି ପିଉଛନ୍ତି ତେବେ ତାହାର ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିବାର ଆଶଙ୍କା ରହିଛି। ଖାଇବାର କିଛି ସମୟ ପୂର୍ବରୁ ଅଳ୍ପ ପାଣି ଏବଂ ଖାଇବା ଶେଷ ହେବା ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ।

➢ଟେନ୍‌ସନକୁ ନେଇ ଅଧିକ ଟେନ୍‌ସନ ହୁଅନ୍ତୁ ନାହିଁ। ଏହାର ସମାଧାନର ରାସ୍ତା ବାହାର କରନ୍ତୁ।

# ସୂର୍ଯ୍ୟପରର ଭଗ୍ନ ଅଂଶ



ଡ. ଦେବାଶିଷ ମହାନ୍ତି

ଗତ କିଛି ଦିନ ହେଲା ଗୋଟିଏ ଖବର ବିଭିନ୍ନ ଗଣମାଧ୍ୟମ ଓ ଇଣ୍ଟରନେଟ୍‌ରେ ଚର୍ଚ୍ଚାରେ ରହି ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ଆପଣମାନେ ମଧ ସେ ଖବର ନିଶ୍ଚିନ୍ତ ପଢ଼ିଥିବେ ବା ଦେଖିଥିବେ ବା ଶୁଣିଥିବେ। ଖବରଟି ହେଲା, ଆମ ସୂର୍ଯ୍ୟରୁ ଖଣ୍ଡେ ଭାଙ୍ଗି ଯାଇ ତା' ଉତ୍ତର ମେରୁରେ ବୁଲୁଅଛି। ଜେମ୍ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ରରେ ଏହାର ଚିତ୍ର ଉତ୍ତୋଳିତ ହୋଇଛି, ଯାହା ମହାକାଶ ବିଜ୍ଞାନୀଙ୍କୁ ସ୍ତବ୍ଧ କରିଦେଇଛି। ଏହାର ପରିଣାମ ବିଷୟରେ ଚାରିଆଡ଼େ ଚର୍ଚ୍ଚା ଚାଲିଛି, ଯାହାକି ସାଧାରଣ ଜନତାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି।

ଏଠାରେ ମୁଁ ଆପଣମାନଙ୍କୁ ଆଶ୍ୱସ୍ତ କରିଦେବାକୁ ଚାହେଁ ଯେ, ପ୍ରଚାରିତ ହୋଇଥିବା କୌଣସିଟି ଖବର ଭଗବାନଙ୍କ କୃପାରୁ ସତ୍ୟ ନୁହେଁ। ସୂର୍ଯ୍ୟଙ୍କର କୌଣସି ଖଣ୍ଡ ଭାଙ୍ଗି ନାହିଁ। ଜେମ୍ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ସୂର୍ଯ୍ୟର ଫଟୋ ନିଏ ନାହିଁ କିମ୍ବା ଜ୍ୟୋତିର୍ବିଜ୍ଞାନୀମାନେ ବିଚଳିତ ହୋଇନାହାନ୍ତି। ତାହାହେଲେ ଆପଣମାନଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠୁଥିବ ଯେ, ଗଣମାଧ୍ୟମରେ ଏତେ ହୋହଲ୍ଲା କାହିଁକି? ନିଆଁ ନ ଥିଲେ ତ ଧୂଆଁ ଉଠେନି। କିଛି ତ ଘଟଣା ଘଟିଛି? ଆଜ୍ଞା ହଁ, ଘଟଣା ତ ନିଶ୍ଚିନ୍ତ ଘଟିଛି କିନ୍ତୁ କିଛି ଚିନ୍ତାଜନକ ଘଟଣା ନ ଘଟି ଏକ ମଜାଦାର ଘଟଣା ଘଟିଛି। ସୂର୍ଯ୍ୟ ସକଳ ଶକ୍ତିର ଆଧାର। ସର୍ବବ୍ୟାପୀ ଓ ଆମ ଜୀବନଧାରଣ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ସୂର୍ଯ୍ୟ ଏକ ନକ୍ଷତ୍ର। ଏହା ଏକ ଜ୍ୱଳନ୍ତ ଗ୍ୟାସୀୟ ପିଣ୍ଡ, ଯାହା ପ୍ଲାଜ୍‌ମା ଅବସ୍ଥାରେ ଅଛି। ଏହା ମଧରେ ଉଦ୍‌ଜାନ ପରମାଣୁ ସଂରଚନା ପ୍ରକ୍ରିୟା ଦ୍ୱାରା ପରସ୍ପର ସହ ଯୋଡ଼ିହୋଇ ହିଲିୟମ୍ ପରମାଣୁ ଗଠନ କରୁଛନ୍ତି। ଏହି ପ୍ରକ୍ରିୟାରୁ ପ୍ରଚଣ୍ଡ ଶକ୍ତି ନିର୍ଗତ ହେଉଛି, ଯାହା ସୂର୍ଯ୍ୟକୁ ଏପରି ଏକ ଆଗ୍ନେୟ ଗୋଳକ ଅବସ୍ଥାରେ ରଖିଛି। ଏବେ ବି ସୂର୍ଯ୍ୟ ଆମ ପାଇଁ ବିସ୍ମୟକାରୀ ଓ ଏହା ବିଷୟରେ ଅନେକ ତଥ୍ୟ ଏବେ ବି ଆମ ପାଇଁ ଅଜ୍ଞାତ। ଏହା ଏବେ ଏମିତି କାଣ୍ଡ ଘଟାଇଛି ଯାହା ନିଶ୍ଚିନ୍ତ ରୂପେ ଅଦ୍ଭୁତ। ସୂର୍ଯ୍ୟର ପ୍ଲାଜ୍‌ମାରୁ ଏକ ଅତି ସୂକ୍ଷ୍ମ ପଦାର୍ଥ ବାହାରିଯାଇ ଏକ ଘୂର୍ଣ୍ଣାୟମାନ ମୁକୁଟ ପରି ସୂର୍ଯ୍ୟର ଉତ୍ତର ମେରୁରେ ଅବସ୍ଥାପିତ ହୋଇଛି। ବିଶେଷଜ୍ଞଙ୍କ ମତରେ ଏହା ୬୦ ମାଇଲ୍ ପ୍ରତି ସେକେଣ୍ଡରେ ଗତି କରୁଅଛି। ଏହା ଜ୍ୟୋତିର୍ବିଜ୍ଞାନୀମାନଙ୍କ ପାଇଁ ଏକ ଅତୀବ ମନୋରମ ମହାଜାଗତିକ ଦୃଶ୍ୟ। ଏପରି କିଛି ସତରେ ଘଟିଛି କି ନାହିଁ, ଏହା ଉପରେ ମଧ ଅଧିକ ଗବେଷଣା ଆବଶ୍ୟକ। ଯଦି ବି ଘଟିଛି ଏହିପରି ଲୀଳା ସୂର୍ଯ୍ୟ ଦେବଙ୍କ ପାଇଁ ନୂଆ ନୁହେଁ। ଏଥିରେ କିଛି ଆତଙ୍କିତ ହେବାର ନାହିଁ। ପ୍ରତି ୧୧ ବର୍ଷରେ ସୂର୍ଯ୍ୟର କ୍ରିୟାଶୀଳତାର ଚକ୍ର ବଦଳେ। ଏହି ସମୟରେ ସୂର୍ଯ୍ୟ ଅତି ଶାନ୍ତ ଏବଂ ଧୀର ଅବତାରରୁ ଉଗ୍ର ଅବତାର ଧାରଣ କରନ୍ତି। ବିରଳ ଘଟଣା ଘଟିବା ପଛରେ ସୂର୍ଯ୍ୟର ଚୁମ୍ବକୀୟ କ୍ଷେତ୍ରର ଭୂମିକା ରହିଛି ବୋଲି ବୈଜ୍ଞାନିକମାନଙ୍କର ଧାରଣା। ସୂର୍ଯ୍ୟଙ୍କ ଚୁମ୍ବକୀୟ କ୍ଷେତ୍ରର କେନ୍ଦ୍ର କ୍ରିୟାଶୀଳତାର ଚକ୍ର ବଦଳିଲେ ସ୍ଥାନ ପରିବର୍ତ୍ତନ କରେ। ଏହି ସ୍ଥାନ ପରିବର୍ତ୍ତନ ଯୋଗୁ ଏହିପରି ଘଟଣା ଘଟିଥାଇ ପାରେ ବୋଲି ବୈଜ୍ଞାନିକମାନେ ମତ ପ୍ରକାଶ କରିଛନ୍ତି। ଏବେ ବି ଏହିପରି ଘଟଣାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ। ସୂର୍ଯ୍ୟର ଅନେକ ରହସ୍ୟ ମାନବ ସମାଜ ପାଇଁ ରହସ୍ୟମୟ ହୋଇ ରହିଛି। ଏହି ବିରଳ ଘଟଣା ଏସ୍.ଡି.ଓ. ମହାକାଶ ଯାନ ଦ୍ୱାରା ଚିତ୍ରିତ ହୋଇଅଛି। 'ଏସ୍.ଡି.ଓ.' ସୂର୍ଯ୍ୟର ବାହ୍ୟତମ ବାୟୁମଣ୍ଡଳ ଯାହା କରୋନା ବୋଲି ମଧ କୁହାଯାଏ, ତାହାର ଫଟୋ ଉତ୍ତୋଳନ କରେ। ଆପଣମାନଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠୁଥିବ ଯେ, ଯଦି ସେମିତି କିଛି ଆତଙ୍କିତ ହେବା ଭଳି ଘଟଣା ଘଟିନି ତେବେ ଗଣମାଧ୍ୟମରେ ଏ ଖବର ହଟଚମଟ ସୃଷ୍ଟି କଲା କିପରି? ଏଭଳି ଖବର ପରିବେଷଣର ପ୍ରାରମ୍ଭିକ ଉତ୍ସ ଜଣେ ତମିତା ସ୍କୋଭ ନାମ୍ନୀ ମହାକାଶ ବିଜ୍ଞାନୀଙ୍କ ଟୁଇଟ୍। ନାସାର ସୌର ଗତିଶୀଳ ପର୍ଯ୍ୟବେକ୍ଷଣଗାର (ସୋଲାର ଡାଇନାମିକ୍ସ ଅବ୍‌ଜର୍ଭଭେଟୋରି ଏସ୍‌ଡିଓ) ଦ୍ୱାରା ଉତ୍ତୋଳିତ ଫଟୋକୁ ଦେଖି ସେ ଅତି ଉତ୍ସାହିତ ହୋଇ କରିଦେଲେ ଯେ ସୂର୍ଯ୍ୟର ଉତ୍ତର ମେରୁର କିଛି ଅଂଶ ଭାଙ୍ଗି କରି ଅଲଗା ହୋଇଯାଇଛି ଓ ଉତ୍ତର ମେରୁ ଚତୁଃପାର୍ଶ୍ୱରେ ଘୂରି ବୁଲୁଛି। ଏହି ଟୁଇଟ୍ ହିଁ ସବୁ ଅପପ୍ରଚାରର ମୂଳ ଆଧାର। ସମ୍ପୂର୍ଣ୍ଣ ତଥ୍ୟକୁ ଅନୁଧ୍ୟାନ ନ କରି ଏକ ଟୁଇଟ୍ ଉପରେ ଚାଞ୍ଚଲ୍ୟକର ଖବର ପରିବେଷଣ ଦ୍ୱାରା ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ମୁଁ ଏଠାରେ ସମସ୍ତଙ୍କୁ ଆଶ୍ୱସ୍ତ କରିବାକୁ ଚାହେଁ ଯେ, ଏହି ଘଟଣାରେ ଆତଙ୍କିତ ହେବାର କିଛି ନାହିଁ। ଏହାର ପ୍ରଭାବ ମଧ ପୃଥିବୀ ଉପରେ ବେଶି କିଛି ପ୍ରଭାବ ପକାଇବ ନାହିଁ। ତେଣୁ ଇଣ୍ଟରନେଟ୍‌ରେ ମିଳୁଥିବା ଏହି ଦୃଶ୍ୟର ଭିଡିଓକୁ ଦେଖି ଏହି ମହାଜାଗତିକ ଘଟଣାକୁ ଆମେ ଉପଭୋଗ କରିବା ଓ ଏହି ଘଟଣା ବିଷୟରେ ଅପପ୍ରଚାର କରି ଅନ୍ୟମାନଙ୍କୁ ଆତଙ୍କିତ କରିବା ନାହିଁ।



-ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ରସାୟନ ବିଭାଗ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ
ମୋ: ୯୮୬୧୩୯୧୧୯୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଫେବୃୟାରୀ ୨୭/୨୦୨୩ Bhubaneswar, Monday, February 27/ 2023

# ଅଷ୍ଟ୍ରେଲିଆ ୬ଷ୍ଠଥର ଚାମ୍ପିୟନ



ମହିଳା ଟି୨୦ କ୍ରିକେଟ ବିଶ୍ୱକପ ଚାମ୍ପିୟନ ଅଷ୍ଟ୍ରେଲିଆ ଦଳ।

**କେପ୍‌ଟାଉନ, ୨୬।୨**

ଅଷ୍ଟ୍ରେଲିଆ ୬ଷ୍ଠ ଥରପାଇଁ ମହିଳା ଟି୨୦ କ୍ରିକେଟ ବିଶ୍ୱକପ ଚାମ୍ପିୟନ ହୋଇଛି। ରବିବାର ଏଠାରେ ଅନୁଷ୍ଠିତ ଫାଇନାଲରେ ଦଳ ୧୯ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ପ୍ରଥମଥରପାଇଁ ଫାଇନାଲ ଖେଳିଥିବା ଦକ୍ଷିଣ ଆଫ୍ରିକା ଚାପ ପରିସ୍ଥିତିର ମୁକାବିଲା କରି ନ ପାରି

**ମହିଳା ଟି୨୦ ବିଶ୍ୱକପ**

ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି। ଅଷ୍ଟ୍ରେଲିଆ ୨୦ ଓଭରରେ ୬ ଉଇକେଟ ହରାଇ ୧୫୬ ରନ କରିଥିବାବେଳେ ଦକ୍ଷିଣ ଆଫ୍ରିକା ୬ ଉଇକେଟ ହରାଇ ୧୩୭ ରନରେ ସୀମିତ ରହିଥିଲା। ଚାମ୍ପିୟନ ଦଳର ବେଥ୍ ମୁନୀ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଆଶ୍‌ଲେ ଗାର୍ଡନର ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳଭାବେ ବିବେଚିତ ହେଉଥିବା ଅଷ୍ଟ୍ରେଲିଆ ପୂର୍ବରୁ ୨୦୧୦, ୨୦୧୨, ୨୦୧୪, ୨୦୧୮ ଓ ୨୦୨୦ରେ ଚାମ୍ପିୟନ ହୋଇଥିଲା।

ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଟସ୍‌ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଅଷ୍ଟ୍ରେଲିଆ ବେଥ୍ ମୁନୀଙ୍କ ଲଢୁଆ ୭୪ ରନ ବଳରେ ସମ୍ମାନଜନକ ସ୍କୋର କରିଥିଲା। ୫୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମୁନୀ ନିଜ ଅପରାଜିତ ଇନିଂସ ମଧ୍ୟରେ ୯ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ସଫଳତା ପାଇ ନ ଥିଲେ। ଦକ୍ଷିଣ ଆଫ୍ରିକାର ଶବନିମ ଇସମାଇଲ ଓ ମାରିଜାନେ କାପ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ଟାର୍ଗେଟ ବଡ଼ ନ ଥିଲେ ମଧ୍ୟ ଫାଇନାଲର ଚାପରେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲେ ଦକ୍ଷିଣ ଆଫ୍ରିକା ବ୍ୟାଟର। କେବଳ ଲୌରା ଉଲଭର୍ଡଟଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଲଢ଼େଇ କରିପାରି ନ ଥିଲେ। ଉଲଭର୍ଡଟ ୪୮ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୬୧ ରନକରି ଆଉଟ ହେବା ସହ ଦକ୍ଷିଣ ଆଫ୍ରିକାର ଚ୍ୟାଲେଞ୍ଜ ଶେଷ ହୋଇ ଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୧୫୬/୬ (ବେଥ୍ ମୁନୀ–୭୪*, ଆଶ୍‌ଲେ ଗାର୍ଡନର–୨୯, ଶବନିମ ଇସମାଇଲ–୨/୨୬, ମାରିଜାନେ କାପ୍–୨/୩୫, ନନ୍‌କୁଲୁଲେକୋ ମ୍ଲାବା–୧/୨୪, କ୍ଲୋଏ ଟ୍ରାୟନ–୧/୧୫)। ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୩୭/୬ (ଲୌରା ଉଲଭର୍ଡଟ୍–୬୧, କ୍ଲୋଏ ଟ୍ରାୟନ–୨୫, ମେଗାନ ସ୍କୁଟ୍–୧/୨୩, ଆଶ୍‌ଲେ ଗାର୍ଡନର–୧/୨୦, ଡାର୍ସି ବ୍ରାଉନ–୧/୨୫, ଜେସ୍ ଜୋନାସେନ–୧/୨୧)।

## ସର୍ବକାଳୀନ ଶ୍ରେଷ୍ଠ ଉଇକେଟ ହାସଲକାରୀ ଇସମାଇଲ

ରବିବାର ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ଦୁଇଟି ଉଇକେଟ ଅକ୍ତିଆର କରିବା ସହିତ ଟି୨୦ ବିଶ୍ୱକପ୍‌ରେ ସର୍ବକାଳୀନ ଶ୍ରେଷ୍ଠ ଉଇକେଟ ହାସଲକାରୀ ପାଲଟିଛନ୍ତି ଦକ୍ଷିଣ ଆଫ୍ରିକାର ଶବନିମ୍ ଇସ୍‌ମାଇଲ। ଏ କ୍ଷେତ୍ରରେ ସେ ଇଂଲଣ୍ଡର ଆନ୍ୟା ଶ୍ରବଶୋଲଙ୍କୁ ସେ ପଛରେ ପକାଇଛନ୍ତି। ୨୦୧୦ରୁ ୨୦୨୦ ମଧ୍ୟରେ ଶ୍ରବ୍‌ଶୋଲ ଟି୨୦ ବିଶ୍ୱକପରେ ୨୭ ମ୍ୟାଚ ଖେଳି ୪୧ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ ୨୦୦୯ରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳିଥିବା ଇସ୍‌ମାଇଲ୍ ୩୨ମ୍ୟାଚରୁ ୪୩ ଉଇକେଟ ଅକ୍ତିଆର କରିଛନ୍ତି। ଫାଇନାଲ ମ୍ୟାଚର ଅନ୍ତିମ ଓଭର ବୋଲିଂ କରୁଥିବା ଇସ୍‌ମାଇଲ ୪ର୍ଥ ବଲରେ ଏଲିସ୍ ପେରୀଙ୍କୁ ଆଉଟ୍ କରି ଶ୍ରବଶୋଲଙ୍କୁ ପଛରେ ପକାଇଥିଲେ। ଏହାର ପରବର୍ତ୍ତୀ ବଲରେ ସେ ଜର୍ଜିଆ ୱେୟାରହୋମଙ୍କୁ ବୋଲ୍ଡ କରିବା ସହ ବିଶ୍ୱକପ ଉଇକେଟ ସଂଖ୍ୟା ୪୩ରେ ପହଞ୍ଚାଇଥିଲେ।

## ଅଧିନାୟକତ୍ୱରେ ଶତକ କଲେ ଲାନିଙ୍ଗ

**କେପ୍‌ଟାଉନ୍,୨୬।୨:** ଅଷ୍ଟ୍ରେଲିଆ ମହିଳା ଦଳର ଅଧିନାୟିକା ମେଗ୍ ଲାନିଙ୍ଗ୍ ନିଜ କ୍ୟାରିୟରରେ ସଫଳତାର ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି। ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଭାବରେ ଲାନିଙ୍ଗ୍ ଟି୨୦ କ୍ୟାପ୍‌ଟେନ୍‌ଶିପ୍‌ରେ ଶତକ ପୂରଣ କରିଛନ୍ତି। ରବିବାର ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ବିଶ୍ୱକପ୍ ଫାଇନାଲରେ ସେ ଏହି କୀର୍ତ୍ତିମାନ କରିଛନ୍ତି। ୩୦ ବର୍ଷୀୟ ଲାନିଙ୍ଗ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୩ଟି ଟି୨୦ ବିଶ୍ୱକପ୍ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ସମୁଦାୟ ପାଞ୍ଚଟି ଟି୨୦ ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ବେଳେ ୨୦୧୪, ୨୦୧୮ ଓ ୨୦୨୦ ସଂସ୍କରଣରେ ଲାନିଙ୍ଗ୍ ଦଳର ଅଧିନାୟିକା ରହିଥିଲେ। ୧୦୦ ମ୍ୟାଚ୍‌ରେ ଲାନିଙ୍ଗ ନେତୃତ୍ୱ ନେଇଥିବା ବେଳେ ଏହା ମଧ୍ୟରୁ ୭୫ଟିରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଏହା ବ୍ୟତୀତ ଲାନିଙ୍ଗ୍‌ଙ୍କ ନେତୃତ୍ୱରେ ଦଳ ଦୁଇଟି ଦିନିକିଆ ବିଶ୍ୱକପ୍ ମଧ୍ୟ ବିଜୟୀ ହୋଇଛି। ଲାନିଙ୍ଗ ଅଷ୍ଟ୍ରେଲିଆ ପକ୍ଷରୁ ୬ ଟେଷ୍ଟ, ୧୦୦ ଦିନିକିଆ ଓ ୧୧୫ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୩୪୫, ୪୪୬୩ ଓ ୩୦୦୭ ରନ୍ ସ୍କୋର କରିଛନ୍ତି। ଏହାସହିତ ଦିନିକିଆରେ କ୍ରମାଗତ ୨୬ ମ୍ୟାଚ୍ ଜିତିବାର ରେକର୍ଡ ଲାନିଙ୍ଗ୍‌ଙ୍କ ନାମରେ ରହିଛି।

# ଆଜିଠୁ ଅନ୍‌ଲାଇନ୍ ଟିକେଟ

## ରାଉରକେଲାରେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍

**ଭୁବନେଶ୍ୱର, ୨୬।୨ (କ୍ରୀଡ଼ା ପ୍ରତିନିଧି)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ର ୬ଟି ମ୍ୟାଚ୍ ମାର୍ଚ୍ଚ ୧୦ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଘରୋଇ ଭାରତ ସମେତ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆ ଅଂଶଗ୍ରହଣ କରିବେ। ପ୍ରତି ଦଳ ପରସ୍ପର ସହିତ ୨ଟି ଲେଖାଏ ମ୍ୟାଚ୍ ଖେଳିବେ। ଏଥିପାଇଁ ଅନ୍‌ଲାଇନରେ ଟିକେଟ ସୋମବାର ଅପରାହ୍ନ ୧୨ଟାରୁ ଉପଲବ୍ଧ ହେବ ବୋଲି ହକି ଇଣ୍ଡିଆ ପକ୍ଷରୁ ରବିବାର ପ୍ରକାଶ କରାଯାଇଛି। ଭାରତ ଖେଳିବାକୁ ଥିବା ମ୍ୟାଚ୍‌ଗୁଡ଼ିକ ପାଇଁ ୱେଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୫୦୦ ଟଙ୍କା ରଖାଯାଇଥିବାବେଳେ ଇଷ୍ଟ ଷ୍ଟାଣ୍ଡ ୪୦୦ ଏବଂ ସାଉଥ୍ ଓ ନର୍ଥ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଅଷ୍ଟ୍ରେଲିଆ ଓ ଜର୍ମାନୀ ମ୍ୟାଚ୍ ଲାଗି ୱେଷ୍ଟ ଷ୍ଟାଣ୍ଡ ମୂଲ୍ୟ ୫୦୦ ଟଙ୍କା ଅପରିବର୍ତ୍ତିତ ରଖାଯାଇଥିବାବେଳେ ଇଷ୍ଟ ଷ୍ଟାଣ୍ଡ ୨୦୦ ଏବଂ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ଅନ୍‌ଲାଇନ୍ ଟିକେଟ www.ticketg-enie.inରେ ଉପଲବ୍ଧ ହେବ।

ଲିଗ୍ ଫର୍ମାଟ୍ ଅନୁସାରେ ମାର୍ଚ୍ଚ ୧୦ ତାରିଖ ପ୍ରଥମ ମ୍ୟାଚ୍‌ରେ ଜର୍ମାନୀକୁ ଭାରତ ଭେଟିବ। ୧୧ରେ ଜର୍ମାନୀ–ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ। ୧୨ରେ ଭାରତ ପ୍ରତିପକ୍ଷ ଅଷ୍ଟ୍ରେଲିଆକୁ ଭେଟିବାକୁ ଥିବାବେଳେ ୧୩ରେ ଭାରତ–ଜର୍ମାନୀ ଡବଲ ହେଡର ଅର୍ଥାତ୍ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ। ୧୪ରେ ଜର୍ମାନୀ ଓ ଅଷ୍ଟ୍ରେଲିଆ ଦ୍ୱିତୀୟ ଚରଣ ମ୍ୟାଚ୍ ହେବ। ୧୫ ତାରିଖରେ ଭାରତ–ଅଷ୍ଟ୍ରେଲିଆ ମ୍ୟାଚ୍ ସହିତ ପ୍ରୋ–ଲିଗ୍‌ର ରାଉରକେଲା ପର୍ଯ୍ୟାୟ ଶେଷ ହେବ। ମ୍ୟାଚ୍‌ଗୁଡ଼ିକ ରାତି ୭ଟାରେ ଆରମ୍ଭ ହେବ। ‘‘ଭୁବନେଶ୍ୱର ଓ ରାଉରକେଲାରେ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ସଫଳତାର ସହ ସମ୍ପନ୍ନ ହେବାପରେ ଓଡ଼ିଶାକୁ ପୁଣି ଅନ୍ତର୍ଜାତୀୟ ହକି ଫେରୁଛି। ଏହା ବହୁତ ବଡ଼ କଥା। ଗତ ବିଶ୍ୱକପ୍ ସମୟରେ ବିର୍ସା ମୁଣ୍ଡା ଷ୍ଟାଡିୟମର ଭିତ୍ତିଭୂମି ଏବଂ ରାଉରକେଲାରେ ଉପଲବ୍ଧ ସୁବିଧା ସୁଯୋଗରେ ସମସ୍ତ ଦଳ ଖୁସି ଜାହିର କରିଥିଲେ। ଏବେ ମୁଁ ପୁଣି ସମସ୍ତ ଅଂଶଗ୍ରହଣକାରୀ ଦଳକୁ ସ୍ୱାଗତ କରୁଛି’’ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି।

**କାର୍ଯ୍ୟସୂଚୀ**

ମାର୍ଚ୍ଚ ୧୦: ଭାରତ ବନାମ ଜର୍ମାନୀ
ମାର୍ଚ୍ଚ ୧୧: ଅଷ୍ଟ୍ରେଲିଆ ବନାମ ଜର୍ମାନୀ
ମାର୍ଚ୍ଚ ୧୨: ଭାରତ ବନାମ ଅଷ୍ଟ୍ରେଲିଆ
ମାର୍ଚ୍ଚ ୧୩: ଭାରତ ବନାମ ଜର୍ମାନୀ
ମାର୍ଚ୍ଚ ୧୪: ଜର୍ମାନୀ ବନାମ ଅଷ୍ଟ୍ରେଲିଆ
ମାର୍ଚ୍ଚ ୧୫: ଭାରତ ବନାମ ଅଷ୍ଟ୍ରେଲିଆ
(ବି.ଦ୍ର.: ମ୍ୟାଚ୍‌ଗୁଡ଼ିକ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ରାତି ୭ଟାରେ ଆରମ୍ଭ ହେବ।)

# ଜୁନିୟର ମହିଳା ହକି ଦଳ ଅପରାଜେୟ ରହିଲା

**ନୂଆଦିଲ୍ଲୀ, ୨୬।୨ (ପି.ଟି.)**

ଭାରତୀୟ ଜୁନିୟର ମହିଳା ହକି ଦଳ ଦକ୍ଷିଣ ଆଫ୍ରିକା ଏ’ ବିପକ୍ଷ ମ୍ୟାଚ୍‌କୁ ୪–୦ଗୋଲ୍‌ରେ ଜିତିନେଇଛି। ଏଥିସହ ଦଳ ଅପରାଜେୟ ରହି ଦକ୍ଷିଣ ଆଫ୍ରିକା ଟୁର୍ ଶେଷ କରିଛି। ଦୀପିକା ସିନିୟର ୧୩ତମ ମିନିଟ୍‌ରେ ଦଳ ପକ୍ଷରୁ ପ୍ରଥମ ଗୋଲ୍ ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ସ୍କୋର କରିଥିଲେ। ଏହାର କିଛି ମିନିଟ୍ ପରେ ନୀଲମ୍(୧୫ତମ) ଏକ ପେନାଲ୍‌ଟି କର୍ନରକୁ ରୂପାନ୍ତରିତ କରି ଭାରତର ଗୋଲ ସଂଖ୍ୟା ୨ରେ ପହଞ୍ଚାଇଥିଲେ। ଶନିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅନ୍ୟ ଦୁଇଟି ଗୋଲ ଅନୁ (୩୫ତମ) ଓ ସୁନ୍‌ଲିତା ଟପ୍ପୋ (୫୦ତମ) ସ୍କୋର କରିଥିଲେ। ୨୧ ବର୍ଷରୁ କମ୍ ଏସିଆ କପ୍ ପାଇଁ ଦଳ ପ୍ରସ୍ତୁତିର ଅଂଶସ୍ୱରୂପ ଦକ୍ଷିଣ ଆଫ୍ରିକା ଟୁର୍ ଆୟୋଜନ କରାଯାଇଥିଲା। ଏହି ଟୁର୍ନାମେଣ୍ଟ ଆଗାମୀ ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍ ପାଇଁ ଏକ କ୍ୱାଲିଫାୟର ବିବେଚନା କରାଯାଉଛି। ଭାରତୀୟ ଦଳ ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକାର ୨୧ ବର୍ଷରୁ କମ୍ ଦଳ ବିପକ୍ଷ ସମସ୍ତ ୩ଟି ମ୍ୟାଚ୍‌ରେ ବିଜୟ ଲାଭ କରିଥିଲା।

Hero
ସଞ୍ଚୟର ସବାରୀ, ମାତ୍ର ₹1550/-* ର ପ୍ରାରମ୍ଭିକ କିସ୍ତି ଉପରେ
ଘରକୁ ଆଣନ୍ତୁ ମାଇଲେଜ୍ ର ହିରୋ
HF-Deluxe



XSENS™ -WITH- PROGRAMMED Fi
ବଢ଼ିଆ ମାଇଲେଜ୍ | ତେଜ୍ ପିକ୍-ଅପ୍ | ଲମ୍ବା ଇଞ୍ଜିନ୍ ଲାଇଫ୍ | ବଢ଼ିଆ ରିସେଲ୍ ଭେଲ୍ୟୁ | ଲାଭଦାୟକ ସର୍ଭିସ୍
Exchange Powered By Wheels of Trust^^
www.wheelsoftrust.com
70116 70116
MISSED CALL TO CONNECT 8367796950
HeroMotoCorp.com
CALL TOLL-FREE 1800 266 0018
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or call our toll-free no.: 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform. Available at select dealerships. *Finance scheme is at the sole discretion of financiers & subject to its respective terms & conditions. Offer is for limited period or till stock lasts. Offers amount & combination of offers may vary for model/variant & states. For more details please visit your nearest authorised Hero outlet. *Terms and Conditions apply.
କୋଟି କୋଟିଙ୍କର ଭରସା
Hero 100 MILLION
INDIA'S FIRST 5 YEAR WARRANTY *Conditions apply
ସର୍ବୋତ୍ତମ ରିସେଲ୍ ମୂଲ୍ୟ ପାଇଁ ସ୍କାନ୍ କରନ୍ତୁ
Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 7799766329, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jagatsinghpur: Trishul Hero, Ph: 9289922675, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736.
WT.5539.2023ORI

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ